ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୯/୨୦୨୪ (୧୮ ପୃଷ୍ଠା) Bhubaneswar, Monday, February 19/2024 Page 18 ₹ 7.00
୫୦ଶ ଭାଗ ୮୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 87 ମୂଲ୍ୟ ₹୭/-



ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୯/୨୦୨୪ Bhubaneswar, Monday, February 19/2024



DSPL-675

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା



#ନୂଆ-ଓ ଛାତ୍ରବୃତ୍ତି

# ଉଚ୍ଚ ଶିକ୍ଷାରେ ଅର୍ଥ ଆଉ ସାଜିବନି ବାଧକ ନୂଆ-ଓ ଛାତ୍ରବୃତ୍ତି ହେବ ସହାୟକ ।

- ଓଡ଼ିଶାରେ ଉଚ୍ଚ ଶିକ୍ଷାର ରୂପାନ୍ତରଣ, ମାନବୃଦ୍ଧି ଓ ଛାତ୍ରଛାତ୍ରୀମାନଙ୍କ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର 'ନୂଆ- ଓ ଛାତ୍ରବୃତ୍ତି' ଆରମ୍ଭ କରିଛନ୍ତି ।
- ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ରାଜ୍ୟ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଏବଂ ବିଶେଷ କରି ସାମ୍ସ (SAMS) ପୋର୍ଟାଲ ମାଧ୍ୟମରେ ପ୍ରବେଶ ନେଉଥିବା ବେସରକାରୀ ମହାବିଦ୍ୟାଳୟ ମାନେ ଏହି ଯୋଜନାରେ ସାମିଲ ହେବେ ।
- ଉପରୋକ୍ତ ଶିକ୍ଷାନୁଷ୍ଠାନରେ ପଢୁଥିବା ଯୋଗ୍ୟ ୟୁଜି/ ପିଜି ଛାତ୍ରଛାତ୍ରୀ ନୂଆ-ଓ ଛାତ୍ରବୃତ୍ତି ପରିସରଗତ ହେବେ (ସେଲ୍ଫ ଫାଇନାନ୍ସିଙ୍ଗ କୋର୍ସ in PPP Mode ବ୍ୟତୀତ) ।
- ଛାତ୍ରମାନଙ୍କୁ ୯ହଜାର ଟଙ୍କା ଓ ଛାତ୍ରୀମାନଙ୍କୁ ୧୦ହଜାର ଟଙ୍କାର ବାର୍ଷିକ ବୃତ୍ତି ଯୋଗାଇ ଦିଆଯିବ ।
- ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁଅଙ୍କୁ ୧୦ହଜାର ଓ ଝିଅଙ୍କୁ ୧୧ହଜାର ଟଙ୍କାର ବାର୍ଷିକ ଛାତ୍ରବୃତ୍ତି ଯୋଗାଇ ଦିଆଯାଉଛି ।
- କାଳିଆ ବୃତ୍ତି ପାଉଥିଲେ ପିଲାମାନେ ଏହି ଯୋଜନାର ଲାଭ ପାଇପାରିବେ ନାହିଁ ।
- ଯେଉଁ ପିଲାମାନଙ୍କ ବାପା/ମା ଆୟକର ପରିସରଭୁକ୍ତ ଥିବେ କିମ୍ବା ରେଗୁଲାର ସରକାରୀ ଚାକିରିରେ ଥିବେ / PSU / AUTONOMOUS BODIES ରେ ଥିବେ କିମ୍ବା ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ଅନୁଦାନପ୍ରାପ୍ତ କରୁଥିବେ, ସେମାନେ ଏହି ଯୋଜନା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ।
- କେବଳ ସ୍ୱ ଆର୍ଥିକ ପ୍ରଦତ୍ତ ପାଠ୍ୟକ୍ରମ ବ୍ୟବସ୍ଥା (ସେଲ୍ଫ ଫାଇନାନ୍ସିଙ୍ଗ କୋର୍ସ in PPP Mode), distance course, Open School ଇତ୍ୟାଦି ଜରିଆରେ ପଢୁଥିବା ଛାତ୍ରଛାତ୍ରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ ନାହିଁ ।
- ଡ଼ିବିଟି (DBT) ବା ସିଧାସଳଖ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ବୃତ୍ତି ବାବଦରେ ଅର୍ଥରାଶି ପଠାଯିବ । ଏଥିନିମନ୍ତେ ଛାତ୍ରଛାତ୍ରୀ ଆବେଦନ ସମୟରେ ଏକ ନିଜସ୍ୱ ଘୋଷଣାନାମା ଦାଖଲ କରିବେ ।
- ଉଚ୍ଚ ଶିକ୍ଷାରେ ଉତ୍କର୍ଷ ଓ ଗୁଣବତ୍ତାର ଅଭିବୃଦ୍ଧି ନିମନ୍ତେ ସରକାରଙ୍କ ଏହି ପ୍ରଚେଷ୍ଟା ଶିକ୍ଷାରେ ଆର୍ଥିକ ପ୍ରତିବନ୍ଧକକୁ ଏଡାଇବାରେ ସକ୍ଷମ ହେବ ।

OIPR-11001/13/0078/2324



@DHE_Odisha
@hedodisha
www.fb.com/dheodisha

0674-2323401, 2323402, 2323403 2323404
https://scholarship.odisha.gov.in
scholarshiphed@gmail.com

ଉଚ୍ଚ ଶିକ୍ଷା ବିଭାଗ

ଧରିତ୍ରୀ
DHARITRI
ଧରିତ୍ରୀ 50 Years






# ପିଓକେରେ ଚାଇନା ପ୍ରଯୁକ୍ତି, ପାକିସ୍ତାନୀ ଟାୱାର

## ଆତଙ୍କବାଦୀଙ୍କ ଅନୁପ୍ରବେଶକୁ ସହଜ କରୁଛି

ନୂଆଦିଲ୍ଲୀ,୧୮।୨(ପି.ଟି.)

ଆତଙ୍କବାଦୀ ଓ ସେମାନଙ୍କ ସହଯୋଗୀଙ୍କୁ କଶ୍ମୀର ଭିତରକୁ ଅନୁପ୍ରବେଶ କରାଇବା ଉଦ୍ଦେଶ୍ୟରେ ପାକ୍-ଅଧିକୃତ କଶ୍ମୀର (ପିଓକେ) ସଂଲଗ୍ନ ନିୟନ୍ତ୍ରଣରେଖାରେ ପାକିସ୍ତାନ ଲଗାତର ଭାବେ ଟେଲିକମ୍ ଟାୱାର ବଢ଼ାଇଚାଲିଛି। ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଚାଇନା ଦ୍ୱାରା ବିକଶିତ ୱାଇଏସ୍ଏମ୍ଏସ୍ ସେବା ବ୍ୟବହାର କରିଆସୁଛନ୍ତି। ଏହି ଟେକ୍ନୋଲୋଜି ସ୍ମାର୍ଟଫୋନ୍ ଓ ରେଡିଓ ସେଟ୍‌ଗୁଡ଼ିକୁ ଯୋଗାଯୋଗ ଉଦ୍ଦେଶ୍ୟରେ ମର୍ଜ କରାଇଥାଏ। ନିକଟରେ ହୋଇଥିବା କେତେକ ଅନୁପ୍ରବେଶ ଉଦ୍ୟମ ଏବଂ ଜମ୍ମୁର ପୀର ପଞ୍ଜାଲ ରେଞ୍ଜ ଆତଙ୍କବାଦୀ ଆକ୍ରମଣ ଉପରେ ଅନୁଧ୍ୟାନ ପରେ ସେନା ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି।



ୱାଇଏସ୍ଏମ୍ଏସ୍‌ର ଫୁଲ୍ ଫର୍ମ ହେଉଛି ୟେଓ୍ୟୁ ଷ୍ଟକ୍ ମାର୍କେଟ ସିଷ୍ଟମ୍। ଏହି ଟେକ୍ନୋଲୋଜି ଜରିଆରେ ଅନୁପ୍ରବେଶକାରୀ ଆତଙ୍କବାଦୀ ଓ ଜମ୍ମୁ କ୍ଷେତ୍ରରେ ସେମାନଙ୍କୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଥିବା ସହଯୋଗୀଙ୍କ ମଧ୍ୟରେ ଜଣେ ହ୍ୟାଣ୍ଡଲର୍ ଯୋଗାଯୋଗ କରାଇଥାନ୍ତି। ନିୟନ୍ତ୍ରଣରେଖା ଅଞ୍ଚଳରେ ଏହି କାରିଗରିର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି, ଯାହାକୁ ଧରିବା ଭାରତୀୟ ସେନା କିମ୍ବା ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ପକ୍ଷରେ ଏକପ୍ରକାର ଅସମ୍ଭବ। ଭାରତ-ପାକିସ୍ତାନ ସୀମାନ୍ତ ଅଞ୍ଚଳରେ ଟେଲିକମ୍ ସିଗ୍ନାଲକୁ ମଜଭୁତ କରିବା ଦାୟିତ୍ୱ ସ୍ପେଶାଲ କମ୍ୟୁନିକେଶନ୍ ଅର୍ଗାନାଇଜେଶନ୍ (ଏସ୍‌ସିଓ) ନେଇଛି। ପୂର୍ବରୁ ପାକିସ୍ତାନର କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ପାଇଁ କାର୍ଯ୍ୟ କରିଥିବା ସେନାର ମେଜର ଜେନେରାଲ ଉମର ଅହମଦ୍ ଶାହ ଏହାର ନେତୃତ୍ୱ ନେଉଛନ୍ତି। ନୂଆ ଟାୱାରଗୁଡ଼ିକ କୋଡ୍ ଡିଭିଜନ୍ ମଲ୍ଟିପଲ ଆସେସ୍ (ସିଡିଏମ୍ଏ) ଟେକ୍ନୋଲୋଜି ଦ୍ୱାରା ପରିଚାଳିତ। ୱାଇଏସ୍ଏମ୍ଏସ୍ ଅପରେଶନ୍ ଅଧୀନରେ ଏହାକୁ ପ୍ରଭାବଶାଳୀ କରିବା ପାଇଁ ଚାଇନାର ଏକ ସଂସ୍ଥା କାର୍ଯ୍ୟ କରୁଛି। ପିଓକେରୁ ଏହି ଟେଲିକମ୍ ସିଗ୍ନାଲ ଜରିଆରେ ଭାରତୀୟ ଭୂଖଣ୍ଡକୁ ଆତଙ୍କବାଦୀଙ୍କ ଅନୁପ୍ରବେଶକୁ ☞ପୃଷ୍ଠା-୫

**ଆଜିର ସମ୍ପାଦକୀୟ**

**ଦୁଇ ଦିନ ପୂର୍ବରୁ ଗୁପ୍ତଚର**

## ସମବାୟ ସମିତି ଦ୍ୱାରା ଏମ୍ଏସ୍‌ପିରେ ଫସଲ କିଣିବାକୁ କେନ୍ଦ୍ରର ପ୍ରସ୍ତାବ

### ଆଜି ନିଷ୍ପତ୍ତି ନେବେ କୃଷକ ନେତା

ଚଣ୍ଡିଗଡ଼,୧୮।୨

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ଦାବି ନେଇ ଚାଷୀ ଆନ୍ଦୋଳନ ଜାରି ରହିଥିବାବେଳେ ରବିବାର ରାତିରେ କେନ୍ଦ୍ରମନ୍ତ୍ରୀମାନଙ୍କ ଏକ କମିଟି କୃଷକ ନେତାମାନଙ୍କ ସହ ଚଣ୍ଡିଗଡ଼ରେ ଚତୁର୍ଥ ପର୍ଯ୍ୟାୟ ଆଲୋଚନା କରିଛନ୍ତି। ଏଥିରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଅର୍ଜୁନ ମୁଣ୍ଡା, ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଯୋଗ ଦେଇଥିଲେ। ଆଲୋଚନା ପରେ ଗୋୟଲ କହିଛନ୍ତି, ସମବାୟ ସମିତିଗୁଡ଼ିକ ଏମ୍ଏସ୍‌ପିରେ କେତେକ ନିର୍ଦ୍ଦିଷ୍ଟ ଫସଲ କିଣିବା ପାଇଁ ସରକାରଙ୍କ ସହ ୫ ବର୍ଷ ପାଇଁ ଚୁକ୍ତିବଦ୍ଧ ହେବେ। ଚାଷୀନେତାଙ୍କ ସହ ଆଲୋଚନା ସକାରାତ୍ମକ ରହିଛି। ସରକାରଙ୍କ ଏହି ପ୍ରସ୍ତାବ ଉପରେ ସୋମବାର ଚାଷୀନେତା ସେମାନଙ୍କ ନିଷ୍ପତ୍ତି ଶୁଣାଇବେ ବୋଲି ଗୋୟଲ କହିଛନ୍ତି।



ଟ୍ରଫି ସହ ବ୍ୟାଡ୍‌ମିଣ୍ଟନ ଏସିଆ ଟିମ୍ ଚାମ୍ପିୟନଶିପ୍‌ର ଟାଇଟଲ ବିଜେତା ଭାରତୀୟ ମହିଳା ଦଳ।

# ଭାରତୀୟ ମହିଳା ଦଳକୁ ଐତିହାସିକ ସ୍ୱର୍ଣ୍ଣ

## ବ୍ୟାଡ୍‌ମିଣ୍ଟନ ଏସିଆ ଟିମ୍ ଚାମ୍ପିୟନଶିପ୍

ଶାହା ଆଲାମ (ମାଲେସିଆ), ୧୮।୨(ପି.ଟି)

ବ୍ୟାଡ୍‌ମିଣ୍ଟନ ଏସିଆ ଟିମ୍ ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳା ଦଳ ଐତିହାସିକ ସ୍ୱର୍ଣ୍ଣ ପଦକ ହାସଲ କରିଛି। ରବିବାର ସ୍ଥାନୀୟ ସେଟିଆ ସିଟି କନ୍‌ଭେନଶନ ସେଣ୍ଟରଠାରେ ଅନୁଷ୍ଠିତ ଫାଇନାଲରେ ଦଳ ଥାଇଲାଣ୍ଡକୁ ୩-୨ରେ ପରାସ୍ତ କରିଛି। ଦଳକୁ ଜିତାଇବାରେ ଉଦୀୟମାନ ପ୍ରତିଭା ଖେଳାଳି ଅନମୋଲ୍ ଖର୍ବ ପୁଣି ଥରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି। ଅଭିଜ୍ଞ ପି.ଭି. ସିନ୍ଧୁଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ସମସ୍ତ ☞ପୃଷ୍ଠା-୫






**ଆଜିର ମନ୍ତବ୍ୟ**
ଜନସଂଖ୍ୟାର ୭୩ ପ୍ରତିଶତ ହେଉଛନ୍ତି ଅନ୍ୟାନ୍ୟ ପଛୁଆ ବର୍ଗ, ଦଳିତ ଏବଂ ଆଦିବାସୀ। ଅଥଚ ଭାରତର ୨୦୦ ଶୀର୍ଷ କମ୍ପାନୀରୁ ଗୋଟିଏ ହେଲେ ବି ସେମାନଙ୍କ ମାଲିକାନାରେ ନାହିଁ।
– ରାହୁଲ ଗାନ୍ଧୀ, କଂଗ୍ରେସ ନେତା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଫନ୍ ଏବଂ ଫିଟନେସ୍ ୱାର୍କର୍ସ କ୍ଲବ ପକ୍ଷରୁ ଜୟ ଅଫ ଗିଭିଙ୍ଗ, ସ୍ଥାନ: ନୟାପଲ୍ଲୀ ଦୁର୍ଗାପୂଜା ମଣ୍ଡପ, ସମୟ: ସକାଳ ୭ଟା।
- ଓଡ଼ିଶା ମିଡ୍ ଡ଼େ ମିଲ୍ ୱାର୍କର୍ସ ୟୁନିୟନ୍‌ର ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଲନ ଭାଇ ସେବା ଭବନ, ମାଷ୍ଟର କ୍ୟାଣ୍ଟିନ, ସମୟ: ମଧ୍ୟାହ୍ନ ୧୨ଟା।
- ଅଙ୍ଗରାଗ ପକ୍ଷରୁ ତୃତୀୟ ନାୟିକା ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୪ଟା।
- ଜଗତଗୁରୁ ଶ୍ରୀଧର ସ୍ୱାମୀଙ୍କ ଜୟନ୍ତୀ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।
- 'ଜୟଦେବ ସମାରୋହ', ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ'ସମର୍ପଣ ୨୦୨୪', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ମା' ବୁଢୀ ଠାକୁରାଣୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା, ସ୍ଥାନ: ରଥିଜେମା, ବାଳକାଟୀ, ସମୟ: ସନ୍ଧ୍ୟା ୬ଟା।

## କଟକ
- କଟକ ଜିଲାସ୍ତରୀୟ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ, ସ୍ଥାନ: ତଳବାଲିଯାତ୍ରା ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ବସ୍ତିବାସିନ୍ଦାଙ୍କ ଏକତା ମଞ୍ଚ ପକ୍ଷରୁ ବସ୍ତିବାସିନ୍ଦାଙ୍କୁ ଜମିପଟ୍ଟା ସହ ପକ୍କାଘର ଯୋଗାଇବା ଦାବିରେ ବିକ୍ଷୋଭ, ସ୍ଥାନ: ସିଏମ୍‌ସି ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ବିନୋଦବିହାରୀ ବାଲୁବଜାର ପୂଜା କମିଟି ପକ୍ଷରୁ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନ, ସ୍ଥାନ: ବିନୋଦବିହାରୀ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।
- ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: କଟକ ସଦର ବ୍ଲକ ଅନ୍ତର୍ଗତ କଳପଡ଼ା ଓ କୁଳସରିଚୁଆଁ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଟକ ସଦର ବ୍ଲକସ୍ତରୀୟ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ, ସ୍ଥାନ: ବିଦ୍ୟାଧରପୁର, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ସୋଲାର ପ୍ଲାଣ୍ଟ ଉଦ୍‌ଘାଟନ, ସ୍ଥାନ: କଣ୍ଡାପଡା ବ୍ଲକ ଓଲଟପୁରସ୍ଥିତ ଆରୋଗ୍ୟ ଭବନ, ସମୟ: ଅପରାହ୍ନ ୩ଟା ୩୦।

## ପୁରୀ
- ଉତ୍କଳ ବିଦ୍ୱତ ପରିଷଦ ଓ ଆପଣଙ୍କ ସେବା ଆନୁକୂଲ୍ୟରେ ସାମୂହିକ ବ୍ରତୋପନୟନ, ସ୍ଥାନ: ଶ୍ରୀଗୁଣ୍ଡିଚା ଭକ୍ତ ନିବାସ, ସମୟ: ପୂର୍ବାହ୍ନ ୧୦ଟା।
- ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଶ୍ରୀମନ୍ଦିର ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଘୋଡ଼ାବଜାର ବସ୍ତି କମିଟି ପକ୍ଷରୁ 'ଆମ ଓଡ଼ିଶା ନବୀନ ଓଡ଼ିଶା' (ସହରୀ) ସଚେତନତା ଶିବିର, ସ୍ଥାନ: ଧୋବାସାହି କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୨ଟା।
- ଅନୁଷ୍ଠାନ 'ଆମର' ପକ୍ଷରୁ ୧୬ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା, ନାଟକ 'ଡାହି', ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ, ସମୟ: ସନ୍ଧ୍ୟା ୭ଟା।
- ୩୮ତମ କୋଣାର୍କ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ୍ ଫେଷ୍ଟିଭାଲ, ସ୍ଥାନ: କୋଣାର୍କ, ସମୟ: ପୂର୍ବାହ୍ନ ୧୦ଟା।
- ନିମାପଡ଼ା ବ୍ଲକ ଅଧୀନ ପଞ୍ଚାୟତସ୍ତରୀୟ ସଚେତନ ଶିବିର, ସ୍ଥାନ: ସାଇଁଶ ଶାସନ ପଞ୍ଚାୟତ, ଭଗବତୀପୁର ମଣ୍ଡି ପଡ଼ିଆ, ଗଡ଼ପଦନପୁର ପଞ୍ଚାୟତ, ଭାଣପୁର ହାଇସ୍କୁଲ ଖେଳପଡ଼ିଆ, ହରିପୁର ପଞ୍ଚାୟତ, ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଗଣେଶ ମହାପ୍ରଭୁଙ୍କ ନୂତନ ମନ୍ଦିର ଏବଂ ପ୍ରାଣ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନିମାପଡ଼ା ଗୋଲେଇ ଛକ, ସମୟ: ପ୍ରାତଃ ୫ଟା।

## ଖୋର୍ଦ୍ଧା
- ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ, ସ୍ଥାନ: ଛତ୍ରପଡା ନୂଆସାହି, ବେଗୁନିଆ, ସମୟ: ସକାଳ ୭ଟା।
- ରାମଚରିତ ନବାହ୍ନ ପାରାୟଣ, ସ୍ଥାନ: ବାଲୁଙ୍କେଶ୍ୱର ଦେବ ମନ୍ଦିର ପ୍ରାଙ୍ଗଣ, ଗହିରଗାଡିଆ, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୮ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଧଳାପଥର ଗ୍ରାମ, ସମୟ: ସକାଳ ୮ଟା।
- ଜନଶୁଣାଣି ଶିବିର, ସ୍ଥାନ: ବାଣପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବେଗୁନିଆ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ମିନି ଷ୍ଟାଡିୟମ, ବେଗୁନିଆ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- 'ସ୍ରଷ୍ଟା'ର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ-୨୦୨୪ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ଉପକୂଳ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ବନ୍ଦର ଓ ପେଟ୍ରୋକେମିକାଲ୍ ପ୍ଲାଣ୍ଟ ସହିତ ହସ୍କରାରୁ ଚଉମୁଖ ଯାଏ ୧୨୦୦ରୁ ୧୫୦୦ ମିଟର ଚଉଡ଼ାରେ ବନ୍ଦର ଭିତ୍ତିକ ଶିଳ୍ପ କରିଡର ନିର୍ମାଣକୁ ବିରୋଧ କରି ବାଲିଆପାଳ ତହସିଲ ଘେରାଉ. ସ୍ଥାନ: ବାଲିଆପାଳ ତହସିଲ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଖଇରା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଖଇରା ବ୍ଲକ କଲ୍ୟାଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଖଇରା ବ୍ଲକ ଗରସଙ୍ଗ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପର ଶୁଭ ଉଦ୍‌ଘାଟନ, ସ୍ଥାନ: ବଉଲାଣି ଓ ଗରସଙ୍ଗ, ସମୟ: ଅପରାହ୍ନ ୧ଟା।

## ମୟୂରଭଞ୍ଜ
- ଆମ ଓଡ଼ିଶା ନବୀନ ଓଡ଼ିଶା (ସହରୀ) କାର୍ଯ୍ୟକ୍ରମ, ସ୍ଥାନ: ୱାର୍ଡ ନଂ.୨୫ ପାଲବଣି ଦୁର୍ଗାପୂଜା ପଡ଼ିଆ ଓ ଚପଲ ଫ୍ୟାକ୍ଟ୍ରି ପଡ଼ିଆ, ବାରିପଦା,ସମୟ: ମଧ୍ୟାହ୍ନ ୧୨ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନୁଦଡିହା, କପ୍ତିପଦା, ସମୟ: ସକାଳ ୯ଟା।
- ସେତୁ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର, ସ୍ଥାନ: ଖଳାପଦା, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୁରେଇଡିହି, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ କ୍ରୀଡ଼ା ଓ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କୁଳିଅଣା ବ୍ଲକ ହଳଦିଆ, ସମୟ: ମଧ୍ୟାହ୍ନ ୧୨ଟା।
- ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୁଳିଅଣା ବ୍ଲକ ଆମ୍ବଡୁବି ସିନ୍ଦୂରଗୌରା, ସମୟ: ଅପରାହ୍ନ ୩ଟା।
- ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: କୁଳିଅଣା ବ୍ଲକ ଦରକାଣ୍ଟିଆ,ଦିଘି, ସମୟ:ପୂର୍ବାହ୍ନ ୧୧ଟା।
- ଦ୍ୱାବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ସାରସକଣା, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ
- ବକେୟା ଦରମା ଦାବିରେ ବରପଦା ଇଞ୍ଜିନିୟରିଂ କଲେଜର ଛଟେଇ କର୍ମଚାରୀଙ୍କ ଆନ୍ଦୋଳନ, ସ୍ଥାନ: କଲେଜ ଫାଟକ ସାମ୍ନା, ସମୟ: ସକାଳ ୯ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା(ସହରୀ) ସମୀକ୍ଷା ବୈଠକ, ସ୍ଥାନ: କଳ୍ପତରୁ ସେବା ଶିକ୍ଷାଶ୍ରମ ପଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ଯୋଜନା ସଚେତନତା ସଭା, ସ୍ଥାନ: ଖରିଦା ବିନାୟକପୁର, ବ୍ରାହ୍ମଣଗାଁ ଓ ଅରଣ୍ଡୁଆ ପଞ୍ଚାୟତ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ଟିକରପଡ଼ାରେ ମହିଳା ଚାଷୀଙ୍କ ସହିତ ରାଜ୍ୟପାଳ ରଘୁବର ଦାସ ଆଲୋଚନା, ସ୍ଥାନ: ଟିକରପଡ଼ା, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ରାଜ୍ୟପାଳଙ୍କ ମଡେଲ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ ଓ ଅଭିଭାବକଙ୍କ ସହ ଆଲୋଚନା, ସ୍ଥାନ: ହଳଦିଆଟାଙ୍ଗିରି, ସମୟ: ପୂର୍ବାହ୍ନ ୧୧ ଟା।
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ସହିତ ରାଜ୍ୟପାଳଙ୍କ ଆଲୋଚନା, ସ୍ଥାନ: ଟାଙ୍ଗରପଳସା, ସମୟ: ପୂର୍ବାହ୍ନ ୧୧ ଟା ୪୦।
- ରାଜ୍ୟପାଳଙ୍କ ଟେଲର ଟ୍ରେନିଂ ସେଣ୍ଟର୍ ପରିଦର୍ଶନ, ସ୍ଥାନ: ନରଣପୁର, ସମୟ: ମଧ୍ୟାହ୍ନ ୧୨ଟା ୫।
- ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବଲ୍କିବାରିଗାଁ, ଡାକ୍ତର ଓ ଲୋକଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା, ସ୍ଥାନ: ଘଟଗାଁ ବ୍ଲକର ବଲ୍କିବାରିଗାଁ, ସମୟ: ମଧ୍ୟାହ୍ନ ୧୨ ଟା ୫୫।
- ସଦର ବ୍ଲକ୍ ସନ୍ତୋଷୀମା' ରିଜିଓନାଲ କଲେଜ, ବେଲଦାରେ ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ରାଜ୍ୟପାଳଙ୍କ ସହ ଆଲୋଚନା, ସ୍ଥାନ: ବେଲଦା, ସମୟ: ଅପରାହ୍ନ ୩ ଟା ୧୫।
- ରାଜ୍ୟପାଳଙ୍କଙ୍କ ବଳଦେବଜୀଉ ମନ୍ଦିର ପରିଦର୍ଶନ, ସ୍ଥାନ: ପୁରୁଣା ସହର, କେନ୍ଦୁଝର, ସମୟ: ଅପରାହ୍ନ ୪ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପାଟଣା ବ୍ଲକ୍ ଚାକୁଣ୍ଡା ପାଳ ଓ ଚେମେଣା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ୧୦ଟା ୩୦।
- ଆମ ଓଡିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡଘର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ଢେଙ୍କିକୋଟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାୟଗଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ହାଟ ଓ ବ୍ୟାଙ୍କିଙ୍ଗ ସେବା ଉଦ୍‌ଘାଟନ, ସ୍ଥାନ: ବିଷମକଟକ ବ୍ଲକର ଦୁକୁମ ପଞ୍ଚାୟତ,ସମୟ: ସକାଳ ୮ଟା।
- ଆରଏମ୍‌ସିର ନୂତନ ବଜାର ଗୃହ ଉଦ୍‌ଘାଟନ, ସ୍ଥାନ: ବିଷମକଟକ ବ୍ଲକର ହାଟ ମୁନିଗୁଡ଼ା ପଞ୍ଚାୟତ, ସମୟ: ସକାଳ ୯ଟା।

## ନବରଙ୍ଗପୁର
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି, ସ୍ଥାନ: ପାପଡ଼ାହାଣ୍ଡି ବ୍ଲକ୍ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଆନ୍ଦୋଳନ, ସ୍ଥାନ : ନବରଙ୍ଗପୁର ଜିଲାର ସମସ୍ତ ତହସିଲ ଅଫିସ, ସମୟ : ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ : ଚନ୍ଦାହାଣ୍ଡି ହଳଦୀ, ସମୟ : ସକାଳ ୭ଟା।

## ମାଲକାନଗିରି
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ସଦର ବ୍ଲକ୍ ଗୋରାଖୁଣ୍ଟା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।

## କୋରାପୁଟ
- ଆମ ଓଡ଼ିଶା ନବୀନ ଓଡ଼ିଶା ସହରାଞ୍ଚଳ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଟାଉନହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଲକ୍ଷ୍ମୀପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର
- ଜିଲା କ୍ରୀଡ଼ାସଂଘ ଆୟୋଜିତ ଆନ୍ତଃ ବିଦ୍ୟାଳୟ କ୍ରିକେଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଆଜମିର ଓ ପୁଷ୍କର ଅଭିମୁଖେ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା, ସ୍ଥାନ: କ୍ଷେତରାଜପୁର ରେଳଷ୍ଟେଶନ, ସମ୍ବଲପୁର,ସମୟ: ପୂର୍ବାହ୍ନ ୧୦ଟା ୩୦।
- ଲକ୍ଷ୍ମୀ ବସ୍‌ର ଲୋକାର୍ପଣ, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପଶ୍ଚିମ ଓଡିଶାସ୍ତରୀୟ ସମ୍ବଲପୁରୀ ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ଓଡ଼ିଶା କ୍ରିକେଟ ଆସୋସିଏଶନ ଏବଂ ବଲାଙ୍ଗୀର ଜିଲା କ୍ରୀଡା ସଂସଦ ମିଳିତ ଆନୁକୂଲ୍ୟରେ କର୍ଣ୍ଣେଲ ସି. କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚର ୨ୟ ଦିବସ ଖେଳ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଗୋପାଳକାଣ୍ଡ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ୪ର୍ଥ ଦିବସ, ସ୍ଥାନ: ମୁରିବାହାଲ ବ୍ଲକର ଧୂସରାମୁଣ୍ଡା, ସମୟ: ଅପରାହ୍ନ ୪ଟା।

## ରାଉରକେଲା
- ନିଖିଳ ଓଡ଼ିଶା ଗୃହ ମଜଦୁର ସଭାର ଖବରଦାତା ସମ୍ମିଳନୀ, ସ୍ଥାନ: ବିଶ୍ରା ରୋଡ୍, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭୋଟର ସଚେତନତା ଶିବିର, ସ୍ଥାନ: ବେଦବ୍ୟାସ, ପୂର୍ବାହ୍ନ ୧୧ଟା।
- ପୁରୁଷ ପ୍ରୋ ଲିଗ୍ ମ୍ୟାଚ୍, ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା୩୦।

## ସୁନ୍ଦରଗଡ଼
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: କୁଆଁରମୁଣ୍ଡା ବ୍ଲକ ପରିସର,ସମୟ:ପୂର୍ବାହ୍ନ ୧୦ଟା।

## ବରଗଡ଼
- ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବରଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଟିନିକଲ କର୍ମଚାରୀଙ୍କ ସାଧାରଣ ସଭା, ସ୍ଥାନ: ଜିଲାପାଳ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଧାରଣା, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି
- ୬ ଘଣ୍ଟିଆ ରାସ୍ତାରୋକୋ, ସ୍ଥାନ: ଜୟପାଟଣା ବ୍ଲକ ବାନେର, ସମୟ: ସକାଳ ୭ଟାରୁ।

## ନୂଆପଡ଼ା
- ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଯାପନ, ସ୍ଥାନ: ମିନି ଷ୍ଟାଡିୟମ୍, ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ମୁଣ୍ଡାପଲା ଓ ଢୋର୍ଲା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ହରଭଙ୍ଗା ବ୍ଲକର ବନ୍ଧାପଥର ପଞ୍ଚାୟତ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଣ୍ଟାମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତର କୁରୁକୁପା ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: କୁରୁକୁପା ଉପରପଡ଼ା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ହରଭଙ୍ଗା ବ୍ଲକର ଲୁଣିବାହାଲଠାରେ କିଟ୍ ପକ୍ଷରୁ କିସ୍-ବୌଦ୍ଧ (ସିବିଏସଇ) ବିଦ୍ୟାଳୟର ଉଦ୍‌ଘାଟନ ଓ ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲର ଭୂମିପୂଜନ, ସ୍ଥାନ: ଲୁଣିବାହାଲ, ସମୟ: ମଧ୍ୟାହ୍ନ ୧୨ଟା।

## ଦେବଗଡ଼
- ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଦେବଗଡ଼ ଚାଲ ଅଭିଯାନ ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଶୂଳିଆପଦାଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକର କାଳିଆପାଲ ଗ୍ରାମପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର
- ଇଙ୍କଫେଷ୍ଟ ପଞ୍ଚମ ସନ୍ଧ୍ୟାରେ ବ୍ୟଙ୍ଗ କବିତା ଆସର, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ସୁବର୍ଣ୍ଣପୁର ଜିଲାରେ ଲକ୍ଷ୍ମୀ ବସ୍‌ର ଶୁଭାରମ୍ଭ, ସ୍ଥାନ: ସୋନପୁର ରାମେଶ୍ୱର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନିବୃତ୍ତିଯୋର ବାମପାର୍ଶ୍ୱ ଓ ଦକ୍ଷିଣ ପାର୍ଶ୍ୱ ଆଡିବନ୍ଧ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ, ସ୍ଥାନ: ଘାଟକଇଁତରା ଗାଁ ପଡ଼ିଆ, ସମୟ: ଅପରାହ୍ନ ୧ଟା।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣର ତୃତୀୟ ଦିବସ, ସ୍ଥାନ: ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଭୂତିଆପାଲି, ସମୟ: ପୂର୍ବାହ୍ନ ୧୦ଟା।
- ବୀରମହାରାଜପୁର ବିଧାନସଭା ନିର୍ବାଚନୀମଣ୍ଡଳୀସ୍ତରୀୟ ବନ୍ଧୁ ମିଳନ, ସ୍ଥାନ: ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା ୩୦।

## ଅନୁଗୋଳ
- ସନ୍ଥକୁପା ହରିହର ଆଶ୍ରମରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: କଣିହାଁ ବ୍ଲକ ବଇଣ୍ଡା ଗ୍ରାମ ସ୍ଥିତ ଆଶ୍ରମ, ସମୟ: ସକାଳ ୮ଟା।
- ଶନି ମନ୍ଦିରର ଭୂମିପୂଜନ ଉତ୍ସବ, ସ୍ଥାନ: ମଦନ ପଡା ସାହି (ଗାଁ ବଇଣ୍ଡା ) ସମୟ: ପୂର୍ବାହ୍ନ ୧୦ଟା।
- ରାମ ମନ୍ଦିର ପାଇଁ ଭୂମି ପୂଜା ଉତ୍ସବ, ସ୍ଥାନ: ଖାଲପାଳ, ନାକିଚି, ସମୟ: ପୂର୍ବାହ୍ନ ୧୦।
- ମା' ଫଟାକାଞ୍ଜିଆ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଗୋଡ଼ିସାହି, ସମୟ: ପୂର୍ବାହ୍ନ ୧୧ଟା।
- ଅନନ୍ତ ନାରାୟଣ ନବରାତ୍ର ମହାଯଜ୍ଞ, ସ୍ଥାନ: ମନ୍ଦରଗିରି, ସମୟ: ସକାଳ ୮ ଟା।
- ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: କଣିହାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଦ୍ୱାରା ଆଇସିଡ଼ି ଏସ୍ ସମୀକ୍ଷା, ସ୍ଥାନ: କଣିହାଁ ବ୍ଲକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ ଟା।

## ଗଞ୍ଜାମ
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା, ସ୍ଥାନ: ବୁଗୁଡା ଏନ୍‌ଏସି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଶୋଭନୀୟ ପବ୍ଲିକ ସ୍କୁଲ ବାର୍ଷିକୋତ୍ସବ, ସ୍ଥାନ: ବୁଗୁଡା, ସମୟ: ସନ୍ଧ୍ୟା ୬ଟା।
- ରାମ ଚରିତ ମାନସ ପ୍ରବଚନ, ସ୍ଥାନ: ବୁଗୁଡା ତଳ ଓଡ଼ିଆ ସାହି, ସମୟ: ସନ୍ଧ୍ୟା ୭ଟା।
- ନାଟକ ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ବ୍ଲକ ଗୋଲାପଡ଼ା, ସମୟ : ଅପରାହ୍ନ ୧ଟା।
- ଶ୍ରୀରାମ ଚରିତ ମାନସ ପ୍ରବଚନ ଉଦ୍‌ଯାପନ, ସ୍ଥାନ: ଭଞ୍ଜନଗର ବ୍ଲକ ଲଣ୍ଡେଇସାହି ରାମମନ୍ଦିର, ସମୟ: ଅପରାହ୍ନ ୧ଟା।
- ବାଣିଜ୍ୟ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର ଜେଲ୍ ପଡ଼ିଆ, ସମୟ: ସନ୍ଧ୍ୟା ୬ ଟା।

## ଗଜପତି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଆର.ଉଦୟଗିରି ବ୍ଲକ ସୁବଲଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବଣ୍ଟନ ଉତ୍ସବ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ନାର୍କୋ କୋ-ଅର୍ଡିନେଶନ ସେଣ୍ଟର ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବର, ସମୟ: ଅପରାହ୍ନ ୧ଟା।
- ପୋଷଣ ଅଭିଯାନ ଏବଂ ଜିଲାର ପୁଷ୍ଟି ପଞ୍ଚାୟତ ଘୋଷଣା ସମ୍ପର୍କିତ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବର, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ଦିବ୍ୟ ଜୀବନ ସଂଘ ପକ୍ଷରୁ ଶ୍ରୀବିଷ୍ଣୁ ମହାଯଜ୍ଞ, ସ୍ଥାନ: ଶିବାନନ୍ଦ ଆଶ୍ରମ, କପାଳେଶ୍ୱର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ଶିବାନନ୍ଦ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ, ସ୍ଥାନ: ଶିବାନନ୍ଦ ଆଶ୍ରମ, କପାଳେଶ୍ୱର, ସମୟ: ସକାଳ ୬ଟା।
- ଆମ ଓଡ଼ିଶା ନବୀନ ଓଡ଼ଶା କାର୍ଯ୍ୟକ୍ରମ, ଦୁମୁକା ଓ ଦଶିପୁର ପଞ୍ଚାୟତ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ବେଡାରୀ ପଞ୍ଚାୟତ କାର୍ଯ୍ୟାଳୟ, ସୋଲପାଟ ଅଙ୍ଗନୱାଡ଼ି କେନ୍ଦ୍ର, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପ୍ରଶାସନିକ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଅଳାଇଲୋ ପଞ୍ଚାୟତ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ଗାଁକୁ ଚାଲ ଅଭିଯାନ, ସ୍ଥାନ: ୯ ନଂ. ୱାର୍ଡ, ନୂଆଗାଁ, ପଟ୍ଟାମୁଣ୍ଡାଇ ପୌରାଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଦାନପୁର ଓ ମୁକୁନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: ବସୁପୁର ପଞ୍ଚାୟତ କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ବରିଷ୍ଠ ନାଗରିକ ପରିଚୟ ପତ୍ର ପ୍ରଦାନ ଉତ୍ସବ, ସ୍ଥାନ : ଯାଜପୁର ସଦର ଥାନା ପରିସର, ସମୟ : ପୂର୍ବାହ୍ନ ୧୦ଟା।
- କ୍ଷତିଗ୍ରସ୍ତ ମିଳିତ ମଞ୍ଚର ଜମାକାରୀ ଗଣ ସତ୍ୟାଗ୍ରହ, ସ୍ଥାନ: ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ବଡ଼ଚଣା ବ୍ଲକ୍‌ର ନେଳିଆ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ବ୍ଲକର ଗଙ୍ଗାଧରପୁର ଠାକୁରାଣୀପୀଠ, ନେଉଳପୁର, କଣ୍ଟିଗଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ, କ୍ଷେତ୍ରପାଳ ପଞ୍ଚାୟତର ଗୋପାଳପୁର, ସମୟ: ପୂର୍ବାହ୍ନ ୧୧ଟା।
- ମା'ଅଙ୍ଗେଶ୍ୱରୀ ମନ୍ଦିରର ନୂତନ ବିଗ୍ରହ ପ୍ରତିଷ୍ଠା, ସ୍ଥାନ: ରସୁଲପୁର ବ୍ଲକର ବାରବାଟୀ ଗ୍ରାମ, ସମୟ: ପ୍ରାତଃ ୫ଟା୧୫।
- ଦଶରଥପୁର ବ୍ଲକର ଥାଲକୁଡ଼ି ଓ କୟାଁ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଚ୍ୟୁତବସନ୍ତ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ନିକଟ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼
- ଭାଗବତ ସପ୍ତାହର ଉଦ୍‌ଯାପନୀ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହରର ରାଧାନାଥ କଲୋନୀ, ସମୟ : ସନ୍ଧ୍ୟା ୭ଟା।
- ନୟାଗଡ଼ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ଓଡ଼ଗାଁ ବ୍ଲକ ପରିସର, ସମୟ:ପୂର୍ବାହ୍ନ ୧୦ଟା।
- ଶ୍ରୀ ବାବା କପିଳେଶ୍ୱର ଦେବଙ୍କ ନୂତନ ମନ୍ଦିର,ବିଗ୍ରହ ପ୍ରତିଷ୍ଠା ଓ ପୂର୍ଣ୍ଣାହୁତି, ସ୍ଥାନ ନୟାଗଡ଼ ବ୍ଲକ୍ କଳାହାଣ୍ଡି, ସମୟ:ମଧ୍ୟାହ୍ନ ୧୨ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ଗାଁ ବ୍ଲକ କାରପିଠା, ସମୟ:ପୂର୍ବାହ୍ନ ୧୧ଟା ୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ଗାଁ ବ୍ଲକର ସାକେରୀ, ସମୟ : ମଧ୍ୟାହ୍ନ ୧୨ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ଗାଁ ବ୍ଲକର ଭାଡିକିଲା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ଗାଁ ବ୍ଲକ ରାବେରା, ସମୟ:ଅପରାହ୍ନ ୧ଟା।
- ପଠାଣି ସାମନ୍ତ କପ୍ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ:ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ : ଅପରାହ୍ନ ୪ଟା।



## ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଉନୁଆଣି, କଦଳିଫେଣି,**
**ମୋ ନଣନ୍ଦର ଓଷା;**
**ଟାକୁଆ ଗାଲକୁ ବନ ହଳଦୀ**
**ଖୋଷି ଦେଇଥାଇ ଖୋଷା।**

ସୌନ୍ଦର୍ଯ୍ୟକୁ ନେଇ ନାରୀଙ୍କ ମନରେ ବିଶେଷ ଆଗ୍ରହ ବା ରୁଚି ରହିଥାଏ। ସଜେଇ ହୋଇ ଅନ୍ୟ ଆଗରେ ନିଜକୁ ଦେଖେଇହେବାରେ ସେମାନେ ଆନନ୍ଦ ପାଇଥାନ୍ତି। ଏପରିସ୍ଥଳେ ଗାଉଁଲି ଝିଅର ଫେଶନ ହେବାର ଢଙ୍ଗ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିଆଁ ନାହିଁ ଧୂଆଁ ହେଉଛି;**
**ତିନିଦିନ ହେଲା ଚୁଲି ଜଳୁ ନାହିଁ,**
**ନିତି ତବତ ଖାଉଛି।**

ରନ୍ଧାବଢ଼ା ନାହିଁ କି ଏପରିକି ଖାଇବାକୁ ମୁଠେ ଦାନା ବି ନାହିଁ। କିଛି ଲୋକ ଅନ୍ୟକୁ ଜଣେଇବାକୁ ଖାଇପିଇ ବେଶ୍ ଆରାମରେ ରହୁଥିବାର ତୁଚ୍ଛା ବାହାନା ବା ଛଳନା କରିବସିଥାନ୍ତି। ନିଜର ଅଭାବ ଅନଟନକୁ ଲୁଚାଇବାକୁ ଯାଇ ଚେଷ୍ଟା ଚଳାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଭାଗ୍ୟସ୍ଥାନ ଚନ୍ଦ୍ର ଦୃଷ୍ଟିରେ ଥିବାରୁ ଯାହା ବହୁତ ଦିନହେଲା ହୋଇପାରିନି ତାହା ଆଜି ଆକସ୍ମିକ ଭାବରେ ହୋଇଯିବ। ଆଜି ଉଚ୍ଚସ୍ଥ ମଙ୍ଗଳ ରାଶିକୁ ଅବଲୋକନ କରୁଥିବାରୁ ଆପଣଙ୍କୁ ଉନ୍ନତ ଚିନ୍ତା ପ୍ରଦାନ କରି କାମହାସଲ ସକାଶେ ଅନୁପ୍ରେରିତ କରିବେ। ଶିକ୍ଷା କ୍ଷେତ୍ରରେ ସୁନାମ, ପିଲାମାନଙ୍କ ସଫଳତାରେ ଆନନ୍ଦିତ ହେବେ।

**ବୃଷ** ମୁଖ ଭାବରେ ଚନ୍ଦ୍ର ମନକୁ ଖୁସିରେ ରଖିବେ ଏବଂ କଅଁଳ କଥା କହି କାମ ହାସଲ କରିବେ। ଆଜିର ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ଅଦାଲତ ସମ୍ବନ୍ଧୀୟ କାର୍ଯ୍ୟକ୍ଷେତ୍ରରେ ସୁଫଳ ମିଳିବ। ନୂତନ ଘର ତିଆରି, ଯାନବାହନ ମରାମତି, ଦୋକାନ ଉନ୍ନତୀକରଣ କରିପାରିବେ। ସଭା ସମିତିରୁ ଉପକୃତ ହେବେ। ଟେନ୍‌ସନ ଲାଗିରହିବ।

**ମିଥୁନ** ଶ୍ରୀଚନ୍ଦ୍ର ପ୍ରଭାବରେ ଆଶା କରିଥିବା ଦିଗରୁ ଅର୍ଥପ୍ରାପ୍ତି ଘଟିବ। ଯାତ୍ରା, ବିବାଦ, ଗୃହାରମ୍ଭ କ୍ଷେତ୍ରରେ ବ୍ୟତିକ୍ରମ ଆଶଙ୍କା ରହିଛି। ପଡ଼ୋଶୀଙ୍କ ସହ ସମସ୍ୟାମୂଳକ ପରିସ୍ଥିତି ସୃଷ୍ଟି ହେବ। ଆଜିର କର୍ମକ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ପରିବାର କିମ୍ବା ବନ୍ଧୁମାନଙ୍କ ମଧ୍ୟରେ ଆଲୋଚନା ଅସମାପ୍ତ ରହିଯିବ।

**କର୍କଟ** ଏକାଧିକ ଗ୍ରହ ସପ୍ତମସ୍ଥ ହେତୁ ବିବାଦୀୟ ଘଟଣାରେ ନ ପଶିବା ଭଲ ହେବ। ସମ୍ମୁଖରେ ଆପଣଙ୍କୁ କିଏ କିଛି ସିନା କହିବେ ନାହିଁ ପଛରେ ବହୁତ ସମାଲୋଚନା କରିବେ। କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ, ଯାହାକି ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ପରିବାରରେ ସମସ୍ୟା ସମାଧାନ କରିବାରେ ସଫଳତା ହାସଲ କରିବେ।

**ସିଂହ** ଚନ୍ଦ୍ରଙ୍କ ଏକାଦଶସ୍ଥ ଗୁରୁ ସହକର୍ମୀଙ୍କ ସୌହାର୍ଦ୍ଦ୍ୟ ଲାଭରେ ସହାୟକ ହେବ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବା କାରଣରୁ ମାନସିକ ଅଶାନ୍ତି ସୃଷ୍ଟି ହୋଇପାରେ। ବ୍ୟବସାୟ, ଜମିଜମା କାରବାର, ନିର୍ମାଣ, ପରିବହନରୁ ଲାଭ ପାଇବେ। ମନରେ ଦୁଃଖ ଭରି ରହିଥିଲେ ମଧ୍ୟ ଦାୟିତ୍ୱ ନେଇଥିବା କାମରେ ହେଳା କରିବେ ନାହିଁ।

**କନ୍ୟା** ଆଜି ଚତୁର୍ଥଭାବର ଶୁକ୍ରଦ୍ୱ ପାରିବାରିକ ସ୍ଥିତିକୁ ସଜାଡ଼ିବାରେ ସାହାଯ୍ୟ କରିବ। ଆଲୋଚନା କ୍ଷେତ୍ରରେ କଡ଼ା ଭାଷାର ପରିଣାମ ଭୋଗିବାକୁ ପଡ଼ିପାରେ। ଶତ୍ରୁତା କରୁଥିବା ଲୋକେ ମଧ୍ୟ ମିତ୍ରତା ସାଜିବା ପାଇଁ ଚେଷ୍ଟିତ ହେବେ। ରାଜନୀତି, ସଂଗଠନ, ପ୍ରଶାସନ, ଆଇନ, ପ୍ରକାଶନ କ୍ଷେତ୍ରରେ ଯେମିତି ଇଚ୍ଛା କରୁଛନ୍ତି ତାହା ପାଇବେ।

**ତୁଳା** ବୃହସ୍ପତିଙ୍କ ଦୃଷ୍ଟି ପ୍ରଭାବରୁ ସମସ୍ୟା ଭିତରେ ଅଣନିଃଶ୍ୱାସୀ ହୋଇପାରନ୍ତି। ଆଜି କେତେକ କ୍ଷେତ୍ରରେ ସମସ୍ୟା ସମାଧାନଜନିତ ଟେନ୍ସନ ଲାଗି ରହିବ। ସାହିତ୍ୟ ଚର୍ଚ୍ଚା, ସଭାସମିତି ଓ ସାମ୍ବାଦିକତା, ଗବେଷଣା, ଅନୁସନ୍ଧାନ, କୃଷି ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ଶତ୍ରୁତା କାରଣରୁ ସୁଯୋଗ ହରାଇବେ।

**ବିଛା** ଶନି ଦୃଷ୍ଟରେ ରାଶି ଥିବାରୁ ସ୍ୱାସ୍ଥ୍ୟ ପ୍ରତି ସଚେତନତା ରହିବା ଭଲ। ଆଜି ଆପଣଙ୍କୁ ବିଭିନ୍ନ ସୂତ୍ରରୁ ଅର୍ଥଲାଭ ହେବ ଏବଂ ସୁନ୍ଦର କଥା ମାଧ୍ୟମରେ ବନ୍ଧୁଙ୍କୁ ଆପଣାର କରିପାରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପ୍ରଶାସନିକ ସ୍ତରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବା କାରଣରୁ ବ୍ୟସ୍ତତା ବଢ଼ିଯାଇପାରେ।

**ଧନୁ** ସପ୍ତମରେ ଅଷ୍ଟମସ୍ଥ ହେତୁ ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସହ ମତାନ୍ତର ଅଶାନ୍ତି ସୃଷ୍ଟି କରିପାରେ। ପୁରାତନ ରୋଗର ପୀଡା ସାମାନ୍ୟ ଅନୁଭବ କଲେ ମଧ ବିଶେଷ ଅସୁବିଧା ନ ହୋଇପାରେ। ସଭାସମିତିରେ କିମ୍ବା କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ପରିବାରରେ ଆର୍ଥିକ ପରିସ୍ଥିତି ପୂର୍ବପରି ଦୁଶ୍ଚିନ୍ତାକୁ ବୃଦ୍ଧି କରିବ।

**ମକର** ଶୁକ୍ର ରାଶିସ୍ଥ ଯୋଗୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ବନ୍ଧୁ କିମ୍ବା ଗୁରୁଜନମାନଙ୍କ ପରାମର୍ଶ କ୍ରମେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ହୋଇପାରିବ। ପ୍ରତିଯୋଗିତାରେ ସଫଳତା ଅବଶ୍ୟ ପାଇବେ, କିନ୍ତୁ ଧନିଷ୍ଠା ନକ୍ଷତ୍ର ପାଇଁ ବିପରୀତ ଫଳ ମିଳିବ।

**କୁମ୍ଭ** ଷଷ୍ଠାଧିପଙ୍କ ସ୍ଥିତି ସନ୍ତାନଙ୍କ ସମସ୍ୟାକୁ ବହୁଗୁଣିତ କରିପାରେ। ଆଜି ଯେଉଁଠି ଯାହା କହିବେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବା ବଦଳରେ କଷ୍ଟକର ହୋଇ ପଡ଼ିବ। ନୂଆ ଯୋଜନା କରିବା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେକରିବେ। ନୀଚ ସଂସର୍ଗରୁ ଦୂରେଇ ନ ରହିଲେ ଅନୁତାପ ପାଇଁ ସମୟ ପାଇବେ ନାହିଁ।

**ମୀନ** ରାହୁଙ୍କ କୁପ୍ରଭାବରୁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ପରିବାରର ଖର୍ଚ୍ଚ ଭାର ବଢ଼ି ଯିବା କାରଣରୁ ଆବଶ୍ୟକତା ପୂରଣ ସକାଶେ ଚିନ୍ତିତ ରହିବେ। ସରକାରୀ ସ୍ତରରୁ କିମ୍ବା ବ୍ୟାଙ୍କରୁ ଋଣ କରିବା ପାଇଁ ଯୋଜନା କରିପାରନ୍ତି। କର୍ମକ୍ଷେତ୍ରରେ ମନ୍ଥର ଗତି ହେତୁ ସଫଳତାରେ ଆଶଙ୍କା ସୃଷ୍ଟି ହୋଇପାରେ।

ଆଜି ଫେବୃଆରୀ ୧୯ ତାରିଖ, ସୋମବାର, ରାଶି ନକ୍ଷତ୍ର- ଦିବା ଘ୧୦।୩୩ ପର୍ଯ୍ୟନ୍ତ ମୃଗଶିରା/ମିଥୁନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଗୃହାରମ୍ଭ ଓ ଗୃହପ୍ରବେଶ, ଦେବତା ଗଠନ ଓ ପ୍ରତିଷ୍ଠା, ଜଳାଶୟ ପ୍ରତିଷ୍ଠାଦି ଶୁଭକାର୍ଯ୍ୟ କରଣୀୟ। ନାମକରଣ, ଦେବତା ଗଠନ ଓ ପ୍ରତିଷ୍ଠା, ଦୀକ୍ଷାଗ୍ରହଣ ଓ ଅଳଙ୍କାର ଧାରଣ ସକାଶେ ଶୁଭଦିନ ଦିବା ଘ.୦୬।୧୭ ଗତେ, ଘ.୦୭।୪୩ ମଧ୍ୟେ, ଘ.୧୦।୫୨ ଗତେ ଘ.୦୧।୦୯ ମଧ୍ୟେ ଶୁଭ ଶୁଭ ବେଳା। ଦିବା ଘ.୦୭।୪୩ ଗତେ, ଘ.୦୯।୦୯ ମଧ୍ୟେ ରାହୁକାଳ।



GOVERNMENT OF UTTAR PRADESH
INVEST UP
THE
MAHAKUMBH
OF BUSINESS INVESTORS
₹10
ଲକ୍ଷ କୋଟି +
ର
ନିବେଶ ପ୍ରକଳ୍ପ
UP NEW INDIA'S GROWTH ENGINE
GROUND BREAKING
CEREMONY @4.0
19 FEB 2024 • LUCKNOW
34
ଲକ୍ଷ +
ଚାକିରି ସୁଯୋଗ
ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା
ଗରିମାମୟ ଉପସ୍ଥିତି
ଇଲେକ୍ଟ୍ରୋନିକ ମାନୁଫାକଚରିଙ୍ଗ ହବ୍
ଏମ୍.ଏସ୍.ଏମ୍.ଇ. ହବ୍
ଡିଫେନ୍ସ ଇଣ୍ଡଷ୍ଟ୍ରିଆଲ ହବ୍
ଏୟାରପୋର୍ଟ ପ୍ରଦେଶ
ମେଟ୍ରୋ ପ୍ରଦେଶ
ଏକ୍ସପ୍ରେସ ପ୍ରଦେଶ
ଆନନ୍ଦୀବେନ ପଟେଲ
ରାଜ୍ୟପାଳ, ଉତ୍ତରପ୍ରଦେଶ
ରାଜନାଥ ସିଂହ
ପ୍ରତିରକ୍ଷା ମନ୍ତ୍ରୀ, ଭାରତ ସରକାର
ଯୋଗୀ ଆଦିତ୍ୟନାଥ
ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ
କେଶବ ପ୍ରସାଦ ମୌର୍ଯ୍ୟ
ଉପ ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ
ବ୍ରଜେଶ ପାଠକ
ଉପ ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ
ନନ୍ଦ ଗୋପାଳ ଗୁପ୍ତା 'ନନ୍ଦୀ'
ମନ୍ତ୍ରୀ, ଔଦ୍ୟୋଗିକ ବିକାଶ, ରପ୍ତାନି ପ୍ରୋତ୍ସାହନ
ଏନଆରଆଇ ଏବଂ ନିବେଶ ପ୍ରୋତ୍ସାହନ, ଉତ୍ତରପ୍ରଦେଶ
ଯଶବନ୍ତ ସିଂହ ସୈନୀ
ରାଜ୍ୟ ମନ୍ତ୍ରୀ, ସଂସଦୀୟ କାର୍ଯ୍ୟ ତଥା
ଔଦ୍ୟୋଗିକ ବିକାଶ, ଉତ୍ତରପ୍ରଦେଶ
ଏବଂ ଅନ୍ୟ ମାନ୍ୟଗଣ୍ୟ ମହାନୁଭବ
ତାରିଖ : ୧୯ ଫେବୃଆରୀ, ୨୦୨୪, ସମୟ : ମଧ୍ୟାହ୍ନ ୧୨.୦୦ ଘଟିକା
ସ୍ଥାନ: ଇନ୍ଦିରା ଗାନ୍ଧୀ ପ୍ରତିଷ୍ଠାନ, ଗୋମତୀନଗର, ଲକ୍ଷ୍ନୌ
ସିଧା ପ୍ରସାରଣ
DD NEWS ଓ Youtube.com/DDNEWS
Youtube.com/dduttarpradesh
ଏବଂ
UPGovtOfficial
CMOUttarpradesh
CMOfficeUP
ସୂଚନା ଏବଂ ଜନସମ୍ପର୍କ ବିଭାଗ, ଉତ୍ତରପ୍ରଦେଶ

> କ୍ରମବିକାଶ ଶେଷ ହୋଇନାହିଁ। ତର୍କବୁଦ୍ଧି ବା ବିଚାର ବୁଦ୍ଧି ମଧ୍ୟ ଶେଷକଥା ନୁହଁ ଏବଂ ଏକ ତର୍କ ବୁଦ୍ଧି ସଂପନ୍ନ ପ୍ରାଣୀ– ମଣିଷ ମଧ୍ୟ ପ୍ରକୃତିମାତାଙ୍କର ଶେଷ ଅବଦାନ ନୁହଁ। ମଣିଷର ଉଦ୍‌ଭବ ଯେପରି ପଶୁ ଭିତରୁ ହେଲା– ସେହିପରି ଏଇ ମଣିଷ ଭିତରୁ ହିଁ ଅତିମାନବର ଉଦ୍‌ଭବ ହେବ। **–ଶ୍ରୀଅରବିନ୍ଦ**



# ଦୁଇଦିନ ପୂର୍ବରୁ ଗୁପ୍ତଚର

ରୁଷିଆ ୨୪ ଫେବୃଆରୀ ୨୦୨୨ରେ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲା। ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନିର୍ଦ୍ଦେଶକ୍ରମେ ଏହା ଘଟାଯାଇଥିବାରୁ ସେ ଘୋର ନିନ୍ଦିତ ହୋଇଛନ୍ତି। ଉକ୍ତ ଘଟଣାର ଠିକ୍ ଦୁଇ ବର୍ଷ ପୂରିବାକୁ ଯାଉଥିବା ବେଳେ ତାଙ୍କ ବିରୋଧୀ ତଥା ରୁଷିଆ ଭିତରେ ଶକ୍ତିଶାଳୀ ସମାଲୋଚକ ଭାବେ ଜଣାଶୁଣା ଏଲେକ୍ସି ନାଭାଲ୍‌ନିଙ୍କର ୧୬ ଫେବୃଆରୀ ୨୦୨୪ରେ ମୃତ୍ୟୁ ଘଟିବା ପୁଟିନ୍‌ଙ୍କ ସାମଗ୍ରିକ ଭୂମିକାକୁ ସନ୍ଦେହ ଘେରକୁ ଠେଲିଦେଇଛି। ଏକଚ୍ଛତ୍ରବାଦ ଚିନ୍ତାଧାରା ପୋଷଣ କରିବା ସହ ତାଙ୍କ ସରକାର ନାମରେ ଅନେକ ଦୁର୍ନୀତି ରହିଥିବା ବିଷୟକୁ ନାଭାଲ୍‌ନି ପଦାରେ ପକାଇ ଆସୁଥିଲେ। କଳେବଳେକୌଶଳେ ସମାଲୋଚକଙ୍କୁ ଦମନ କରିବାର କଳା ଜାଣିଥିବା ପୁଟିନ୍ ବିରୋଧୀ ନାଭାଲ୍‌ନିଙ୍କୁ ଉଗ୍ରବାଦୀ ସଜାଇ ଦେଇଥିଲେ। ଏହି ଦୋଷରେ ତାଙ୍କୁ ୧୯ ବର୍ଷ ଜେଲଦଣ୍ଡ ଦିଆଯାଇଥିଲା। ଗତବର୍ଷ ଶେଷ ଆଡ଼କୁ ତାଙ୍କୁ ମସ୍କୋଠାରୁ ବହୁ ଦୂରରେ ଆର୍କଟିକ୍ ପେନାଲ କଲୋନୀ ଜେଲରେ ରଖାଯାଇଥିଲା। ଉଲ୍ଲେଖଯୋଗ୍ୟ, ଏଭଳି ଜେଲରେ ଅତି ଭୟଙ୍କର ଅପରାଧୀଙ୍କୁ ରଖାଯାଇଥାଏ। ଫେବୃଆରୀ ୧୬ରେ ତାଙ୍କ ମୃତ୍ୟୁ ନେଇ ରୁଷିଆର ପ୍ରିଜନ୍ ସର୍ଭିସ୍ ପକ୍ଷରୁ କୁହାଯାଇଥିଲା ଯେ, ନାଭାଲ୍‌ନି ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ ଏବଂ ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲେ ମଧ୍ୟ ବଞ୍ଚାଇବା ସମ୍ଭବ ହୋଇ ନ ଥିଲା। 'ଦି ଗୁଲାଗୁ ଡଟ୍ ନେଟ୍ ୱେବ୍‌ସାଇଟ୍' ସୂତ୍ରକୁ ଉଦ୍ଧାର କରି ବ୍ରିଟେନ୍‌ର 'ଦି ଇଣ୍ଡିପେଣ୍ଡେଣ୍ଟ' ପ୍ରକାଶ କରିଛି ଯେ, ନାଭାଲ୍‌ନିଙ୍କ ମୃତ୍ୟୁର ଦୁଇ ଦିନ ପୂର୍ବରୁ ରୁଷିଆର କେତେ ଜଣ ଗୁପ୍ତଚର ସେହି ଜେଲ ପରିଦର୍ଶନରେ ଯାଇଥିଲେ। ଏଥିରୁ ସନ୍ଦେହ ଜାତ ହୋଇଛି ଯେ, ତାଙ୍କ ମୃତ୍ୟୁ ପାଇଁ ପୂର୍ବପ୍ରସ୍ତୁତି କରାଯାଇଥିଲା। ଏଠାରେ ମନେପକାଇ ଦିଆଯାଇପାରେ ଯେ, ୨୦୨୦ରେ ନାଭାଲ୍‌ନିଙ୍କୁ ବିଷ ଦିଆଯାଇ ହତ୍ୟା କରିବା ଲାଗି ଷଡ଼ଯନ୍ତ୍ର ହୋଇଥିଲା।

> **କୁହାଯାଇପାରେ, ନିଜ ନାଗରିକଙ୍କୁ ଦମନ କରି କୌଣସି ନେତା ଦୀର୍ଘକାଳ ସେମାନଙ୍କ ହୃଦୟରେ ବିରାଜମାନ କରିପାରିବେ ନାହିଁ। ତେବେ ଏହି ଆସ୍ପର୍ଦ୍ଧା କେବଳ ପୁଟିନ୍‌ଙ୍କ ପାଖରେ ସୀମିତ ରହିନାହିଁ। ମନେହେଉଛି ଏହିଭଳି ଆଭିମୁଖ୍ୟ ବିଶ୍ୱର ଅନ୍ୟ ନେତାଙ୍କୁ ମଧ୍ୟ ଗ୍ରାସ କଲାଣି।**

୨୦୧୨ରେ ପୁଟିନ୍ ରୁଷିଆର ରାଷ୍ଟ୍ରପତି ହେବା ପରେ ତାଙ୍କ ଶାସନକୁ ଘୋର ବିରୋଧ କରୁଥିବା ୧୧ ଜଣଙ୍କୁ ରହସ୍ୟଜନକ ଭାବେ ହତ୍ୟା କରାଯାଇସାରିଲାଣି ଓ ଅନେକେ ଜେଲଦଣ୍ଡ ଭୋଗୁଛନ୍ତି। ଏପରିକି ଓଡ଼ିଶାର ରାୟଗଡ଼ାଠାରେ ଡିସେମ୍ବର ୨୦୨୨ରେ ଦୁଇ ଜଣ ପୁଟିନ୍ ବିରୋଧୀ ରୁଷୀୟ ନାଗରିକଙ୍କ ମୃତ୍ୟୁ ସନ୍ଦେହଜନକ ଥିଲା। ସାଧାରଣରେ ବିଦେଶୀ ମଲେ ତାଙ୍କ ଶବକୁ ଦୂତାବାସ ସାହାଯ୍ୟରେ ନିଜ ଦେଶକୁ ଫେରାଇ ନେବାର ବ୍ୟବସ୍ଥା ରହିଥାଏ। କିନ୍ତୁ ଓଡ଼ିଶା ପୋଲିସ ସେଭଳି କିଛି ନ କରି ଅତିଶୀଘ୍ର ରାୟଗଡ଼ାରେ ସେମାନଙ୍କର ଶେଷକୃତ୍ୟ ସମ୍ପନ୍ନ କରିଦେଇଥିଲା। ମୁଖାଗ୍ନି କିଏ ଦେଇଥିବେ ଜଣାନାହିଁ। କିନ୍ତୁ ତାଙ୍କ ଚିତାଭସ୍ମ ପ୍ରମାଣସ୍ୱରୂପ ନିଶ୍ଚିତ ପୁଟିନ୍‌ଙ୍କ ପାଖରେ ପହଞ୍ଚିଥିବ। ତେବେ ନାଭାଲ୍‌ନିଙ୍କ ମୃତ୍ୟୁ ପୂର୍ବରୁ ଘରୋଇ ସଶସ୍ତ୍ର ବାହିନୀ 'ୱାଗନର'ର ମୁଖ୍ୟ ୟେଭ୍‌ଗେନି ପ୍ରିଗୋଝିନ୍‌ଙ୍କ ଗତବର୍ଷ ବିମାନ ଦୁର୍ଘଟଣାରେ ମୃତ୍ୟୁ ଘଟିବାକୁ ମଧ୍ୟ ବିଶ୍ୱ ସନ୍ଦେହ ଦୃଷ୍ଟିରେ ଦେଖିଥିଲା। କାରଣ ପ୍ରିଗୋଝିନ୍ ଓ ତାଙ୍କ ସୈନ୍ୟମାନେ ପୁଟିନ୍‌ଙ୍କ ବିରୋଧରେ କିଛିମାସ ପୂର୍ବରୁ ବିଦ୍ରୋହ କରିଥିଲେ। ଏଥିରୁ ସ୍ପଷ୍ଟ ବୁଝାପଡୁଛି ଯେ, ପୁଟିନ୍‌ଙ୍କ ବାଟ ଓଗାଳୁଥିବା ବ୍ୟକ୍ତି ଦୀର୍ଘ ଦିନ ତିଷ୍ଠି ରହିବା ସମ୍ଭବ ନୁହେଁ। ନାଭାଲ୍‌ନିଙ୍କ ମୃତ୍ୟୁ ପରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ସମେତ ପାଶ୍ଚାତ୍ୟର ବଡ଼ ନେତାମାନେ ପୁଟିନ୍‌ଙ୍କ ବିରୋଧରେ ସ୍ୱର ଉଠାଇଛନ୍ତି। ଦେଖିବାକୁ ଗଲେ ପୁଟିନ୍‌ଙ୍କ ଭଳି ଏକଜିଦିଆ ନେତାମାନେ କ୍ଷମତା ଜାବୁଡ଼ି ଧରିବା ଲାଗି ଏକଚ୍ଛତ୍ରବାଦୀ ପାଲଟିଯାଉଛନ୍ତି। ପୁଟିନ୍ ୨୦୨୧ରେ ସମ୍ବିଧାନରେ ସଂଶୋଧନ ଆଣି ୨୦୩୬ ଯାଏ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରି ରାଷ୍ଟ୍ରପତି ଚଉକିରେ ବସିବାର ସବୁ ବ୍ୟବସ୍ଥା କରିସାରିଛନ୍ତି।

ସୁଶାସନ କରି କେତେକ ନେତା ନାଗରିକଙ୍କ ହୃଦୟ ଜିତିଥାଆନ୍ତି। ଅନ୍ୟପକ୍ଷରେ ଦେଶର ଜନସାଧାରଣଙ୍କୁ ଭୟଭୀତ କରାଇ ରାଷ୍ଟ୍ର ଭିତରେ ଘୃଣା ଓ ବିଭେଦ ସୃଷ୍ଟିକରି ନିଜର ଶାସନକାଳକୁ ବୃଦ୍ଧି କରିବାକୁ ପ୍ରାୟ ନେତା ଚେଷ୍ଟା କରିଆସୁଛନ୍ତି। ପୁଟିନ୍ ଦ୍ୱିତୀୟ ବର୍ଗରେ ଆସୁଥିବାରୁ ଦେଶର ଭବିଷ୍ୟତ ଓ ପରବର୍ତ୍ତୀ ପିଢ଼ିଙ୍କ ମଙ୍ଗଳ ତାଙ୍କୁ ଯେମିତି ଦେଖାଯାଉ ନାହିଁ। ୟୁକ୍ରେନ୍ ଉପରେ ଆକ୍ରମଣକୁ ରୁଷିଆର ବହୁ ନାଗରିକ ବିରୋଧ କରିଥିଲେ ମଧ୍ୟ ତାହାର ସୁଫଳ ଅଦ୍ୟାବଧି ମିଳିପାରିଲା ନାହିଁ। ୨୪ ଫେବୃଆରୀରେ ରୁଷିଆ–ୟୁକ୍ରେନ୍ ଯୁଦ୍ଧ ଦୁଇ ବର୍ଷରେ ପହଞ୍ଚିବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଜର୍ମାନୀର ମ୍ୟୁନିକ୍ ନିରାପତ୍ତା ସମ୍ମିଳନୀରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ରୁଷିଆ ରାଷ୍ଟ୍ରପତିଙ୍କୁ ଏକ ନୃଶଂସ ବ୍ୟକ୍ତି ଭାବେ ଅଭିହିତ କରି କହିଛନ୍ତି ଯେ, ସେ ଦୁର୍ନୀତି ଓ ହିଂସାକୁ ଆଧାର କରି କ୍ଷମତା ଜାବୁଡ଼ି ରଖିଛନ୍ତି।

୨୦୨୪ ମାର୍ଚ୍ଚରେ ରୁଷିଆରେ ରାଷ୍ଟ୍ରପତି ନିର୍ବାଚନ ହେବ ବୋଲି ସ୍ଥିର କରାଯାଇଛି। ସାମ୍ବିଧାନିକ ସଂସ୍କାର ପରେ ପୁଟିନ୍ ନିର୍ବାଚନର ସମ୍ମୁଖୀନ ହେବାକୁ ଯାଉଥିବା ପରିପ୍ରେକ୍ଷୀରେ ନାଭାଲ୍‌ନିଙ୍କ ଭଳି ସମାଲୋଚକଙ୍କ ସ୍ୱରକୁ ସବୁଦିନ ପାଇଁ ଚାପି ଦିଆଯିବା ଦେଶର ଅନ୍ୟ ବିରୋଧୀଙ୍କ ପାଇଁ ଚେତାବନୀ ବୋଲି ଅନ୍ତର୍ଜାତୀୟ ରାଜନୈତିକ ସମୀକ୍ଷକମାନେ ମତ ବାଢ଼ୁଛନ୍ତି। ତେବେ ଗୋଟିଏ କଥା କୁହାଯାଇପାରେ, ନିଜ ନାଗରିକଙ୍କୁ ଦମନ କରି କୌଣସି ନେତା ଦୀର୍ଘକାଳ ସେମାନଙ୍କ ହୃଦୟରେ ବିରାଜମାନ କରିପାରିବେ ନାହିଁ। ତେବେ ଏହି ଆସ୍ପର୍ଦ୍ଧା କେବଳ ପୁଟିନ୍‌ଙ୍କ ପାଖରେ ସୀମିତ ରହିନାହିଁ। ମନେହେଉଛି ଏହିଭଳି ଆଭିମୁଖ୍ୟ ବିଶ୍ୱର ଅନ୍ୟ ନେତାଙ୍କୁ ମଧ୍ୟ ଗ୍ରାସ କଲାଣି।

# ବ୍ୟବସ୍ଥାରେ ପରିବର୍ତ୍ତନ ଲୋଡ଼ା



**ବୈକୁଣ୍ଠନାଥ ମିଶ୍ର**

ଡ. ମନମୋହନ ସିଂହଙ୍କର ପ୍ରଧାନମନ୍ତ୍ରିତ୍ୱ କାଳରେ ଦେଶରେ ଉଦାରୀକରଣ ଅର୍ଥନୀତି ପ୍ରଚଳନ ପୂର୍ବରୁ ଦେଶ ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିଲା। ଦେଶ ଏକପ୍ରକାର ଦେବାଳିଆ ସ୍ଥିତିକୁ ଆସିଯାଇଥିଲା। ନିଯୁକ୍ତି କ୍ଷେତ୍ରରେ ଦୀର୍ଘଦିନ ଧରି ନିୟନ୍ତ୍ରଣ ଲାଗି ରହିଥିବାରୁ ବେକାରି ବୃଦ୍ଧି ପାଇଲା। ଅବଶ୍ୟ ଘରୋଇକରଣ ପ୍ରକ୍ରିୟା ନିଯୁକ୍ତିକୁ କେତେକାଂଶରେ ତ୍ୱରାନ୍ୱିତ କରିଥିଲେ ମଧ୍ୟ ଏହା ଥିଲା ସମୁଦ୍ରକୁ ଶଙ୍ଖେ ସଦୃଶ। ୨୦୧୪ରେ ମୋଦି ସରକାର କ୍ଷମତାକୁ ଆସିବା ବେଳକୁ ବେକାରି ଉତ୍କଟ ରୂପ ଧାରଣ କରିସାରିଥିଲା। ପ୍ରତିବର୍ଷ ହୁ ହୁ ହୋଇ ବଢୁଥିବା ବେରୋଜଗାର ଯୁବତୀ ଯୁବକଙ୍କୁ କର୍ମନିଯୁକ୍ତି ଯୋଗାଇବା ଯେ କୌଣସି ସରକାର ପ୍ରତି ଏକ ଆହ୍ୱାନ। ତେଣୁ ନିଯୁକ୍ତି କ୍ଷେତ୍ରରେ ସୃଷ୍ଟିହେଲା ଏକ ତୀକ୍ଷ୍ଣ ପ୍ରତିଯୋଗିତା। ଏହାର ସୁଯୋଗ ନେଇ ଦେଶ ତଥା ରାଜ୍ୟଗୁଡ଼ିକରେ ଚାକିରି ଆଶାୟୀଙ୍କ ପାଇଁ ସୃଷ୍ଟି ହେଲା ଲୋଭନୀୟ କୋଚିଂ ସେଣ୍ଟର। କୋଚିଂ ସେଣ୍ଟରଗୁଡ଼ିକ ନିଜ ନିଜର ଆକର୍ଷଣୀୟ ବିଜ୍ଞାପନ ମାଧ୍ୟମରେ ଆଶାୟୀମାନଙ୍କୁ ଆକର୍ଷିତ କରିବାରେ ଲାଗିଲେ। ଏପରି ପରିସ୍ଥିତି ସୃଷ୍ଟି ହେଲା ଯେ ଛାତ୍ରୀଛାତ୍ର ଏବଂ ତାଙ୍କ ମାତାପିତା କୋଚିଂ ସେଣ୍ଟରଗୁଡ଼ିକର କରାଳ ଫାଶରେ ଆବଦ୍ଧ ହୋଇଗଲେ। ଚାକିରି ଆଶାୟୀମାନେ ସେଥିରେ ନିକ୍ଷିପ୍ତ ହୋଇ ନିଜର ସତ୍ତା ହରାଇବାକୁ ଲାଗିଲେ।

ଭାରତର ବିଭିନ୍ନ ରାଜ୍ୟର ଶିକ୍ଷାର୍ଥୀମାନେ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ବିଭିନ୍ନ ବୈଷୟିକ ଶିକ୍ଷାରେ ସଫଳତା ଅର୍ଜନ ପାଇଁ ବିଭିନ୍ନ କୋଚିଂ ସେଣ୍ଟର ଉପରେ ନିର୍ଭର କରନ୍ତି। କୋଚିଂ ସେଣ୍ଟରଗୁଡ଼ିକ ମଧ୍ୟରେ ରାଜସ୍ଥାନର କୋଟା ସହରର ଏକ ସ୍ୱତନ୍ତ୍ର ପରିଚୟ ଅଛି। ଏଠାରେ କୋଚିଂ ନେଉଥିବା ପିଲାଙ୍କ ମାତାପିତା କେବଳ ଆର୍ଥିକ ଦୃଷ୍ଟିରୁ ସବଳ ନୁହନ୍ତି; ବରଂ ସେମାନଙ୍କ ଭିତରୁ ଅଧିକାଂଶ ଉଚ୍ଚ ପଦବୀଧାରୀ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ। ମାତ୍ର ପରିତାପର ବିଷୟ, ଏଠାରେ ଶିକ୍ଷାର୍ଜନ କରିବାକୁ ଆସୁଥିବା ବହୁ ଛାତ୍ରୀଛାତ୍ର ଆଶାନୁରୂପ ଫଳ ପ୍ରଦର୍ଶନ କରି ନ ପାରିବାର ଆତ୍ମଗ୍ଲାନି ସେମାନଙ୍କୁ ଆତ୍ମହତ୍ୟା ପାଇଁ ବାଟ କଢ଼ାଇ ଦେଉଛି। ନିକଟରେ ପ୍ରଧାନମନ୍ତ୍ରୀ ବାର୍ଷିକ ଫୋନ୍ ପେ' ଚର୍ଚ୍ଚା କାର୍ଯ୍ୟକ୍ରମ ମାଧ୍ୟମରେ ପିଲାମାନଙ୍କୁ ଉଦ୍‌ବୋଧନ ଦେଇ ଅବସାଦ ମୁକ୍ତ ରହି ପରୀକ୍ଷାକୁ ସାମ୍ନା କରିବାକୁ ଯେଉଁଦିନ ପରାମର୍ଶ ଦେଇଥିଲେ, ଠିକ୍ ସେହିଦିନ ଗଭୀର ଅବସାଦଗ୍ରସ୍ତ ହୋଇ କୋଟାର ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଏ ଘଟଣାର ଠିକ୍ ଏକ ସପ୍ତାହ ପୂର୍ବରୁ ଆଉ ଜଣେ ଛାତ୍ରୀ ସମାନ କାରଣ ପାଇଁ ଆତ୍ମହତ୍ୟା କରିଥିଲେ। ଦିନକୁ ଚଉଦ/ପନ୍ଦର ଘଣ୍ଟା ପରିଶ୍ରମ କରି ମଧ୍ୟ ଯେତେବେଳେ ସେମାନେ ଅନୁଭବ କରୁଛନ୍ତି ଯେ, ମାତାପିତାଙ୍କର ଆଶା ପୂରଣ କରିବାରେ ସେମାନେ ସମର୍ଥ ନୁହନ୍ତି ତେଣୁ ସେମାନେ ସ୍ୱଇଚ୍ଛାରେ ମୃତ୍ୟୁପଥର ଯାତ୍ରୀ ସାଜୁଛନ୍ତି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତବର୍ଷ କୋଟାରେ ଆତ୍ମହତ୍ୟା କରିଛନ୍ତି ତିରିଶ ଜଣ ଛାତ୍ରୀଛାତ୍ର। ଉକ୍ତ ସଂସ୍ଥାର ସୂଚନା ଅନୁଯାୟୀ, ୨୦୧୫ରୁ ପ୍ରତିବର୍ଷ କ୍ରମାଗତ ଭାବେ ଏହି ସଂଖ୍ୟା ବୃଦ୍ଧି ପାଇଚାଲିଛି। ଏନସିଆର୍‌ବି ତଥ୍ୟ କହେ, ୨୦୨୦ରେ ବିଭିନ୍ନ କୋଚିଂ ସେଣ୍ଟରରେ ୧୧,୩୯୬ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଛନ୍ତି। ୨୦୨୨ରେ ଏହି ସଂଖ୍ୟା ବୃଦ୍ଧିପାଇ ପହଞ୍ଚିଥିଲା ୧୩,୦୦୦ରେ। ଏନସିଆର୍‌ବି ତଥ୍ୟ ଅନୁସାରେ, ପ୍ରତି ୧୦ଜଣଙ୍କ ମଧ୍ୟରୁ ଚାରିଜଣ ଅବସାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରିଛନ୍ତି। ସ୍ଥାନୀୟ ପ୍ରଶାସନର ଆତ୍ମହତ୍ୟା ନିରାକରଣର ବ୍ୟବସ୍ଥା ଆଦୌ ପର୍ଯ୍ୟାପ୍ତ ନୁହେଁ। ଗତବର୍ଷ ରାଜସ୍ଥାନ ପ୍ରଶାସନ ନିଷ୍ପତ୍ତି ନେଇଥିଲା ଯେ, ବିଦ୍ୟାର୍ଥୀମାନଙ୍କୁ ସପ୍ତାହରେ ଗୋଟିଏ ଦିନ ଛୁଟି ଦିଆଯିବ ଓ ଉଭୟ ଶିକ୍ଷକ ଓ ବିଦ୍ୟାର୍ଥୀମାନଙ୍କର ମାନସିକ ସ୍ଥିତିର ଅନୁଧ୍ୟାନ କରାଯିବ। କିନ୍ତୁ ତାହା ଫଳପ୍ରଦ ହୋଇନାହିଁ।



ଅଧିକାଂଶ ମାତାପିତା ଶୈଶବର ପ୍ରାରମ୍ଭରୁ ପିଲାମାନଙ୍କୁ କୋଚିଂ ସେଣ୍ଟରରେ ଭର୍ତ୍ତି କରୁଛନ୍ତି। କୋଚିଂ ସେଣ୍ଟରଗୁଡ଼ିକରେ ବୈଷୟିକ ଶିକ୍ଷାପ୍ରାପ୍ତି ଓ ତଜ୍ଜନିତ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରବଳ ଅର୍ଥ ରୋଜଗାର କରିବାର ଲକ୍ଷ୍ୟ ସବୁ ମା'ବାପାଙ୍କୁ ଏତେ ପ୍ରଲୋଭିତ କରିଛି ଯେ ପିଲାଙ୍କର ସାମର୍ଥ୍ୟ ପ୍ରତି ସେମାନେ ଏକପ୍ରକାର ଅନ୍ଧ ହୋଇଯାଉଛନ୍ତି। କୋଚିଂ ସେଣ୍ଟରର ଭିଡ଼ ଭିତରେ ବିଚରା ଶିକ୍ଷାର୍ଥୀଟି ଅଣନିଃଶ୍ୱାସୀ ହୋଇଯାଉଛି। ତା' ମଧ୍ୟରେ ଥିବା ଆତ୍ମପ୍ରତ୍ୟୟ ହ୍ରାସ ପାଉଛି। ମା'ବାପାଙ୍କ ଇଚ୍ଛା ପୂରଣ ନ କରିପାରିବା ଓ ସମାଜରେ ମୁହଁ ଦେଖାଇବାକୁ ଭୟକରି ଶେଷରେ ଆତ୍ମହତ୍ୟା ଭଳି ଦାରୁଣ ପରିଣତିକୁ ଆଦରି ନେବାକୁ ବାଧ୍ୟ ହେଉଛନ୍ତି। କୋଚିଂ ସେଣ୍ଟରଗୁଡ଼ିକ ପିଲାର ଆବେଗକୁ ଉପେକ୍ଷାକରି ଯଥେଚ୍ଛାଚାର ଭାବରେ ସେମାନଙ୍କ ବ୍ୟବସାୟର ଉନ୍ନତୀକରଣରେ ମନୋନିବେଶ କରୁଛନ୍ତି। କୋଚିଂ ସେଣ୍ଟର କିମ୍ବା ମାତାପିତା କେହିହେଲେ ପିଲାର ଆବେଗ ପ୍ରତି ଯତ୍ନବାନ୍ ହେବା ମନେ ହେଉନାହିଁ। ଏ ସବୁକୁ ଦୃଷ୍ଟିରେ ରଖି ଭାରତ ସରକାର କୋଚିଂ ସେଣ୍ଟରଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ନିକଟରେ କିଛି ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶନାମାରେ କୋଚିଂ ସେଣ୍ଟରଗୁଡ଼ିକର ସରକାରୀ ପଞ୍ଜୀକରଣ, ଉପଯୁକ୍ତ ଭିତ୍ତିଭୂମି, ପାଠପଢ଼ା ସମୟ, ପିଲାଙ୍କର ଆର୍ଥିକ ଦେୟ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ବିବରଣୀ ସ୍ଥାନ ପାଇଛି। ନିର୍ଦ୍ଦେଶନାମା ଅନୁସାରେ କୋଚିଂ ସେଣ୍ଟରରେ ସର୍ବାଧିକ ପଚାଶ ଛାତ୍ରୀଛାତ୍ର ଥିବେ, ଯେଉଁମାନଙ୍କର ବୟସ ଷୋହଳ ବର୍ଷରୁ ଅଧିକ ହୋଇଥିବ। ପାଠପଢ଼ା ସମୟ ୫ଘଣ୍ଟାରୁ ଅଧିକ ହେବନାହିଁ ବୋଲି ପ୍ରାବଧାନ ଜାରି କରାଯାଇଛି। ସମସ୍ତ ପରୀକ୍ଷାର ଫଳାଫଳ ସାର୍ବଜନୀନ କରା ନ ଯାଇ ଅତି ଗୋପନୀୟ ରଖାଯିବ। ଆବଶ୍ୟକ ସ୍ଥଳେ ଅଭିଭାବକଙ୍କ ସହ ଏ ବିଷୟରେ ଆଲୋଚନା କରାଯାଇ ଏକ ସୁଚିନ୍ତିତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ଆବଶ୍ୟକ।

ଏକ ରିପୋର୍ଟ ଅନୁଯାୟୀ ସମଗ୍ର ଦେଶରେ ବର୍ତ୍ତମାନ ପ୍ରାୟ ୩୦ ହଜାରରୁ ଅଧିକ କୋଚିଂ ସେଣ୍ଟର ଅଛି। ନିର୍ଦ୍ଦେଶାବଳୀର ପରିବର୍ଦ୍ଧିତ ନିୟମ ଅନୁସାରେ ପ୍ରତି କୋଚିଂ ସେଣ୍ଟରରେ ଜଣେ ଦକ୍ଷ କର୍ତ୍ତୃପକ୍ଷ ରହିବା ଆବଶ୍ୟକ। ସରକାରଙ୍କ ପ୍ରଦତ୍ତ ନିୟମାବଳୀର ଉଲ୍ଲଂଘନ ପାଇଁ ପ୍ରଥମେ ୨୫ ହଜାର ଓ ଦ୍ୱିତୀୟ ଥର ଉଲ୍ଲଂଘନ ପାଇଁ ୧ ଲକ୍ଷ ଟଙ୍କାର ଅର୍ଥଦଣ୍ଡର ପ୍ରାବଧାନ ରହିଛି। ତୃତୀୟଥର ଉଲ୍ଲଂଘନ ହେଲେ ପ୍ରତିକାରର ସର୍ବଶେଷ ସ୍ୱରୂପ ଅନୁସାରେ ପଞ୍ଜୀକରଣକୁ ପ୍ରତ୍ୟାହାର କରାଯିବ। ଏତେସବୁ ପ୍ରାବଧାନତା ସତ୍ତ୍ୱେ ଇଞ୍ଜିନିୟରିଂ, ମ୍ୟାନେଜ୍‌ମେଣ୍ଟ ଓ ଡାକ୍ତରୀ ଶିକ୍ଷାରେ ଗୁଣାତ୍ମକମାନ ରକ୍ଷା କରା ନ ଯିବାର ଅଭିଯୋଗ ପ୍ରାୟତଃ ଶ୍ରୁତିଗୋଚର ହେଉଛି।

ଯେଉଁମାନେ ବୁଦ୍ଧିମାନ୍, ମେଧାବୀ ଓ ପ୍ରଜ୍ଞାଶୀଳ ସେମାନେ ନିଜର ପସନ୍ଦ ଅନୁସାରେ ଯେ କୌଣସି ପ୍ରତିକୂଳତା ସତ୍ତ୍ୱେ ଲକ୍ଷ୍ୟ ହାସଲ କରିବାରେ ସଫଳ ହେଉଛନ୍ତି। ଅନ୍ୟ ଯେଉଁମାନେ ଉପଯୁକ୍ତ ଧୀଶକ୍ତିସମ୍ପନ୍ନ ନ ହୋଇ କେବଳ ମାତାପିତାଙ୍କ ପ୍ରତିପତ୍ତି, ଧନସମ୍ପତ୍ତି ଓ କ୍ଷମତାକୁ ପୁଞ୍ଜିକରି ଏଥିରେ ପ୍ରବେଶ କରୁଛନ୍ତି ସେମାନେ ଅବଶ୍ୟ ବିପତ୍ତିକୁ ସାମ୍ନା କରୁଛନ୍ତି। ପଣ୍ଡିତ ଚାଣକ୍ୟ କହନ୍ତି – ଯେ ନିଜେ ପ୍ରଜ୍ଞାଶୀଳ ନୁହେଁ, ତାକୁ ଯେତେ ଯତ୍ନ କଲେ ମଧ୍ୟ ଫଳ ଶୂନ, ଯେପରି ଚକ୍ଷୁ ନ ଥିବା ବ୍ୟକ୍ତି ସାମ୍ନାରେ ଦର୍ପଣର ମୂଲ୍ୟ କିଛିନାହିଁ। ଅନେକ ଦରିଦ୍ର ମେଧାବୀ ଛାତ୍ର ନିଜ ପସନ୍ଦ ଅନୁଯାୟୀ ଉଚ୍ଚଶିକ୍ଷା ଲାଭରୁ ବଞ୍ଚିତ ହୋଇ ଜୀବନକୁ ଏକ ଅଭିଶାପ ମନେକରୁଛନ୍ତି। କ୍ୱଚିତ୍ କିଛି ଦରିଦ୍ର ମେଧାବୀ ନିଜ ଭାଗ୍ୟବଳରୁ ମେଡିକାଲ ଓ ଅନ୍ୟ ଉଚ୍ଚଶିକ୍ଷା ଲାଭର ସୁଯୋଗ ପାଉଛନ୍ତି। ସମସ୍ତେ ତ ସମାନ ଭାଗ୍ୟନେଇ ଜନ୍ମ ହୋଇନାହାନ୍ତି। ଆର୍ଥିକ ସୁଦୃଢ଼ ସମ୍ପନ୍ନ ପରିବାରର ଆପେକ୍ଷାକୃତ କମ୍ ମେଧାଯୁକ୍ତ ପିଲାଟି ଯେତେବେଳେ ଉଚ୍ଚ ବୈଷୟିକ ଶିକ୍ଷା ଲାଭର ସୁଯୋଗ ପାଉଛି, ସେହି ସ୍ଥାନରେ ଉଚ୍ଚ ମେଧାସମ୍ପନ୍ନ ଦରିଦ୍ର ପିଲାଟିର ମନ ଭାଙ୍ଗିଯାଉଛି। ଧନୀଘର ପିଲା ମେଧାବୀ ନ ହୋଇ ଆତ୍ମହତ୍ୟା କରୁଥିବା ବେଳେ ଦରିଦ୍ର ପିଲାଟି ଅର୍ଥାଭାବରୁ ଶିକ୍ଷାଲାଭ ନ କରିପାରି ଚରମ ପରିଣତି ଭୋଗ କରୁଛି। ବଡ଼ ବିଚିତ୍ର ଏ ବ୍ୟବସ୍ଥା।

ସିଦ୍ଧଳ–ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

# ଭକ୍ତିର ବ୍ୟବସାୟୀକରଣ



**ଶ୍ରୁତକୀର୍ତ୍ତି ତ୍ରିପାଠୀ**

କିଛିଦିନ ତଳେ ପୁରୁଣା ଭୁବନେଶ୍ୱରରେ ଅବସ୍ଥିତ ଏକ ପ୍ରସିଦ୍ଧ ମନ୍ଦିର ଦର୍ଶନ ପାଇଁ ପରିବାର ସହ ଯାଇଥିଲୁ। ମନ୍ଦିର ବେଢ଼ାରେ ପ୍ରବେଶଠାରୁ ଆରମ୍ଭକରି ଦର୍ଶନ ସାରି ଫେରିବା ପର୍ଯ୍ୟନ୍ତ ବ୍ୟବସାୟ ଓ ପଇସା ରୋଜଗାର କରିବାର ଭିନ୍ନ ଭିନ୍ନ କଳା ଦେଖି ଦୁଃଖିତ ହୋଇଥିଲି। ଭୋଗ ବିକ୍ରି କରୁଥିବା ଜଣେ ଭାଇ ପାଖକୁ ଡାକି କହିଲେ, ଆମ ସମସ୍ତଙ୍କ ଜୋତା ତାଙ୍କ ଭୋଗ ଦୋକାନ ପାଖରେ ରଖିବାକୁ। ମାଗଣା କାହିଁ ରଖିବୁ ବୋଲି ଭୋଗ ସରଞ୍ଜାମଟିଏ ନେଲୁ। ଭିତରେ ମୋବାଇଲ ରଖିବା ଥିଲା ଆଉ ଏକ ଧାଡ଼ି। ମୋବାଇଲ ପିଛା ୫ ଟଙ୍କା ହିସାବରେ ୫ଟି ପାଇଁ ପଇସା ଦେଇ ମନ୍ଦିର ଭିତରକୁ ପଶିବା ଲାଗି ଆଉ ଗୋଟିଏ ଧାଡ଼ିରେ ଛିଡ଼ା ହେଲୁ ଆମେ। ସେତେବେଳେ ସେବକମାନଙ୍କ ଭିତରୁ କିଛିଜଣ ଆସି ପଚାରିବା ଆରମ୍ଭ କରିଦେଲେ ଯେ ଆମେ କେଉଁ ଜିଲ୍ଲା ବା ସ୍ଥାନରୁ ଆସିଛୁ। ଭୁବନେଶ୍ୱରରୁ ଆସିଛୁ ବୋଲି ଶୁଣିବା ପରେ ଆମ ପାଖରେ ଗହଳି ଲଗାଉଥିବା ନନାମାନେ ଅନ୍ୟ ଭକ୍ତମାନଙ୍କ ଆଡ଼କୁ ବଢ଼ି ଯିବାର ଦେଖିଲି। ବୋଧହୁଏ ସ୍ଥାନୀୟ ଲୋକଙ୍କ ପାଇଁ ତାଙ୍କର ଆଗ୍ରହ ନ ଥିଲା।

ଭୋଗଡାଲା ସହ ସପରିବାର ପ୍ରବେଶ କରନ୍ତେ ଆଉ ଜଣେ ସେବକଙ୍କ ଆବିର୍ଭାବ ହେଲା। 'ଆଜ୍ଞା ଏଇଠି ମୁଣ୍ଡିଆଟିଏ ମାରନ୍ତୁ' ବୋଲି ସେ କହିଲେ। ଟିକେ ଆଗକୁ ଗଲା ପରେ ଗୋଟିଏ ସ୍ଥାନରେ ଧାଡ଼ି ଧାଡ଼ି ହୋଇ ଦୀପ ଓ ଧୂପକାଠି ଜଳୁଥିବାର ଏବଂ ଭକ୍ତଗଣ ଦୀପ ଧୂପ ବୁଲେଇବାର ଦୃଶ୍ୟ ଆଖିରେ ପଡ଼ିଲା, ଆଉ ଆମେ ଜାଣିଗଲୁ ଯେ ଏଠାରେ ଦୀପ ପ୍ରଜ୍ୱଳନ କରାହେବ। ମାତ୍ର ପୁଣିଥରେ ସେବକ ଆମକୁ କହିଲେ, 'ଏଠାରେ ଦୀପ ଓ ଧୂପକାଠି ଜଳେଇ ଦିଅନ୍ତୁ, ଆଗକୁ ଆଉ ଜଳେଇ ପାରିବେନି।' ଏପର୍ଯ୍ୟନ୍ତ ଆମକୁ ବୁଝା ପଡୁ ନ ଥାଏ ଯେ ଏହି ପଣ୍ଡିତଙ୍କୁ ମାର୍ଗଦର୍ଶନ ପାଇଁ ଡାକିଥିଲା କିଏ ଏବଂ ଆମେ ପୂର୍ବରୁ ଜାଣିଥିବା ସାଧାରଣ କଥାଗୁଡ଼ିକୁ ସେ ଆମକୁ କାହିଁକି ବତେଇ ଚାଲିଛନ୍ତି।

ଆମେ ଠାକୁରଙ୍କୁ ନମସ୍କାର କରିବା ଶେଷ ହୋଇନି ସେ ଆମକୁ ପୁଣି କହିଲେ, 'ଶୀଘ୍ର ଚାଲନ୍ତୁ ଭିଡ଼ ହେଇଯିବ'। ଆମେ ଧାଡ଼ିରେ ଚାଲିଥାଉ, ଆମ ପାଳି ଆସିଲା ବେଳକୁ ବାଉଁଶବାଡ଼ ଆର ପଟେ ଥିବା ସେବକ ପଚାରୁଛନ୍ତି, 'ଆପଣ କାହା ସହ ଆସିଛନ୍ତି'? ହଠାତ୍ ସେତେବେଳକୁ ଆମ ପାଖରେ ଘୂରି ବୁଲୁଥିବା ସେବକଙ୍କର ଆବିର୍ଭାବ ଘଟିଲା। କିଛି କହିବା ପୂର୍ବରୁ ସେ ମନ୍ତ୍ର ଉଚ୍ଚାରଣ କରି ଭୋଗଡାଲାଟି ଭିତରେ ଥିବା ବ୍ରାହ୍ମଣଙ୍କୁ ବଢ଼େଇଦେଲେ। ଏବେ ମୁଁ ଭାବୁଥିଲି ଯେ ଭୋଗ ସରଞ୍ଜାମ ନ ଆଣି ଖାଲି ଦୀପ ଆଣିଥିଲେ ଭଲହୋଇଥାନ୍ତା। କାରଣ ଜଣେ ଯଦି କେବଳ ଦୀପ ନେଇ ଆସିବ ତାକୁ ଭୋଗ ଲଗେଇବା ପାଇଁ ଧାଡ଼ିରେ



ଠିଆ ହେବା କିମ୍ବା ସେବକଙ୍କ ସାହାଯ୍ୟ ଲୋଡ଼ା ହେବ ନାହିଁ। ପାଦୁକ ଗ୍ରହଣ କରି ଆମ ଇଚ୍ଛା ଓ ସାଧ ମତେ ସେଠି ଥିବା ପିତ୍ତଳ ଥାଳିଆରେ କିଛି ଦକ୍ଷିଣା ଦେଇ ପଛକୁ ବୁଲିଲା ବେଳକୁ ସେଇ ସେବକ ଜଣକ ଛିଡ଼ା ହୋଇଥାନ୍ତି। ଆମକୁ ଆଶୀର୍ବାଦ କରି 'କିଛି ଦିଅନ୍ତୁ' କହି ସେ ପୁଣି ଛିଡ଼ାହେଲେ। ଆଶ୍ଚର୍ଯ୍ୟ ହେଲୁ ଯେ, ତାଙ୍କୁ କ'ଣ ପାଇଁ ଆମେ ପଇସା ଦେବୁ, ଆମେ ତ ତାଙ୍କୁ ଖୋଜି ନ ଥିଲୁ? ତଥାପି ଲୋକଟି ସାଙ୍ଗରେ ବୁଲିଛି ଭାବି ୧୦୦ ଟଙ୍କା ଦେବା ବେଳକୁ ସେ ଟଙ୍କା ଫେରାଇଦେଇ କହିଲେ, ଏତିକିରେ କ'ଣ ହେବ। ଏବେ ମୋ ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା। ମୁହଁରୁ ବାହାରି ପଡ଼ିଲା ଆପଣ ନ ନିଅନ୍ତୁ, ଆମର ଯାହା ଦେବାର ଅଛି, ଆମେ ମନ୍ଦିର ହୁଣ୍ଡିରେ ଦେବୁ। ଏତକ ଶୁଣିବା ପରେ ଲୋକଟି ଓଲଟା ମୋତେ ଶୁଣେଇଲେ, 'ଆପଣ ଏମିତି କ'ଣ କହୁଛନ୍ତି, ଆମେ କ'ଣ ଆପଣଙ୍କୁ ବାଧ୍ୟ କରୁଛୁ?' ଏଠାରେ ପାଠକେ କହିବେ କିଏ କାହାକୁ ବାଧ୍ୟ କରୁଥିଲା।

ସେଇ ପଇସାତକ ମନ୍ଦିର ହୁଣ୍ଡିରେ ଗଳେଇଦେଇ ଆମେ ଯିବାକୁ ବାହାରିଲୁ। ମନ ଭକ୍ତି ବଦଳରେ ଅସନ୍ତୋଷ ଓ ଅଶାନ୍ତିରେ ଭର୍ତ୍ତି ହୋଇସାରିଥିଲା। ମଣିଷ କ'ଣ ଏସବୁ ଅନୁଭୂତି ପାଇଁ ମନ୍ଦିର ଆସେ। ଶୁଦ୍ଧ ଓ ପବିତ୍ର ମନନେଇ ଠାକୁର ଦର୍ଶନ କରିବାର ଅଭିଳାଷ ଆଉ ପୂରଣ ହେବା ସମ୍ଭବ ନ ଥିଲା, ତେଣୁ ଫେରିଯିବା ହିଁ ଠିକ୍ ହେବ ଭାବିଲୁ। ହେଲେ ଏତିକି ଯଥେଷ୍ଟ ନ ଥିଲା ଯେ ଶେଷରେ ବାହାରକୁ ଆସିଲା ବେଳକୁ ଜଣେ ବୃଦ୍ଧ ବ୍ରାହ୍ମଣ ହାତରେ ବେତବାଡ଼ି ଖଣ୍ଡେ ଧରି କିଛି ପଇସା ଦେଇଯିବା ପାଇଁ କହିବା ଶୁଣାଗଲା। ତାଙ୍କ କଥାକୁ ନ ଶୁଣି ବାହାରିଗଲା ବେଳକୁ ମୋ କାନରେ ପଡ଼ିଲା ସେ କହୁଥିଲେ, 'ଅମାନ୍ୟ କରି ଯାଉଛୁ?' ଘଡ଼ିଏ ପାଇଁ ଇଚ୍ଛା ହେଲା, ସେଠାରେ ରହି ତାଙ୍କୁ ପଚାରିବାକୁ ଯେ ମୁଁ କ'ଣ ଅମାନ୍ୟ କଲି? ହେଲେ ଯୁକ୍ତିତର୍କ କରିବାର ଇଚ୍ଛା କି ଧୈର୍ଯ୍ୟ ମୋ ଭିତରେ ଆଉ ନ ଥିଲା। ପଇସା ମାଗିବା ଆଉ ପଇସା ନ ଦେଲେ ଅଭିଶାପ ଦେବା ଢଙ୍ଗରେ ବୃଦ୍ଧଙ୍କର ସେହି ବାକ୍ୟ ମୋତେ ତୀବ୍ର ଅସନ୍ତୋଷ ଦେଲା।

ପାଠକବନ୍ଧୁ ଏଠାରେ ଘଟଣାଟି ଅବତାରଣା କରିବା ପଛରେ କାହାକୁ ଅସମ୍ମାନ କିମ୍ବା ଅପମାନ କରିବାର ଉଦ୍ଦେଶ୍ୟ ନାହିଁ। ବରଂ ଜଣେ ଭକ୍ତ ହିସାବରେ ଅନେକଙ୍କ ଅସନ୍ତୋଷ ଓ ଅଶାନ୍ତିକୁ ଉପସ୍ଥାପନ କରିଛି। ଭକ୍ତଟିଏ ମନ୍ଦିର ଯାଏ ଠାକୁରଙ୍କ ସହ ଏକାକାର ହେବାକୁ, ତା'ର ମନର କଥା ଜଣେଇବାକୁ, ହେଲେ ମନ୍ଦିର ପ୍ରାଙ୍ଗଣରେ ପ୍ରବେଶ କରୁକରୁ ତା'ଠାରୁ ନିଜ ଇଚ୍ଛା ଅନୁସାରେ ପୂଜା କରିବା, ବସିବା, ବୁଲିବା ଅଧିକାରକୁ କାହିଁକି ଏହି ଅନିମନ୍ତ୍ରିତ ପଣ୍ଡିତମାନେ ଛଡ଼େଇ ନିଅନ୍ତି? ନିଜ ସାଧମତେ ଦାନ କରିବାର ସ୍ୱାଧୀନତାକୁ ହରଣ କରିନେଇ ବଡ଼ ମୂଲ୍ୟର ଦକ୍ଷିଣା ଦେବା ପାଇଁ କାହିଁକି ବାଧ୍ୟ କରନ୍ତି। କାହିଁକି ଭକ୍ତ ଖୁସିରେ ଦକ୍ଷିଣା ନ ଦେଇ ବରଂ କିଛି ଅଭିଶାପ ମିଳିଯିବା ଡରରେ ଅନିଚ୍ଛା ମୁତାବକ ଦକ୍ଷିଣା ଦିଏ। ଠାକୁରଙ୍କୁ ଆଳକରି ଏ ବ୍ୟବସାୟ କାହିଁକି। ଠାକୁର ତ ଟଙ୍କା ମାଗୁନାହାନ୍ତି, ତାଙ୍କ ନାଁରେ ଭକ୍ତଙ୍କୁ ହଇରାଣ କରିବା କେତେଦୂର ଠିକ୍? ମୋର ବ୍ୟକ୍ତିଗତ ଅନୁଭୂତି ତ ମୋତେ ମନ୍ଦିର ଯିବା ପାଇଁ ବୀତସ୍ପୃହ କରୁଛି। ବଦଳୁଥିବା ଆମ ସମାଜରେ ଭକ୍ତଙ୍କ ଭକ୍ତିକୁ ନେଇ ଏହି ବ୍ୟବସାୟ ଭଗବତ୍ ପ୍ରାପ୍ତିର ଠିକ୍ ମାର୍ଗରୁ ଆମକୁ ବିରତ କରୁନାହିଁ ତ!

ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

ପରିସ୍ଥିତି ବେଳେବେଳେ ଏମିତି ହୋଇଥାଏ ଯେ ନିଜ ସଫଳତାକୁ ଆଖିରେ ଦେଖିବା ପରେ ବି ସହଜରେ ବିଶ୍ୱାସ କରିହୁଏନି। ଠିକ୍ ଏମିତି କିଛି ଘଟିଛି ଉତ୍ତରାଖଣ୍ଡର ଜଣେ ଚାଷୀଙ୍କ ସହିତ। ପାହାଡ଼ିଆ ଅଞ୍ଚଳରେ ସେ ଏକପ୍ରକାରର ନାଲି ମୂଳା ଚାଷ କରିଥିଲେ। କିନ୍ତୁ ଅମଳ କରିବା ପରେ ସେ ହଠାତ୍ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। କାହିଁକିନା ସେ ଅମଳ କରିଥିବା ମୂଳା ମଧ୍ୟରେ ଏମିତି ଏକ ମୂଳା ଥିଲା ଯାହାର ଓଜନ ୧୦ କିଲୋଗ୍ରାମ୍ ୫୦୦ ଗ୍ରାମ୍। ଏବେ ବଡ଼ ମୂଳା ହୋଇଥିବା ସେ ଆଦୌ ଜାଣି ନ ଥିଲେ। ସେଥିପାଇଁ ପ୍ରଥମେ ହାତରେ ଉପାଡ଼ିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଚାରିପାଖରେ ଥିବା ମାଟିକୁ ବାହାର କରି ମୂଳାଟିକୁ ମାଟି ତଳୁ ବାହାର କରିଥିଲେ। ଆଉ ଉପରକୁ ଆଣିବା ପରେ ଏତେ ବଡ଼ ମୂଳା ଦେଖି ଯେତିକି ଆଶ୍ଚର୍ଯ୍ୟ ହୋଇଥିଲେ ସେତିକି ଖୁସି ବି ହୋଇଥିଲେ। ସେଥିପାଇଁ ସେ ମୂଳାଟିକୁ ସୋସିଆଲ ମିଡିଆରେ ଶେୟାର କରିଥିଲେ, ଯାହା ଏବେ ଭାଇରାଲ୍ ହେବାରେ ଲାଗିଛି। ଏତେ ବଡ଼ ପାହାଡ଼ିଆ ମୂଳାକୁ ଦେଖି ଅନେକେ ଖୁସି ବ୍ୟକ୍ତ କରିଛନ୍ତି। ଏହାକୁ ଏକ ପ୍ରଦର୍ଶନୀରେ ସ୍ଥାନ ଦେବା ପାଇଁ ମଧ୍ୟ ପରାମର୍ଶ ବି ଦେଇଛନ୍ତି। ତେବେ ଏହି ମୂଳା ପାଇଁ ଏବେ ଚାଷୀଜଣକ ମଧ୍ୟ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିଥିବାରୁ ବେଶ୍ ଖୁସି ଅଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୯ ଫେବୃଆରୀ ୧୯୭୫**

- ତଥାକଥିତ ମିଜୋ ସୈନ୍ୟବାହିନୀର କ୍ୟାପ୍‌ଟେନ ଏମ୍.ଏ. ଲିବୋଭାଙ୍କ ମଣିପୁର ପୋଲିସ ନିକଟରେ ଆତ୍ମସମର୍ପଣ।
- କଲିକତାର ବିଶିଷ୍ଟ ନୃତତ୍ତ୍ୱବିତ୍ ତଥା ପଦ୍ମଭୂଷଣରେ ସମ୍ମାନିତ ଶ୍ରୀ ଏଲ୍.ଏ. ଆୟାରଙ୍କ ୮୬ ବର୍ଷ ବୟସରେ ପରଲୋକ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | | | | | 4 |
| | | 7 | | | 2 | | | |
| 2 | | | | 1 | | | | |
| | | | | | | 9 | | 6 |
| 6 | | | | 7 | 9 | | 1 | |
| | | 1 | 4 | | | | 3 | 8 |
| 4 | | | 8 | | | | 6 | |
| 7 | | | | | | | 5 | 3 |
| | | | 2 | 4 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 2 | 8 | 7 | 4 | 1 | 5 | 6 |
| 5 | 8 | 7 | 1 | 6 | 3 | 9 | 2 | 4 |
| 6 | 1 | 4 | 9 | 5 | 2 | 7 | 8 | 3 |
| 4 | 9 | 8 | 2 | 1 | 5 | 3 | 6 | 7 |
| 2 | 6 | 5 | 3 | 9 | 7 | 4 | 1 | 8 |
| 1 | 7 | 3 | 6 | 4 | 8 | 5 | 9 | 2 |
| 7 | 2 | 9 | 5 | 3 | 6 | 8 | 4 | 1 |
| 8 | 4 | 1 | 7 | 2 | 9 | 6 | 3 | 5 |
| 3 | 5 | 6 | 4 | 8 | 1 | 2 | 7 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସାମ୍ବାଦିକଙ୍କ ଦାବି ପୂରଣ କରାଯାଉ

ମହାଶୟ,

ଦୀର୍ଘବର୍ଷ ଧରି ରାଜ୍ୟର ସାମ୍ବାଦିକମାନେ ବିଭିନ୍ନ ଦାବି ପୂରଣ ପାଇଁ ଲଢ଼େଇ ଜାରି ରଖିବା ସହିତ ଆନ୍ଦୋଳନ କରୁଥିଲେ ମଧ୍ୟ ଦାବିଗୁଡ଼ିକୁ ସରକାର ପୂରଣ ନ କରିବା ଦୁର୍ଭାଗ୍ୟଜନକ। ସେହିଭଳି ଅବସର ନେଇଥିବା ସାମ୍ବାଦିକମାନଙ୍କୁ ଦୀର୍ଘବର୍ଷର ଦାବି ପରେ ମଧ୍ୟ ପେନ୍‌ସନ ଯୋଗାଇ ନ ଦେବା ଦୁଃଖର ବିଷୟ। ସରକାରଙ୍କ ସଫଳତାକୁ ବିଭିନ୍ନ ଗଣମାଧ୍ୟମ ଜରିଆରେ ପ୍ରକାଶ କରି ନିଜର ଦାବି ପୂରଣରେ ବିଫଳ ହେବା ଘଟଣା ମର୍ମାହତ କରିଛି। ଅନ୍ୟପକ୍ଷରେ ଅନେକ ରାଜ୍ୟରେ ସାମ୍ବାଦିକଙ୍କ ପାଇଁ ପେନ୍‌ସନ ଲାଗୁ ହୋଇଥିଲେ ମଧ୍ୟ ଆମ ରାଜ୍ୟରେ ପେନ୍‌ସନ ଲାଗୁ କରା ନ ଯିବା ଘଟଣା ରାଜ୍ୟ ସରକାରଙ୍କୁ ଅଡୁଆରେ ପକାଉଛି। ଏତଦ୍‌ବ୍ୟତୀତ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ସ୍ୱାସ୍ଥ୍ୟବୀମା ଯୋଜନାରେ ସାମ୍ବାଦିକଙ୍କ ପିତାମାତାଙ୍କୁ ସାମିଲ କରିବା, ୨୫ ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ କରିବା, ମିଡିଆ ଏକାଡେମୀ ଗଠନ କରିବା, ଅଧିସ୍ୱୀକୃତ କମିଟି ପୁନର୍ଗଠନ ଓ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ, ଲୋକସେବା ଭବନ ଓ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ସାମ୍ବାଦିକଙ୍କ ପ୍ରବେଶ ଅଧିକାର ପ୍ରଦାନ କରାଯିବା ଉପରେ ସରକାର ଗୁରୁତ୍ୱ ଦେବା ଉଚିତ।

**– ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

## ଚିରନ୍ତନୀ

ଛିଡ଼ାଇ ଯାଇଛି ବାହା
ଶିଖିଥିଲା ସବୁ କାମ
ସବୁ ମିଛ, ରଖେ କିଏ ?
ହୋଇଲେ କରମ ବାମ।
(ଚାଷୀର ଭାଗ୍ୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୋଲିସକୁ ଧକ୍କା ଦେଇ କଏଦୀଙ୍କୁ ଛଡ଼ାଇନେଲେ ସହଯୋଗୀ

ଯାଜପୁର/କୋରେଇ (ହର୍ଷବର୍ଦ୍ଧନ ବେହେରା/ଚନ୍ଦ୍ରକାନ୍ତ ପତି),୧୮।୨

ପୋଲିସକୁ ଧକ୍କା ଦେଇ ଜଣେ ବିଚାରାଧୀନ କଏଦୀଙ୍କୁ ଛଡ଼ାଇ ନେଇଛନ୍ତି ତାଙ୍କର ୨ଜଣ ସହଯୋଗୀ। ଉକ୍ତ କଏଦୀ ଜଣକ ହେଲେ ଯାଜପୁର ରୋଡ୍ ଉପ କାରାଗାରର ରାଣାପ୍ରତାପ ସିଂ(୫୫)। ତାଙ୍କ ଘର ଜହ୍ନା ଗ୍ରାମରେ। ବାଇକ୍‌ରେ ଆସିଥିବା ରାଣାଙ୍କ ୨ ସହଯୋଗୀଙ୍କ ମଧ୍ୟରୁ ଜଣଙ୍କୁ କାବୁ କରିବାରେ ପୋଲିସ ସକ୍ଷମ ହୋଇଛି। ଏହିଘଟଣା ଶନିବାର ଅପରାହ୍ନ ୨ଟାରେ ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଏକ ହୋଟେଲ ସମ୍ମୁଖରେ ଘଟିଥିଲେ ହେଁ ପୋଲିସ ଚାପି ଦେବାକୁ ଉଦ୍ୟମ କରିଛି। ରବିବାର ଘଟଣା ଜଣାପଡ଼ିବା ପରେ ପୋଲିସ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

ମିଳିଥିବା ସୂଚନା ଅନୁସାରେ, ଜଣେ ଯୁବତୀଙ୍କୁ ବଳାତ୍କାର କରିବା ସହ ନଗ୍ନ ଫଟୋ ଭାଇରାଲ କରିବା ଅଭିଯୋଗରେ ରାଣାପ୍ରତାପଙ୍କୁ ପାଣିକୋଇଲି ଥାନା ପୋଲିସ ଗତ ୬ ତାରିଖରେ ଗିରଫ କରିଥିଲା। କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ରାଣାପ୍ରତାପ ଯାଜପୁର ରୋଡ୍ ଉପ କାରାଗାରରେ ବିଚାରାଧୀନ କଏଦୀ ଭାବେ ରହିଥିଲେ। ଶନିବାର ପୂର୍ବାହ୍ନରେ ରାଣାପ୍ରତାପ ଅସୁସ୍ଥ ଥିବା ଜେଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଜେଲ୍‌ର ଫାର୍ମାସିଷ୍ଟ ମନୋରଞ୍ଜନ ପ୍ରଧାନ ଏବଂ ଜିଲା ପୋଲିସ ହେଡ୍‌କ୍ୱାର୍ଟର୍ସର ୨ ଜଣ କନଷ୍ଟେବଳ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ତାଙ୍କୁ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଫେରିବା ସମୟରେ ମେଡିସିନ କିଣିବାବେଳେ ସେ ଫେରାର ହୋଇଯାଇଥିଲେ ବୋଲି ଜେଲ କର୍ତ୍ତୃପକ୍ଷ କୋରେଇ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ହେଲେ ଅନ୍ୟ ସୂତ୍ରରୁ ଜଣାପଡ଼ିଛି ଯେ, ଡାକ୍ତରଖାନାରୁ ଅଭିଯୁକ୍ତ ରାଣାପ୍ରତାପଙ୍କୁ ଧରି ୨୦ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଏକ ହୋଟେଲକୁ ନିଆଯାଇଥିଲା। ସେଠାରେ ସେମାନେ ମଧ୍ୟାହ୍ନ ଭୋଜନ କରିଥିଲେ। ସେଠାରେ ଏକ ବାଇକ୍‌ରେ ଦୁଇ ଜଣ ଯୁବକ ଆସି ରାଣାପ୍ରତାପଙ୍କୁ ଉଠାଇ ନେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୋଲିସ ସହିତ ସେମାନଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ସେତେବେଳେ ଜଣେ ଯୁବକ ରାଣାପ୍ରତାପଙ୍କୁ ଧରି ବାଇକ୍‌ରେ ଫେରାର ହେବାକୁ ସକ୍ଷମ ହୋଇଥିଲେ। ଅନ୍ୟ ଜଣେ ପୋଲିସ ହାବୁଡ଼ରେ ପଡ଼ିଥିଲେ। ତାଙ୍କୁ କୋରେଇ ଥାନାରେ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି। ତେବେ ତଦନ୍ତରେ ବିଘ୍ନ ହେବା ଆଶଙ୍କାରେ ଅଟକ ଯୁବକଙ୍କ ନାମ ଗୋପନୀୟ ରଖାଯାଇଛି। ଜେଲ କର୍ତ୍ତୃପକ୍ଷଙ୍କ ଅଭିଯୋଗ ଆଧାରରେ କୋରାଇ ଥାନାରେ ୯୨/୨୦୨୪ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଏ ସଂକ୍ରାନ୍ତରେ ଯାଜପୁର ରୋଡ୍ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ରାଣାପ୍ରତାପ ଏବଂ ତାଙ୍କ ସହଯୋଗୀଙ୍କୁ ଧରିବାକୁ ବିଭିନ୍ନ ଜାଗାରେ ଚଢ଼ାଉ ଜାରି ରହିଛି। ତୁରନ୍ତ ସେମାନଙ୍କୁ ଗିରଫ କରାଯିବ।


ରାଣାପ୍ରତାପ ସିଂ

# ଶ୍ରୀଜଗନ୍ନାଥ ବିମାନବନ୍ଦର ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ

ପୁରୀ/ଭୁବନେଶ୍ୱର,୧୮।୨ (ଅଜିତ୍ ମହାନ୍ତି/ଅସମାପିକା ସାହୁ)

## ୩ ବର୍ଷରେ କାମ ସାରିବାକୁ ଲକ୍ଷ୍ୟ

ପୁରୀ ଅନ୍ତର୍ଜାତୀୟ ଗ୍ରୀନ୍‌ଫିଲ୍ଡ ଶ୍ରୀଜଗନ୍ନାଥ ବିମାନବନ୍ଦର ନିର୍ମାଣ ନେଇ ଟେଣ୍ଡର ପ୍ରକ୍ରିୟା ଆହ୍ୱାନ କରାଯାଇଛି। ପିପିପି ମୋଡ୍‌ରେ ଏହି ଟେଣ୍ଡର ପ୍ରକ୍ରିୟା ହେବ। ସମୁଦାୟ ୨୨୦୩ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି। ୧୦୯୫ ଦିନ ଅର୍ଥାତ୍ ୩ ବର୍ଷ ମଧ୍ୟରେ କାର୍ଯ୍ୟ ସରିବ। ଚଳିତ ମାସ ୨୧ ତାରିଖରୁ ଅନ୍‌ଲାଇନ ମାଧ୍ୟମରେ ଟେଣ୍ଡର ପକାଯିବ। ଏପ୍ରିଲ ୨୧ରେ ଟେଣ୍ଡର ଖୋଲାଯିବ ବୋଲି ଇଡ୍‌କୋ ପକ୍ଷରୁ ସୂଚନା ଦିଆଯାଇଛି।

ପୁରୀକୁ ବିଶ୍ୱ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ଯୋଜନା ଶ୍ରୀକ୍ଷେତ୍ରରେ କାର୍ଯ୍ୟକାରୀ କରିଛନ୍ତି। ସେଥିମଧ୍ୟରେ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ଏକ ପ୍ରମୁଖ ଓ ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପ। ଏ ନେଇ ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମ ଜୋରସୋରରେ ଜାରି ରହିଛି। ଅନ୍ତର୍ଜାତୀୟ ଗ୍ରୀନ୍ ଫିଲ୍ଡ ଶ୍ରୀଜଗନ୍ନାଥ ବିମାନବନ୍ଦର ନିର୍ମାଣ ପାଇଁ ରାଜ୍ୟ ସରକାର ପ୍ରି ଫିଜିବିଲିଟି ରିପୋର୍ଟ, ଅବ୍‌ଷ୍ଟାକଲ ସର୍ଭେ, ଜମି ଅଧିଗ୍ରହଣ, ପାଚେରି ନିର୍ମାଣ ପରେ ଆଉ ପାଦେ ଆଗେଇଛନ୍ତି। ବିମାନବନ୍ଦର ନିର୍ମାଣ କାର୍ଯ୍ୟ ଟେଣ୍ଡର ପ୍ରକ୍ରିୟା ଆହ୍ୱାନ କରାଯାଇଛି। ବିମାନବନ୍ଦର ପାଇଁ ୧,୧୬୪.୮୩୬ ଏକର ଜମି ମଧ୍ୟରେ ୨୨୧.୪୮୦ ଏକର ଘରୋଇ ଜମି ରହିଛି। ଏହି ଘରୋଇ ଜମି ମଧ୍ୟରେ ସିପସରୁବାଲି ମୌଜାର ୧୫୩.୩୭୦ ଏକର ଏବଂ ଷଣ୍ଢପୁରର ୬୮.୧୧୦ ଏକର ଅଛି। ଏହି ଜମି ଅଧିଗ୍ରହଣ ନିମନ୍ତେ ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ସରିଛି। ଏଥିସହ ସାମାଜିକ ଓ ଅର୍ଥନୈତିକ ସର୍ଭେ ମଧ୍ୟ ଶେଷ ହୋଇସାରିଛି। ଗତବର୍ଷ ଅଗଷ୍ଟ ୧୬ରେ ମନ୍ତ୍ରୀ ତୁକୁନି ସାହୁ ପୁରୀ ଆସି ପ୍ରସ୍ତାବିତ ବିମାନବନ୍ଦର ସ୍ଥଳ ବୁଲି ଦେଖିଥିଲେ। ଶ୍ରୀଜଗନ୍ନାଥ ବିମାନବନ୍ଦର ନିର୍ମାଣ ଦ୍ୱାରା ଅଧିକରୁ ଅଧିକ ପର୍ଯ୍ୟଟକ ପୁରୀକୁ ଆସିବେ ଏବଂ ଏଠାକାର ଅର୍ଥନୀତି ଓ ପର୍ଯ୍ୟଟନର ଅଭିବୃଦ୍ଧି ହୋଇପାରିବ ବୋଲି ସରକାର ଆଶା ରଖିଛନ୍ତି। ୩ବର୍ଷ ମଧ୍ୟରେ ବିମାନ ବନ୍ଦର କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଅନ୍ୟପକ୍ଷରେ ବିମାନବନ୍ଦର ଜମି ଅଧିଗ୍ରହଣ ପାଇଁ ପରିବେଶ ମଞ୍ଜୁରୀ ମିଳିଥିବାବେଳେ ବିମାନ ଚଳାଚଳ କରିବା ନିମନ୍ତେ ଆବଶ୍ୟକ ପରିବେଶ ଆସେସମେଣ୍ଟ କ୍ଲିୟରାନ୍ସ ଏବଂ ସିଆର୍‌ଜେଡ୍ କ୍ଲିୟରାନ୍ସ ସହ ପ୍ରଦୂଷଣ କ୍ଲିୟରାନ୍ସ ସାର୍ଟିଫିକେଟ୍‌ର ଆବଶ୍ୟକତା ରହିଛି ବୋଲି ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି।

## ଛାତ୍ରୀ ନିବାସରେ କାର୍ଯ୍ୟରତ ମାଟ୍ରନଙ୍କ ପାରିଶ୍ରମିକ ୧୫ ହଜାରକୁ ବୃଦ୍ଧି

ଭୁବନେଶ୍ୱର,୧୮।୨ (ସୁନିତ୍ ମିଶ୍ର)

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ତଥା ପଛୁଆବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଛାତ୍ରୀ ନିବାସଗୁଡ଼ିକରେ କର୍ଯ୍ୟରତ ମହିଳା ମାଟ୍ରନମାନଙ୍କ ମାସିକ ପାରିଶ୍ରମିକ ୧୦,୦୦୦ରୁ ୧୫,୦୦୦ ଟଙ୍କାକୁ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି। ଏତଦ୍‌ବ୍ୟତୀତ ଯଦି କୌଣସି କାର୍ଯ୍ୟରତ ମହିଳା ମାଟ୍ରନ ଦୁର୍ଭାଗ୍ୟବଶତଃ ମୃତ୍ୟୁବରଣ କରନ୍ତି, ତେବେ ତାଙ୍କ ଉତ୍ତରାଧିକାରୀଙ୍କୁ ଏକକାଳୀନ ୨ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ। ସେହିପରି ୬୦ ବର୍ଷରେ କାର୍ଯ୍ୟନିବୃତ୍ତ ହେବା ସମୟରେ ସେମାନଙ୍କୁ ଏକକାଳୀନ ଲକ୍ଷେ ଟଙ୍କା ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ରବିବାର ଘୋଷଣା କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବେ ବୋଲି ସୂଚନା ଦିଆଯାଇଛି।


ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦୁବାଇ ଗସ୍ତ କରିବାକୁ ଥିବା ମିଶନ ଶକ୍ତିର ମହିଳାଙ୍କ ସହ।

# ନବୀନ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮।୨ (ସୁନିତ୍ ମିଶ୍ର)

ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶରେ ପୁଣିଥରେ ଏକ ନମ୍ବର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ସର୍ବାଧିକ ଲୋକପ୍ରିୟତା କ୍ଷେତ୍ରରେ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନବୀନ ପଛରେ ପକାଇଛନ୍ତି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଲୋକପ୍ରିୟତା ନବୀନଙ୍କଠାରୁ କମ୍ ଥିବା ଇଣ୍ଡିଆ ଟୁଡେ ପକ୍ଷରୁ କରାଯାଇଥିବା ସର୍ବେକ୍ଷଣରୁ ଜଣାପଡ଼ିଛି।

ଦେଶର ମୁଖ୍ୟମନ୍ତ୍ରୀମାନଙ୍କ ଲୋକପ୍ରିୟତା ଏବଂ ଆପ୍ରୁଭାଲ ରେଟିଂ ଜାଣିବାକୁ ଇଣ୍ଡିଆ ଟୁଡେ ପକ୍ଷରୁ ନିକଟରେ ଏକ ସର୍ବେକ୍ଷଣ କରାଯାଇଥିଲା। ଇଣ୍ଡିଆ ଟୁଡେ ମୁଡ୍ ଅଫ୍ ଦ ନେଶନ୍ ସର୍ଭେ ମୁତାବକ ନବୀନ ଦେଶର ସର୍ବାଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଅଛନ୍ତି। ତାଙ୍କ ଲୋକପ୍ରିୟତା ରେଟିଂ ୫୨.୭% ରହିଛି। ନବୀନଙ୍କ ତଳକୁ ୨ୟ ସ୍ଥାନରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରହିଛନ୍ତି। ତାଙ୍କର ଲୋକପ୍ରିୟତା ରେଟିଂ ୫୧.୩% ରହିଛି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ରେଟିଂ ୪୮.୬% ଥିବାବେଳେ ସେ ୩ୟ ସ୍ଥାନରେ ଅଛନ୍ତି। ୪ର୍ଥ ସ୍ଥାନରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ରହିଥିବାବେଳେ ତାଙ୍କୁ ୪୨.୬% ରେଟିଂ ମିଳିଛି। ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ସାହା ୪୧.୪% ରେଟିଂ ସହ ୫ମ ସ୍ଥାନରେ ରହିଛନ୍ତି। ଏହି ସର୍ବେକ୍ଷଣ ତାଲିକାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଛାଡ଼ିଦେଲେ ବାକି ୪ ମୁଖ୍ୟମନ୍ତ୍ରୀ ଭାଜପା ଶାସିତ ରାଜ୍ୟର। କେବଳ ଏଥର ନୁହେଁ, ବିଭିନ୍ନ ସର୍ବେକ୍ଷଣରେ ନବୀନ ଦେଶର ଅନ୍ୟ ମୁଖ୍ୟମନ୍ତ୍ରୀମାନଙ୍କଠାରୁ ଆଗରେ ରହିଆସିଛନ୍ତି। ଓଡ଼ିଶାର ଅପ୍ରତିଦ୍ୱନ୍ଦ୍ୱୀ ଏବଂ ସଫଳ ମୁଖ୍ୟମନ୍ତ୍ରୀ ଭାବେ ନବୀନ ତାଙ୍କ ଯାତ୍ରା ଜାରି ରଖିଛନ୍ତି। ଏହି ସର୍ବେକ୍ଷଣ ଦଳୀୟ ନେତାଙ୍କ ଭିତରେ ଉତ୍ସାହକୁ ଦ୍ୱିଗୁଣିତ କରିଛି। ସାମାଜିକ ଗଣମାଧ୍ୟମରେ ମଧ୍ୟ ଶାସକ ଦଳର ନେତା ଓ କର୍ମୀ ଏହାକୁ ପୋଷ୍ଟ କରିଛନ୍ତି। ସୂଚନାଯୋଗ୍ୟ, ୨୦୦୦ ମସିହାରୁ ଏପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ନବୀନ ରାଜ୍ୟବାସୀଙ୍କ ସେବା କରିଚାଲିଛନ୍ତି। ୨୦୨୪ରେ ବିଜେଡି ସଂଖ୍ୟାଗରିଷ୍ଠତା ହାସଲ କଲେ ନବୀନ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ।

# ଦିନରେ ଖରା ତାତି, ରାତିରେ କୁହୁଡ଼ି

ଭୁବନେଶ୍ୱର,୧୮।୨ (ଅନୁରାଧା ମହାରଣା)

ଗୁରୁଚାପ ବଳୟର ସକ୍ରିୟତା ବୃଦ୍ଧି ପ୍ରଭାବରେ ରାଜ୍ୟ ମଧ୍ୟକୁ ବଙ୍ଗୋପସାଗର ଅଞ୍ଚଳରୁ କ୍ରମାଗତ ଭାବେ ଜଳୀୟବାଷ୍ପପୂର୍ଣ୍ଣ ଉଷ୍ମ ବାୟୁ ପ୍ରବେଶ ଜାରି ରହିଛି। ଫଳରେ ରାଜ୍ୟରେ ତାତି ବଢ଼ିବାରେ ଲାଗିଛି। ରବିବାର ୩୫ ଡିଗ୍ରୀ ଟପିଥିଲା ପାରଦ। ଭବାନୀପାଟଣାରେ ୩୫.୪ ଡିଗ୍ରୀ ଏବଂ ଟିଟିଲାଗଡ, ବୌଦ୍ଧ ଓ ପାରାଳାଖେମୁଣ୍ଡିରେ ୩୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ଆଗାମୀ ୨ଦିନରେ ରାଜ୍ୟରେ ରାତ୍ରି ତାପମାତ୍ରାରେ ଆହୁରି ୨ ଡିଗ୍ରୀ ଯାଏ ବୃଦ୍ଧି ହେବ। ଏଥିସହ ରାତିରୁ ସକାଳ ମଧ୍ୟରେ ଆଗାମୀ ୬ରୁ ୭ଦିନ ଯାଏ ଘନକୁହୁଡ଼ି ପ୍ରଭାବ ରହିବ। ଏହି ସମୟରେ ଦୃଶ୍ୟମାନ ଦୂରତା ୨୦୦ ମିଟରରୁ ୫୦ ମିଟର ମଧ୍ୟରେ ସୀମିତ ରହୁଥିବାରୁ ଜାତୀୟରାଜପଥରେ ଯାତାୟାତ କରୁଥିବା ଯାନବାହନଗୁଡିକ ଚଳାଚଳରେ ବାଧା ଉପୁଜିବା ସମ୍ଭାବନା ରହିଛି। ତେଣୁ ଏଥିପ୍ରତି ସତର୍କ ରହିବାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଜାରି କରାଯାଇଛି।

ସୋମବାର ଉପକୂଳ ଓଡ଼ିଶା ସମେତ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣ କୁହୁଡ଼ି ଦେଖାଯାଇପାରେ। ଏଥିପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ସୋନପୁର, ବୌଦ୍ଧ, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଦେବଗଡ଼, ଝାରସୁଗୁଡ଼ା ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୦ ତାରିଖରେ ମଧ୍ୟ ଉପକୂଳ ଓଡ଼ିଶା ସମେତ ଅନ୍ୟାନ୍ୟ ଜିଲାରେ କୁହୁଡ଼ି ପ୍ରଭାବ ରହିବ। ଏନେଇ ୟେଲୋ ୱାର୍ନିଂ ଜାରି ହୋଇଥିବା ଜିଲାଗୁଡ଼ିକ ମଧ୍ୟରେ କଟକ, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଜଗତ୍‌ସିଂପୁର, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ସୋନପୁର, ବୌଦ୍ଧ, ପୁରୀ, ଗଞ୍ଜାମ, କଳାହାଣ୍ଡି, ରାୟଗଡ଼ା, ଗଜପତି, ବଲାଙ୍ଗୀର, ସମ୍ବଲପୁର ଆଦି ଜିଲା ରହିଛି। ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବାକୁ ଥିବାବେଳେ ୨୪ ଓ ୨୫ରେ କିଛି ସ୍ଥାନରେ ବର୍ଷା ହୋଇପାରେ। କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବାଲେଶ୍ୱର ଆଦି ଜିଲାରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୧୮।୨ (ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ଦର୍ଶନ ପାଇଁ ରବିବାର ଶ୍ରୀମନ୍ଦିର ଭିତରେ ଭକ୍ତଙ୍କ ଭିଡ଼ ଲାଗିଥିଲା। ତେବେ କେହି ଭକ୍ତ ବାନ୍ତି କରିଦେବାରୁ ମହାପ୍ରଭୁଙ୍କର ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଫଳରେ ନୀତି ବିଳମ୍ବ ଘଟିଛି। ସୂଚନା ଅନୁଯାୟୀ, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ଚାଲିଥିଲା। ଏହି ସମୟରେ ଅର୍ଥାତ୍ ଅପରାହ୍ନ ପ୍ରାୟ ୪ଟା ୩୦ରେ ଜୟବିଜୟ ଦ୍ୱାର ଭିତର ପାହାଚ ନିକଟରେ କେହି ଜଣେ ଭକ୍ତ ବାନ୍ତି କରିଦେଇଥିବା ଦେଖିବାକୁ ମିଳିଥିଲା। ତେଣୁ ସଙ୍ଗେ ସଙ୍ଗେ ନୀତି ସମେତ ଭକ୍ତଙ୍କ ଦର୍ଶନ ଓ କବାଟ ବନ୍ଦ କରାଯାଇଥିଲା। ପରେ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ମହାସ୍ନାନ ନୀତି ପରେ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା।

## ପାରିବାରିକ କଳହରୁ ସ୍ୱାମୀଙ୍କ ବେକ କାଟିଲେ ସ୍ତ୍ରୀ

ଧରାକୋଟ,୧୮।୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ସରଧାପୁର ପଞ୍ଚାୟତ ବରିଗୁଡା ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରେ ଅତିଷ୍ଠ ହୋଇ ସ୍ତ୍ରୀ ଛୁରିରେ ସ୍ୱାମୀଙ୍କ ବେକ କାଟିଛନ୍ତି। ଗୁରୁତର ସ୍ୱାମୀ ରୋହିତ ପାତ୍ର(୪୫) ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, ବରିଗୁଡା ଗ୍ରାମର ରୋହିତ ଅଧିକାଂଶ ସମୟ ସ୍ତ୍ରୀଙ୍କ ସହ ଝଗଡ଼ା କରିବା ସହ ମାରପିଟ କରୁଥିଲେ। ଏଥିପାଇଁ ଘରେ ସବୁବେଳେ ଅଶାନ୍ତି ଲାଗି ରହୁଥିଲା। ଶନିବାର ରାତିରେ କୌଣସି ଏକ କଥାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ସ୍ୱାମୀଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ସ୍ତ୍ରୀ ଛୁରିରେ ତାଙ୍କ ବେକ ଓ ହାତକୁ କାଟିଥିଲେ। ରୋହିତ ଗୁରୁତର ଅବସ୍ଥାରେ ପଡ଼ି ରହିଥିବା ବେଳେ ଗାଁ ଲୋକେ ତାଙ୍କୁ ଆସିକା ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

# ସାପିଜେନ ବାୟୋଲଜିକ୍ସ ପରିଦର୍ଶନ କଲେ ପାଣ୍ଡିଆନ


ଭୁବନେଶ୍ୱର ଅନ୍ଧାରୁଆସ୍ଥିତ ବାୟୋଟେକ୍ ପାର୍କ ସାପିଜେନ ବାୟୋଲଜିକ୍ସ ପରିସରରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବୁଲି ଦେଖୁଛନ୍ତି।

ଭୁବନେଶ୍ୱର,୧୮।୨ (ସୁନିତ୍ ମିଶ୍ର)

- ଆସନ୍ତା ମେ'ରୁ ବ୍ୟବସାୟିକ ଭାବେ ଆରମ୍ଭ ହେବ ଟିକା ଉତ୍ପାଦନ
- ଦେଶର ସବୁଠୁ ବଡ଼ ଟିକା ଉତ୍ପାଦନ କାରଖାନା ହେବ

ଦେଶର ସର୍ବବୃହତ୍ ଟିକା ଉତ୍ପାଦନ କାରଖାନା ଓଡ଼ିଶାରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏହି କାରଖାନା ଦେଶରେ ସର୍ବବୃହତ୍ ଟିକା ଉତ୍ପାଦନ କାରଖାନା ହେବ ବୋଲି କୁହାଯାଉଛି। ଭୁବନେଶ୍ୱର ଅନ୍ଧାରୁଆସ୍ଥିତ ଓଡ଼ିଶା ବାୟୋଟେକ୍ ପାର୍କରେ ଥିବା ସାପିଜେନ୍ ବାୟୋଲୋଜିକ୍ସ ଟିକା କାରଖାନାରୁ ଦିନକୁ ବିଭିନ୍ନ ଟିକାର ୨.୪ କୋଟି ପାନ(ଡୋଜ) ଉତ୍ପାଦନ ହେବ। ଆସନ୍ତା ମେ' ମାସ ମଧ୍ୟରେ ଏଠାରୁ ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିବାକୁ ଯାଉଛି।

୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରବିବାର ଏହି କାରଖାନା ପରିଦର୍ଶନ କରି ଆସନ୍ତା ୩ ମାସ ମଧ୍ୟରେ ଏହାକୁ କାର୍ଯ୍ୟକ୍ଷମ କରିବା କ୍ଷେତ୍ରରେ ସମସ୍ତ ସହାୟତା ଯୋଗାଇ ଦେବାକୁ ସବୁ ସରକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ କାରଖାନାର ସବ୍ ୟୁନିଟ୍ ଗୁଡ଼ିକୁ ସେ ପରିଦର୍ଶନ କରି ମ୍ୟାନେଜମେଣ୍ଟ ଓ କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି। ଭାରତ ବାୟୋଟେକ୍ ପାର୍କର ଡ. କ୍ରିଷ୍ଣା ଏଲାଙ୍କ ନେତୃତ୍ୱରେ ୧୫୦୦ କୋଟି ଟଙ୍କା ନିବେଶରେ ଏହି କାରଖାନା କାର୍ଯ୍ୟକ୍ଷମ ହେବାକୁ ଯାଉଛି। ସର୍ବାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି କାରଖାନା ୧୫୦୦ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଓଡ଼ିଶାର ସ୍ଥାନୀୟ ଲୋକ ନିଯୁକ୍ତ ହୋଇଛନ୍ତି। କଲେରା, ମ୍ୟାଲେରିଆ ଭଳି ରୋଗ ପାଇଁ ଏହି କାରଖାନା ୧୫ରୁ ଅଧିକ ବିଭିନ୍ନ ଟିକା ଉତ୍ପାଦନ କରିବାକୁ ଯୋଜନା ରଖିଛି।

ଭୁବନେଶ୍ୱରରେ ଉତ୍ପାଦିତ ବିଭିନ୍ନ ଟିକା ବିଶ୍ୱର ଅନେକ ସ୍ଥାନକୁ ଯୋଗାଇ ଦିଆଯିବ। ଏଥିଯୋଗୁ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଓଡ଼ିଶାର ନାମ ସୁଦୃଢ଼ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଓଡ଼ିଶାର ମନ୍ତ୍ର 'ପ୍ରତ୍ୟେକ ଜୀବନ ମୂଲ୍ୟବାନ୍'କୁ ଅଧାର କରି ଏହି ପ୍ରକଳ୍ପ ପରିକଳ୍ପନା ହୋଇଛି। ଏଠାରୁ ଉତ୍ପାଦିତ ଟିକା ବିଶ୍ୱରେ ଲକ୍ଷାଧିକ ଲୋକଙ୍କ ଜୀବନକୁ ସୁରକ୍ଷିତ କରିବ। ସରକାରଙ୍କ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ପାଣ୍ଡିଆନ୍ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କ୍ୟାବିନେଟ୍ ଦ୍ୱାରା ନିକଟରେ ଅନୁମୋଦିତ ବାୟୋଟେକ୍ନୋଲୋଜି ନୀତି ସମ୍ପର୍କରେ ସେ ସୂଚନା ପ୍ରଦାନ କରିଛନ୍ତି। ଏହି ବୃହତ୍ ଉତ୍ପାଦନ କାରଖାନା ସହିତ ଆହୁରି ଅନେକ କମ୍ପ୍ଲିମେଣ୍ଟାରୀ ବାୟୋଟେକ୍ନୋଲୋଜି ଉତ୍ପାଦ ସମ୍ବନ୍ଧୀୟ କମ୍ପାନୀ ଓଡ଼ିଶା ବାୟୋଟେକ୍ ପାର୍କକୁ ଆକର୍ଷିତ ହେବେ। ଏଥିସହିତ ଏ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ଆସିବା ସହ ନିଯୁକ୍ତି ସୃଷ୍ଟି ହେବ ବୋଲି ପାଣ୍ଡିଆନ୍ ଆଶା ପ୍ରକାଶ କରିଛନ୍ତି। ୫-ଟି ଅଧ୍ୟକ୍ଷଙ୍କ ସହ ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା, ବୈଦ୍ୟୁତିକ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ପ୍ରମୁଖ ସଚିବ ମନୋଜ ମିଶ୍ର, ଇଡ୍‌କୋ ଏମ୍‌ଡି ଭୂପିନ୍ଦର ପୁନିଆଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ପତ୍ର ତୋଳିବାକୁ ଯାଇଥିବା ମହିଳାଙ୍କୁ ଗୁଳିମାଡ଼

ଭଞ୍ଜନଗର,୧୮।୨ (ବାବୁଲା ପ୍ରଧାନ)

## ଶିକାରୀଙ୍କ ଗୁଳି ଫୁଟିଥିବା ଆଶଙ୍କା

ପତ୍ର ତୋଳିବାକୁ ଜଙ୍ଗଲକୁ ଯାଇଥିବା ବେଳେ ଜଣେ ମହିଳାଙ୍କ ଦେହରେ ଗୁଳି ବାଜିଛି। ଗୁଳିଟି ତାଙ୍କର ପିଠିରେ ପଶିଯାଇଛି। ଗୁରୁତର ଅବସ୍ଥାରେ ମହିଳାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣା ଘଟିଛି ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ବେଡିଗୋବା ଗ୍ରାମରେ। ଗୁଳିମାଡ଼ରେ ଆହତ ହୋଇଥିବା ମହିଳା ହେଲେ ସ୍ୱପ୍ନା ସାହୁ(୩୫)।

ଶନିବାର ମହିଳା ଜଣକ ଖଲି ତିଆରି କରିବା ପାଇଁ ପତ୍ର ତୋଳିବାକୁ ତାଙ୍କ ମା'ଙ୍କ ସହ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ଏକ ଗୁଳି ତାଙ୍କ ଦେହରେ ବାଜିଥିଲା। ସେ ଚିତ୍କାର କରିବାରୁ ପାଖରେ ଥିବା ମା' ଆସି ତାଙ୍କୁ ଘରକୁ ନେଇ ଆସିଥିଲେ। ଅର୍ଥ ଅଭାବ ସାଙ୍ଗକୁ ଅଶିକ୍ଷିତ ଯୋଗୁ ଝିଅକୁ ଚିକିତ୍ସା ପାଇଁ ମେଡିକାଲ ଆଣି ନ ଥିଲେ। ରବିବାର ସ୍ୱପ୍ନାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ମେଡିକାଲ ଆଣିଥିଲେ। ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁଳି ମାଡ଼ର ପ୍ରକୃତ କାରଣ ଜଣାପଡ଼ିନାହିଁ। ଶିକାରୀ ବନ୍ଧୁକରୁ ଗୁଳି ମାଡ଼ ହୋଇଥିବା ଆଶଙ୍କା କରାଯାଉଛି। ଥାନା ଅଧିକାରୀ କୁମାର ମୁଦୁଲି କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ।

# ପ୍ରଥମ ପୃଷ୍ଠାରୁ

## ଭାରତୀୟ ମହିଳା...

ପ୍ରକାର କଳ୍ପନାଜଳ୍ପନା ଏଡାଇ ଦୁଇଥର ବ୍ରୋଞ୍ଜ ବିଜେତା ଥାଇଲାଣ୍ଡକୁ ପରାସ୍ତ କରି ଟାଇଟଲ ଜିତିବାରେ ସଫଳ ହୋଇଛି। ଏପ୍ରିଲ ୨୮ରୁ ମେ' ୫ ପର୍ଯ୍ୟନ୍ତ ଚାଇନାର ଚେଙ୍ଗଡୁଠାରେ ଉବର କପ୍ ଖେଳାଯିବ। ଭାରତୀୟ ମହିଳା ଦଳର ଏହି ସଫଳତା ଦଳର ମନୋବଳ ବୃଦ୍ଧିରେ ସହାୟକ ହେବ। ଏହି ଚାମ୍ପିୟନଶିପ୍‌ରେ ଭାରତ ଅତୀତରେ କେବଳ ଦୁଇ ପଦକ ହାସଲ କରିପାରିଥିଲା। ପୁରୁଷ ଦଳ ୨୦୧୬ ଓ ୨୦୨୦ ସଂସ୍କରଣରେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ରବିବାର ମହିଳା ଦଳର ଏହି ସଫଳତା ଭାରତୀୟ ବ୍ୟାଡ୍‌ମିଣ୍ଟନ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ବୋଲି ପୂର୍ବତନ କୋଚ୍ ବିମଲ କୁମାର କହିଛନ୍ତି। ଏଥିପାଇଁ ସେ ଯୁବ ଖେଳାଳିଙ୍କୁ ଶ୍ରେୟ ଦେଇଛନ୍ତି। ଭାରତ ଥୋମାସ କପ୍ ଜିତିବାବେଳେ ସମାନ ଅନୁଭବ ହୋଇଥିଲା। ଯଦିଓ ପ୍ରତିଯୋଗିତାରେ ଅଧିକାଂଶ ଦଳ ଭଳି ଥାଇଲାଣ୍ଡ ପୂର୍ଣ୍ଣ ଶକ୍ତିସମ୍ପନ୍ନ ଦଳ ନ ଥିଲା ତେବେ ଏହି ଦଳରେ ବହୁ ଉଚ୍ଚ ର୍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ରହିଥିଲେ। ବିଶ୍ୱର ୧୩ ନମ୍ବର ରାଚାନକ ଇଣ୍ଟାନନ ଏବଂ ୧୬ର୍ୟାଙ୍କିଙ୍ଗପ୍ରାପ୍ତ ପର୍ନପାୱି ଚୋଚୁଓଙ୍ଗଙ୍କ ବିନା ଥାଇଲାଣ୍ଡ ଏହି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିଲା। ୪ ମାସ ଇଞ୍ଜୁରୀ ରହିବା ପରେ ପ୍ରତିଯୋଗିତାକୁ ଫେରିଥିବା ଦୁଇଥର ଅଲିମ୍ପିକ ପଦକ ବିଜେତା ସିନ୍ଧୁ ଦଳ ପାଇଁ ଭଲ ଆରମ୍ଭ କରିଥିଲେ। ସେ ପ୍ରଥମ ସିଙ୍ଗଲ୍ସରେ ବିଶ୍ୱର ୧୭ ନମ୍ବର ସୁପାନିଦା କେଟ୍‌ଥଙ୍ଗଙ୍କୁ ୨୧-୧୨, ୨୧-୧୨ରେ ପରାସ୍ତ କରି ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ବିଶ୍ୱର ୨୩ ନମ୍ବର ଯୋଡ଼ି ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ପ୍ରତିଯୋଗିତାରେ ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ବିଶ୍ୱର ୧୦ନମ୍ବର ଯୋଡ଼ି ଜଙ୍ଗ୍‌କୋଲଫାନ୍ କିଟିଥାରାକୁଲ ଓ ରାୱିଣ୍ଡା ପ୍ରା ଜଙ୍ଗଜାଇଙ୍କୁ ୨୧-୧୬, ୧୮-୨୧, ୨୧-୧୬ରେ ପରାସ୍ତ କରି ଦଳରୁ ସ୍ଥିତିକୁ ସୁଦୃଢ଼ କରିଥିଲେ। ତେବେ ଶନିବାର ପୂର୍ବତନ ବିଶ୍ୱ ଚାମ୍ପିୟନ ଜାପାନର ନୋଜୋମି ଓକୁହାରାଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଥିବା ଅସ୍ମିତା ଛଲିଆ ଦ୍ୱିତୀୟ ସିଙ୍ଗଲ୍ସରେ ବିଶ୍ୱର ୧୮ନମ୍ବର ର୍ୟାଙ୍କିଙ୍ଗ ତଥା ଅଭିଜ୍ଞ ବୁସାନାନ ଅଙ୍ଗବାମ୍‌ରଙ୍ଗଫାନ୍‌ଙ୍କଠାରୁ ୧୧-୨୧, ୧୪-୨୧ରେ ପରାଜିତ ହୋଇଯାଇଥିଲେ। ପରେ ସିନିୟର ଜାତୀୟ ଚାମ୍ପିୟନ ଯୁବ ଯୋଡ଼ି ଶ୍ରୁତି ମିଶ୍ର ଓ ପ୍ରିୟା କୋନ୍‌ଜେଙ୍ଗବାମ୍ ବିଶ୍ୱର ୧୩ ନମ୍ବର ଯୋଡ଼ି ବେନ୍ୟାପା ଏମ୍‌ସାର୍ଦ୍ଦ ଓ ନୁତାକର୍ନ ଏମ୍‌ସାର୍ଦ୍ଦଙ୍କଠାରୁ ୧୧-୨୧, ୯-୨୧ରେ ସ୍ୱାଭାବିକ ହାରିଯାଇଥିଲେ। ଏହି ପରାଜୟ ଦ୍ୱାରା ମୁକାବିଲା ୨-୨ ସ୍ତରକୁ ଚାଲି ଆସିଥିଲା। ଶେଷରେ ଅନମୋଲ ପୁଣି ସଙ୍କଟ ମୋଚକ ଭାବେ ଉଭା ହୋଇ ତୃତୀୟ ସିଙ୍ଗଲ୍ସରେ ବିଶ୍ୱର ୪୫ ନମ୍ବର ଖେଳାଳି ପର୍ନପିଚା ଚୋକିଓଙ୍ଗଙ୍କୁ ୨୧-୧୪, ୨୧-୯ରେ ପରାସ୍ତ କରି ଭାରତକୁ ବିଜୟୀ କରାଇଥିଲେ।

## ପିଓକେରେ ଚାଇନା...

ସୁଗମ କରିବା ଉଦ୍ଦେଶ୍ୟରେ ଏଲ୍‌ଓସି ଏବଂ ଅନ୍ତର୍ଜାତୀୟ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଟେଲିକମ୍ ଟାୱାରଗୁଡ଼ିକୁ ରଣନୈତିକ ଦୃଷ୍ଟିରୁ ସ୍ଥାପନ କରାଯିବା ଜାତିସଂଘ ଅଧୀନ ଇଣ୍ଟରନ୍ୟାଶନାଲ ଟେଲିକମ୍ୟୁନିକେଶନ୍ ୟୁନିୟନ୍ (ଆଇଟିୟୁ) ସମ୍ବିଧାନର ଅନୁଚ୍ଛେଦ ୪୫ର ଉଲ୍ଲଂଘନ। ଆଇଟିୟୁ ସମ୍ବିଧାନର ଅନୁଚ୍ଛେଦ ୪୫ ଅନୁସାରେ ଜାତିସଂଘର ୧୯୩ସଦସ୍ୟ ରାଷ୍ଟ୍ର ଏଭଳି ସିଗ୍‌ନାଲ ବିସ୍ତାର ରୋକିବା ପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ଉଚିତ। ଆତଙ୍କବାଦୀ କାର୍ଯ୍ୟରେ ଏହାର ବ୍ୟବହାର ରୋକିବା ଉପରେ ଆଇଟିୟୁ ଅଧୀନସ୍ଥ ରେଡିଓକମ୍ୟୁନିକେଶନ୍ ବ୍ୟୁରୋ ପୁଣି ଗୁରୁତ୍ୱାରୋପ କରିଛି। କେନ୍ଦ୍ର ସରକାର ମଧ ଏହି ପ୍ରସଙ୍ଗରେ ଗମ୍ଭୀରତା ସହ ନେଇଛନ୍ତି। ପୂର୍ବରୁ ମଧ ୧୯୯୯ ଓ ୨୦୨୦ରେ ପାକିସ୍ତାନୀ ଏଜେଣ୍ଟମାନେ ଏଭଳି କାର୍ଯ୍ୟ ପାଇଁ ଉଦ୍ୟମ ଚଳାଇଥିଲେ, ଯାହାକୁ ଭାରତୀୟ ସେନା ପଣ୍ଡ କରିଦେଇଥିଲା। ବର୍ତ୍ତମାନ ପାକିସ୍ତାନୀ କର୍ତ୍ତୃପକ୍ଷଙ୍କ ସହଯୋଗରେ ପିଓକେ ଆତଙ୍କବାଦୀଙ୍କ ଉଦ୍ୟମ ମଧ ଅନୁରୂପ ଭାବେ ପଣ୍ଡ ହେବ ବୋଲି ସେନା ଅଧିକାରୀମାନେ ପ୍ରକାଶ କରିଛନ୍ତି।

# ଦିନ ୧୦ରୁ ଟିକେଟ ଶେଷ

## ଖଣ୍ଡଗିରି ମେଳାରେ ଆରମ୍ଭ ହେଲା ଯାତ୍ରା ମହାସମର

ଭୁବନେଶ୍ୱର,୧୮।୨(ଶର୍ମିଷ୍ଠା ପାଣିଗ୍ରାହୀ)





ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା ଅବସରରେ ରବିବାରଠୁ ଖଣ୍ଡିଗିରି ଯାତ୍ରା ମହାସମର ଆରମ୍ଭ ହୋଇଛି। ପ୍ରଥମ ଦିନରେ ଦର୍ଶକଙ୍କୁ ଆକର୍ଷିତ କରୁଥିବା ଭଳି ନାଟକ ଥିବାରୁ ଭିଡ଼ ଢେର ଦେଖିବାକୁ ମିଳିଛି। ଏମିତିକି ଦିନ ୧୦ଟାରୁ ସାଧାରଣ ବର୍ଗ ଟିକେଟ ସରିଯାଇଥିଲା। ହେଲେ ବି ଟିକେଟ କାଉଣ୍ଟରରେ କାହିଁରେ କେତେ ଭିଡ଼ ଲାଗି ରହିଥିଲା। ଅଗ୍ରିମ ଟିକେଟ ବୁକ୍ ପାଇଁ ଲାଇନ ଲାଗିଥିଲା। ରବିବାର ୫ଟି ପେଣ୍ଡାଲରେ ଯାତ୍ରା ପରିବେଷଣ ହୋଇଥିବାବେଳେ ସବୁତକ ନାଟକ ଦର୍ଶକଙ୍କୁ ଏକ ଆବେଗରେ ବାନ୍ଧି ରଖିଥିଲା। ଶୀର୍ଷକରୁ ହିଁ ନାଟକଗୁଡ଼ିକ ଆଖି ଭିଜାଇବ ବୋଲି କୁହାଯାଉଥିବାବେଳେ ତାହା ହିଁ ଦେଖିବାକୁ ମିଳିଥିଲା।

### ଦୈତାରିଙ୍କ ଭୁଲ୍‌କୁ ବାଃ ବାଃ

ସନାତନ ସେବା ସମିତି (ଖଣ୍ଡଗିରି-ଘାଟିକିଆ) ପେଣ୍ଡାଲରେ କୋଣାର୍କ ଗଣନାଟ୍ୟ 'ସେଇ ଗୋଟିଏ ଭୁଲ ପାଇଁ' ଭଳି ନାଟକ ଦର୍ଶକଙ୍କୁ ଭେଟି ଦେଇଛି। ନାୟକ ଭୂମିକାରେ ସୁବାସ, ଜିତୁ, ମୁନା, ରତି ନାୟକ ଓ ନାୟିକା ଭାବେ ଶିବାନୀଙ୍କୁ ଦର୍ଶକମାନେ ଦେଖିବାକୁ ପାଇବେ। ଖଳନାୟକ ଭୂମିକାରେ ଦୈତାରି ପଣ୍ଡାଙ୍କ ଅଭିନୟ ଦର୍ଶକ ଦେଖିବାକୁ ପାଇଥିଲେ। ଦୈତାରିଙ୍କ ଭୁଲ୍ ସମଗ୍ର ନାଟକକୁ ଭିନ୍ନ ମୋଡ଼ ଦେଇଥିଲା, ଯାହାକୁ ଦେଖି ଦର୍ଶକ ବାଃ ବାଃ କରିଥିଲେ।

### ରାଣୀ ପଣ୍ଡାଙ୍କୁ ଖଣ୍ଡଗିରି ମନା

ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ଓଡ଼ିଶାର ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ ଗୌରୀ ଗଣନାଟ୍ୟ ଯାତ୍ରା ମହାସମରକୁ ଓହ୍ଲାଇଥିଲା । ରାଣୀ ପଣ୍ଡାଙ୍କ ଜୀବନର ବାସ୍ତବ ଘଟଣାକୁ ନେଇ ପ୍ରସ୍ତୁତ'ରାଣୀ ପଣ୍ଡାଙ୍କୁ ଖଣ୍ଡଗିରି ମନା' ନାଟକ ଦର୍ଶକମାନଙ୍କୁ ଏକ ନିଆରା ଅନୁଭବ ଆଣି ଦେଇଥିଲା। ଏକ ପ୍ରକାର ଏହି ନାଟକକୁ ନେଇ ଲୋକେ ଅଧିକ ଉତ୍ସାହିତ ଥିଲେ। ଚର୍ଚ୍ଚିତ କଳାକାର ରାଣୀ ପଣ୍ଡାଙ୍କ କାହାଣୀକୁ ବେଶ୍ ସୁନ୍ଦର ଭାବେ ଦର୍ଶକଙ୍କ ପାଖରେ ଉପସ୍ଥାପନ କରାଯାଇଥିଲା। ସେ ନାଟକର ନାୟିକା ଭୂମିକାରେ ଥିବା ବେଳେ ନାୟକ ରୂପରେ ମାନସ ପଣ୍ଡା ଓ ଖଳନାୟକ ରଞ୍ଜିତ ପାତ୍ରଙ୍କୁ ଦେଖିବାକୁ ମିଳିଥିଲା ।

### କାନ୍ଦେନାରେ ବାଇଆ ମନ

ଇନ୍ଦିରା ସାଂସ୍କୃତିକ ପରିଷଦ (ଖଣ୍ଡଗିରି-ଜାଗମରା)ରେ ଯାତ୍ରା ମହାରଥୀ କଳିଙ୍ଗ ଗଣନାଟ୍ୟ 'କାନ୍ଦେନାରେ ବାଇଆ ମନ' ନାଟକକୁ ନେଇ ମଇଦାନକୁ ଓହ୍ଲାଇଥିଲା। ଏହି ନାଟକରେ ସୁରେଶ ପଣ୍ଡା ମୁଖ୍ୟ ନାୟକ ଓ ଭାବନାଙ୍କୁ ନାୟିକା ଭୂମିକାରେ ଦର୍ଶକ ଦେଖିବାକୁ ପାଇଥିଲେ।

### ଦେବଦାସୀ ହେବି ତୋରି ପାଇଁ

ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ (ଆଇଗିଣିଆ-ଢୁମୁଡୁମା) ମଞ୍ଚରେ ଅପେରା ସାଇ ସମ୍ରାଟ 'ଦେବଦାସୀ ହେବି ତୋରି ପାଇଁ' ନାଟକକୁ ନେଇ ଯାତ୍ରା ମଇଦାନକୁ ଆସିଥିଲା। ଶଙ୍ଖାଳି-ସତ୍ୟ-ବୁଲ୍‌ବୁଲ୍ ହିରୋ ଏବଂ ଟିକିନା-ଟିକିଲି-ତମସା ହିରୋଇନ ଭୂମିକାରେ ଅଭିନୟ କରିଥିବା ବେଳେ ଖଳନାୟକ ଭୂମିକାରେ ରବିବ୍ରହ୍ମାଙ୍କ ଅଭିନୟ ଦେଖିବାକୁମିଳିଥିଲା।

### କାନ୍ଦେନାରେ ଲୁହ ସରିଯିବ

ମା ମଙ୍ଗଳା ଯୁବ ପରିଷଦ ମଞ୍ଚରେ ମା ଦୁର୍ଗା ମନ୍ଦିର 'କାନ୍ଦେନାରେ ଲୁହ ସରିଯିବ'କୁ ନେଇ ଦର୍ଶକଙ୍କ ପାଖେ ପହଞ୍ଚିଥିଲା। ନାୟକ ଓ ନାୟିକା ଭୂମିକାରେ ରୁଦ୍ର, ହୃଷି ଓ ମାମାଙ୍କ ଅଭିନୟ ଦେଖିବାକୁ ମିଳିଥିଲେ। ଖଳନାୟକ ଲକ୍ଷ୍ମୀଧରଙ୍କ ଅଭିନୟ ଦର୍ଶକଙ୍କ ମନ ମୋହିଥିଲା।




## ଖଣ୍ଡଗିରି-ଉଦୟଗିରି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ପ୍ରଜ୍ଞା, ଆଶୁତୋଷଙ୍କ ସଙ୍ଗୀତରେ ମତୁଆଲା ଶ୍ରୋତା

ଖଣ୍ଡଗିରି ଉଦୟଗିରି ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଖଣ୍ଡଗିରି ପାଛିକାଠାରେ ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଲ୍ୟାଣ ପକ୍ଷରୁ ଆୟୋଜିତ ଏହି ଉତ୍ସବର ସନ୍ଧ୍ୟାକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଆର୍‌ଡିଏସ୍କ ଡାନ୍ସ ଗ୍ରୁପର କଳାକାର ଗଣେଶ ବନ୍ଦନା ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଓଡ଼ିଶୀ ନୃତ୍ୟାଙ୍ଗନା ଶ୍ରାବଣୀ ଦାସଙ୍କ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପରେ ସୁର ସାଗର ମ୍ୟୁଜିକାଲ ଗ୍ରୁପ୍ ଦୀପକ କୁମାରଙ୍କ ଦ୍ୱାରା ବର୍ଣ୍ଣାଢ଼୍ୟ ସଙ୍ଗୀତ କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର କଣ୍ଠଶିଳ୍ପୀ ଆଶୁତୋଷ ମହାନ୍ତିଙ୍କ ଓଷଦ ନେଇଆ..., ପ୍ରଜ୍ଞା ହୋତାଙ୍କ ବେବି ଓ ବେବି... ଏବଂ କୃଷ୍ଣ ଚନ୍ଦ୍ର ସେଠୀଙ୍କ କଣ୍ଠରେ ଅକ୍ଷୟ ମହାନ୍ତିଙ୍କ ଗୀତ ଦର୍ଶକଙ୍କୁ ମତୁଆଲା କରିଥିଲା।





# ଜବରଦଖଲ ହଟାଇବାରେ ଫେଲ୍ ମାରୁଛି ବିଡିଏ

## ଶାମପୁରରେ ପୁଣି ଜବର ଦଖଲକାରୀଙ୍କ ରାଜ୍

■ ସାଇନ୍ ବୋର୍ଡ, ସୁରକ୍ଷା କର୍ମୀ ଜଗାଇ ବିଡିଏ ଅଧିକାରୀ ନୀରବ

ଭୁବନେଶ୍ୱର, ୧୮।୨ (ବନ୍ଦନା ସେଠୀ)



ଶାମପୁରରେ ଜବରଦଖଲ ଉଚ୍ଛେଦ ସମୟର ଫଟୋ।

ନିଜ ଜମିକୁ ସୁରକ୍ଷା ଦେବାରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ବିଫଳ ହେଉଛି। ଆଫର୍ଡେବ୍‌ଲ ହାଉସିଂ ପ୍ରକଳ୍ପ ନାଁରେ ସାଧାରଣ ପ୍ରଶାସନ ବିଭାଗ ଶାମପୁର ମୌଜାରେ ବିଡିଏକୁ ଦେଇଥିବା ୬୮.୪୪୫ ଏକର ଜମିରୁ ବେଆଇନ ନିର୍ମାଣ ହଟିବା ବଦଳରେ ବଢୁଥିବା ନଜରକୁ ଆସିଛି। ଜାନୁଆରୀ ୨୯ରେ ତରବରିଆ ଭାବେ ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍ ବିନା ପୋଲିସ ସହାୟତାରେ ଉଚ୍ଛେଦ କରିବାକୁ ଯାଇ କିଛି ମୂଳଦୁଆ ଓ ପାଚେରି ଭାଙ୍ଗି ଫେରିଥିଲା। ଇତି ମଧ୍ୟରେ ୨୦ଦିନ ବିତିଥିବାବେଳେ ଦ୍ୱିତୀୟଥର ଉଚ୍ଛେଦ କଥା ତ ଦୂରର କଥା ଏନେଇ ପରବର୍ତ୍ତୀ ଆଲୋଚନା ମଧ୍ୟ କରାଯାଇନାହିଁ। ଫଳରେ ଉକ୍ତ ଜମିରେ ପୁଣି ବେଧଡ଼କ ନିର୍ମାଣ ଚାଲୁଥିବା ନଜରକୁ ଆସିଛି।

ବିଡିଏର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନାନୁଯାୟୀ, ଉକ୍ତ ଜମିକୁ ଡିମାର୍କେଶନ ପରେ ସୁରକ୍ଷିତ କରିବାକୁ ୨ସିଫ୍ଟରେ ୪ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି। ସେହିପରି ଏହା ସରକାରୀ ସମ୍ପତ୍ତି ଅନୁପ୍ରବେଶ ଦଣ୍ଡନୀୟ ବୋଲି ସ୍ଥାନେ ସ୍ଥାନେ ସାଇନବୋର୍ଡ ଲଗାଯିବା ସହ ୧୪୪ ଧାରା ମଧ୍ୟ ଜାରି ହୋଇଛି। ମାତ୍ର ସମ୍ପୃକ୍ତ ଅଞ୍ଚଳର କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରରୋଚନାରେ ବେଆଇନ ଜବରଦଖଲ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ବିଡିଏ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ଅଭିଯୋଗ କରିଥିଲେ ମଧ୍ୟ ମାମଲା ଇଓଡବ୍ଲ୍ୟୁ ଲିଗାଲ ସେଲରୁ ଆଗକୁ ବଢିପାରୁନାହିଁ। ଗୋଟେପଟେ ବିଡିଏ ଅଧିକାରୀଙ୍କୁ ଜବର ଦଖଲକାରୀ ନାଲି ଆଖି ଦେଖାଉଥିବା ବେଳେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାରେ ବିଡିଏ ବିଫଳ ହେଉଛି।

ମିଳିଥିବା ସୂଚନା ଅନୁଯାୟୀ, ବିଡିଏ ଜଗାଇଥିବା ସୁରକ୍ଷାକର୍ମୀଙ୍କ ଆଗରେ ହିଁ ଜବରଦଖଲକାରୀମାନେ ଘର ତିଆରି କରୁଛନ୍ତି। ମାତ୍ର ୨୦୦ ଜବରଦଖଲକାରୀଙ୍କ ଆଗରେ ୨ଜଣ ସୁରକ୍ଷାକର୍ମୀ ଚୁପ୍ ହୋଇ ବସିଛନ୍ତି। ସେମାନେ ବିଡିଏ ଅଧିକାରୀଙ୍କୁ ଅବଗତ କରାଉଥିଲେ ମଧ୍ୟ ପୋଲିସ ଫୋର୍ସ ମିଳିଲେ ଉଚ୍ଛେଦ କରାଯିବ ବୋଲି ଉତ୍ତର ମିଳୁଥିବା ଜଣାପଡ଼ିଛି। ରାଜଧାନୀ ଭୁବନେଶ୍ୱରରେ ସରକାରୀ ଜମି ଜବରଦଖଲରୁ ମୁକୁଳି ପାରୁ ନ ଥିବାବେଳେ ଉପକଣ୍ଠରେ ସ୍ଥିତି କ'ଣ ଥିବ ତାହା ଅନୁମେୟ।

### ଫୋର୍ସ ମିଳିଲେ ଖୁବ୍‌ଶୀଘ୍ର ଉଚ୍ଛେଦ ହେବ

ବିଧାନସଭା ଚାଲିବା ପୂର୍ବରୁ ବିଡିଏ ନିଜ ଏନ୍‌ଫୋର୍ସମେଣ୍ଟ ଟିମ୍ ନେଇ ଉଚ୍ଛେଦ କରିବାକୁ ପ୍ରୟାସ କରିଥିଲା। ପ୍ରାରମ୍ଭିକ ପ୍ରୟାସରେ ବିଡିଏ ଆଂଶିକ ସଫଳ ହୋଇ ଘର ପାଚେରି ଓ ମୂଳଦୁଆ ଭାଙ୍ଗି ଫେରିଥିଲା। ପରେ ବିଧାନସଭା ଚାଲିବାରୁ ବିଡିଏକୁ ଆବଶ୍ୟକ ଫୋର୍ସ ମିଳିଲା ନାହିଁ। ତେଣୁ ବିଡିଏ ଉଚ୍ଛେଦକୁ ସାମୟିକ ଭାବେ ସ୍ଥଗିତ ରଖିଥିଲା। ଏହା ସାଙ୍ଗକୁ ସହରରେ ଭାଷା ସମ୍ମିଳନୀ ଓ ସମାନ୍ତରାଳ ଭାବେ ଏକାମ୍ର ଉତ୍ସବ ମଧ୍ୟ ଚାଲୁଥିଲା। ବିଡିଏ ଏହାର ଆୟୋଜନ ଦାୟିତ୍ୱ ନେଇଥିଲା। ଏବେ ବିଧାନସଭା ଶେଷ ହୋଇଥିବାବେଳେ ଖୁବଶୀଘ୍ର ଉଚ୍ଛେଦ ଲାଗି ତାରିଖ ଧାର୍ଯ୍ୟ ହେବ ବୋଲି ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂହ ସୂଚନା ଦେଇଛନ୍ତି।

# ଉତ୍କଳ ସମ୍ମିଳନୀ ପକ୍ଷରୁ ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୧୮।୨ (ବନ୍ଦନା ସେଠୀ)

ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ରବିବାର ସମ୍ମିଳନୀର କେନ୍ଦ୍ରୀୟ କାର୍ଯ୍ୟାଳୟଠାରେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ତେବେ ସମ୍ବର୍ଦ୍ଧନା ଗ୍ରହଣ କରିବା ଅବସରରେ ଦେବୀପ୍ରସନ୍ନ କହିଛନ୍ତି, ପଦ୍ମଶ୍ରୀ ପୁରସ୍କାର ସହିତ ଦେଶ ବିଦେଶରୁ ବହୁ ସମ୍ମାନ ପାଇଛି, ମାତ୍ର ନିଜ ମାଟିରେ ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ବର୍ଦ୍ଧିତ ହେବା ମୋ ପାଇଁ ଗର୍ବ ଓ ଗୌରବର ବିଷୟ। କାର୍ଯ୍ୟକ୍ରମରେ ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ମୁଖ୍ୟ ଉପଦେଷ୍ଟା ତଥା ପ୍ରତିଷ୍ଠାତା ସଭାପତି କୃପାସିନ୍ଧୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଆ ଭାଷାକୁ ବ୍ୟବହାର କରିବା ପାଇଁ ଶପଥ ନେବା ଆବଶ୍ୟକ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ. ଜୟନ୍ତ କୁମାର ପରିଡା, ସୀତାବଲ୍ଲଭ ମହାପାତ୍ର ଓ ପବିତ୍ର ମୋହନ ମହାରଥା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମ୍ମିଳନୀ ସଭାପତି ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିବାବେଳେ ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ସଭା ପରିଚାଳନା କରିଥିଲେ। ସମ୍ମିଳନୀର ଉପସଭାପତି ଡ. ସୁରେନ୍ଦ୍ର ମିଶ୍ର ଅତିଥି ପରିଚୟ ଓ ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ଦେବବ୍ରତ ମଦନରାୟ ପାଇବେ କିଶୋରୀଚରଣ ଶତବାର୍ଷିକୀ ପୁରସ୍କାର

କଟକ,୧୮।୨ (କାର୍ତ୍ତିକ ସାହୁ)

କିଶୋରୀଚରଣ ସ୍ମୃତି ସଂସଦ ପକ୍ଷରୁ ବିଶିଷ୍ଟ କଥାକାର ଦେବବ୍ରତ ମଦନରାୟଙ୍କୁ କିଶୋରୀଚରଣ ଶତବାର୍ଷିକୀ ପୁରସ୍କାର ପ୍ରଦାନ କରାଯିବ। ଆସନ୍ତା ମାର୍ଚ୍ଚ ୧ ତାରିଖ ସନ୍ଧ୍ୟାରେ କଟକ ଶତାବ୍ଦୀ ଭବନଠାରେ କିଶୋରୀ ଚରଣ ଦାସ ଜନ୍ମ ଶତବାର୍ଷିକ ସମାରୋହ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ମଦନରାୟଙ୍କୁ ପୁରସ୍କୃତ କରାଯିବ। ସେହିପରି ଚେନାଏ ସଫେଦ୍ ଆକାଶ ଗଳ୍ପ ପୁସ୍ତକ ପାଇଁ ଯୁବ କଥାଶିଳ୍ପୀ ସ୍ନେହଲତା ଦାସଲେଙ୍କା, ଖଙ୍ଗାର ଗଳ୍ପ ପୁସ୍ତକ ପାଇଁ ସୁଧୀର କୁମାର ଧାଙ୍ଗଡ଼ାମାଝୀ ଓ ପିନ୍‌କୋଡ୍ ଗଳ୍ପ ପୁସ୍ତକ ପାଇଁ ଯୋଗେଶ୍ୱର ପଣ୍ଡାଙ୍କୁ କିଶୋରୀଚରଣ ପୁରସ୍କାର ପ୍ରଦାନ କରାଯିବ। ଏ ସମ୍ପର୍କରେ ସ୍ମୃତି ସଂସଦର ସମ୍ପାଦକ ପ୍ରଫେସର ବିଜୟାନନ୍ଦ ସିଂହ ଜଣାଇଛନ୍ତି। ସୂଚନାଯୋଗ୍ୟ, କଥାକାର ମଦନରାୟଙ୍କ ରଚିତ ଆଲୁଅର ଛାଇ, ସୂର୍ଯ୍ୟର ଅନେକ ରଙ୍ଗ, ଦୁଃଖ ଅରଣ୍ୟ, କହ୍ନେଇର ବଂଶୀ, ଦୃଶ୍ୟ, ସ୍ୱର୍ଗାରୋହଣ ଭଳି ୨୩ ଖଣ୍ଡ ଗଳ୍ପ ସଙ୍କଳନ ଏବଂ କ୍ରୁଶବିଦ୍ଧ ଓ ନିର୍ବାଣ ପରି ଉପନ୍ୟାସ ଓଡ଼ିଆ କଥାସାହିତ୍ୟକୁ ସମୃଦ୍ଧ କରିଛି। ସେ ଦୀର୍ଘ ୪ ଦଶନ୍ଧି ଧରି ଗଳ୍ପ-ଉପନ୍ୟାସ ରଚନା କରିବା ସହିତ ନବଲିପି ଭଳି ପତ୍ରିକା ସମ୍ପାଦନା କରିଆସୁଛନ୍ତି।

# ବିଏମ୍‌ସି ନର୍ଥ ଜୋନ୍‌ରେ 'ଆମ ଓଡ଼ିଶା ନବୀନ ଓଡିଶା'




'ଆମ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାଶ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୮।୨ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ରବିବାର ନର୍ଥ ଜୋନ୍‌ରେ 'ଆମ ଓଡିଶା ନବୀନ ଓଡିଶା' (ସହରୀ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଶାନ୍ତି ବିହାର ଦୁର୍ଗା ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ସୁଲୋନଚା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ବିଏମ୍‌ସି ଅଞ୍ଚଳର ବିକାଶ ତଥା ରୂପାନ୍ତରୀକରଣ ହେଉଛି କି ନାହିଁ ତାହା ଲୋକମାନେ ମର୍ମେ ମର୍ମେ ଅନୁଭବ କରୁଛନ୍ତି। ୧୦ବର୍ଷ ପୂର୍ବର ଭୁବନେଶ୍ୱର ଚିତ୍ର ଆଜି ସଂପୂର୍ଣ୍ଣ ବଦଳି ଯାଇଥିବାବେଳେ ଆଗାମୀ ଦିନରେ ଆହୁରି ବିକାଶମୂଳକ କାମ ହେବାକୁ ଯାଉଛି ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଦ୍ୱାରା ବିଏମ୍‌ସିର ନର୍ଥ ଜୋନ୍‌ରେ ଥିବା ୱାର୍ଡରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାମ ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ତଥ୍ୟ ପ୍ରଦାନ କରିଥିଲେ। ସ୍ଥାନୀୟ କର୍ପୋରେଟର ପ୍ରତିନନ୍ଦା ରାଉତରାୟ, ମିହିର କୁମାର ରାଉତ ଏବଂ ମୋନାଲିସା ବେହେରା ଉପସ୍ଥିତ ଥିଲେ। ଡେପୁଟି କମିଶନର ପ୍ରିୟଦର୍ଶିନୀ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଜଣେ ସୁଖୀଲୋକର ଡାଏରି' ଲୋକାର୍ପିତ

ଭୁବନେଶ୍ୱର,୧୮।୨(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶିଷ୍ଟ ଶିକ୍ଷାବିତ ଅରୁଣ କୁମାର ନାୟକଙ୍କ ଆତ୍ମଜୀବନୀ 'ଜଣେ ସୁଖୀଲୋକର ଡାଏରୀ' ଟାଇମ୍‌ପାସ ପ୍ରକାଶନ ପକ୍ଷରୁ ରବିବାର ରେଡକ୍ରସ ଭବନରେ ଲୋକାର୍ପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଲେଖକ ଅଧ୍ୟାପକ ବିଶ୍ୱରଞ୍ଜନ କହିଲେ, ଆତ୍ମଜୀବନୀ ଓଡ଼ିଆ ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ନିଜକୁ ଲେଖିବା ସହଜ ନୁହେଁ, କିନ୍ତୁ ଲେଖକ ଅରୁଣ ନାୟକ ଅତ୍ୟନ୍ତ ସହଜ ଓ ସରଳ ଢଙ୍ଗରେ ନିଜକୁ ଲେଖି ପାରିଛନ୍ତି। ଲେଖକ ତପନ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଶିଷ୍ଟ କଥାକାର ଗୌରହରି ଦାସ ଯୋଗଦେଇଥିଲେ। ପ୍ରକାଶକ ସରୋଜ ବଳ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଉତ୍ସବ ସଞ୍ଚାଳନ କରିଥିଲେ। ଲେଖକୀୟ ବକ୍ତବ୍ୟରେ ଅରୁଣ କୁମାର ନାୟକ ତାଙ୍କ ସଂଘର୍ଷମୟ ଜୀବନ ଓ ପ୍ରାପ୍ତିର କଥା ବର୍ଣ୍ଣନା କରିଥିଲେ। ଅର୍ପିତା ପତି ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ କାର୍ଯ୍ୟକ୍ରମର ଶେଷସ୍ପର୍ଶ ଦେଇଥିଲେ ଶତ୍ରୁଜିତ। ଏହି ପୁସ୍ତକପର୍ବରେ ପଞ୍ଚାନନ କାନୁନ୍‌ଗୋ, ଅଜୟ ସ୍ୱାଇଁ, ସରୋଜିନୀ ସାହୁ, ରମେଶ ପଟ୍ଟନାୟକ, ଗୋଲାପ ମଞ୍ଜରୀ କର, ସୁଷମା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଦୋକାନ ସିଲ୍‌କୁ ବିରୋଧ, ଟାୟାର ଜାଳି ପ୍ରତିବାଦ

ଭୁବନେଶ୍ୱର, ୧୮।୨ (ବନ୍ଦନା ସେଠୀ)



ରାସ୍ତାଘାଟରେ ଅଳିଆ ପକାଇଲେ କାର୍ଯ୍ୟାନୁଷ୍ଠାନ ହେବ। ସେହିପରି ଯେଉଁ ବ୍ୟବସାୟୀମାନେ ନିଜ ଦୋକାନ ଆଖପାଖ ୫ମିଟର ପରିମିତ ଅଞ୍ଚଳକୁ ଅପରିଷ୍କାର ରଖିବେ ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଏମ୍‌ସି କଡ଼ା ନିୟମ କରିଛି। ମାତ୍ର ଏହି ନିୟମ ପାଳନ କରିବାକୁ ଯାଇ କେତେବେଳେ ବିଏମ୍‌ସିର ୱାର୍ଡ ଅଫିସର, ସାନିଟାରୀ ଇନ୍ସପେକ୍ଟର ହରଡ଼ଘଣାରେ ପଡୁଥିବାବେଳେ ଆକ୍ରୋଶର ଶିକାର ହେଉଛନ୍ତି। ରବିବାର ୱାର୍ଡ ନଂ. ୧୧ ଅନ୍ତର୍ଗତ ଭିଏସ୍‌ଏସ୍‌ନଗରରେ ସାନିଟାରି ଇନ୍ସପେକ୍ଟର ପୌମେନ୍ଦ୍ର ଓ ତାଙ୍କ ଟିମ୍ ବୁଲିବା ସମୟରେ ଆଇଏଚ୍‌ଏମ୍ ଇନ୍‌ଷ୍ଟିଚ୍ୟୁଟ୍ ପାଖରେ ଥିବା ଚିଲିକା ଫ୍ରେଶ୍ ଆଗରେ ଆବର୍ଜନା ପଡିଥିବା ଦେଖିଥିଲେ। ଫଳରେ ଉକ୍ତ ଟିମ୍ ସମ୍ପୃକ୍ତ ଦୋକାନକୁ ସିଲ୍ କରିଥିଲା। ତେବେ ଏହାକୁ ନେଇ ଚିଲିକାଫ୍ରେଶ୍‌ର ମାଲିକ ଓ ତାଙ୍କ ସହଯୋଗୀ ପାଟିତୁଣ୍ଡ କରିବା ସହ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଖବର ପାଇ କର୍ପୋରେଟର ପ୍ରଭାସିନୀ ମହାନ୍ତି ଘଟଣାସ୍ଥଳରେ ପହଞ୍ଚିଥିଲେ। କଥା ଯାଇ ବିଏମ୍‌ସି ଅଧିକାରୀଙ୍କ କାନରେ ପଡିବା ପରେ ଫୋନ୍ କଲ୍‌ରେ ଆସିଥିବା ଆଦେଶ ଅନୁଯାୟୀ ସମ୍ପୃକ୍ତ ଦୋକାନରୁ ସିଲ୍ ଖୋଲିଦିଆଯାଇଥିଲା। ଯଦି ବିଏମସି ନିୟମ କରୁଛି, ତେବେ ସମସ୍ତଙ୍କ ପାଇଁ ସମାନ ନିୟମ କରିବା କଥା। ଆନ୍ଦୋଳନ ବା ରାସ୍ତାରୋକୋ କରି ଏଭଳି ନିୟମକୁ ଭାଙ୍ଗିବା ଏବଂ ବିଏମ୍‌ସି ଅଧିକାରୀ ଏହାକୁ ପ୍ରଶ୍ରୟ ଦେବା ଆଦୌ ଠିକ୍‌ନୁହେଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏନେଇ ସ୍ଥାନୀୟ କର୍ପୋରେଟର ପ୍ରଭାସିନୀ କହିଛନ୍ତି, ନିୟମ ଖିଲାପ କରିବାରୁ ବିଏମ୍‌ସି ଦୋକାନ ସିଲ୍ କରିଥିଲା। ଏନେଇ ସମ୍ପୃକ୍ତ ଦୋକାନୀ ମୋ ସହିତ କୌଣସି ଯୋଗାଯୋଗ କରି ନ ଥିଲେ କିମ୍ବା ମୋ ସହଯୋଗ ମଧ୍ୟ ଲୋଡି ନ ଥିଲେ। ଜନପ୍ରତିନିଧି ଭାବେ ସେମାନେ ପ୍ରଥମେ ଜଣାଇବା ଆବଶ୍ୟକ ଥିଲା। ଯଦି ମୁଁ ପାରି ନ ଥାନ୍ତି ତେବେ କଥା ଅଲଗା ହୋଇଥାନ୍ତା। ମାତ୍ର ଅଯଥାରେ ୱାର୍ଡରେ ଏଭଳି କାଣ୍ଡ କରିବା ଆଦୌ ଠିକ୍ ନୁହେଁ। ବିଏମ୍‌ସିର ପରିମଳ ଡେପୁଟି କମିଶନର ମନୋରଞ୍ଜନ ସାହୁ କହିଛନ୍ତି, ବିଏମ୍‌ସି ଯେଉଁଠାରେ ନିୟମ ଖିଲାପ ଦେଖୁଛି ଆକ୍ସନ ନେଉଛି। ଦୋକାନ ସିଲ୍ ହେଲେ ଲୋକଙ୍କଠାରୁ ଅଣ୍ଡରଟେକିଂ ଲେଖି ତାହା ଖୋଲାଯାଏ କିମ୍ବା ଫାଇନ୍ ହୋଇଥିଲେ ତାହା ଆଦାୟ ପରେ ଖୋଲାଯାଏ। ମାତ୍ର ସମ୍ପୃକ୍ତ ଦୋକାନୀ ଓ ତାଙ୍କ ସହଯୋଗୀ ଏଭଳି କିଛି ନ କରି ଅଯଥାରେ ବିଶୃଙ୍ଖଳା ସୃଷ୍ଟି କରିଥିଲେ।

### ଫୋନ୍ କଲ୍ ପରେ ଖୋଲିଦେଲେ

## ସଂକ୍ଷେପରେ

### ଶେଷ ପର୍ଯ୍ୟାୟରେ ମଣ୍ଡନଗିରି ଉନ୍ନୟନ କାର୍ଯ୍ୟ

ବୋଲଗଡ଼,୧୮।୨(ଦେବବ୍ରତ ହୋତା) ବୋଲଗଡ ବ୍ଲକ ଖଙ୍ଗୁରିଆ ପଞ୍ଚାୟତରେ ଥିବା ମଣ୍ଡନଗିରି ପର୍ବତରେ ପ୍ରଭୁ ରଘୁନାଥ ମନ୍ଦିର ନିର୍ମାଣ, ରାସ୍ତା ନିର୍ମାଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ବିଧାୟକ ରାଜେନ୍ଦ୍ର ସାହୁ ବୁଲି ତଦାରଖ କରିଛନ୍ତି। ଏଥିସହ ଶୀଘ୍ର କାମ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘଦିନରୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିଲେ ମଧ୍ୟ ଏହା ଅବହେଳିତ ହୋଇ ପଡ଼ିରହିଥିଲା। ରାସ୍ତା ନ ଥିବାରୁ ପର୍ଯ୍ୟଟକମାନେ ଚାଲିକି ଯାଉଥିଲେ। ଫଳରେ ବହୁ କମ ସଂଖ୍ୟକ ପର୍ଯ୍ୟଟକ ଏଠାକୁ ଆସୁଥିବା ବେଳେ ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜୁଥିଲା। ବିଧାୟକ ସାହୁଙ୍କ ଉଦ୍ୟମରେ ଏଠାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଜାରି ରହିଛି। ଖୁବଶୀଘ୍ର ଏହି ପର୍ଯ୍ୟଟନସ୍ଥଳୀ ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବା ସହ ପ୍ରଭୁ ରଘୁନାଥଙ୍କ ଦର୍ଶନର ସୁଯୋଗ ପାଇବେ ବୋଲି ସ୍ଥାନୀୟ ବାସିନ୍ଦା ଆଶାପ୍ରକଟ କରିଛନ୍ତି।

### ଅଷ୍ଟପ୍ରହର ନାମ ସଂକୀର୍ତ୍ତନ

ଟାଙ୍ଗୀ,୧୮।୨(ରଘୁନାଥ ସାହୁ): ଟାଙ୍ଗୀ ବ୍ଲକ ସରପାରୀ କଂସାରୀ ସାହିସ୍ଥିତ ରଘୁନାଥଜୀଉଙ୍କ ମନ୍ଦିରର ବାର୍ଷିକ ଉତ୍ସବ ଓ ୪୪ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଅନ୍ତିମ ଦିବସରେ ନଗର ପରିକ୍ରମା ସହିତ ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପ୍ରଦର୍ଶନ କରିଥିଲେ। ଘଣ୍ଟା, ଘଣ୍ଟି, ଝାଞ୍ଜ, ଖୋଳ ଶବ୍ଦରେ ଗ୍ରାମଦାଣ୍ଡ ପ୍ରକମ୍ପିତ ହୋଇଥିଲା। ସଂକଳ୍ପଧାରୀମାନେ କଳସ ବିସର୍ଜନ କରିଥିଲେ। ସରପାରୀ ଗ୍ରାମବାସୀ ଓ ରାମଚନ୍ଦ୍ର ଦେବ ପୂଜା କମିଟି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଶିକ୍ଷକଙ୍କ ମୃତଦେହ ଜବତ ଘଟଣା: ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର

ନିରାକାରପୁର,୧୮।୨(ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ କ୍ଷେତ୍ରବାସୀ କଲେଜ ଖେଳପଡ଼ିଆର ପଶ୍ଚିମପାର୍ଶ୍ୱରେ ଥିବା ଏକ ଭଡ଼ାଘରୁ ଜଣେ ଶିକ୍ଷକଙ୍କ ମୃତଦେହ ଶନିବାର ପୋଲିସ ଜବତ ହୋଇଥିଲା। ସେ ହେଲେ ଯାଜପୁର ଜିଲା ଚଣ୍ଡିଖୋଲ ଥାନା ଅନ୍ତର୍ଗତ କଣ୍ଟିଗାଡ଼ିଆ ଗ୍ରାମର ସତ୍ୟାନନ୍ଦ ବ୍ରହ୍ମା। ପୁରୀ ଜିଲା କଣାସ ବ୍ଲକ ଦିବ୍ୟସିଂପୁର ପଞ୍ଚାୟତ ଅନ୍ତର୍ଗତ କନକଦୁର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟରେ ସେ ଶିକ୍ଷକତା କରୁଥିବା ବେଳେ ଉକ୍ତ ଘରେ ଭଡ଼ାରେ ରହିଆସୁଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ରବିବାର ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ସାନଭାଇ ନିତ୍ୟାନନ୍ଦ ବ୍ରହ୍ମାଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୨୪)ରୁଜୁ ହୋଇଛି। ଅନ୍ୟପଟେ ଘଟଣାର ତଦନ୍ତ କାରି ରହିଛି ବୋଲି ସବଇନ୍ସପେକ୍ଟର ଅରବିନ୍ଦ ରାଉଳ ସୂଚନା ଦେଇଛନ୍ତି।

# ଗ୍ରାମାଞ୍ଚଳ ପ୍ରତିଭା ବିକଶିତ ହେଲେ ଗୌରବ ବଢ଼ିବ

## ବସନ୍ତ ପଞ୍ଚମୀ ମହୋତ୍ସବ ଉଦ୍‌ଯାପିତ

ଖୋର୍ଦ୍ଧା,୧୮।୨(ପ୍ରଭାତ ପାଣିଗ୍ରାହୀ)



ବସନ୍ତ ପଞ୍ଚମୀ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

ବେଗୁନିଆ ବ୍ଲକ ମଲ୍ଲୀପଦର ବାସୁଦେବପୁର ଠାରେ ତ୍ରିନାଥ କ୍ଲବ ଆନୁକୂଲ୍ୟରେ ଚାରିଦିନ ଧରି ଚାଲିଥିବା ବସନ୍ତ ପଞ୍ଚମୀ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମୀଣ ସଂସ୍କୃତି, ପରମ୍ପରା ତଥା ଲୁକ୍କାୟିତ ପ୍ରତିଭା ବିକଶିତ ଲକ୍ଷ୍ୟ ନେଇ ଆୟୋଜିତ ହୋଇଥିଲା ଏହି ମହୋତ୍ସବ। ଗୋପାଳ ଚନ୍ଦ୍ର ଶୁକ୍ଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ବେଗୁନିଆ ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ରାଜେନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ସମାଜ ଆଢୁଆଳରେ ରହିଯାଉଥିବା ପ୍ରତିଭାଙ୍କୁ ଚିହ୍ନଟ ଦିଗରେ ଏହି ମହୋତ୍ସବ ସ୍ୱତନ୍ତ୍ରତା ବଜାୟ ରଖିଛି। ମହୋତ୍ସବ ପରସ୍ପର ମଧ୍ୟରେ ଭାଇଚାରା, ଭ୍ରାତୃତ୍ୱ, ସମ୍ପର୍କକୁ ଯୋଡ଼ିଥାଏ। ନିଜ ଅନ୍ତର୍ନିହିତ ପ୍ରତିଭା ବିକାଶ ସହ ଜ୍ଞାନ ପରିସୀମା ବିକଶିତ କରେ। ନିରନ୍ତର ସାଧନା, ଲକ୍ଷ୍ୟ ସ୍ଥଳ ସ୍ଥିର ରହିଲେ ଶୀର୍ଷରେ ପହଞ୍ଚିପାରିବ ବୋଲି ବିଧାୟକ ସାହୁ କହିଛନ୍ତି। ସମ୍ମାନିତ ଅତିଥି ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦୀପ ସାହୁ କହିଥିଲେ, କଳା ସଂସ୍କୃତି ପରିଚୟ ଦେଇଥାଏ। ସଂସ୍କୃତି ହଜିଲେ, ସେହି ଜାତିର ଅସ୍ମିତା ମଧ୍ୟ ହଜିଯିବ। ନିଜ ଅଞ୍ଚଳର ଗରିମାମୟ ସଂସ୍କୃତି ପରମ୍ପରା ଉଜ୍ଜୀବିତ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମିଶ୍ର, ମହୋତ୍ସବର ମୁଖ୍ୟ ଉପଦେଷ୍ଟା ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଦିବାକର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଗୋବିନ୍ଦ ଚନ୍ଦ୍ର ପଣ୍ଡା ଓ ସାଥୀ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଲୋକକଳାକାର କୁଳମଣି ପ୍ରଧାନ, ସଫଳ ଚାଷୀ ହାଡୁବନ୍ଧୁ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପିଲାଙ୍କୁ ନେଇ ଜଣା ଅଜଣା ପ୍ରତିଯୋଗିତା ହୋଇଥିଲା। ଲୋକପ୍ରିୟ ସିରିଏଲ ଅନୁରାଧାର ଅଭିନେତ୍ରୀ ଅନୁରାଧା ଓ ରାଜଯୋଗର ପ୍ରିୟା ଯୋଗଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ କୁରାଢ଼ିଲୋ ଗ୍ରାମର ମହିଳା ସଂକୀର୍ତ୍ତନ ମଣ୍ଡଳ ଏବଂ ଗ୍ରାମାଞ୍ଚଳ ଏକାଧିକ ପ୍ରତିଭା ସେମାନଙ୍କ କଳା କୌଶଳ ପ୍ରଦର୍ଶନ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ପୁରୀ ଆଦିତ୍ୟ ଡ୍ୟାନ୍ସ ଗ୍ରୁପ ନିର୍ବାଣ ମେଲୋଡି, ରକୀ ଡ୍ୟାନ୍ସ ଗ୍ରୁପ ଏବଂ ଲରେନ୍ସ ଡ୍ୟାନ୍ସ ଗ୍ରୁପର କଳାକାରମାନେ ଗୋଟିଏ ପରେ ଗୋଟିଏ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ, ଯାହାକି ଉପସ୍ଥିତ ଦର୍ଶକଙ୍କ ମନ ଛୁଇଁଥିଲା।

### ଟ୍ରେନ୍‌ରୁ ଖସିପଡ଼ି ଯାତ୍ରୀଙ୍କ ମୃତ୍ୟୁ

ବାଲୁଗାଁ,୧୮।୨(ସଂଗ୍ରାମ ପାଇକରାୟ): ବାଲୁଗାଁ ରେଲୱେ ଷ୍ଟେଶନର ୧ ନମ୍ବର ପ୍ଲାଟଫର୍ମରେ ରବିବାର ରାଉରକେଲା–ଗୁଣୁପୁର ରାଜ୍ୟରାଣୀ ଏକ୍ସପ୍ରେସ ଟ୍ରେନରୁ ଖସିପଡିବାରୁ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ମନ୍ଦାରବସ୍ତ ନିକଟ ଅରାଙ୍ଗ ଗ୍ରାମ ପ୍ରଶାନ୍ତ କୁମାର ବେହେରା। ସୂଚନା ମୁତାବକ, ସକାଳ ୯ଟା ୩୦ରେ ଟ୍ରେନ୍‌ଟି ପ୍ଲାଟଫର୍ମରେ ଅଟକିଥିଲା। ଫଳରେ ପ୍ରଶାନ୍ତ ଟ୍ରେନ୍‌ରୁ ଓହ୍ଲାଇ ପାଣି ଆଣିବାକୁ ଯାଇଥିଲେ। ଏହି ସମୟରେ ଟ୍ରେନ୍‌ଟି ଛାଡିଦେବାରୁ ସେ ଦୌଡ଼ି ଯାଇ ଟ୍ରେନ୍‌କୁ ଉଠିବା ବେଳେ ଖସିପଡ଼ିଥିଲେ। ପ୍ରଶାନ୍ତଙ୍କୁ ଗୁରୁତର ଅବସ୍ଥାରେ ଆର୍‌ପିଏଫ କର୍ମଚାରୀ ଶିବ ପ୍ରସାଦ ଦାସ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନା ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।



ସାନରାଉତପଡା ପଞ୍ଚାୟତର କୁସୁମୀଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ରବିବାର ସଂକୀର୍ତ୍ତନ ମାଧ୍ୟମରେ କଳାକାର ଭତ୍ତା ପାଇଁ ସରକାରଙ୍କୁ ନିବେଦନ କରୁଛନ୍ତି।

## କଳାକାର ଭତ୍ତା ପାଇଁ ଅନୁରୋଧ କଲେ ସଂକୀର୍ତ୍ତନ କଳାକାର

ନିରାକାରପୁର,୧୮।୨ (ମାନସ ଚନ୍ଦ୍ର ପଟ୍ଟନାୟକ)

କଳାକାରମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଲାଗି ରାଜ୍ୟ ସରକାର କଳାକାର ଭତ୍ତା ଯୋଗାଇ ଦେଉଛନ୍ତି। ହେଲେ ଗ୍ରାମାଞ୍ଚଳରେ ଏବେ ବି ବହୁ କଳାକାର ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଖୋର୍ଦ୍ଧା ଜିଲା ଛଣଗିରି ପଞ୍ଚାୟତ ଅରାଙ୍ଗ (ଦେଉଳି ଗ୍ରାମରେ) ସ୍ଥିତ ବରୁଣେଇ ମଣ୍ଡଳର ଭଗବତ ବାସୁଦେବ ସଂକୀର୍ତ୍ତନ ମଣ୍ଡଳୀ ଓ ରଘୁନାଥ ସଂକୀର୍ତ୍ତନ ମଣ୍ଡଳୀର କଳାକାରମାନେ ଉକ୍ତ ଯୋଜନାରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ସଂକୀର୍ତ୍ତନ କଳାକାର ନିଧି ପ୍ରଧାନ, ସନାତନ ବିଶ୍ୱାଳ ଓ ନରସିଂହ ମାନସିଂହଙ୍କ ଅଭିଯୋଗ ଅନୁଯାୟୀ, ୧୦ରୁ ୧୫ବର୍ଷ ବୟସରୁ ସଂକୀର୍ତ୍ତନ ପରିବେଷଣ କରିବା ସହିତ ଜିଲା ତଥା ଜିଲା ବାହାରକୁ ଯାଇ କଳା ପ୍ରଦର୍ଶନ କରି ବିଭିନ୍ନ ସାର୍ଟିଫିକେଟ ମଧ୍ୟ ପାଇଛୁ। ଏବେ ୭୦ବର୍ଷ ଛୁଇଁଥିଲେ ମଧ୍ୟ କଳାକାର ଭତ୍ତା ପାଇଁ ଆବେଦନ କରୁଥିଲେ ମଧ୍ୟ ମିଳୁନାହିଁ ବୋଲି କହିଛନ୍ତି। ତୁରନ୍ତ ସରକାର ସେମାନଙ୍କୁ କଳାକାର ଭତ୍ତା ଯୋଗାଇଦେବାକୁ ନିବେଦନ କରିଛନ୍ତି। ରବିବାର ଉକ୍ତ କଳାକାରମାନେ ସାନରାଉତପଡା ପଞ୍ଚାୟତର କୁସୁମୀଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ସଂକୀର୍ତ୍ତନ ମାଧ୍ୟମରେ ଭତ୍ତା ପାଇଁ ସରକାରଙ୍କୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୀପକ ପ୍ରଧାନ, ନବକିଶୋର ବିଶ୍ୱାଳ, ସର୍ବେଶ୍ୱର ପଲେଇ, ଦିଲ୍ଲୀପ ଜେନା, ଦେବ ପ୍ରଧାନଙ୍କ ସମେତ ବହୁ କଳାକାର ସାମିଲ ହୋଇଥିଲେ।

## ସାଧାରଣ ନିର୍ବାଚନ ପୂର୍ବରୁ ବିଇଓଙ୍କ ବଦଳି ଦାବି

ବେଗୁନିଆ,୧୮।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) ସ୍ଥାନୀୟ ଅଞ୍ଚଳର ଅଧିବାସୀ ହୋଇଥିବାରୁ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ତାଙ୍କୁ ଏଠାରୁ ବଦଳି କରାଯିବା ନେଇ ଦାବି ହୋଇଛି। ଏନେଇ କେତେଜଣ ଜନସାଧାରଣଙ୍କ ସହିତ ଶଶି ଭୂଷଣ ଦାଶ ଗତ ସୋମବାର ଅନୁଷ୍ଠିତ ଜନଶୁଣାଣି ଶିବିରରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିଇଓ ସ୍ଥାନୀୟ ଅଧିବାସୀ ହୋଇଥିବାରୁ ଅଞ୍ଚଳର ଲୋକମାନଙ୍କ ସହିତ ତାଙ୍କର ବ୍ୟକ୍ତିଗତ ସମ୍ପର୍କ ରହିଛି। ସେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପ୍ରତି ନିଜର ଆନୁଗତ୍ୟ ପ୍ରକାଶ କରି ଲୋକମାନଙ୍କୁ ଆକୃଷ୍ଟ କରିବେ ବୋଲି ଆଶଙ୍କା ରହିଛି। ତେଣୁ ତାଙ୍କୁ ସାଧାରଣ ନିର୍ବାଚନ ପୂର୍ବରୁ ଏଠାରୁ ଅନ୍ୟତ୍ର ବଦଳି କରିବା ପାଇଁ ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏପରିକି ପୂର୍ବରୁ ଅଭିଯୋଗ କରାଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନାହିଁ ବୋଲି ଦର୍ଶାଯାଇଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ବିଇଓ କହିଛନ୍ତି, ଆଇନ ଅନୁଯାୟୀ ନିର୍ବାଚନ ସମୟରେ ସେଭଳି କୌଣସି ତ୍ରୁଟି ପରିଲକ୍ଷିତ ହେବ ନାହିଁ।

# ‘ଆଧ୍ୟାତ୍ମିକ ଚେତନା ଜାଗ୍ରତ ହେଲେ ଶାନ୍ତି ମିଳେ’

## କଣ୍ଟାବାଡ଼ ନୀଳାଚଳ ସତ୍‌ସଙ୍ଗର ବାର୍ଷିକୋତ୍ସବ

ବେଗୁନିଆ,୧୮।୨(ହର ପ୍ରସନ୍ନ ପଣ୍ଡା)



ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ନୀଳାଚଳ ସତ୍‌ସଙ୍ଗର ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଆରାଧ୍ୟ ବାଲୁଙ୍କେଶ୍ୱର ଦେବଙ୍କ ପ୍ରାଙ୍ଗଣରେ ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ବିଜୟ କୁମାର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବେଣୁଧର ପାଣିଗ୍ରାହୀ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଲିଙ୍ଗାଷ୍ଟକମ ଭଜନ ପରିବେଷଣ ଓ ଯଜ୍ଞ ବିଶାରଦ ଚିନ୍ତାମଣି ଦାଶ ଶର୍ମାଙ୍କ ଆଶୀର୍ବାଦାତ୍ମକ ବେଦ ପାଠ ଶ୍ରୋତାଙ୍କୁ ସ୍ମୃତି ମଧୁର କରିଥିଲା। ପୁରୁଷୋତ୍ତମ ତତ୍ତ୍ୱ ଏବଂ ଶିବ ତତ୍ତ୍ୱ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ମହାଦେବ ହେଉଛନ୍ତି ଶ୍ରେଷ୍ଠ ଦେବତା ତ୍ରୟଙ୍କ ମଧ୍ୟରୁ ଅନ୍ୟତମ। ମହାଦେବଙ୍କୁ ଶକ୍ତି ନିହିତ ଲିଙ୍ଗମୂର୍ତ୍ତି ଭାବେ ପୂଜାର୍ଚ୍ଚନା କରାଯାଏ। ପାର୍ବତୀ ମାତା ହେଉଛନ୍ତି ଶିବଙ୍କ ଶକ୍ତି। ଶିବ ପରାଶକ୍ତି ଦାରା ଆବିର୍ଭୂତ ହୁଅନ୍ତି। ଜ୍ୟୋତି ହେଉଛି ଶିବଙ୍କ ପରାଶକ୍ତି ବୋଲି ପଣ୍ଡିତମାନେ ସଂକ୍ଷେପରେ ବୁଝାଇଥିଲେ। ସନ୍ନ୍ୟାସିନୀ ଅନସୂୟା ଏବଂ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରବଚକ ଭାବେ ଯୋଗଦେଇ ବିଭିନ୍ନ ଆଧ୍ୟାତ୍ମିକ ତତ୍ତ୍ୱ ବୁଝାଇଥିଲେ। ଆଧ୍ୟାତ୍ମିକ ଚେତନା ଜାଗ୍ରତ ହେଲେ ମଣିଷ ଜୀବନରେ ଶାନ୍ତି ମିଳେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ସୁବାସ ଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ଅଖିଳେଶ ମହାପାତ୍ର ସଂଯୋଜନା କରିଥିଲେ। ପଣ୍ଡିତ ବୀରକିଶୋର ପଣ୍ଡା, କୃପାସିନ୍ଧୁ ପାଣିଗ୍ରାହୀ, ନିରଞ୍ଜନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସ୍ୱାମୀ ଭଗବତାନନ୍ଦଜୀ ଶିବ ତତ୍ତ୍ୱ ଓ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅଶୋକ ସାହୁ ଗୁରୁ ବନ୍ଦନା ଗାନ କରିଥିବା ବେଳେ ନରସିଂହ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର




କୃଷ୍ଣପ୍ରସାଦ,୧୮।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଜ୍ରକୋଟ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବଜ୍ରକୋଟ ସରପଞ୍ଚ ପ୍ରଦୀପ କୁମାର ସେଠୀଙ୍କ ସଭାପତିତ୍ୱରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ, ଜିଲା ପରିଷଦ ଲକ୍ଷ୍ମୀଧର ସାହୁ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ସମିତିସଭ୍ୟ ଛବିରାଣୀ ପାହାଣ, ନାଏବ ସରପଞ୍ଚ ଚନ୍ଦ୍ରକଳା ଗୌଡ଼, ସିପି ପ୍ରଭାତ କୁମାର ଜେନା, ଏମ୍‌ବିକେ ମଞ୍ଜୁଲତା ଜେନା, ନୋଡାଲ ଅଫିସର ଶିବରାମ ଭୋଇ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଲୀପ କୁମାର ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକସ୍ଥଳଗୁଡ଼ିକର ରୂପାନ୍ତରୀକରଣ, ମହିଳା ସଶକ୍ତୀକରଣ ଓ ଭିତ୍ତିଭୂମିର ବିକାଶ, ନିର୍ମାଣ ଶ୍ରମିକ ଉନ୍ନତି, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ବିକାଶ ଉପରେ ସଚେତନ କରାଯାଇଥିଲା। ବିଭିନ୍ନ ବିଭାଗୀୟ ଅଧିକାରୀ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏଥିରେ ପଞ୍ଚାୟତର ଜନସାଧାରଣଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ୫ଶହରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## କ୍ରିକେଟ ଟୁର୍ନାମେଣ୍ଟ : ବିସିସି ଚାମ୍ପିୟନ

ବେଗୁନିଆ,୧୮।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ଗଉଡ଼ପୁଟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟରେ ବେଗୁନିଆ କ୍ରିକେଟ କ୍ଲବ(ବିସିସି) ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ଦିଗ୍‌ବିଜୟ କ୍ରିକେଟ କ୍ଲବ(ଗଉଡ଼ପୁଟ) ଏବଂ ବେଗୁନିଆ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ବେଗୁନିଆ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୬ ଉଇକେଟ ବିନିମୟରେ ୧୩୦ରନ ସଂଗ୍ରହ କରିଥିଲା। ଜବାବରେ ଗଉଡପୁଟ ଟିମ୍ ୧୫.୪ ଓଭରରେ ୧୧୩ରନ ସଂଗ୍ରହ କରିଥିଲା। ଫଳରେ ବେଗୁନିଆ ଟିମ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ସର୍ବେଶ୍ୱର ସାମନ୍ତରାୟ ଓ ମନୋରଞ୍ଜନ ବରାଳ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ମନ୍ମଥ ରାଉତରାୟ ଓ ସନ୍ତୋଷ ଜେନା ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। କ୍ଲବର ସଦସ୍ୟ ବିଷ୍ଣୁରଞ୍ଜନ ବରାଳ, ବିଶ୍ୱଜିତ ସାମନ୍ତସିଂହାର, ପ୍ରଦୀପ ବରାଳ, ଦୀପକ ବରାଳ, ପି.ପାଇକରାୟ, ବିଶ୍ୱଭୂଷଣ ସାମନ୍ତରାୟ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଟ୍ରଫି ସହ ଚାମ୍ପିୟନ ଟିମ୍ ବେଗୁନିଆ କ୍ରିକେଟ କ୍ଲବର ଖେଳାଳିମାନେ।

# କାରମେଲକୁ ହରାଇ କମ୍ବାଇନ ସ୍କୁଲ ଚାମ୍ପିୟନ




ଆନ୍ତଃ ଜିଲା ସ୍କୁଲସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

## ଆନ୍ତଃ ଜିଲା ସ୍କୁଲସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

ଖୋର୍ଦ୍ଧା,୧୮।୨(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଖୋର୍ଦ୍ଧା ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମରେ ଚାଲିଥିବା ଆନ୍ତଃ ଜିଲା ସ୍କୁଲସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ କମ୍ବାଇନ ସ୍କୁଲ ଏକାଦଶ ଚାମ୍ପିୟନ ହୋଇଛି। ଖୋର୍ଦ୍ଧା ଜିଲା କ୍ରିକେଟ ସଂଘର ସହଯୋଗରେ ଆୟୋଜିତ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର କମ୍ବାଇନ ସ୍କୁଲ ଏକାଦଶ ଓ କାରମେଲ ସ୍କୁଲ ଏକାଦଶ ମଧ୍ୟରେ ହୋଇଥିଲା। ଟସ୍ ଜିତି କାରମେଲ ସ୍କୁଲ ପ୍ରଥମେ ବ୍ୟାଟିଂ କରି ୨୬.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୪୦ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସ୍ୱର୍ଣ୍ଣାଭ ଦାସ ସର୍ବାଧିକ ୪୯ରନ କରିଥିଲେ। କମ୍ବାଇନ ଏକାଦଶ ପକ୍ଷରୁ ପୀୟୁଷ ବଳିୟାରସିଂ ୩ଟି ଓ ଉଇସ କେ. ଦତ୍ତ ୨ଟି ଉଇକେଟ ନେଇଥିଲେ। ଜବାବରେ କମ୍ବାଇନ ଏକାଦଶ ଟିମ୍ ୩୦.୧ ଓଭରରେ ୭ ଉଇକେଟ ବିନିମୟରେ ୧୪୩ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଓମ୍ ସାଇ ପ୍ରଧାନ ୪୦ରନ ଓ ଆକାଶ ପଟ୍ଟନାୟକ ୨୫ରନ କରିଥିଲେ। କାରମେଲ ଟିମର ଅଗ୍ନିମିତ୍ର ମହାନ୍ତି ୩ଟି ଉଇକେଟ ନେଇଥିଲେ। ସୌମ୍ୟରଞ୍ଜନ ସାମନ୍ତସିଂହାର ଓ ପ୍ରକାଶ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସ୍କୋରରେ ଜନ୍ମେଜୟ ସହାୟତା କରିଥିଲେ। ଅତିଥିଭାବେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନର କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ବୋଲର ଏବଂ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନର ବରିଷ୍ଠ ସଦସ୍ୟ ଚଣ୍ଡିପ୍ରସାଦ ଆଚାର୍ଯ୍ୟ, ବ୍ରିଜେଶ ପ୍ରଧାନ, କାଜଲ ବଳିୟାରସିଂ, କିରଣ ଶତପଥୀ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ମା’ଉତ୍ତରାୟଣୀ କ୍ରିକେଟ ଟୁର୍ନାମେଣ୍ଟ ଜିତିଲା ବଉଳାବନ୍ଧ

ବାଲୁଗାଁ,୧୮।୨(ସଂଗ୍ରାମ ପାଇକରାୟ)

ବାଲୁଗାଁସ୍ଥିତ ୧୧ ନମ୍ବର ୱାର୍ଡର ସରଳାପଦର ଗ୍ରାମଠାରେ ଶନିବାର ମା’ଉତ୍ତରାୟଣୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଫ୍ଲଡ ଲାଇଟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଅତିଥିଭାବେ ଖୋର୍ଦ୍ଧା ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବାଣପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ବାଲୁଗାଁ ଏନ୍‌ଏସି ଅଧ୍ୟକ୍ଷାଙ୍କ ପ୍ରତିନିଧି ସନ୍ତୋଷ ପାଇକରାୟ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ୬ ଓଭର ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ୧୬ଟି ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ବଉଳାବନ୍ଧ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ ବିନିମୟରେ ୭୨ ରନ ସଂଗ୍ରହ କରିଥିଲା। ଜବାବରେ ଛୋଟରାୟପୁର ଟିମ୍ ୬ ଉଇକେଟ ବିନିମୟରେ ୫୮ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବଉଳାବନ୍ଧ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଶଙ୍କର ନାୟକ, ଅଭିଷେକ ପଟ୍ଟନାୟକ, ଦୀପକ ଜେନା ଏବଂ ଅରବିନ୍ଦ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ। ଚାମ୍ପିୟନ ଟିମକୁ ଟ୍ରଫି ୧୩ହଜାର ଟଙ୍କା ଏବଂ ରନର୍ସ ଅପ୍ ଟିମକୁ ଟ୍ରଫି ସହ ୯ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଆୟୋଜକ ଉତ୍ତରାୟଣୀ କ୍ଲବର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଟ୍ରଫି ସହ ଖେଳାଳିମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୨।୨୦୨୪

| | |
|---|---|
| ୫,୭୨,୫୫୪ ଟଙ୍କା | |
| ସୁନା | ୬.୯୦୦ ଗ୍ରାମ୍ |
| ରୁପା | ୨୬.୮୦୦ ଗ୍ରାମ୍ |

# 'ଓଡ଼ିଆ ସାହିତ୍ୟ ଗରିମା, ବିଭବମୟ'

## ଦ୍ୱିତୀୟ ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ

- ୪ଜଣଙ୍କୁ ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ ସମ୍ମାନ
- ସମ୍ବର୍ଦ୍ଧିତ ହେଲେ ୨୨ ସାରସ୍ୱତ ସାଧକ



ଅତିଥିମାନେ ମହୋତ୍ସବର ମୁଖପତ୍ରକୁ ଉନ୍ମୋଚନ କରୁଛନ୍ତି ।

ପୁରୀ,୧୮।୨(ଅଜିତ୍ ମହାନ୍ତି)

ରାଜ୍ୟ ସରକାରଙ୍କ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସହଭାଗିତାରେ ତଥା ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ, ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ, ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦ ଏବଂ ଅନୁରାଗ ସାହିତ୍ୟ ସଂଗୋଷ୍ଠୀର ମିଳିତ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ସଂସ୍କୃତି ଭବନରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜେନ୍ଦ୍ର କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳାଧିପତି ଡ. ପ୍ରଫୁଲ୍ଲ କୁମାର ମିଶ୍ର ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡ. ସବିତା ପ୍ରଧାନ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ସୌମେନ୍ଦ୍ର କୁମାର ମୁଦୁଲି, ସେବାୟତ ଭଗବାନ ସୁଆର, ଗବେଷକ ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର ଏବଂ ପୁରୀ ପୁସ୍ତକ ମେଳା କମିଟି ସମ୍ପାଦକ ଚକ୍ରଧର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀକ୍ଷେତ୍ର ବାତାବରଣରେ ସାହିତ୍ୟ ଓ ସଙ୍ଗୀତ ଭରି ରହିଛି। ସାହିତ୍ୟ ରଚନା ଦ୍ୱାରା ସାହିତ୍ୟକ ନିଜେ ଆନନ୍ଦ ଲାଭ କରିବା ସହିତ ଅନ୍ୟକୁ ଖୁସି କରିବାରେ ସହାୟକ ହୋଇଥାଏ। ଓଡ଼ିଆ ସାହିତ୍ୟ ବିଭିନ୍ନ ଦୃଷ୍ଟିକୋଣରୁ ଗରିମାମୟ ଓ ବିଭବମୟ ବୋଲି ଅତିଥିମାନେ କହିଥିଲେ। ଅଭ୍ୟର୍ଥନା କମିଟି ଅଧକ୍ଷା ବିଜୟଲକ୍ଷ୍ମୀ ଦାସ ସ୍ୱାଗତ ଭାଷଣ ଓ ଆବାହକ ଅନାମ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଯୋଜକ କୃଷ୍ଣଚନ୍ଦ୍ର ରଥ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ସଂଯୋଜକ ସଦାଶିବ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଆବାହକ ସୁରେଶ କୁମାର ପଟ୍ଟନାୟକ, ସଂଯୋଜକ ରବୀନ୍ଦ୍ରନାଥ ପଟ୍ଟନାୟକ ଓ ଶ୍ୟାମପ୍ରକାଶ ସେନାପତି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଞ୍ଜୁଶ୍ରୀ ମିଶ୍ର, କ୍ରିଷ୍ଣା ମହାପାତ୍ର ଓ ଆଶାଲତା ପ୍ରଧାନ କବିତାପାଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ସୂଚନା ପୁସ୍ତକ 'ନାକଚଣା' ଏବଂ ମନ୍ଦାକିନୀ ପଟ୍ଟନାୟକଙ୍କ ସାରସ୍ୱତ ସଙ୍କଳନ 'ଯାତ୍ରାପଥେ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଡ. ପ୍ରଫୁଲ୍ଲ କୁମାର ମିଶ୍ର, ଡ. ସବିତା ପ୍ରଧାନ, ସାହିତ୍ୟ ଏକାଡେମୀର ସଭାପତି ହୃଷୀକେଶ ମଲ୍ଲିକ୍ ଏବଂ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କୁ ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିଲା। ସେହିଭଳି ଶ୍ରୀକ୍ଷେତ୍ରର ବରିଷ୍ଠ ୨୨ଜଣ ସାରସ୍ୱତ ସାଧକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କମଳିନୀ ପାଣିଗ୍ରାହୀ, ରୋଜାଲିନ୍ ପଣ୍ଡା ଓ ଯୋଗେନ୍ଦ୍ର ସାହୁ ସହଯୋଗ କରିଥିଲେ। ଅନ୍ନପୂର୍ଣ୍ଣା ଦେବୀ ଧନ୍ୟବାଦ ଦେଇଥିଲେ।

## ୯ କୋଟି ଟଙ୍କା ପ୍ରକଳ୍ପର ଭିତ୍ତିପ୍ରସ୍ତର

ନିମାପଡ଼ା,୧୮।୨(ରଞ୍ଜନ ପଟ୍ଟନାୟକ):

ନିମାପଡ଼ା ବ୍ଲକ ଅଧୀନ ଶଗଡ଼ା, ଭିଲିଗ୍ରାମ ଓ ତୁଳସୀପୁର ପଞ୍ଚାୟତରେ ବ୍ଲକ ଅଧୀନ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ, ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳୀଗୁଡ଼ିକର ରୂପାନ୍ତରଣ, ମହିଳା ସଶକ୍ତୀକରଣ ଓ ଭିତ୍ତିଭୂମିର ବିକାଶ, ଗ୍ରାମାଞ୍ଚଳରେ ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ବିକାଶ, ଉଚ୍ଚବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ସୁଗମ ପରିବହନର ବିକାଶ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ନିମନ୍ତେ ମୁଖ୍ୟମନ୍ତ୍ରୀ କରିବାକୁ ଅନୁରୋଧ କରିଥିଲେ। ଏତଦ୍‌ବ୍ୟତୀତ ୫-ଟି ଅଧୀନରେ ଶଗଡ଼ା ପଞ୍ଚାୟତ ଜଟେଟେଶ୍ୱର ମହାଦେବ ମନ୍ଦିର, ଭିଲିଗ୍ରାମ ପଞ୍ଚାୟତର ବିଷ୍ଣୁପୁର ଏବଂ କରଞ୍ଜିସାହି ଗ୍ରାମରେ ଥିବା ସିଦ୍ଧେଶ୍ୱର ଓ ସୋମନାଥ ମନ୍ଦିର ତୁଳସୀପୁର ପଞ୍ଚାୟତର ଅମରେଶ୍ୱର ମନ୍ଦିର ଉନ୍ନତୀକରଣ ନିମନ୍ତେ ୯ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ବିଧାୟକ ଦାସ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ବ୍ଲକ ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ଜିଲା ପରିଷଦ ପ୍ରଦୀପ୍ତ ଖଟୋଇ, ବ୍ଲକ ସଭାପତି ଅଶୋକ ସାହୁ, ଏମ୍‌ପିଙ୍କ ପ୍ରତିନିଧି ସୁଧୀର ରଞ୍ଜନ ଦାଶ, ପୂର୍ବତନ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ପୂର୍ବତନ ସରପଞ୍ଚ ଭାଗ୍ୟଧର ଖଟୋଇ, ଯୁବ ବିଜେଡି ସଭାପତି ରାକେଶ ବେହେରା, ତ୍ରିଲୋଚନ କର, ପ୍ରଭାତ ଦାଶ ସହକାରୀଯନ୍ତ୍ରୀ ଗୌରଙ୍ଗ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ସଂକ୍ଷେପରେ

### ଏନ୍‌ଏଚ୍‌ଆର୍‌ସିରେ ମାମଲା ଭାଜପା କର୍ମୀଙ୍କୁ ବିଜେଡି କର୍ମୀଙ୍କ ମାଡ଼ ଘଟଣା

ପୁରୀ, ୧୮।୨(ଅଜିତ୍ ମହାନ୍ତି)

ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଶନିବାର ଗୋପ ବ୍ଲକ ଅରବଙ୍ଗ ପଞ୍ଚାୟତକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବାବେଳେ ଭାଜପା କର୍ମୀ ଗଣତାନ୍ତ୍ରିକ ପଦ୍ଧତିରେ ତାଙ୍କୁ ବିରୋଧ ପ୍ରଦର୍ଶନ କରିଥିଲେ। ତେବେ ବିଜେଡି କର୍ମୀ ତାଙ୍କୁ ଗୋଡ଼େଇ ଗୋଡ଼େଇ ପିଟି ଲହୁଲୁହାଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି କରି 'ନ୍ୟାୟ ପାଇଁ ଲଢେଇ ପରିବାର'ର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଏକ କେସ୍ (ନଂ. ୨୭୦୩/୨୦୨୪) ଦାଏର କରିଛନ୍ତି। ସେ ଉକ୍ତ ମାମଲାରେ ଏସ୍‌ପି, ଡିଜିପି, ଗୃହ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତୁରନ୍ତ କମିଶନ ଏଥିରେ ହସ୍ତକ୍ଷେପ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁବ୍ରତ ନିବେଦନ କରିଛନ୍ତି।

### ୧୫ ଜଣଙ୍କ ମାଗଣା ବ୍ରତୋପନୟନ

ପୁରୀ,୧୮।୨(ଅଜିତ୍ ମହାନ୍ତି)

ଶ୍ରୀରାମଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରବିବାର ସାମୂହିକ ମାଗଣା ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଲୋକନାଥ ମନ୍ଦିର ନିକଟ ଥାନପତି ଆଶ୍ରମର ବାଲାଜୀ ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜୀୟର ସ୍ୱାମୀ ମଠର ମହନ୍ତ ଶ୍ରୀଇନ୍ଦିରା ରମଣ ରାମାନୁଜ ଦାସଜୀଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା, ପଶ୍ଚିମବଙ୍ଗ, ରାଜସ୍ଥାନ ଆଦି ରାଜ୍ୟର ୧୫ଜଣ ବ୍ରାହ୍ମଣଙ୍କ ବ୍ରତୋପନୟନ କରାଯାଇଥିଲା। ଟ୍ରଷ୍ଟ ବୋର୍ଡ ସଦସ୍ୟ ତଥା କଟକୀ ମଠ ମହନ୍ତ ଡ. ବିଜୟ ନାରାୟଣ ରାମାନୁଜ ଦାସ, ଜିୟର ସ୍ୱାମୀ ମଠର ସନ୍ଥ ସୁଦର୍ଶନ ରାମାନୁଜ ଦାସଜୀ ମହାରାଜ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଖବରଦାତା ବିଷ୍ଣୁଦତ୍ତ ଦାସ ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ: ଖଡ଼ିପଦା ଟିମ୍ ଚାମ୍ପିୟନ



ଅତିଥିଙ୍କ ଗହଣରେ ପୁରସ୍କାର ସହ ଖେଳାଳିମାନେ ।

ପୁରୀ, ୧୮।୨(ଅଜିତ ମହାନ୍ତି )

ଜିଆଣ୍ଟ ସ୍ପୋର୍ଟିଙ୍ଗ ପକ୍ଷରୁ ଗତ ଏକମାସ ଧରି ଚାଲିଥିବା ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୨୦ଟି ଦଳ ଭାଗ ନେଇଥିଲେ। ଖଡ଼ିପଦା ଟିମ୍ ଏବଂ ମା' ଜାଗୁଲାଇ ଟିମ୍ ପରସ୍ପରକୁ ଫାଇନାଲରେ ଭେଟିଥିଲେ। ଖଡ଼ିପଦା ଟିମ୍ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୧୭୧ ରନ କରିଥିଲା। ଜବାବରେ ମା' ଜାଗୁଲାଇ ଟିମ୍ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୧୩୦ ରନ କରିପାରିଥିଲା। ଫଳରେ ଖଡିପଦା ଟିମ୍ ମ୍ୟାଚ ଜିତିବା ସହ ଚାମ୍ପିୟନ ହୋଇଛି। ଅତିଥି ଭାବେ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ସୁନିଲ ମହାନ୍ତି, ପୁରୀ ଏମ୍‌ପିଙ୍କ ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ, ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ, ସମାଜସେବୀ ଚକ୍ରଧର ମହାପାତ୍ର, ବଳରାମ ରେଡ୍ଡୀ, ସଞ୍ଜୀବ କୁମାର ମହାନ୍ତି, ଓମ ପ୍ରକାଶ ମହାନ୍ତି, ଦେବ ପ୍ରସାଦ ମିଶ୍ର ଏବଂ କ୍ଲବ୍ ସଭାପତି ବିଶିଷ୍ଟ ମହାନ୍ତି ଯୋଗଦେଇ ଖଡ଼ିପଦା ଟିମ୍‌କୁ ବିଜୟ ମୁକୁଟ ପିନ୍ଧାଇବା ସହ ଚାମ୍ପିୟନ ଟ୍ରଫି ଏବଂ ୧୩ ହଜାର ଟଙ୍କା ପ୍ରଦାନ କରିଥିଲେ। ରନର୍ସଅପ୍ ଟିମ୍ ମା' ଜାଗୁଲାଇକୁ ୮ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। କ୍ରିଷ୍ଣା ରାଓ ଏବଂ ସୁନିଲ ପଟ୍ଟନାୟକ ମ୍ୟାଚ ଓ କାର୍ଯ୍ୟକ୍ରମକୁ କ୍ଲବ୍ ସଭାପତି ବିଶିଷ୍ଟ ମହାନ୍ତି ପରିଚାଳନା କରିଥିଲେ।

## ନେହେରୁ ଯୁବକେନ୍ଦ୍ରର ୟୁଥ୍ ପାର୍ଲିଆମେଣ୍ଟ

ପୁରୀ,୧୮।୨(ଅଜିତ୍ ମହାନ୍ତି)

ବିକାଶମୁଖୀ ଭାରତ, ବିଶ୍ୱ ନେତୃତ୍ୱରେ ଭାରତ, ନେତୃତ୍ୱର ବିକାଶ ଶୀର୍ଷକ ଉପରେ କେନ୍ଦ୍ର ଯୁବ ଓ କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଜାତୀୟ ୟୁଥ୍ ପାର୍ଲିଆମେଣ୍ଟ ନେହେରୁ ଯୁବ କେନ୍ଦ୍ର ପୁରୀ ପରିସରରେ ଶେଷ ହୋଇଯାଇଛି। ଏଥିରେ ନୟାଗଡ଼, କେନ୍ଦ୍ରାପଡା ଓ ଜଗତସିଂହପୁରର ୨୫ଜଣ ଶିକ୍ଷାର୍ଥୀ ଯୋଗଦେଇଥିଲେ। ବିଚାରକ ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ପଦ୍ମନାଭ ପଣ୍ଡା, ସମାଜସେବୀ ବଦ୍ରି ମିଶ୍ର, କବି ମାନସ ରଞ୍ଜନ ମହାପାତ୍ର, ଶିକ୍ଷାବିତ୍ ସୁକାନ୍ତ ମହାନ୍ତି ଓ ନିହାର ପଟ୍ଟନାୟକ ଦାୟିତ୍ୱ ତୁଲାଇଥିଲେ। ନେହେରୁ ଯୁବକେନ୍ଦ୍ରର ଆଞ୍ଚଳିକ ନିର୍ଦ୍ଦେଶକ ବି.ପି. ଶାହା ଓ ପୁରୀ କେନ୍ଦ୍ର ସଂଯୋଜକ ଜୟଶଙ୍କର ଯୋଶୀ ଏବଂ ଅଶୋକ ବେହେରା ଏହାକୁ ପରିଚାଳନା କରିଥିଲେ। ଏହି ବିତର୍କରେ ଜଗତସିଂହପୁର ଜିଲାର ଆଶାମିତା ସାସମଲ ଓ ଆଲିସା ପ୍ରିୟଦର୍ଶିନୀ ଖଣ୍ଡୁଆଳ, ନୟାଗଡ଼ ଜିଲାର ଶୁଭାଶିଷ ଦାସ ଓ ବିଦ୍ୟାବିଜିତା ମହାନ୍ତି ଏବଂ ଜଗତସିଂହପୁରର ଆଫ୍ରିନ୍ ଜଲିଲ ଓ ମହମ୍ମଦ ଫାହିମ ଫୈଜଲଙ୍କୁ ପୁରସ୍କୃତ କରାଯାଇଥିଲା।

## ଗୋବିନ୍ଦପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



ଉତ୍ସବରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଏବଂ ଅନ୍ୟମାନେ ।

ପିପିଲି,୧୮।୨(ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ଗୋବିନ୍ଦପୁର ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ୮୯ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମଧୁଛନ୍ଦା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ଓ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ମିଶ୍ରଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିବା ସହ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ଭାବେ ବ୍ଲକ ଶିକ୍ଷା ଅଧିକାରୀ ରବିନାରାୟଣ ନନ୍ଦ, ସମ୍ମାନିତ ଅତିଥିଭାବେ ଏବିଇଓ ସ୍ୱପ୍ନାରାଣୀ ପଣ୍ଡା, ଖବରଦାତା ପୂର୍ଣ୍ଣଚନ୍ଦ୍ର ନାୟକ, ସରପଞ୍ଚ ପ୍ରତିନିଧି ବିନୟ କୁମାର ଦାଶ, ସମିତି ସଭ୍ୟା କବିତା ଖଟେଇ ପ୍ରମୁଖ ଯୋଗଦେଇ ପିଲାଙ୍କ ଚରିତ୍ର ଓ ଭବିଷ୍ୟତ ଗଠନରେ ମାତା ପିତା ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ସଞ୍ଜୀବ କୁମାର ରଥ ଅତିଥି ପରିଚୟ ଓ ସନ୍ତୋଷ କୁମାର ନାୟକ ସଭା ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମା' ଜାଗେଶ୍ୱରୀ ଫୁଟବଲ ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ସାକ୍ଷୀଗୋପାଳ,୧୮।୨(ଭରତ ରାଉତ):

ମା' ଜାଗେଶ୍ୱରୀ ଭଲିବଲ କ୍ଲବ ପକ୍ଷରୁ ପ୍ରଥମ ଫୁଟ୍‌ବଲ ପ୍ରିମିୟର ଲିଗ୍ ୨୦୨୪ ଅଳଗୁମ ଜାଗେଶ୍ୱରୀ ପଡ଼ିଆରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗିତାକୁ ସରପଞ୍ଚ ସରସ୍ୱତୀ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସମିତି ସଭ୍ୟା ପୁଷ୍ପାଞ୍ଜଳି ବିଶ୍ୱାଳ, ସାମାଜିକ କର୍ମୀ ଧୀରେନ୍ଦ୍ର ଜେନା, ଦର୍ପନାରାୟଣ ମହାନ୍ତି, ଗ୍ରାମ ବିଜେଡି ସଭାପତି ଯଯାତି କେଶରୀ ରାୟ, ପ୍ରଶାନ୍ତ ବିଶ୍ୱାଳ, ସଂଗ୍ରାମ କେଶରୀ ପ୍ରଧାନ, ବିଷ୍ଣୁ ପ୍ରସାଦ କର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ସମୁଦାୟ ୮ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଅଳଗୁମ ସହିତ ମାର୍କଣ୍ଡପଡ଼ା ସହିତ ଖେଳାଯାଇଥିଲା।

## ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ପୁରୀ, ୧୮।୨(ଅଜିତ ମହାନ୍ତି):

ପୁରୀ ସଦର ବ୍ଲକ ବାସୁଦେବପୁର ପଞ୍ଚାୟତରେ ରବିବାର 'ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ବାସୁଦେବପୁର ପଞ୍ଚାୟତକୁ ସର୍ବଶ୍ରେଷ୍ଠ ପଞ୍ଚାୟତ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ୩୩ କେ.ଭି ବିଦ୍ୟୁତ୍ ଗ୍ରୀଡ ଷ୍ଟେଶନ ସହ ପରିତ୍ୟକ୍ତ ହୋଇପଡ଼ିଥିବା ସର୍ବପୁରାତନ କନକଦୁର୍ଗା ହାଇସ୍କୁଲ ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମରେ ନୂତନ ରୂପ ନେଇଛି। ସେହିପରି ଏହି ପଞ୍ଚାୟତକୁ ଗମନାଗମନ ଦୃଷ୍ଟିରୁ ପୁରୀ ସହର ସହ ସଂଯୋଗ କରାଯାଇ ଗୋକୁଳପୁରଠାରେ ବ୍ରିଜ ନିର୍ମାଣ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବାସୁଦେବପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିବାକର ପାତ୍ର, ସମିତି ସଭ୍ୟ ଅରୁଣ ମିଶ୍ର, ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ଜିଲାପରିଷଦ ସଦସ୍ୟା ମାମିନା ଦାସ, ଗ୍ରାମର ମୁରବି ଶ୍ରୀକାନ୍ତ ମହାପାତ୍ର, ବିଦ୍ୟାଧର ପ୍ରଧାନ ଏହି ସୂଚନା ଦେଇଥିଲେ। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଯୋଜନା, ଲକ୍ଷ୍ମୀ ବସ୍ ଯୋଜନା, ଆମ ବ୍ୟାଙ୍କ୍, ମିଶନ ଶକ୍ତି, ୫-ଟି ରୂପାନ୍ତରଣ ଆଦି କାର୍ଯ୍ୟକ୍ରମ ସମ୍ପର୍କରେ ପଞ୍ଚାୟତବସୀଙ୍କୁ ସୂଚନା ଦିଆଯାଇଥିଲା। ଏହି ଅବସରରେ ପଞ୍ଚାୟତରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟକୁ ନେଇ ଏକ ବୁଲେଟିନ ଉନ୍ମୋଚନ କରାଯାଇଥିଲା। ମିଶନ ଶକ୍ତି ଓ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଉପକୃତ ଗ୍ରାମବାସୀ ନିଜ ଅନୁଭୂତି ପ୍ରକାଶ କରିଥିଲେ। ଶେଷରେ ପଞ୍ଚାୟତର ପିଲାମାନେ ନିଜ ପ୍ରତିଭା ପ୍ରଦର୍ଶନ କରିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ବେଳାଭୂମି ସଫେଇ ସହ ସଚେତନତା




ବେଳାଭୂମି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସ୍ୱେଚ୍ଛାସେବୀ ଓ ବିଦେଶୀ ନାଗରିକ ।

ପୁରୀ,୧୮।୨(ଅଜିତ୍ ମହାନ୍ତି)

### ସାମିଲ ହେଲେ ସ୍ୱେଚ୍ଛାସେବୀ, ବିଦେଶୀ ନାଗରିକ

ଅପରିଷ୍କାର ହୋଇପଡ଼ିଥିବା ପୁରୀ ପେଣ୍ଠକଟା ବେଳାଭୂମିକୁ ରବିବାର କେତେଜଣ ବିଦେଶୀ ନାଗରିକଙ୍କ ସମେତ ସ୍ୱେଚ୍ଛାସେବୀମାନେ ସଫେଇ କରିଛନ୍ତି। ବେଳାଭୂମି ଅପରିଷ୍କାର ଏବଂ ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ସମୁଦ୍ରର ସନ୍ତୁଳନ ଖରାପ ହେବା ସହ ପ୍ରଦୂଷଣ ବୃଦ୍ଧି ଓ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ତେଣୁ ପେଣ୍ଠକଟାବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହ ଶୌଚାଳୟ ବ୍ୟବହାର, ମାଛ ଧରିବା ପାଇଁ ବ୍ୟବହୃତ ଜାଲ, ପ୍ଲାଷ୍ଟିକ ବୋତଲ ପ୍ରଭୃତି ବେଳାଭୂମିରେ ନ ପକାଇବା ଏବଂ ପେଣ୍ଠକଟା ବେଳାଭୂମିକୁ ସ୍ୱଚ୍ଛ ରଖିବା ପାଇଁ ଏକ ଦୀର୍ଘମିଆଦୀ ଯୋଜନା ଆବଶ୍ୟକ ବୋଲି ଉତ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ସଦସ୍ୟ କୁର୍ଟ ବୁରେକି କହିଛନ୍ତି। ୧୯୯୨ରେ ପେଣ୍ଠକଟା ବସ୍ତିରେ ପ୍ରତିଷ୍ଠିତ ଉତ୍ସ ଫାଉଣ୍ଡେଶନ ଏହି ବସ୍ତିର ୪୫୦ ପିଲାଙ୍କୁ ନେଇ ଏକ ସ୍କୁଲ ପରିଚାଳନା କରିବା ସହ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ କାର୍ଯ୍ୟ କରୁଛି। ଫାଉଣ୍ଡେଶନର ସଦସ୍ୟ, ସ୍ଥାନୀୟ ସ୍ୱେଚ୍ଛାସେବୀ, ମତ୍ସ୍ୟଜୀବୀ ସଂଘର ନେତାଙ୍କୁ ନେଇ ଏହି ସଫେଇ କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମରେ କୁର୍ଟ ବୁରେକି, ସଭାପତି ଫେଲିକ୍ସ ସେର୍ନ, ସାଧାରଣ ସମ୍ପାଦକ ରତନ ବାରିକ, ବର୍ଜ୍ୟବସ୍ତୁ ପରିଚାଳକ କାର୍ତ୍ତିକ କପୁର, ବାବୁଲା ପ୍ରସାଦ, ବିସ୍ମୟ ମିଶ୍ର, ଉତ୍ସ ଫାଉଣ୍ଡେଶନ ସ୍କୁଲର ସମସ୍ତ ସଦସ୍ୟ, ହୋପ୍ ଇଜ୍ ଲାଇଫ୍, ସ୍ପନ୍ଦନ, ଗୋପବନ୍ଧୁ ସେବା ସମିତି, ପ୍ରସାଦ ଫାଉଣ୍ଡେଶନର ସଦସ୍ୟମାନେ ସାମିଲ ହୋଇଥିଲେ।

## ସ୍ଥାନୀୟ ଅଞ୍ଚଳର ବିକାଶ ବଖାଣିଲେ ଜନପ୍ରତିନିଧି

ଅସ୍ତରଙ୍ଗ,୧୮।୨(ପ୍ରଦୀପ୍ତ ଦୀକ୍ଷିତ):

ଅସ୍ତରଙ୍ଗ ବ୍ଲକରେ ୮ମ ପର୍ଯ୍ୟାୟରେ ନଗର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମେଶ୍ୱର ପଡ଼ିଆରେ ଆୟୋଜିତ ଏହି ଶିବିରରେ ସ୍ଥାନୀୟ ସରପଞ୍ଚ ବିଜୟ ଖଣ୍ଡୁଆଳ ସଭାପତିତ୍ୱ କରିଥଇଲେ। ମୁଖ୍ୟ ଅତିଥି ଭାବେ ଗୃହରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ, ସମ୍ମାନିତ ଅତିଥି ଏମ୍‌ପିଙ୍କ ପ୍ରତିନିଧି ଚମ୍ପକ ବାରିକ୍, ୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ବନିତା ବେହେରା, ବ୍ଲକ ଉପାଧ୍ୟକ୍ଷ ଦୁର୍ଜୟ ମିଶ୍ର, ସମିତି ସଭ୍ୟା ପିଙ୍କି ବେହେରା, ବିଡିଓ ସୁଶ୍ରୀ ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର ମହାପାତ୍ର ସଭା ପରିଚାଳନା କରିଥିଲେ। ତାଳଦା ପଞ୍ଚାୟତରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳୀଗୁଡ଼ିକରେ ରୂପାନ୍ତରଣ, ମହିଳା ସଶକ୍ତୀକରଣ ଓ ଭିତ୍ତିଭୂମିର ବିକାଶ, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ବିକାଶ ସହ ଅନେକ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ସହାୟତା ପ୍ରଦାନ କରିଥିବା ଅତିଥିମାନେ କହିଛନ୍ତି। ଏଥିରେ ହଜାର ହଜାର ଲୋକ ସାମିଲ ହୋଇ ରାଜ୍ୟସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ଅବଗତ ହୋଇଥିଲେ।

## ଗଣ୍ଡରପୁର ଏଫ୍‌ସି ଚାମ୍ପିୟନ

### ୯ମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଅଲ୍ ଓଡ଼ିଶା ଫୁଟ୍‌ବଲ ଟୁର୍ନାମେଣ୍ଟ

ନିମାପଡ଼ା,୧୮।୨(ରଞ୍ଜନ ପଟ୍ଟନାୟକ):

୯ମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଅଲ୍ ଓଡ଼ିଶା ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ମା' ତାରିଣୀ ଏଫ୍‌ସି କେଉଁଝରକୁ ହରାଇ ଗଣ୍ଡରପୁର ଏଫ୍‌ସି ଭୁବନେଶ୍ୱର ଚଳିତବର୍ଷର ଚାମ୍ପିୟନ ହୋଇଛି। ପ୍ରଥମାର୍ଦ୍ଧ ଖେଳରେ ଉଭୟ ଦଳ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଅମୀମାଂଶିତ ରହିଥିଲା। ଦ୍ୱିତୀୟାର୍ଦ୍ଧ ଖେଳରେ ଗଣ୍ଡରପୁର ଏଫ୍‌ସି ୨ଟି ଗୋଲ ଦେଇଥିବାବେଳେ ମା' ତାରିଣୀ ଏଫ୍‌ସି ୧ଟି ଗୋଲ ଦେଇଥିଲା। ଶେଷରେ ଗଣ୍ଡରପୁର ଏଫ୍‌ସି ୨- ୧ ଗୋଲରେ ମା' ତାରିଣୀ ଏଫ୍‌ସିକୁ ହରାଇ ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଗଣ୍ଡରପୁର ଏଫ୍‌ସିର ସୁନୀଲ ସୋରେନ ଏବଂ ଚଳିତ ଟୁର୍ନାମେଣ୍ଟରେ ଚିତାକର୍ଷକ ଖେଳ ପ୍ରଦର୍ଶନ କରିଥିବା ଗଣ୍ଡରପୁର ଏଫ୍‌ସି ଖେଳାଳି ଚନ୍ଦନ ନାୟକ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ବିଧାୟକ ତଥା ଆସୋସିଏଶନର ସଭାପତି ସମୀର ରଞ୍ଜନ ଦାଶ ସେମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ମୁଖ୍ୟ ଅତିଥି ଭାବେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗତ ପ୍ରସାଦ ସାବୁତ୍ ଏବଂ ଜିଲା ପରିଷଦ ସଦସ୍ୟ ପ୍ରଦୀପ୍ତ ଖଟୋଇ ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ଗଣ୍ଡରପୁର ଏଫ୍‌ସିକୁ ଟ୍ରଫି ସହିତ ନଗଦ ୩୫ ହଜାର ଟଙ୍କା ଏବଂ ଉପ ବିଜେତା ମା'ତାରିଣୀ ଏଫ୍‌ସିକୁ ଟ୍ରଫି ସହିତ ନଗଦ ୨୫ ହଜାର ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ସୁଦିପ ଦାଶ ମ୍ୟାଚ ପରିଚାଳନା କରିଥିବାବେଳେ ପ୍ରିୟବ୍ରତ ବାହିନୀପତି, ରାଜେନ୍ଦ୍ର ବାରିକ୍, ସମର ବରାଳ ଓ ସୁଶାନ୍ତ ରାଉତ ସହଯୋଗ କରିଥିଲେ। ଆଥ୍‌ଲେଟିକ ଆସୋସିଏଶନ ଉପଦେଷ୍ଟା ମହେନ୍ଦ୍ର ସିଂ ଭାଟିଆ, ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ବିଶ୍ୱଜିତ୍ ମଲ୍ଲିକ, ପ୍ରକାଶ ବରାଳ, ଜିତେଶ କାନୁନ୍‌ଗୋ, ଜ୍ୟୋତିରଞ୍ଜନ ସାହୁ, ଅକ୍ଷୟ ପାତ୍ର, ଅଜୟ ପାଣି, ସତ୍ୟଜିତ୍ ଆଚାର୍ଯ୍ୟ ଏବଂ କ୍ରୀଡ଼ା ଶିକ୍ଷକ ରଞ୍ଜିତ କେଶରୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।




ଖେଳାଳିଙ୍କୁ ବିଧାୟକ ସମୀର ରଞ୍ଜନ ଦାଶ ପୁରସ୍କାର ପ୍ରଦାନ କରୁଛନ୍ତି ।

## ବିଦ୍ୟୁତ୍ ତାର ଜବତ, ୩ ଗିରଫ

କଟକ,(କାର୍ତ୍ତିକ ସାହୁ): ଚାଉଳିଆଗଞ୍ଜ ଥାନା ପୋଲିସ ମହାନଦୀବିହାର ସାରୁବଣିଆ ଅଞ୍ଚଳରେ ଶନିବାର ରାତିରେ ଚଡ଼ାଉ କରି ବିପୁଳ ପରିମାଣର ଚୋରା ବିଦ୍ୟୁତ୍ ତାର ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଶିଖରପୁର ତଳସାହିର ସୁରେଶ ଶ'(୪୫), ଜଗତସିଂହପୁର ଜିଲା ରଘୁନାଥପୁର ଥାନା ଅନ୍ତର୍ଗତ ବାଣିକୁଣ୍ଡର ନାରାୟଣ ପରିଡା(୫୮) ଓ ଗଞ୍ଜାମ ଜିଲା ବୁଗୁଡା ଥାନା ଅଞ୍ଚଳର ସନ୍ତୋଷ ସାହୁ(୪୨)। ସେମାନଙ୍କଠାରୁ ୧୨.୫ କୁଇଣ୍ଟାଲ ଓଜନର ତାର ଜବତ କରିଛି।

### ସଂକ୍ଷେପରେ

## ଭାଜପାର ମିଶ୍ରଣ ପର୍ବ

ଖୁଣ୍ଟୁଣୀ, ୧୮।୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଯାତ୍ରା ପଡିଆଠାରେ ଭାଜପାର ମିଶ୍ରଣ ପର୍ବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆଠଗଡ଼ର ଭାଜପା ନେତା ତଥା ଆସନ୍ତା ନିର୍ବାଚନ ପାଇଁ ଆଶାୟୀ ପ୍ରାର୍ଥୀ ଅଭୟ କୁମାର ବାରିକ ଯୋଗଦେଇ କହିଛନ୍ତି, ଖୁଣ୍ଟୁଣୀ ହେଉଛି ଆଠଗଡ଼ର ଏକ ପ୍ରମୁଖ ରାଜନୈତିକ ସ୍ଥାନ। ସ୍ୱାଧିନତା ପାଇଁ ଆନ୍ଦୋଳନ ସମୟରେ ଏହି ମାଟିରୁ ପ୍ରଥମେ ବିଦେଶୀଙ୍କୁ ହଟାଇବା ପାଇଁ ଆଠଗଡ଼ ଅନେକ ସନ୍ତାନ ଆଗେଇ ଆସିଥିଲେ। ବିଜେଡି ନେତା ଓ କର୍ମୀମାନେ ଭାଜପାରେ ଯୋଗଦେଇଥିବାରୁ ଆଗାମୀ ଦିନରେ ଦଳକୁ ମଜଭୁତ କରିବ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଠଗଡରୁ ନଚିକେତା ପରମାଣିକ, ପବିତ୍ର ଆଚାର୍ଯ୍ୟ, ଧାଇପୁର ସରପଞ୍ଚଙ୍କ ପ୍ରତିନିଧି ସଞ୍ଜୟ ସାହୁ, ଯୁବନେତା ସରୋଜ ଦାସ, ମାନୁଏଲ ପାତ୍ର, ଅଜିତ ନାୟକ ମଞ୍ଚାସିନ ଥିଲେ। ଏହି ଅବସରରେ ଖୁଣ୍ଟୁଣୀ ପଞ୍ଚାୟତର ବିଜେଡି ନେତା ତପନ ପ୍ରଧାନ, ପରେଶ ସାହୁ, ନରେଶ ନାଏକ, ଦାମୋଦର ହାତୀ, ବ୍ରହ୍ମାନନ୍ଦ ମହାନ୍ତି, ସୁଶାନ୍ତ ହାତୀ, ବିପିନି ବିହାରୀ ନାଏକ, ଲିପୁନ ଦଳେଇ, ପ୍ରଦୀପ ନାଏକ, ନିରଞ୍ଜନ ବେହେରାଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ସମର୍ଥକ ଭାଜପାରେ ସାମିଲ ହୋଇଛନ୍ତି। ହେମନ୍ତ କୁମାର ନାୟକଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ନୂତନ କୁମାର ରାଉତ ପରିଚାଳନା କରିଥିଲେ।

## ମାଘ ସପ୍ତମୀ ମହୋତ୍ସବ ଉଦ୍‌ଯାପିତ

କଟକ ସଦର, ୧୮।୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଧୀନ ପ୍ରହରାଜପୁରସ୍ଥିତ ହାଡ଼ିବନ୍ଧୁ ଭୋଇସାହିରେ ୨ ଦିନିଆ ମାଘ ସପ୍ତମୀ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ଆନୁକୂଲ୍ୟରେ ଆୟୋଜିତ ସଭାରେ ଜୟରାମ ଭୋଇ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ ବଟକୃଷ୍ଣ ଭଞ୍ଜ, ମୁଖ୍ୟବକ୍ତା ଅଧ୍ୟାପକ ଧରଣୀଧର ଜେନା, ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀଧର ଭୋଇ, କ୍ଷୀରୋଦ ଭୋଇ, ବାହୁଡ଼ି ଭୋଇ, ଆଇନଜୀବୀ ସୁବ୍ରତ ମହାପାତ୍ର, ସୁକାନ୍ତ ଭୋଇ, ଉଦୟନାଥ ବେହେରା ଯୋଗଦେଇ ମହାପୁରୁଷ ହାଡ଼ିବନ୍ଧୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଭୋଇ ସମ୍ପ୍ରଦାୟର ବିଭିନ୍ନ ସ୍ଥାନରୁ ୫୪ପଡ଼ା ମୁଖିଆ, ପାଇନ୍ଦା ପ୍ରଗଣା ମହନ୍ତ, ଅଧିକାରୀ, ପୁରୋଧା, ମହାଭୋଇ କୁଳ ଶାନ୍ତି କମିଟିର ସମସ୍ତ ସଦସ୍ୟା ସଦସ୍ୟଙ୍କ ସହ ଗ୍ରାମବାସୀ ଯୋଗଦେଇଥିଲେ। ଏହି ଅବସରରେ ଦୁଇ ଦିନ ବ୍ୟାପୀ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ନିରଞ୍ଜନ ଭୋଇ, ରବୀନ୍ଦ୍ର ନାଥ ଭୋଇ, ଗୋପବନ୍ଧୁ ଭୋଇ, ଗନ୍ଧର୍ବ ଭୋଇ, ଚୈତନ୍ୟ ଭୋଇ, ଦୀପକ ଭୋଇ, ମନମୋହନ ଭୋଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦେବବ୍ରତ ମଦନରାୟ ପାଇବେ କିଶୋରୀଚରଣ ଶତବାର୍ଷିକୀ ପୁରସ୍କାର

କଟକ,୧୮।୨ (କାର୍ତ୍ତିକ ସାହୁ)



ଦେବବ୍ରତ ମଦନରାୟ।

କିଶୋରୀଚରଣ ସ୍ମୃତି ସଂସଦ ପକ୍ଷରୁ ବିଶିଷ୍ଟ କଥାକାର ଦେବବ୍ରତ ମଦନରାୟଙ୍କୁ କିଶୋରୀଚରଣ ଶତବାର୍ଷିକୀ ପୁରସ୍କାର ପ୍ରଦାନ କରାଯିବ। ଆସନ୍ତା ମାର୍ଚ୍ଚ ୧ ତାରିଖ ସନ୍ଧ୍ୟାରେ କଟକ ଶତାବ୍ଦୀ ଭବନଠାରେ କିଶୋରୀ ଚରଣ ଦାସ ଜନ୍ମଶତବାର୍ଷିକ ସମାରୋହ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ମଦନରାୟଙ୍କୁ ପୁରସ୍କୃତ କରାଯିବ। ସେହିପରି ଚେନାଏ ସଫେଦ୍ ଆକାଶ ଗଳ୍ପ ପୁସ୍ତକ ପାଇଁ ଯୁବ କଥାଶିଳ୍ପୀ ସ୍ନେହଲତା ଦାସଲେଙ୍କା, ଖଙ୍ଗାର ଗଳ୍ପ ପୁସ୍ତକ ପାଇଁ ସୁଧୀର କୁମାର ଧାଙ୍ଗଡ଼ାମାଝୀ ଓ ପିନ୍‌କୋଡ୍ ଗଳ୍ପ ପୁସ୍ତକ ପାଇଁ ଯୋଗେଶ୍ୱର ପଣ୍ଡାଙ୍କୁ କିଶୋରୀଚରଣ ପୁରସ୍କାର ପ୍ରଦାନ କରାଯିବ। ଏ ସମ୍ପର୍କରେ ସ୍ମୃତି ସଂସଦର ସମ୍ପାଦକ ପ୍ରଫେସର ବିଜୟାନନ୍ଦ ସିଂହ ଜଣାଇଛନ୍ତି। ସୂଚନାଯୋଗ୍ୟ, କଥାକାର ମଦନରାୟଙ୍କ ରଚିତ ଆଲୁଅର ଛାଇ, ସୂର୍ଯ୍ୟର ଅନେକ ରଙ୍ଗ, ଦୁଃଖ ଅରଣ୍ୟ, କହ୍ନେଇର ବଂଶୀ, ଦୃଶ୍ୟ, ସ୍ୱର୍ଗାରୋହଣ ଭଳି ୨୩ ଖଣ୍ଡ ଗଳ୍ପ ସଙ୍କଳନ ଏବଂ କ୍ରୁଶବିଦ୍ଧ ଓ ନିର୍ବାଣ ପରି ଉପନ୍ୟାସ ଓଡ଼ିଆ କଥାସାହିତ୍ୟକୁ ସମୃଦ୍ଧ କରିଛି। ସେ ଦୀର୍ଘ ୪ ଦଶନ୍ଧି ଧରି ଗଳ୍ପ-ଉପନ୍ୟାସ ରଚନା କରିବା ସହିତ ନବଲିପି ଭଳି ପତ୍ରିକା ସମ୍ପାଦନା କରିଆସୁଛନ୍ତି।

# ଅପରାଧୀଙ୍କୁ ଧରିବା ପାଇଁ ହେଲ୍ପ ଲାଇନ୍ ନମ୍ବର

### କଟକ ସହରାଞ୍ଚଳ ପୋଲିସର ଅଭିନବ ପ୍ରୟାସ

କଟକ,୧୮।୨ (କାର୍ତ୍ତିକ ସାହୁ)




ଜନସାଧାରଣଙ୍କ ପାଇଁ ଜାରି ହୋଇଥିବା ହେଲ୍‌ପ ଲାଇନ ନମ୍ବର।

ବର୍ଦ୍ଧିତ ଜନସଂଖ୍ୟା ସହ ସହରରେ ଅସମ୍ଭାଳ ଟ୍ରାଫିକ ଜାମ୍ ଓ ଭିଡ଼ର ସୁଯୋଗ ନେଇ ଅପରାଧୀମାନେ ସକ୍ରିୟ ହୋଇଉଠିଛନ୍ତି। ଦିନକୁ ଦିନ ଅପରାଧୀଙ୍କ ସଂଖ୍ୟା ବଢ଼ିବା ସହ ଅପରାଧ କରିବାର କୌଶଳ ମଧ୍ୟ ଅଭିନବ ଢଙ୍ଗରେ କରାଯାଉଛି। ଯାହାକି କମିଶନରେଟ୍ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। କେତେବେଳେ ପଲ୍‌ସର୍ ବାଇକ୍‌ରେ ଆସି ଲୟଇ୍ କରି ଦ୍ରୁତ ଗତିରେ ଖସି ପଳାଉଛନ୍ତି ତ ଆଉ କେତେବେଳେ ପୋଲିସ ପରିଚୟ ଦେଇ ବିଶ୍ୱାସ ଜନ୍ମାଇ ଲୁଟ୍ କରିବାରେ ଅପରାଧୀ ସକ୍ଷମ ହେଉଛନ୍ତି। ନିକଟରେ ଏଭଳି ଧରଣର ଅପରାଧଗୁଡ଼ିକୁ ସାମ୍ନା କରିବାରେ ପୋଲିସ ସକ୍ଷମ ହୋଇଥିଲେ ମଧ୍ୟ ଏଗୁଡ଼ିକର ନିୟନ୍ତ୍ରଣ ପାଇଁ ଆଉ ଟିକେ ଆଗେଇ ଆସିଛି। ଏଥିପାଇଁ କଟକ ସହରାଞ୍ଚଳ ପୋଲିସ ପକ୍ଷରୁ ୨୪ ଘଣ୍ଟିଆ ହେଲପ୍ ଲାଇନ୍ ନମ୍ବର ୭୯୭୮୮୯୪୪୦୫ ଜାରି ହୋଇଛି। କଟକର ଅତିରିକ୍ତ ଡିସିପି ଅନିଲ ମିଶ୍ର ରବିବାର ଏନେଇ ବିସ୍ତୃତ ସୂଚନା ଦେବା ସହ ଲୋକମାନେ ଏହି ନମ୍ବର ସହ ସର୍ବଦା ଯୋଡ଼ିହୋଇ ରହିବାକୁ ପରାମର୍ଶ ଦେଇଛନ୍ତି।

ସୂଚନା ଅନୁସାରେ, ରାସ୍ତାରେ ଘଟୁଥିବା ଅପରାଧଗୁଡ଼ିକର ରୋକିବା ପାଇଁ କମିଶନରେଟ୍ ପୋଲିସ ଲୋକଙ୍କୁ ସହଯୋଗର ହାତ ବଢ଼ାଇଛି। କଟକ ଡିସିପି ଅଫିସ୍‌ରେ ଥିବା କଣ୍ଟ୍ରୋଲ ରୁମ୍‌ରୁ ଏହି ୨୪ ଘଣ୍ଟିଆ ହେଲପ୍ ଲାଇନ୍ ନମ୍ବରଟି କାର୍ଯ୍ୟକାରୀ ହେବ। ପୋଲିସ କଣ୍ଟ୍ରୋଲ ରୁମ୍ ୧୧୨ ଅଧୀନରେ ଏହା ପରିଚାଳିତ ହେବ। ବିଶେଷକରି ସହରର ଜନଗହଳି ରାସ୍ତାରେ ଯାତାୟାତବେଳେ ଲୋକମାନେ ବିଭିନ୍ନ ଅପରାଧର ସାମ୍ନା କରିଥାନ୍ତି। ଅସାମାଜିକ ଲୋକଙ୍କ ଚଳପ୍ରଚଳ, ସର୍ବସାଧାରଣସ୍ଥଳରେ ମଦ୍ୟପାନ ସମେତ ଯେକୌଣସି ପ୍ରକାର ଲୁଟ୍ ଭଳି ଅପରାଧ ସଂକ୍ରାନ୍ତରେ ଲୋକମାନେ ଏହି ନୂତନ ହେଲପ୍ ଲାଇନ୍ ନମ୍ବରରେ ତୁରନ୍ତ ଜଣାଇବାକୁ କଟକ ସହରାଞ୍ଚଳ ପୋଲିସ ପକ୍ଷରୁ ସହରବାସୀଙ୍କୁ ପରାମର୍ଶ ଦିଆଯାଇଛି। ଲୋକମାନେ ଫୋନ୍ କଲ୍ କିମ୍ବା ହ୍ୱାଟ୍ସଆପ୍ ଦ୍ୱାରା ଏହି ହେଲପ୍ ଲାଇନ୍ ନମ୍ବରରେ ଜଣାଇପାରିବେ। ଏହି ଫୋନ୍ କଲ୍ ବା ହ୍ୱାଟ୍ସଆପ୍ ବାର୍ତ୍ତା ସିଧାସଳଖ କଣ୍ଟ୍ରୋଲ ରୁମ୍‌ରେ ପହଞ୍ଚିବ ଏବଂ ତଥ୍ୟଗୁଡ଼ିକ ଲିପିବଦ୍ଧ ହୋଇ ରହିବ। ଏହାର ୧୫ ମିନିଟ୍ ମଧ୍ୟରେ କଲ୍ କରିଥିବା ବା ସୂଚନା ଦେଇଥିବା ବ୍ୟକ୍ତିଙ୍କୁ କଣ୍ଟ୍ରୋଲ ରୁମ୍‌ରୁ ଯୋଗାଯୋଗ କରାଯିବ। ୨୪ ଘଣ୍ଟା ମଧ୍ୟରେ ଯଥାଯଥ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅତିରିକ୍ତ ଡିସିପି ମିଶ୍ରଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବେ ପ୍ରତିଦିନ ଏ ସଂକ୍ରାନ୍ତରେ ଆସିଥିବା କଲଗୁଡ଼ିକର ତର୍ଜମା ଓ ସମୀକ୍ଷା କରାଯାଇ ୨୪ ଘଣ୍ଟା ମଧ୍ୟରେ ସମାଧାନ କରାଯିବ। କଟକ ସହରାଞ୍ଚଳ ପୋଲିସର ଏହି ଉଦ୍ୟମକୁ ସଫଳ କରାଇବା ନିମନ୍ତେ ଜନସାଧାରଣ ସହଯୋଗ କରିବାକୁ ଏଡିସିପି ମିଶ୍ର ନିବେଦନ କରିଛନ୍ତି।

## ଟ୍ରକ୍ ଚଢ଼ିଗଲା: ମହିଳା ମୃତ, ସ୍ୱାମୀ-ଝିଅ ଗୁରୁତର

କଟକ,୧୮।୨ (କାର୍ତ୍ତିକ ସାହୁ)

କଟକ ନୂଆବଜାର ଛକରେ ରବିବାର ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ ଚଢ଼ିଯିବା ଫଳରେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ୱାମୀ ଓ ଝିଅ ଗୁରୁତର ହୋଇଛନ୍ତି। କନ୍ଦରପୁର ଥାନା ଅଧୀନ କୋରପଦା ଗ୍ରାମର ଦୀପକ ରାଉତ(୪୯) ତାଙ୍କ ସ୍ତ୍ରୀ ସାରତି(୩୫) ଏବଂ ଝିଅ ସାଇ ପ୍ରିୟଦର୍ଶିନୀ(୧୦)ଙ୍କୁ ସାଙ୍ଗରେ ନେଇ କୌଣସି କାମରେ କଟକ ଆସିଥିଲେ। କାମ ସରିବା ପରେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ସେ ତାଙ୍କ ସ୍ତ୍ରୀ ଏବଂ ଝିଅଙ୍କୁ ସ୍କୁଟିରେ ବସାଇ କଟକରୁ କନ୍ଦରପୁର ଆଡ଼କୁ ଯାଉଥିବାବେଳେ ଏକ ଟ୍ରକ ପାର୍ଶ୍ୱରେ ପିଟି ହୋଇଯାଇଥିଲେ। ଫଳରେ ଭାରସାମ୍ୟ ହରାଇ ସାରତି ଓ ସାଇ ସ୍କୁଟିରୁ ଖସି ଟ୍ରକ ଚକା ତଳେ ପଡ଼ିଯାଇଥିଲେ। ଟ୍ରକ୍‌ର ପଛଚକା ଚଢ଼ିଯିବାରୁ ସାରତିଙ୍କ ଅଣ୍ଟାରୁ ତଳଭାଗ ଅଲଗା ହୋଇ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସାଇଙ୍କର ଡାହାଣ ହାତ କାନ୍ଧ ପାଖରୁ ଅଲଗା ହୋଇଯାଇଥିବାବେଳେ ଗୋଡ଼ ଉପରେ ଚକା ଚଢ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ସେହିପରି ଦୀପକ ମଧ୍ୟ ଗୁରୁତର ହୋଇଛନ୍ତି। ଚିକିତ୍ସାଲାଗି ସାଇ ଓ ଦୀପକଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଦୁର୍ଘଟଣା ପରେ କିଛି ସମୟ ପାଇଁ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଚାଉଳିଆଗଞ୍ଜ ପୋଲିସ ପହଞ୍ଚି ଉକ୍ତ ଟ୍ରକ୍‌କୁ ଥାନାକୁ ନେବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।



କଟକ ଦୋଳମୁଣ୍ଡାଇସ୍ଥିତ ବିଜୟ ଗୋବିନ୍ଦ ଭବନରେ ଓଡ଼ିଶା ଚିତ୍ରକଳା ଏକାଡେମୀ ପକ୍ଷରୁ ରବିବାର ଅନୁଷ୍ଠିତ ଚିତ୍ରକଳା ପ୍ରଦର୍ଶନୀକୁ ପିଲା ଓ ଅଭିଭାବକମାନେ ଦେଖୁଛନ୍ତି।

## ଆଞ୍ଚଳିକ ଉନ୍ନୟନ ପରିଷଦର ନୂତନ କର୍ମକର୍ତ୍ତା ଚୟନ

ମଙ୍ଗୁଳି-ଜଗତପୁର, ୧୮।୨(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଆଗ୍ରାହାଟ ପଞ୍ଚାୟତ ଯାଜଭୈରବ ମୌଜାର ଶ୍ରୀବିହାର କଲୋନୀଠାରେ ଆଞ୍ଚଳିକ ଉନ୍ନୟନ ପରିଷଦର ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଅଞ୍ଚଳର ବିକାଶକୁ ଦୃଷ୍ଟିରେ ରଖି ଶ୍ରୀବିହାର, ବୈଷ୍ଣବ ବିହାର, ବୈଦେଶ୍ୱର କଲୋନୀ, ଲକ୍ଷ୍ମୀବିହାରର ଶତାଧିକ ଯୁବକ ଓ ବୁଦ୍ଧିଜୀବୀ ଏକତ୍ରିତ ହୋଇ ଏଭଳି ପଦକ୍ଷେପ ନେଇଛନ୍ତି। ଏହି ଅବସରରେ ସର୍ବସମ୍ମତି ଭାବେ ପରିଷଦର ନୂତନ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଛି। ସଭାପତି ଭାବେ ବିଶ୍ୱଜିତ୍ ବିଶ୍ୱାଳ, ଉପ ସଭାପତି ବିଶ୍ୱରଞ୍ଜନ କର, ସାଧାରଣ ସମ୍ପାଦକ ମାନସ କୁମାର ଜେନା, ଯୁଗ୍ମ ସମ୍ପାଦକ ମାନସ କୁମାର ସାମଲ, ଶିବପ୍ରସାଦ ନାୟକ, କୋଷାଧ୍ୟକ୍ଷ ଭାବେ ରାଜେଶ କୁମାର ପଣ୍ଡା ମନୋନିତ ହୋଇଛନ୍ତି। ସେହିପରି ମାର୍ଗଦର୍ଶକ ଭାବେ ରବୀନ୍ଦ୍ରନାଥ ମନ୍ତ୍ର, ଗୌରାଙ୍ଗ ଚରଣ ରାଉତ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଗୌରାଙ୍ଗ ଦାଶ, ସୁବାସ ଦାଶ, ବୈରାଗୀ ସ୍ୱାଇଁ, ନିର୍ମଳ ବିଶ୍ୱାଳ, ବିଶ୍ୱନାଥ ସାହୁ, ମନୋରଞ୍ଜନ ରଥ, ଅଧିକାରୀ ନାୟକ, ଶିଶିରକାନ୍ତ ଦଳାଇ, ଜ୍ୟୋତିରଞ୍ଜନ ପରିଜା, ସୁରଜ ପଟ୍ଟନାୟକ, ରଞ୍ଜନ ରାଉତ, ପ୍ରଶାନ୍ତ ପରିଡ଼ା, ଠୁଲଶୂନ୍ୟ ମହାନ୍ତି ଏବଂ ଦୀପକ ସାମନ୍ତରାୟ ପ୍ରମୁଖ ମନୋନିତ ହୋଇଛନ୍ତି।

## ଭାଜପା-ବିଜେଡିର ବାହାଘର କଲା କଂଗ୍ରେସ



କଟକ,୧୮।୨(ଶିଳ୍ପା ପ୍ରିୟଦର୍ଶିନୀ)

ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର କାଜିଡିହସ୍ଥିତ ତ୍ରିନାଥ ମନ୍ଦିରଠାରେ କଂଗ୍ରେସ ପକ୍ଷରୁ ଉଭୟ କେନ୍ଦ୍ର ଓ ରାଜ୍ୟର ଶାସକ ଦଳ ବିରୋଧରେ ରବିବାର ଅଭିନବ ପ୍ରତିବାଦ କରାଯାଇଛି। ସିଏମ୍‌ସିର କଂଗ୍ରେସ କର୍ପୋରେଟର ସନ୍ତୋଷ କୁମାର ଭୋଳଙ୍କ ନେତୃତ୍ୱରେ ଭାଜପା ଓ ବିଜେଡିର ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳର ଦଳୀୟ ଚିହ୍ନ ମୁଖରେ ଲଗାଇ ୨ ଜଣ ବରକନ୍ୟା ସାଜିବା ସହ ଫୁଲମାଳ ପିନ୍ଧାଇଥିଲେ। ଏ ସମ୍ପର୍କରେ ସନ୍ତୋଷ କହିଛନ୍ତି, ଉଭୟ ସରକାର ଓଡ଼ିଆ ଅସ୍ମିତାକୁ ଧ୍ୱଂସ କରୁଛନ୍ତି। ଉଭୟ ସରକାର ପରସ୍ପରକୁ ଆକ୍ଷେପ କରିବା କେବଳ ଏକ ପ୍ରହସନ। ଏହାକୁ ବନ୍ଦ କରନ୍ତୁ ନଚେତ ଏନେଇ ତୀବ୍ର ଆନ୍ଦୋଳନ ହେବ। ବିଜେଡି ଓ ଭାଜପାର ଅସାଧୁ ମେଣ୍ଟ ବିଷୟରେ ଲୋକଙ୍କୁ ଅବଗତ କରିବା ଉଦ୍ଦେଶ୍ୟରେ ଏଭଳି ବିବାହ ଉତ୍ସବ ଆୟୋଜନ କରାଯାଇଥିବା ସନ୍ତୋଷ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କଂଗ୍ରେସ କର୍ପୋରେଟର ସୁବାଶିଷ ପଟ୍ଟନାୟକ, ପିସିସି ସମ୍ପାଦକ ପ୍ରିୟଜିତ୍ ରାୟ, ଜିଲା କଂଗ୍ରେସର ପୂର୍ବତନ ଉପସଭାପତି ଦୀପକ ପରିଡା, ପ୍ରଦେଶ ଯୁବ କଂଗ୍ରେସ ମୁଖପାତ୍ର ଅମ୍ରିତା ଦାସ, ମହିଳା କଂଗ୍ରେସ ନେତ୍ରୀ ପୁଷ୍ପଲତା ଦାଶ, ସୁଜାତା ଦାଶ, ଯୁବ କଂଗ୍ରେସ ନେତା ଅଜୟ ଦାଶ, ଦୀପକ ସାହୁ, ଦେବରାଜ ସାହୁ, ପ୍ରେମ୍ ବାହାଦୁର ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କୁ ସଙ୍ଗଠନରେ ଯୋଡ଼ିବା ଲକ୍ଷ୍ୟ

### କଂଗ୍ରେସର ପ୍ରସ୍ତୁତି ବୈଠକ

କଟକ,୧୮।୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମର ୧୩ ନମ୍ବର ୱାର୍ଡ ଅଧୀନ କାଳୀଗଳିଠାରେ କଂଗ୍ରେସର ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କଟକ ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି ଗିରିବାଳା ବେହେରା ଅଧ୍ୟକ୍ଷତା କରି ୱାର୍ଡ ଅଞ୍ଚଳରେ ସଙ୍ଗଠନକୁ ସୁଦୃଢ଼ କରାଯିବା ସହ ଅଧିକ ସଂଖ୍ୟକ ମହିଳା ସଙ୍ଗଠନରେ ଯୋଡି ହେବା ସମ୍ପର୍କରେ କର୍ମୀଙ୍କ ସହିତ ଆଲୋଚନା କରିଥିଲେ। ୱାର୍ଡ ଅଞ୍ଚଳରେ ବିଧାୟକ ଉନ୍ନୟନ ପାଣ୍ଠିରୁ ହୋଇଥିବା କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଧାୟକ ମହମ୍ମଦ ମୋକିମଙ୍କ ଦ୍ୱାରା ହୋଇଥିବା ଜନମଙ୍ଗଳ କାର୍ଯ୍ୟକୁ ୱାର୍ଡ ଅଞ୍ଚଳର ଲୋକଙ୍କ ନିକଟରେ ପହଞ୍ଚାଇବାକୁ କର୍ମୀଙ୍କୁ ପରାମର୍ଶ ଦିଆଯାଇଛି। ୱାର୍ଡର ପୂର୍ବତନ ସଭାପତି ସୟଦ୍ ରମ୍‌ଜାନ୍ ଅଲ୍ଲୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ ପୂର୍ବତନ କର୍ପୋରେଟର ଚାରୁଲତା ସାହୁ, ବିକି ଚକ୍ରବର୍ତ୍ତୀ, ସୁମିତା ରାୟ, ଜ୍ୟୋତିର୍ମୟୀ ଦାସ, ଗୀତାଞ୍ଜଳି ଦାସ, ସୁଷମା ଦେଈ, ପ୍ରୀତି ଦାସ, ଫିରୋଜା ଖାନମ୍, ସେକ୍ ଆବିଦ୍‌ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ବାଇକ୍, ମୋବାଇଲ ଜବତ: ୨ ଗିରଫ

ଫୁଲନଖରା,୧୮।୨(ସତ୍ୟରଞ୍ଜନ ଦାସମହାପାତ୍ର): ଲୁଟ୍ ଅଭିଯୋଗରେ କଟକ ସଦର ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ସଇଁନ୍ଦା ହରିଜନ ସାହିର ଶୁଭଙ୍କର ଭୋଇ ଓ ସଇଁନ୍ଦା କାଜିପୁରର ଆକାଶ କୁମାର ସାହୁ। ସେମାନଙ୍କଠାରୁ ପୋଲିସ ଗୋଟିଏ ମୋବାଇଲ ଫୋନ ଓ ଏକ ବାଇକ ଜବତ କରିଛି। ସ୍ଥାନୀୟ ନାଗବାଲୀ ଗ୍ରାମର ରାକେଶ ଓଝା ଶନିବାର ସନ୍ଧ୍ୟାରେ ନଦୀବନ୍ଧ ରାସ୍ତାରେ ସାଇକେଲ ଯୋଗେ ଘରକୁ ଫେରୁଥିବାବେଳେ ଅଭିଯୁକ୍ତ ଦ୍ୱୟ ଏକ ବାଇକ୍‌ରେ ଆସି ତାଙ୍କୁ ଧକ୍କା ଦେଇଥିଲେ। ସେ ତଳେ ପଡିଯିବାରୁ ଶୁଭଙ୍କର ତାଙ୍କ ନିକଟରୁ ମୋବାଇଲ୍ ଲୁଟ୍ କରି ବାଇକ ଯୋଗେ ସହଯୋଗୀ ଆକାଶଙ୍କ ସହ ପଳାଇ ଯାଇଥିଲେ। ଏନେଇ ରାକେଶ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୦୩/୨୪) ରୁଜୁ କରିଥିଲା। ପୂର୍ବରୁ ଶୁଭଙ୍କରଙ୍କ ନାଁରେ ଏହି ଥାନାରେ ୫ଟି ଆପରାଧିକ ମାମଲା ଥିବା ଆଇଆଇସି ଜଗନ୍ନାଥ ମଲ୍ଲିକ କହିଛନ୍ତି।

## ଡାଳିଯୋଡ଼ା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ଚୌଦ୍ୱାର,୧୮।୨(ଆଶୁତୋଷ ଦାସ)

ସାହିତ୍ୟ ଅନୁଷ୍ଠାନ ଡାଳିଯୋଡ଼ା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଚୌଦ୍ୱାର ରୋଟାରୀ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି କେ.ସି. ପ୍ରତାପସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଗାଳ୍ପିକ ଡ. ଗୋବିନ୍ଦ ଚନ୍ଦ୍ର ଭୂୟାଁ, ଅବସରପ୍ରାପ୍ତ ପୋଲିସ ପ୍ରଶାସକ ନିରଞ୍ଜନ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ସମାଜକୁ ଠିକ୍ ଦିଗ୍‌ଦର୍ଶନ ଦେବା ପାଇଁ ସୁସାହିତ୍ୟ ସୃଷ୍ଟିର ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ଶ୍ରୀନିବାସ ବେହେରା ସଂସଦର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶରତ କୁମାର ଖୁଣ୍ଟିଆ ସ୍ୱାଗତ ଭାଷଣ ଓ ମନୋଜ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସଂସଦର ମୁଖପତ୍ର 'ଡାଳିଯୋଡ଼ା' ଉନ୍ମୋଚିତ ହୋଇଥିଲା। ବ୍ରଜକିଶୋର ପାତ୍ର, ନିର୍ମଳା ପରିଡ଼ା, ଜୟନ୍ତୀ ପୃଷ୍ଟି, ପ୍ରତୀକ୍ଷା ମହାନ୍ତି ଓ ତପସ୍ୱିନୀ ରାୟଙ୍କୁ ସଂସଦ ତରଫରୁ ଯଥାକ୍ରମେ ସାହିତ୍ୟ, କବିତା, ସେବା ଓ ନବ ଉନ୍ମେଷ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ପ୍ରଫୁଲ୍ଲ ସାହୁଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ବୈଦ୍ୟନାଥ ଖିଲାର, ଲକ୍ଷ୍ମୀଧର ମହାରଣା, ଅଶୋକ ପଣ୍ଡା, ବୈକୁଣ୍ଠନାଥ ତାରେଣିଆ, ଦିଲ୍ଲିପ ସାହୁ, ବାଣୀଭୂଷଣ ମହାନ୍ତିଙ୍କ ସମେତ ବହୁ କବୟିତ୍ରୀ ଓ କବି ସ୍ୱରଚିତ କବିତାପାଠ କରିଥିଲେ। ଅଶୋକ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ବସୁଧୈବ କୁଟୁମ୍ବକମ ମିଶନର ଆଲୋଚନାଚକ୍ର

କଟକ,୧୮।୨ (କାର୍ତ୍ତିକ ସାହୁ)

ବସୁଧୈବ କୁଟୁମ୍ବକମ ମିଶନର ୯୪ତମ ଅଧିବେଶନ ଲିଙ୍କ୍ ରୋଡ୍‌ସ୍ଥିତ ଲିଙ୍କ୍ ଚକ୍ଷୁ ଚିକିତ୍ସାଳୟ ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବୈଜ୍ଞାନିକ କିଶୋର ଚନ୍ଦ୍ର ମହାନ୍ତି ଯୋଗଦେଇ ଭାଗ୍ୟ ଏକ ବିଜ୍ଞାନ ଓ ଭବିଷ୍ୟ ମଧ୍ୟ ଏହି ବିଜ୍ଞାନ ଉପରେ ନିର୍ଭର କରେ ବୋଲି ମତବ୍ୟକ୍ତ କରିଛନ୍ତି। ସମ୍ମାନିତ ଅତିଥି ପ୍ରଫେସର ଜ୍ୟୋତିଷ ଚନ୍ଦ୍ର ମହାନ୍ତି, ଡା. ସେକ୍ ଫଜାଲ ଅଲ୍ଲୀ ଭାଗ୍ୟ ଓ ଭବିଷ୍ୟ ଶୀର୍ଷକ ଆଲୋଚନାଚକ୍ରରେ ମତ ଉପସ୍ଥାପନ କରିଥିଲେ। ନୀହାର ରଞ୍ଜନ ପରିଡ଼ା ଅତିଥିଙ୍କୁ ଆମନ୍ତ୍ରଣ ଓ ବିଜୟ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଫେସର ଡା. ଉତ୍ତମ ଚରଣ ସାହୁ, ଡା. ଅକ୍ଷୟ କୁମାର ମିଶ୍ର, ପ୍ରଧାନ ଶିକ୍ଷକ ଅମରେଶ ମହଲା, ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସ୍ୱାମୀ, ଆଲୋକ କୁମାର ସାହୁ, ପ୍ରମୋଦ କୁମାର ସାହୁ, ନିର୍ମଳା ସାହୁ, ବିଜ୍ଞାନାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଡ. ଅର୍ଜୁନ ଚରଣ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

# 'ରାଷ୍ଟ୍ରର ଉତ୍ଥାନରେ ପତ୍ରିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ'

### ରାଷ୍ଟ୍ରଦୀପର ବସନ୍ତ ମିଳନ

କଟକ,୧୮।୨(କାର୍ତ୍ତିକ ସାହୁ)




ରାଷ୍ଟ୍ରଦୀପର ବାସନ୍ତିକ ବିଶେଷାଙ୍କଙ୍କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ସାପ୍ତାହିକ ରାଷ୍ଟ୍ରଦୀପର ତ୍ରିଂଶତମ ବସନ୍ତ ମିଳନ ଉତ୍ସବ କଟକ ସାରଳା ଭବନରେ ରବିବାର ପାଳିତ ହୋଇଯାଇଛି। ରାଷ୍ଟ୍ରଦୀପ ପରିଚାଳନା ସମିତି ସଭାପତି ଅନୁପ କୁମାର ବୋଷଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କମଲଜିତ୍ ସିଂହ ଯୋଗଦେଇ କହିଛନ୍ତି, ରାଷ୍ଟ୍ରର ଉତ୍ଥାନ ପାଇଁ ରାଷ୍ଟ୍ରଦୀପ ଭଳି ପତ୍ରିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟବକ୍ତା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହକାର୍ଯ୍ୟବାହ ରାମଦତ୍ତ ଚକ୍ରଧର ବର୍ତ୍ତମାନର ଯୁବପିଢ଼ିଙ୍କ ମଧ୍ୟରେ ରାଷ୍ଟ୍ରୀୟତା ଭାବନା ଜାଗ୍ରତ କରାଇବାରେ ରାଷ୍ଟ୍ରଦୀପର ପ୍ରତିବଦ୍ଧତା ରହିଛି ବୋଲି କହିଛନ୍ତି। ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ସ୍ତମ୍ଭକାର ସମନ୍ୱୟ ନନ୍ଦ, ସୁଧିରାଜ ରାଉତ, ଶିଶୁ ସାହିତ୍ୟିକ ପୂର୍ଣ୍ଣଚନ୍ଦ୍ର ବେହେରା, ସୂଚନା ଓ ପ୍ରଯୁକ୍ତି ପରାମର୍ଶଦାତା ନେପୋଲିୟନ୍ ମହାନ୍ତ, ଶ୍ରେଷ୍ଠ ବିତରକ ବିଶ୍ୱରାଣୀ ସାହୁ ଓ ସୌମେନ୍ଦ୍ର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ରାଷ୍ଟ୍ରଦୀପର ୱେବ୍‌ସାଇଟ୍, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ ଆଧାରିତ ସଂଘର୍ଷ, ସଂକଳ୍ପ ଓ ସଫଳତାର ଗାଥା-ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁସ୍ତକ ସମେତ ରାଷ୍ଟ୍ରଦୀପର ବାସନ୍ତିକ ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ସହସମ୍ପାଦିକା ପ୍ରଜ୍ଞା ପରିମିତା ଆଚାର୍ଯ୍ୟ ମାନପତ୍ର ପାଠ କରିଥିଲେ। ରାଷ୍ଟ୍ରଦୀପର ବ୍ୟବସ୍ଥା ପ୍ରମୁଖ କୁଳମଣି ପ୍ରଧାନ, ପରିଚାଳକ ଜ୍ୟୋତିରଞ୍ଜନ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରକାଶକ ବିପିନ୍ ବିହାରୀ ରାଉତ ଧନ୍ୟବାଦ ଦେଇଥିଲେ।

# ଜ୍ଞାନ ଆହରଣ ପାଇଁ ବାହାର ରାଜ୍ୟକୁ ଯିବେ ଚାଷୀ

ଭୁବନେଶ୍ୱର, ୧୮।୨ (ଅସମାପିକା ସାହୁ)

ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା ୨୦୨୪ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ସଭାପତିତ୍ୱ କରି କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ, ରାଜ୍ୟର ୯୨ ପ୍ରତିଶତ ଚାଷୀ କ୍ଷୁଦ୍ର ଓ ନାମମାତ୍ର ହୋଇଥିବାବେଳେ ସେମାନଙ୍କ ଆୟବୃଦ୍ଧି ନିମନ୍ତେ କୃଷି ସହିତ ମାଛଚାଷ ଓ ପ୍ରାଣିପାଳନ ଏକ ସର୍ବୋତ୍କୃଷ୍ଟ ମାଧ୍ୟମ। ଚାଷୀମାନଙ୍କୁ ଉନ୍ନତ ଜ୍ଞାନକୌଶଳର ବ୍ୟବହାର ସମ୍ପର୍କରେ ଅବଗତ କରାଇବା ଓ ଦକ୍ଷ କରାଇବା ପାଇଁ ଅଧିକରୁ ଅଧିକ କୃଷକଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ କରାଯିବ। ଏଥିସହ ଜ୍ଞାନ ଆହରଣ ପାଇଁ ସେମାନଙ୍କୁ ବାହାର ରାଜ୍ୟକୁ ପରିଭ୍ରମଣରେ ପଠାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସମାବେଶରେ ପ୍ରଥମଥର ପାଇଁ ଆୟୋଜିତ 'ଆସ୍କ ଦି ମିନିଷ୍ଟର' କାର୍ଯ୍ୟକ୍ରମରେ ଚାଷୀମାନେ ମନ୍ତ୍ରୀଙ୍କୁ ସିଧାସଳଖ ପ୍ରଶ୍ନ ପଚାରିଥିଲେ। ମନ୍ତ୍ରୀ ସବୁ ପ୍ରଶ୍ନର ଉତ୍ତର ମଧ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲାର ୧୦୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ।



ମତ୍ସ୍ୟ-ପ୍ରାଣୀ ସମାବେଶର ରବିବାର ଉଦ୍‌ଯାପନୀ ଉତ୍ସବରେ ଓୟୁଏଟି ଷ୍ଟଲକୁ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଉଛି।

## ସରିଲା ମତ୍ସ୍ୟ-ପ୍ରାଣୀ ସମାବେଶ

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ସରକାରୀ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଗୋପାଳନ ଓ ପ୍ରାଣିପାଳନ ଆୟବୃଦ୍ଧି ଓ ରୋଜଗାର ସୃଷ୍ଟିର ଏକ ବଳିଷ୍ଠ ମାଧ୍ୟମ। ରାଜ୍ୟରେ ମାଛଚାଷ, ଗୋପାଳନ ଓ ପ୍ରାଣିପାଳନର ପର୍ଯ୍ୟାପ୍ତ ସୁଯୋଗ ରହିଥିବାବେଳେ ପ୍ରଥମଥର ପାଇଁ ରାଜ୍ୟସ୍ତରରେ ଆୟୋଜିତ ଏହି ସମାବେଶ ରାଜ୍ୟର ଆନୁଷଙ୍ଗିକ କ୍ଷେତ୍ରର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ କହିଲେ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଫଳରେ ରାଜ୍ୟର କୋଣ ଅନୁକୋଣରେ ମାଛଚାଷ ଓ ପ୍ରାଣିପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢ଼ିଛି। ଏହାଦ୍ୱାରା ଗାଁଗହଳିର ଲୋକଙ୍କୁ ପୁଷ୍ଟିକର ଖାଦ୍ୟ ସହଜରେ ମିଳିପାରୁଛି। ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଉଦ୍ୟାନକୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିମଳେନ୍ଦୁ ରାୟ ପ୍ରମୁଖ ମତ୍ସ୍ୟ ଓ ପ୍ରାଣିସମ୍ପଦର ଅଭିବୃଦ୍ଧିର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ।

ଏହି ଅବସରରେ ରାଜ୍ୟର ଚାମ୍ପିୟନ୍ ଚାଷୀଙ୍କ ସମେତ କାର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ଅଧିକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ମତ୍ସ୍ୟ ଓ ପ୍ରାଣିପାଳନ ଭିତ୍ତିକ ଉଦ୍ୟୋଗ ପ୍ରତିଷ୍ଠା କରିଥିବା ଉଦ୍ୟୋଗୀଙ୍କୁ ସବ୍‌ସିଡି ରାଶିର ଚେକ୍ ପ୍ରଦାନ କରାଯାଇଥିଲା। ପ୍ରଦର୍ଶନରେ ସର୍ବୋତ୍କୃଷ୍ଟ ଷ୍ଟଲ ନିମନ୍ତେ ସରକାରୀ ବିଭାଗରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ବେସରକାରୀ ବିଭାଗରେ ପଶୁପତି ଆଗ୍ରୋଭେଟ୍ ପ୍ରାଇଭେଟ୍ ଲିମିଟେଡ୍ ଓ ଷ୍ଟାର୍ଟଅପ୍ ବିଭାଗରେ ଗୌମୟ ଆଗ୍ରୋ ପ୍ରାଇଭେଟ୍ ଲିମିଟେଡ୍ ଓ ସ୍ୱତନ୍ତ୍ର ପୁରସ୍କାର ବର୍ଗରେ ଥିଙ୍କ୍‌ର ଇନୋଭେଟିଭ୍ ସଲ୍ୟୁଶନ୍ ପ୍ରାଇଭେଟ୍ ଲିମିଟେଡ୍ ଓ ହରିୟାଣାର ଯୁବରାଜ ମୁରା ବଫାଲୋକୁ ପୁରସ୍କୃତ କରାଯାଇଥିଲା। ସମ୍ବଲପୁରର ମହିଳା ଚାଷୀ ଅନିତା ଓରାମ୍ ସ୍ୱାଗତ ଭାଷଣ ଓ ପୁରୀର ମହିଳା ଚାଷୀ ତନ୍ମୟୀ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରକଳ୍ପ ଜମି ପାଇଁ ତହସିଲଦାରଙ୍କ ଗୋଡ଼ ଧରି ଗୁହାରି

ହାଟଡ଼ିହୀ, ୧୮।୨ (ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବଞ୍ଚୋ ପଞ୍ଚାୟତରେ ସରକାରୀ ଉନ୍ନୟନ ଯୋଜନାରେ ଅନୁମୋଦିତ ପ୍ରକଳ୍ପ ନିର୍ମାଣ ପାଇଁ ଜମି ଅଭାବ ପଡ଼ୁଛି। ଫଳରେ ସରପଞ୍ଚ ପ୍ରଶାନ୍ତ କୁମାର ରାଉତ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଜମି ଚିହ୍ନଟ ପାଇଁ ହାଟଡ଼ିହୀ ତହସିଲଦାର ହାବିଲ ଖାଖାଙ୍କୁ ଗୁହାରି କରିଛନ୍ତି। ଏହି ସମୟରେ ସେ ଆଣ୍ଠୁ ମାଡ଼ି ତହସିଲଦାରଙ୍କ ଗୋଡ଼ ଧରି ନିବେଦନ କରୁଥିବା ଏକ ଭିଡିଓ ଭାଇରାଲ ହୋଇଛି। ଯାହା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ସରପଞ୍ଚଙ୍କ ସୂଚନା ଅନୁଯାୟୀ, ପଞ୍ଚାୟତକୁ ଆସିଥିବା ଉନ୍ନୟନ ପ୍ରକଳ୍ପ କାମ ଜମି ଅଭାବରୁ ହୋଇପାରୁନାହିଁ। ଏ ନେଇ ତହସିଲଦାରଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ବି କର୍ଣ୍ଣପାତ କରୁନାହାନ୍ତି। ସ୍ଥାନୀୟ ଆରଆଇ ମଧ୍ୟ ଦୀର୍ଘ ୪ ମାସ ହେବ ଜାଣିଶୁଣି ଉନ୍ନୟନ କାର୍ଯ୍ୟରେ ଅସହଯୋଗ କରୁଛନ୍ତି। ବିଭିନ୍ନ ପଞ୍ଚାୟତରେ ଗୋଚର ଜମିରେ ସରକାରୀ ଉନ୍ନୟନ କାର୍ଯ୍ୟ ହେଉଥିବା ବେଳେ ରାଜସ୍ୱ ବିଭାଗ ଚୁପ୍ ରହୁଛି। ସେ ଗୋଚର ଜମି ଚିହ୍ନଟ କରିବାକୁ କହିନାହାନ୍ତି। ଆବଶ୍ୟକୀୟ ଜମି ଚିହ୍ନଟ କରି ରିପୋର୍ଟ ଦେଲେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ହେବ ବୋଲି ଗୁହାରି କରିଛନ୍ତି। ଏପରିକି ଜମି ଚିହ୍ନଟ ନ କରିବାରୁ ଏକ ରାସ୍ତା କାର୍ଯ୍ୟ ମଧ୍ୟ ହୋଇପାରୁ ନ ଥିବା କହିଥିଲେ।

### ଗୋଚର ଜମି କିସମ ପରିବର୍ତ୍ତନ ସମ୍ଭବ ନୁହେଁ: ତହସିଲଦାର

ତହସିଲଦାର ହାବିଲ କହିଛନ୍ତି, ସରପଞ୍ଚ ଗୋଚର ଜମିରେ ମିନି ଷ୍ଟାଡିୟମ ଏବଂ ଏଏନ୍‌ଏମ୍ କେନ୍ଦ୍ର ପ୍ରକଳ୍ପର ନିର୍ମାଣ କରିବା ନିମନ୍ତେ ଜମି ଚିହ୍ନଟ ପାଇଁ ଦାବି କରୁଛନ୍ତି। ଏକ ମିନି ଷ୍ଟାଡ଼ିୟମ ନିର୍ମାଣ କାର୍ଯ୍ୟ ପାଇଁ ୩ ଏକର ଜମି ଏବଂ ଏଏନ୍‌ଏମ କେନ୍ଦ୍ର ନିର୍ମାଣ ପାଇଁ ଅଳ୍ପ ପରିମାଣର ଜମି ଦରକାର ଅଛି। ସ୍ଥାନୀୟ ଆରଆଇଙ୍କୁ ଡାକି ଘଟଣା ଦିଗରେ ତଦନ୍ତ ଏବଂ ଅନୁଧ୍ୟାନ କରାଯାଇଛି। କିନ୍ତୁ ହିସାବ ଅନୁସାରେ ସମ୍ପୃକ୍ତ ଗ୍ରାମରେ ୫ ପ୍ରତିଶତରୁ କମ ଗୋଚର ଜମି ରହିଛି। ଅଧିକ ଥିଲେ କିସମ ପରିବର୍ତ୍ତନ କରାଯାଇ ପାରିବ। ତେଣୁ ଦାବି କରାଯାଉଥିବା ଗୋଚର ଜମିର କିସମ ପରିବର୍ତ୍ତନ କରି ମିନି ଷ୍ଟାଡିୟମ କାର୍ଯ୍ୟ କରିବା ସମ୍ଭବପର ନୁହେଁ। ଏଥିସହ ଏଏନ୍‌ଏମ କେନ୍ଦ୍ର ନିର୍ମାଣ କାର୍ଯ୍ୟ ପାଇଁ ଅଳ୍ପ ପରିମାଣର ଜମି ଆବଶ୍ୟକ ଥିବାରୁ ତାହା ସମ୍ପୃକ୍ତ ଗ୍ରାମରେ ଥିବା ଅନ୍ୟ କିସମ ଜମିରେ କରାଯାଇ ପାରିବ ବୋଲି ହାବିଲ କହିଥିଲେ।

# ୨ କି.ମି. ଖଟିଆରେ ବୁହାହେଲେ ପ୍ରସୂତି

ଜୁନାଗଡ଼, ୧୮।୨ (ଅଂଶୁମାନ ଯୋଶୀ)

କଳାହାଣ୍ଡି ଜୁନାଗଡ଼ ବ୍ଲକରେ ପୁଣି ଜନନୀ ଯନ୍ତ୍ରଣା ଦେଖିବାକୁ ମିଳିଛି। ରବିବାର ଏହି ବ୍ଲକ ଦାସିଗାଁ ପଞ୍ଚାୟତ କିଞ୍ଜିକନା ଗ୍ରାମର ରାଇମତି ମାଝି (୨୭)ଙ୍କୁ ପ୍ରସବ ପୀଡା ହୋଇଥିଲା। ପରିବାରବର୍ଗ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ରାସ୍ତା ଖରାପ ଯୋଗୁ

### ରାସ୍ତାରେ ହେଲା ପ୍ରସବ

ଗାଁକୁ ୧୦୮ ଆମ୍ବୁଲାନ୍ସ ଆସି ନ ପାରି ଅଧା ବାଟରେ ଅଟକି ରହିଥିଲା। ଫଳରେ ପ୍ରାୟ ୨ କି.ମି. ଗର୍ଭବତୀଙ୍କୁ ଗାଁରୁ ଖଟିଆରେ ଆମ୍ବୁଲାନ୍ସ କର୍ମଚାରୀଙ୍କ ସହାୟତାରେ ଅଣାଯାଉଥିବାବେଳେ ବାଟରେ ମହିଳା ଜଣକ ପ୍ରସବ କରିଥିଲେ। ସ୍ଥାନୀୟ ଆଶାକର୍ମୀ ଉମା ବାଗଙ୍କ ସହାୟତାରେ ମହିଳାଙ୍କ ପ୍ରସବରେ କୌଣସି ଅସୁବିଧା ହୋଇ ନ ଥିବାବେଳେ ସେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ପରେ ସ୍ଥାନୀୟ ଚିଲଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି କିଛି ସମୟ ଉଭୟ ମା' ଓ ଝିଅଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସେମାନେ ସୁସ୍ଥ ଥିବାରୁ ଘରକୁ ଫେରିଥିବା ଜଣାପଡିଛି।

# ଓଡ଼ିଶାରେ ୩୩% ଲୋକ ମୋଟା

## 'ଆୟୁର୍ବେଦିକ ଚିକିତ୍ସା ସର୍ବପୁରାତନ, ପାର୍ଶ୍ୱ ପ୍ରତିକ୍ରିୟାବିହୀନ'




ଭୁବନେଶ୍ୱର, ୧୮।୨ (ଅସମାପିକା ସାହୁ)

ଆଜିର ସମୟରେ ଆମ ଖାଦ୍ୟଶୈଳୀ ଠିକ୍ ନ ଥିବାରୁ ମୋଟାପଣ ବଢୁଛି। ଦେଶ ତୁଳନାରେ ଓଡ଼ିଶାରେ ଅଧିକ ଲୋକ ଏପରି ଶାରୀରିକ ଅସନ୍ତୁଳନତାର ଶିକାର ହେଉଛନ୍ତି। ଭାରତରେ ୩୦% ଲୋକ ମୋଟାପଣର ଶିକାର ହେଉଥିବା ବେଳେ ଓଡ଼ିଶାରେ ଏହା ୩୩% ରହିଛି ବୋଲି ଏମ୍‌ସ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ଡା. ଅଶୋକ କୁମାର ମହାପାତ୍ର କହିଛନ୍ତି। ଓଡ଼ିଶା ପ୍ରାଦେଶିକ ଆୟୁର୍ବେଦିକ ସମ୍ମିଳନୀ ଓ ଅଖିଳ ଭାରତୀୟ ଆୟୁର୍ବେଦିକ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ରବିବାର ବ୍ଲାଇଣ୍ଡ୍ ଆସୋସିଏଶନ ସମ୍ମିଳନୀ କକ୍ଷରେ 'ଚତୁର୍ଥ ବାର୍ଷିକ ଅଧିବେଶନ' ଅନୁଷ୍ଠିତ ହୋଇଥିଲା। ଏଥିରେ ଡା. ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ସତ୍ୟ ଯୁଗରୁ ଆୟୁର୍ବେଦିକ ଚିକିତ୍ସା ରହି ଆସିଛି। ଆଉ ମହାପ୍ରଭୁ ଶ୍ରୀଜଗନ୍ନାଥ ମଧ୍ୟ ଅସୁସ୍ଥ ହେଲେ ଆୟୁର୍ବେଦିକ ଚିକିତ୍ସା କରାଯାଉଛି। ବର୍ତ୍ତମାନ ଲୋକମାନେ ଜୀବନ ଶୈଳୀରେ ପରିବର୍ତ୍ତନ କରିଛନ୍ତି। ଶରୀର, ମନ ଓ ଆତ୍ମା ଭିତରେ ସମନ୍ୱୟ ରହୁନି। ମନ ସ୍ଥିର ରହିବା ସହିତ ଆତ୍ମା ଶାନ୍ତ ରହିଲେ ରୋଗ ହେବ ନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ।

ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଚିକିତ୍ସା ବିଜ୍ଞାନରେ ସର୍ବପୁରାତନ ଭାବେ ଆୟୁର୍ବେଦିକ ଚିକିତ୍ସାକୁ ଗ୍ରହଣ କରାଯାଇଛି। ଆଜିପର୍ଯ୍ୟନ୍ତ ସମଗ୍ର ମାନବ ସମାଜକୁ ଏହା ପାର୍ଶ୍ୱ ପ୍ରତିକ୍ରିୟାବିହୀନ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛି। କୋଭିଡ୍ ସମୟରେ ଆୟୁର୍ବେଦିକ ଚିକିତ୍ସା ରୋଗୀଙ୍କୁ ନୂଆ ଜୀବନ ଦେଇଛି। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୫-ଟି କାର୍ଯ୍ୟକ୍ରମରେ ଆୟୁଷ ଡାକ୍ତରଖାନାକୁ ରୂପାନ୍ତରିତ କରୁଥିବା ସ୍ୱାସ୍ଥ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ନାରାୟଣ ଚନ୍ଦ୍ର ଦାଶ ଆୟୁର୍ବେଦିକ ଚିକିତ୍ସାରେ ସବୁବେଳେ ଲୋକେ କିପରି ସୁସ୍ଥ ହୋଇପାରିବେ, ତାହା ଉପରେ ଚିକିତ୍ସା କରାଯାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମିଳନୀର ସଭାପତି ଉମେଶ ଚନ୍ଦ୍ର ପୃଷ୍ଟି, ସମ୍ପାଦକ ଗୌରୀ ଶଙ୍କର ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ତିନିଶହରୁ ଉର୍ଦ୍ଧ୍ୱ ଚିକିତ୍ସକ ଓ ଗବେଷକ ଯୋଗଦେଇଥିଲେ। ଏହି ଅବସରରେ ନୂତନ ସଭାପତି ଭାବେ ଡା. ଧନେଶ୍ୱର ବଳିଆରସିଂହ ଏବଂ ସାଧାରଣ ସମ୍ପାଦକ ଭାବେ ଡା. ଶରତ କୁମାର ରାଉତ ନିର୍ବାଚିତ ହୋଇଥିଲେ।







# ଡଗ୍ ଶୋ' ମୁଖ୍ୟ ଆକର୍ଷଣ

# କଳା କୌଶଳ ଦେଖାଇଲେ କୁକୁର

ଭୁବନେଶ୍ୱର, ୧୮।୨ (ଅସମାପିକା ସାହୁ)

ମତ୍ସ୍ୟ-ପ୍ରାଣୀ ସମାବେଶର ଶେଷ ଦିନରେ ମୁଖ୍ୟ ଆକର୍ଷଣ ଥିଲା ଡଗ୍ ଶୋ'। ଏହାକୁ ବିଭାଗୀୟ ସଚିବ ସୁରେଶ କୁମାର ବଶିଷ୍ଠ ଉଦ୍‌ଘାଟନ କରିଥିଲେ। ଏଥିରେ ଓଡ଼ିଶା କେନେଲ୍ କ୍ଲବ୍ (ଓକେସି) ତରଫରୁ ୨୫ଟି କୁକୁର ଭାଗ ନେଇଥିଲେ। ଲାବ୍ରାଡର, ଜର୍ମାନ ସେଫର୍ଡ, ବେଲଜିଆନ୍ ମାଲିନଇସ୍, ପଗ୍, ହସ୍କି, ରଟ୍‌ୱେଲର, ଗ୍ରେଟ୍ ଡେନ୍, ଟୟ ପୁଡ୍‌ଲ, ବିଗିଲ, ଚାଓ ଚାଓ ଆଦି କୁକୁର ଦର୍ଶକଙ୍କୁ ବିଭିନ୍ନ କଳା କୌଶଳ ଦେଖାଇବା ସହ ମନୋରଞ୍ଜନ କରିଥିଲେ। କଟକରୁ ଆସିଥିବା ରଶ୍ମିତାଙ୍କ ବେଲ୍‌ଜିଆନ ମାଲିନଇସ୍ କୁକୁରର ଓବିଡିଏଣ୍ଟ କଳା କୌଶଳ ମନ ଜିଣିଥିଲା। କେନେଲ୍ କ୍ଲବ୍ ସଭାପତି ସୁବ୍ରତ ପୃଷ୍ଟି କାନାଇନ୍ ଗୁଡ୍ ସିଟିଜେନ୍ ସାର୍ଟିଫିକେଟ ବିଷୟରେ ଲୋକଙ୍କୁ ବୁଝାଇଥିଲେ। କାନାଇନ୍ ଗୁଡ୍ ସିଟିଜେନ୍ ଟ୍ରେନିଂ ଦେଲେ କୁକୁରମାନେ ଆଉ କାମୁଡ଼ା ହେବେ ନାହିଁ ବା ଅଚିହ୍ନା ଲୋକ ବା ଅନ୍ୟ କୁକୁରଙ୍କ ସାମ୍ନାରେ ଅସ୍ଥିର ହେବେ ନାହିଁ। ସୁବ୍ରତ କହିଛନ୍ତି, ବିଏମ୍‌ସି ଯେଉଁ ଡଗ୍ ଗାଇଡ଼ଲାଇନ୍ ଅଧିନିୟମ ଆଣିଛି, ସେଥିରେ ଯେଉଁ ବ୍ୟକ୍ତି କୁକୁର ରଖିବେ ସେମାନଙ୍କୁ ନିଜ କୁକୁର ପାଇଁ କାନାଇନ୍ ଗୁଡ୍ ସିଟିଜେନ୍ ସାର୍ଟିଫିକେଟ୍ ହାସଲ କରିବା ବାଧ୍ୟତାମୂଳକ କରିବା ଆବଶ୍ୟକ। ଆମ କ୍ଲବ୍ ତରଫରୁ ଆମେ ଏହି ଟ୍ରେନିଂ ମାଗଣାରେ ପ୍ରଦାନ କରୁଛୁ। ଓକେସିର କୋଷାଧ୍ୟକ୍ଷ ରବିନ୍ ସାହୁ କାର୍ଯ୍ୟକ୍ରମ ପରିଚାଳନାରେରେ ସହଯୋଗ କରିଥିଲେ।

# ମୁକ୍ତିମଣ୍ଡପ ପଣ୍ଡିତସଭାର ପଣାସଂକ୍ରାନ୍ତି ତାରିଖ ଘୋଷଣାକୁ ବିରୋଧ

### ହାଇକୋର୍ଟ ଯିବେ ଜ୍ୟୋତିର୍ବିଦ୍

ଭୁବନେଶ୍ୱର, ୧୮।୨ (ବନ୍ଦନା ସେଠୀ)

ସିଦ୍ଧାନ୍ତ ଦର୍ପଣ ଗଣନା ଏବଂ ଆଧୁନିକ ଗଣନା ଅନୁଯାୟୀ ଏପ୍ରିଲ ୧୩ରେ ମହାବିଷୁବ ପଣାସଂକ୍ରାନ୍ତି ପଡୁଛି। ମାତ୍ର ମୁକ୍ତିମଣ୍ଡପ ପଣ୍ଡିତମାନେ ଏପ୍ରିଲ ୧୪ରେ ପଣାସଂକ୍ରାନ୍ତି ପଡୁଥିବା ଦାବି କରିଛନ୍ତି, ଯାହାକି ସମ୍ପୂର୍ଣ୍ଣ ଭୁଲ୍ ବୋଲି ଜ୍ୟୋତିର୍ବିଦ୍‌ମାନେ ଦାବି କରିଛନ୍ତି। ଏଥିସହ ୧୩ ତାରିଖରେ ସଂକ୍ରାନ୍ତି ପାଳନ ନ ହେଲେ ହାଇକୋର୍ଟର ଆଶ୍ରୟ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ରବିବାର ଖାରବେଳ ନଗରସ୍ଥିତ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସର୍ଭିସ ଆସୋସିଏଶନ୍‌ଠାରେ ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦ ଭୁବନେଶ୍ୱର




ଓ ଭାଗ୍ୟଜ୍ୟୋତି ପ୍ରକାଶନ କଟକ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଫେବୃଆରୀ ୧୨ରେ ହୋଇଥିବା ବୈଠକରେ ଏକପାଖିଆ ନିଷ୍ପତ୍ତିକୁ ସର୍ବସମ୍ମତି ନାମ ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ଭାଗ୍ୟଜ୍ୟୋତିର ଗଣକ ପଣ୍ଡିତ ବିଶି ଓ ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକାର ଗଣକ ପଣ୍ଡିତ ଦୋଳଗୋବିନ୍ଦ ପଣ୍ଡା କହିଛନ୍ତି, ପଣା ସଂକ୍ରାନ୍ତିକୁ ନେଇ ବିବାଦ ଉପୁଜିବାରୁ ଏ ସମ୍ପର୍କରେ ଠିକ୍ ନିର୍ଣ୍ଣୟ ନେବା ପାଇଁ ଉକ୍ତ ବୈଠକ ହୋଇଥିଲା। ମାତ୍ର ସେଠାରେ ବହୁ ଜ୍ୟୋତିର୍ବିଦ ଓ ପଞ୍ଜିକା ଗଣକଙ୍କ ପ୍ରମାଣ ସତ୍ତ୍ୱେ ୧୪ ତାରିଖରେ ପଣାସଂକ୍ରାନ୍ତି ହେବ ବୋଲି ପଣ୍ଡିତ ସଭା ଏକତରଫା ନିଷ୍ପତ୍ତି ନେଇ ସର୍ବସମ୍ମତିର ନାମ ଦେଇଛନ୍ତି, ଯାହାକି ସମ୍ପୂର୍ଣ୍ଣ ମିଥ୍ୟା। ଅପରପକ୍ଷେ ମୁକ୍ତିମଣ୍ଡପ ପଣ୍ଡିତ ସଭାରେ କୌଣସି ଜ୍ୟୋତିର୍ବିଦ ପଣ୍ଡିତ ନାହାନ୍ତି। ମୁକ୍ତିମଣ୍ଡପ ସଭା ଓ ଜ୍ୟୋତିର୍ବିଦ୍‌ଙ୍କ ମଧ୍ୟରେ ବିବାଦ ଥିବାରୁ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ୨ଜଣ ପ୍ରାଧ୍ୟାପକଙ୍କୁ ଡକାଯାଇଥିଲା। ସେହିପରି ଓଡ଼ିଶାର ୭ଟା ପାଞ୍ଜି ଓ ଭାରତବର୍ଷର ଅନ୍ୟ ସମସ୍ତ ପାଞ୍ଜିରେ ୧୩ରେ ସଂକ୍ରାନ୍ତି ପଡୁଛି। ଏପରି କି କାଞ୍ଚିପୀଠର ଶଙ୍କରାଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅଗଷ୍ଟ ୧୦ ଓ ୧୧ରେ ବାରାଣସୀଠାରେ ଅନୁଷ୍ଠିତ ପାଞ୍ଜି ବୈଠକରେ ମଧ୍ୟ ୧୩ରେ ସଂକ୍ରାନ୍ତି ପଡୁଥିବା ନିଷ୍ପତ୍ତି ହୋଇଥିଲା। ତେଣୁ ଏତେସବୁ ପରେ କେଉଁ ଆଧାରରେ ମୁକ୍ତିମଣ୍ଡପ ପଣ୍ଡିତମାନେ ଏପ୍ରିଲ ୧୪ ତାରିଖରେ ସଂକ୍ରାନ୍ତି ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ଜ୍ୟୋତିର୍ବିଦ୍‌ମାନେ ପ୍ରଶ୍ନ କରିଛନ୍ତି। ପୂର୍ବତନ ମୁଖ୍ୟଶାସନ ସଚିବ ସହଦେବ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସିଦ୍ଧାନ୍ତ ଦର୍ପଣର ହିନ୍ଦୀ ଓ ଇଂଲିଶ ଅନୁବାଦକ ଜ୍ୟୋତିଃପଦାର୍ଥବିତ୍ ଅରୁଣ କୁମାର ଉପାଧ୍ୟାୟ, ଚନ୍ଦ୍ରଶେଖର ସ୍ମୃତି ପରିଷଦ ସମ୍ପାଦକ ନାରାୟଣ ମଲ୍ଲିକ, ପାଞ୍ଜି ସମୀକ୍ଷକ ହରିଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟରେ ଖୋଲିବ ୧୮ ସରକାରୀ ଡିଗ୍ରୀ କଲେଜ

ଭୁବନେଶ୍ୱର, ୧୮।୨ (ଅସମାପିକା ସାହୁ)

ରାଜ୍ୟରେ ଆଉ ୧୮ଟି ସରକାରୀ ଡିଗ୍ରୀ କଲେଜ ଖୋଲିବ। ଚଳିତ ଶିକ୍ଷାବର୍ଷଠାରୁ ଏସବୁ କଲେଜ କାର୍ଯ୍ୟକ୍ଷମ ହେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଗସ୍ତ ସମୟରେ ନିଜ ଅଞ୍ଚଳରେ ଡିଗ୍ରୀ କଲେଜ ପ୍ରତିଷ୍ଠା ପାଇଁ ଲୋକମାନେ ଅନୁରୋଧ କରିଥିଲେ। ଏହାକୁ ଭିତ୍ତିକରି ୧୮ ବ୍ଲକରେ ସରକାରୀ ଡିଗ୍ରୀ କଲେଜ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସେହିପରି ଆସନ୍ତା ସପ୍ତାହରେ ୧ ହଜାର ୫୬ଜଣ ଅଧ୍ୟାପକଙ୍କୁ ଷ୍ଟାଫ୍ ସିଲେକ୍ସନ ବୋର୍ଡ ଜରିଆରେ ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

୨୦୦୦ ମସିହାରେ ଓଡ଼ିଶାରେ ୫୪୮ଟି ଡିଗ୍ରୀ କଲେଜ ଥିଲା। ଏବେ ଏହା ୧ ହଜାର ୪୦ରେ ପହଞ୍ଚିଛି। ସେହିଭଳି ବିଶ୍ୱବିଦ୍ୟାଳୟ ସଂଖ୍ୟା ୫ରୁ

### ନିଯୁକ୍ତି ପାଇବେ ୧୦୫୬ ଅଧ୍ୟାପକ

ବୃଦ୍ଧି ପାଇ ୨୪ରେ ପହଞ୍ଚିଛି, ଯେଉଁଥିରେ ୧୭ଟି ସରକାରୀ ଓ ୭ଟି ବେସରକାରୀ ବିଶ୍ୱବିଦ୍ୟାଳୟ ରହିଛି। କିଛିଦିନ ପୂର୍ବରୁ ପୁରୀ ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇଛି। ଏଥିସହ ରାଜ୍ୟରେ ୨୧ଟି ଫଣ୍ଡାମେଣ୍ଟାଲ ରିସର୍ଚ୍ଚ ସେଣ୍ଟର ଅଫ୍ ଏକ୍ସଲେନ୍ସ ମଧ୍ୟ ଖୋଲିଛି। କଲେଜଗୁଡ଼ିକର ସ୍ଥାୟୀ ଭିତ୍ତିଭୂମି ତିଆରି ହୋଇଥିବାରୁ ଛାତ୍ରୀଛାତ୍ର ସ୍ମାର୍ଟ କ୍ଲାସ୍‌ରୁମ ଓ ଲାବରେଟୋରି ସୁବିଧା ପାଇପାରିବେ। ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ଛାତ୍ରୀଛାତ୍ର ଇ-ମେଧାବୃତ୍ତି, ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି, ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା, କଳିଙ୍ଗ ଶିକ୍ଷା ସାଥୀ ଯୋଜନା ଆଦିର ଲାଭ ନେଇପାରିବେ। ସେହିପରି ବିଜୁ ଯୁବ ସଶକ୍ତୀକରଣ ଯୋଜନା, ଗ୍ରୀନ୍ ପ୍ୟାସେଜ୍ ଯୋଜନା, ମାଗଣା ସିଭିଲ୍ ସର୍ଭିସ କୋଚିଂ ଭଳି ବିଭିନ୍ନ ଯୋଜନା କରାଯାଇଛି। ମୋ କଲେଜ ଅଭିଯାନ ଅଧୀନରେ ବହୁ ପୁରାତନ ଛାତ୍ରୀଛାତ୍ର କଲେଜ ସହ ଯୋଡ଼ି ହୋଇ ଯୁବପିଢ଼ିଙ୍କୁ ମାର୍ଗଦର୍ଶନ କରାଉଛନ୍ତି। କଲେଜଗୁଡ଼ିକରେ ଖାଲିଥିବା ପଦବୀ ପୂରଣ ଲାଗି ଅଧ୍ୟାପକଙ୍କ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ୨୦୨୨-୨୩ ଶିକ୍ଷାବର୍ଷରେ ୪୬୭ଜଣ ନିଯୁକ୍ତି ପାଇଥିବା ବେଳେ ୨୦୨୩-୨୪ରେ ୧ ହଜାର ୩୩ଜଣ ମନୋନୀତ ହୋଇଛନ୍ତି। ଲାପଟପ ଯୋଜନା ଦ୍ୱାରା ଯୋଗ୍ୟ ଛାତ୍ରୀଛାତ୍ରଙ୍କ ଆକାଉଣ୍ଟକୁ ସିଧାସଳଖ ୩୦ ହଜାର ଟଙ୍କା ପଠା ଯାଉଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ରୂପ ବଦଳାଇ ଅପରାଧ

ଭୁବନେଶ୍ୱର,୧୮।୨
(ସୂର୍ଯ୍ୟକାନ୍ତ ବେହେରା)



## ନକଲି ପୋଷାକ, ପରିଚୟପତ୍ର କାରବାର ରୋକିବାକୁ ପଦକ୍ଷେପ ନାହିଁ

ଟଙ୍କା ଆଦାୟ, ଠକେଇ ବା ଲୁଟ୍ କରିବା ଅଭିଯୋଗରେ ଅନେକ ସମୟରେ ନକଲି ପୋଲିସ, ସିବିଆଇ ଅଫିସର, କ୍ରାଇମ୍‌ବ୍ରାଞ୍ଚ ଅଫିସର, ଏମ୍‌ଭିଆଇ, ଟିଟିଇ, ନକଲି ସାମ୍ବାଦିକ ଗିରଫ ହେଉଥିବା ନଜିର ରହିଛି। ସେହିପରି ବଡ଼ ଅଫିସର କିମ୍ବା ସରକାରୀ କର୍ମଚାରୀ ପରିଚୟ ଦେଇ ଚାକିରି କିମ୍ବା କୌଣସି ସରକାରୀ କାର୍ଯ୍ୟ ହାସଲ କରାଇଦେବାକୁ କହି ଲକ୍ଷ ଲକ୍ଷ ଟଙ୍କା ଠକି ନେଉଛନ୍ତି। ଦିନକୁ ଦିନ ଏପରି ଅଭିଯୋଗ ଓ ଘଟଣା ବଢ଼ିବାରେ ଲାଗିଛି। ହେଲେ ପୋଲିସ କେବଳ ଗିରଫ ସହ ନକଲି ପରିଚୟପତ୍ର, ନକଲି କାଗଜପତ୍ର ଜବତ କରି ଚୁପ୍ ବସୁଥିବାରୁ ଏଭଳି ଅପରାଧ ବନ୍ଦ ହେଉନି। ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି, ରୂପ ବଦଳାଇ ବା ଅନ୍ୟ ପରିଚୟରେ ହେଉଥିବା ଅପରାଧ କ୍ଷେତ୍ରରେ ପୋଲିସ ପେସାକୁ ଅପରାଧୀମାନେ ବେଶି ଆପଣାଉଥିବା ଦେଖିବାକୁ ମିଳୁଛି। କାରଣ ପୋଲିସ ପୋଷାକ ପିନ୍ଧିଦେଲେ ଟଙ୍କା ଆଦାୟ ବା ଠକେଇ କରିବାର ବାଟ ସହଜ ହୋଇଯାଇଥାଏ। ପୁଣି ସହଜରେ କେହି ପ୍ରତିବାଦ ବା ସନ୍ଦେହ କରନ୍ତି ନାହିଁ। ପୋଲିସ ରୂପ ନେବା ପାଇଁ ମାଟିଆ ପୋଷାକ, ବ୍ୟାଜ୍, ସ୍ୱତନ୍ତ୍ର ବେଲ୍ଟ, ଟୋପି ଓ ବୁଟ୍‌ର ଆବଶ୍ୟକତା ରହିଛି, ଯାହା ଚିତ୍ରାଳୟ କିମ୍ବା ବଜାରରେ ମିଳିଯାଉଛି। ଏହି ପୋଷାକକୁ ଭଡ଼ାରେ ନ ଆଣି ସିଧାସଳଖ କିଣି ଦେଉଛନ୍ତି। ସେହିପରି ଖବରଦାତା ପରିଚୟ ପାଇଁ ପ୍ରେସ୍ ଲେଖାଥିବା ଏକ ଫିତା ଲଗା ପରିଚୟପତ୍ରର ଆବଶ୍ୟକତା ରହିଛି। ଯେଉଁଥିରେ ନିଜ ଫଟୋ ସହିତ କୌଣସି ଏକ ଗଣମାଧ୍ୟମ ସଂସ୍ଥାର ଲୋଗୋ ରହିଥିବ। ବଜାରରେ ମାତ୍ର ୨୦ ଟଙ୍କାରେ ଖବରଦାତା ପରିଚୟପତ୍ର ମିଳିଯାଉଛି। ଅଧିକାଂଶ ବ୍ୟକ୍ତି ଗାଡିଲେ ପ୍ରେସ୍ ଲେଖି ବୁଲୁଥିବାବେଳେ ଅପରାଧୀମାନେ ଏହାକୁ ବ୍ୟବହାର କରି କାହିଁ କେତେ ଅପରାଧ ଘଟାଉଛନ୍ତି। ସେମାନେ କୌଣସି ଗଣମାଧ୍ୟମ ସଂସ୍ଥା ସହ ସଂପୃକ୍ତ ନ ଥିଲେ ମଧ୍ୟ ଖବରଦାତା ବୋଲି ପରିଚୟ ଦେଇ ଠକେଇ କରୁଛନ୍ତି। ରେଲ୍‌ୱେ ଟିଟିଇ ପାଇଁ ଧଳା ପୋଷାକ ଏବଂ କଳା ବ୍ଲେଜର ଆବଶ୍ୟକ, ଯାହା ମଧ୍ୟ ସହଜରେ ମିଳିପାରୁଛି। ଆଉ କିଛି ପେସା ରହିଛି ଯାହା ପାଇଁ ସ୍ୱତନ୍ତ୍ର ପୋଷାକ କିମ୍ବା ପରିଚୟପତ୍ରର ଆବଶ୍ୟକତା ନ ଥାଏ। ଏହି ସାମାନ୍ୟ କେତେକ ଜିନିଷକୁ ଧରି ଜଣେ ବ୍ୟକ୍ତି ବା ଅପରାଧୀ ସର୍ବସାଧାରଣ ସ୍ଥଳରୁ ଚାନ୍ଦା ଆଦାୟ କରିବା ସହ ପୋଲିସ ଏବଂ ଲୋକଙ୍କୁ ଚକମା ଦେବାରେ ସଫଳ ହେଉଛନ୍ତି। ଖୋଦ୍ ରାଜଧାନୀରେ ମଧ୍ୟ ଏଭଳି ଘଟଣା ଘଟିଚାଲିଛି। ଏ ସମ୍ପର୍କରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କୁହନ୍ତି, ପୋଲିସ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇଥାଏ। ଅଭିଯୋଗ ବା ଘଟଣା ସାମ୍ନାକୁ ଆସିବା ମାତ୍ରେ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି। ଅଭିଯୁକ୍ତଙ୍କ କାର୍ଯ୍ୟକଳାପକୁ ଦେଖି ସେମାନଙ୍କ ବିରୋଧରେ ଆଇପିସି ଦଫା ୪୧୯ ଓ ୪୨୦ରେ ମାମଲା ରୁଜୁ କରାଯାଉଛି।

### ଗତ ୩ ମାସର କିଛି ଘଟଣା...

**୧୫ ଡିସେମ୍ବର ୨୦୨୩ –** କୋରାପୁଟର ଜୟପୁର ସହରରେ ଦିନ ଦ୍ୱିପ୍ରହରରେ ପୋଲିସ ପୋଷାକ ପିନ୍ଧି ଘରକୁ ଘର ବୁଲି ଚାନ୍ଦା ଆଦାୟ କରୁଥିବାବେଳେ ମଧ୍ୟପ୍ରଦେଶ ଇନ୍ଦୋରର ଭଗବାନ ୱାଗ୍ ନାମକ ଜଣେ ବ୍ୟକ୍ତିଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଥିଲା। ତାଙ୍କଠାରୁ ବହୁ ଆଧାର କାର୍ଡ ସହ ଅନ୍ୟ କିଛି ପରିଚୟପତ୍ର ଜବତ ହୋଇଥିଲା।

**୩ ଫେବୃଆରୀ ୨୦୨୪ –** ଚାକିରି କରାଇଦେବା ନାଁରେ ଆଶାୟୀଙ୍କଠାରୁ ଲକ୍ଷାଧିକ ଟଙ୍କା ଠକିବା ଅଭିଯୋଗରେ ନିଜକୁ ସିବିଆଇ ଅଧିକାରୀ କହୁଥିବା ଉମେଶ ତନ୍ତିଙ୍କୁ ସୁନ୍ଦରଗଡ଼ ଟାଉନ ଥାନା ପୋଲିସ ଗିରଫ କରିଥିଲା ।

**୧୧ ଫେବୃଆରୀ ୨୦୨୪ –** କଟକ ମଙ୍ଗଳାବାଗ ଥାନାଞ୍ଚଳରେ ଲୋକଙ୍କୁ ପୋଲିସର ପରିଚୟ ଦେଇ ଟଙ୍କା ନେଉଥିବାବେଳେ ସ୍ଥାନୀୟ ପୋଲିସ ଉତ୍ତରପ୍ରଦେଶର ରୋହିତ ପାଣ୍ଡେ ଓ ଭବେଶ ପାଣ୍ଡେଙ୍କୁ ଗିରଫ କରିଥିଲା।

**୧୨ ଫେବୃଆରୀ ୨୦୨୪ –** ଗାଡ଼ି ଆଗରେ ପ୍ରେସ୍ ଲେଖି ମାଲକାନଗିରିରୁ ଗଞ୍ଜେଇ ଧରି ପଶ୍ଚିମବଙ୍ଗ ଯାଉଥିବାବେଳେ କମିଶନରେଟ ପୋଲିସ ୨ଜଣଙ୍କୁ ଗିରଫ କରିବା ସହ ଗଞ୍ଜେଇ ଭର୍ତ୍ତି ଗାଡ଼ି ଜବତ କରିଥିଲା।

➔ଭୁବନେଶ୍ୱର ତମାଣ୍ଡୋ ଥାନା ଅଞ୍ଚଳରେ ଥିବା ଏକ ଘିଅ କମ୍ପାନୀର ମାଲିକଙ୍କୁ ଧମକ ଦେଇ ୧ ଲକ୍ଷରୁ ଅଧିକ ଟଙ୍କା ଠକିବା ଅଭିଯୋଗରେ କମିଶନରେଟ ପୋଲିସ ୫ଜଣ ନକଲି ସାମ୍ବାଦିକଙ୍କୁ ଗିରଫ କରିଥିଲା।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ମଣ୍ଡପରେ ଚାଲିଥିବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୫୮ତମ ବାର୍ଷିକ ଉତ୍ସବ 'ଜୟଦେବ ସମାରୋହ'ର ରବିବାର ସନ୍ଧ୍ୟାରେ ବୃନ୍ଦ ବାଦ୍ୟସଙ୍ଗୀତ ପରିବେଷଣ କରାଯାଉଛି। (ଫଟୋ– ମୌସମ ନନ୍ଦ)

## ବାପାଙ୍କ ବଳାତ୍କାର ପରେ ନାବାଳିକା ଝିଅର ଆତ୍ମହତ୍ୟା

କୋଣାର୍କ,୧୮।୨
(ଜ୍ୟୋତିରାଜ ମହାନ୍ତି)

ବାପା ନିଜ ଝିଅକୁ ବଳାତ୍କାର କରିବା ପରେ ଝିଅ ଲଜ୍ଜା ସହି ନ ପାରି ଆତ୍ମହତ୍ୟା କରିଥିବା ନେଇ ମା' ସଙ୍ଗିନ ଅଭିଯୋଗ ଆଣିଛନ୍ତି। କୋଣାର୍କ ଥାନା ଅଞ୍ଚଳରେ ଏପରି ଅମାନବୀୟ ଘଟଣା ଘଟିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୪/୨୪) ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ମୃତଦେହକୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସୂଚନା ମୁତାବକ, ଅଭିଯୁକ୍ତ ବାପା ନବମ ଶ୍ରେଣୀରେ ପଢୁଥିବା ତାଙ୍କ ନାବାଳିକା ବଡ଼ ଝିଅ ଉପରେ କିଛିଦିନ ହେବ ଖରାପ ନଜର ରଖିଥିଲେ। ଏନେଇ ନାବାଳିକା ତାଙ୍କ ମା'ଙ୍କୁ ଅଭିଯୋଗ କରିଥିଲେ। ସମାଜରେ ମାନସମ୍ମାନ ହାନିକୁ ଦୃଷ୍ଟିରେ ରଖି ଏପରି ଘଟଣାକୁ ଘର ଭିତରେ ସୀମିତ ରଖିବା ସହ ଆଉ ଏଭଳି ଭୁଲ ନ କରିବାକୁ ମହିଳା ତାଙ୍କ ସ୍ୱାମୀଙ୍କୁ ତାଗିଦା କରିଥିଲେ। ତେବେ ରବିବାର ସମ୍ପୃକ୍ତ ମହିଳା ଅନ୍ୟ ଜଣଙ୍କ ଘରକୁ କାମ କରିବାକୁ ଯାଇଥିବାବେଳେ ବାପା ଜଣକ ପୁଣି ତାଙ୍କ ଝିଅଙ୍କୁ ବଳାତ୍କାର କରିଥିଲେ। ନାବାଳିକା ଝିଅ ଏହି ଲଜ୍ଜା ସହି ନ ପାରି ଶୋଇବା ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ସଦସ୍ୟ ଏହି ଘଟଣା ଜାଣିବା ପରେ ପୀଡ଼ିତାଙ୍କୁ ତୁରନ୍ତ ଗୋପ ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ପକ୍ଷରୁ କୋଣାର୍କ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

## ଡଙ୍ଗାରେ ଚିଲିକା ଭ୍ରମଣ କଲେ ସାଧୁସନ୍ଥ

କଣାସ,୧୮।୨(ବିଭୂତି ଭୂଷଣ ତ୍ରିପାଠୀ)



ସାଧୁସନ୍ଥ ଚିଲିକା ଭ୍ରମଣ କରୁଛନ୍ତି।

କଣାସ ବଡ଼ମଠ ରାଧାକାନ୍ତଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଚାଲିଛି। ଏଥିରେ ଯୋଗଦେବାକୁ ହରିଦ୍ୱାର, ଋଷିକେଶ, କାଶି, ମଥୁରା, ବୃନ୍ଦାବନ, ଅଯୋଧ୍ୟା, ମୁମ୍ବାଇ ସମେତ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୫୦ରୁ ଊର୍ଦ୍ଧ୍ୱ ସାଧୁସନ୍ଥ ଶୁକ୍ରବାର ୪ଟି ନୌକାରେ ଚିଲିକା ଭ୍ରମଣ କରିଛନ୍ତି। ଏହି ସାଧୁସନ୍ଥମାନେ କଣାସଠାରୁ ଦୟାନଦୀରେ ଯାତ୍ରା ଆରମ୍ଭକରି ଚିଲିକା ବୁଲି ସନ୍ଧ୍ୟାରେ ଫେରିଆସିଥିଲେ। ମୁମ୍ବାଇ ମଲାଡ ମଠାଧୀଶ ୧୦୦୮ ଶ୍ରୀମହାମାଧବାନନ୍ଦ ଜୀ ମହାରାଜ ଏହାର ନେତୃତ୍ୱ ନେଇଥିଲେ। ଡଙ୍ଗାରେ ରୋଷେଇ କରିବା ସହ ଚିଲିକା ଭ୍ରମଣ ଆନନ୍ଦ ଦେଇଥିଲା ବୋଲି ଏହି ସାଧୁସନ୍ଥମାନେ କହିଥିଲେ।

# ସାବଧାନ, ମାଡିଛନ୍ତି ଚୋର

**ଘରେ ତାଲା ପକାଇ ବାହାରକୁ ଯାଉଥିଲେ ସାବଧାନ ହୋଇଯାଆନ୍ତୁ। କାରଣ ରାଜଧାନୀରେ ବଢ଼ୁଛି ଚୋରଙ୍କ ଉତ୍ପାତ। ଆପାର୍ଟମେଣ୍ଟଠୁ ଆରମ୍ଭ କରି ବନ୍ଦ ଥିବା ଗୋଟିକିଆ ଘରକୁ ସେମାନେ ଟାର୍ଗେଟ କରୁଛନ୍ତି। ସିକ୍ୟୁରିଟି ଗାର୍ଡଙ୍କୁ ଖାତିର ନାହିଁ କି କମିଶନରେଟ୍ ପୋଲିସର ରାତ୍ରିକାଳୀନ ପାଟ୍ରୋଲିଂକୁ ଡର ନାହିଁ। ଗତ କିଛିମାସ ହେଲା ଭୁବନେଶ୍ୱରର ପ୍ରାୟ ସବୁ ଅଞ୍ଚଳରେ ଏଭଳି ଘଟଣାକୁ ନେଇ ପୋଲିସ ବି ଚିନ୍ତାରେ ପଡ଼ିଛି।**

## ଝରକା ତାଡ଼ି ନେଇଗଲେ ଅଳଙ୍କାର

ଭୁବନେଶ୍ୱର,୧୮।୨(ସତ୍ୟଜିତ୍ ରାଉତ)

ଶ୍ରୀଲିଙ୍ଗରାଜ ଥାନା ଅଞ୍ଚଳରେ ଶନିବାର ଚୋରମାନେ ଜଣ ବରିଷ୍ଠ ନାଗରିକଙ୍କ ଘରେ କଳାକନା ବୁଲାଇଛନ୍ତି। କପିଳପ୍ରସାଦ କେଲୁଚରଣ ଲେନ୍-୫ସ୍ଥିତ ଧ୍ରୁବ ପାତ୍ରଙ୍କ ଘରର ଝରକା ତାଡି ଆଲ୍‌ମିରାରୁ ସୁନା ଓ ରୁପା ଅଳଙ୍କାର ନେଇଯାଇଛନ୍ତି। ଏ ସଂକ୍ରାନ୍ତରେ ଧ୍ରୁବଙ୍କ ପୁତୁରା ପବିତ୍ର ପାତ୍ର ରବିବାର ଶ୍ରୀଲିଙ୍ଗରାଜ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା (ନଂ.୪୪/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଧ୍ରୁବଙ୍କ ପୁଅ-ବୋହୂ ବେଙ୍ଗାଲୁରୁରେ ରହୁଛନ୍ତି। ଧ୍ରୁବ ସପ୍ତାହେ ହେବ ପୁଅଙ୍କ ପାଖକୁ ଯାଇଛନ୍ତି। ତାଙ୍କ ଅନୁପସ୍ଥିତିରେ ଜଣେ କେୟାରଟେକର ତାଙ୍କ ଘରକୁ ଦେଖାଦେଖି କରୁଥିଲେ। ରବିବାର ସକାଳେ ଧ୍ରୁବଙ୍କ ଝରକା ତଡାଯାଇଥିବା ପଡୋଶୀମାନେ ଦେଖି ଖବର ଦେଇଥିଲେ। କେୟାରଟେକର ଏନେଇ ଧ୍ରୁବଙ୍କୁ ସୂଚନା ଦେବା ସହ ଥାନାକୁ ଜଣାଇଥିଲେ। ଚୋରମାନେ ଝରକା ତାଡି ଘରେ ପଶିବା ପରେ ଆଲ୍‌ମିରା ତାଲା ଭାଙ୍ଗିଛନ୍ତି। ସେଠାରୁ କିଛି ଭାଙ୍ଗିଯାଇଥିବା ସୁନା ଅଳଙ୍କାର ଓ ୪ରୁ ୫ ହଳ ରୁପା ପାଉଁଜି ନେଇଯାଇଥିବା ଏତଲାରେ ଦର୍ଶାଯାଇଛି।



ଏପରିକି ଘରୁ ଚୋରମାନେ ଏସି, ହାତ ଘଣ୍ଟା ଆଦି ମଧ୍ୟ ନେଇ ନାହାନ୍ତି। ପୋଲିସ ଟିମ୍ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ତେବେ ସ୍ଥାନୀୟ ଅଞ୍ଚଳରେ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଚୋରଙ୍କୁ ଧରିବାକୁ ପ୍ରୟାସ କରାଯାଉଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଆପାର୍ଟମେଣ୍ଟ୍‌ର ୫ ଫ୍ଲାଟ୍‌ରୁ ଚୋରି

**ବାଲକାଟୀ,୧୮।୨(ମନୋଜ ମଣ୍ଡଳ):** ବାଲିଅନ୍ତା ଥାନା ଅନ୍ତର୍ଗତ ଗଡ଼ଶ୍ରୀରାମପୁରସ୍ଥିତ 'ବର୍ଷା ରିଭେରା' ଆପାର୍ଟମେଣ୍ଟର ପାଞ୍ଚଟି ଫ୍ଲାଟରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ଶନିବାର ରାତିରେ ଫ୍ଲାଟ୍‌ଗୁଡିକର ତାଲା ଭାଙ୍ଗି ପ୍ରାୟ ୬୦ ହଜାର ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଚୋରି କରିଛନ୍ତି। ଏନେଇ ମାଲିକମାନେ ଥାନାରେ ଏତଲା ଦେବା ପରେ ପୋଲିସ ପୃଥକ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆଲ୍‌ଫା ବ୍ଲକର ଫ୍ଲାଟ୍ ନଂ.୨୦୩ ସମେତ ୫ଟି ଫ୍ଲାଟ୍‌ରୁ ଚୋରି ହୋଇଛି। ଫ୍ଲାଟ୍ ନଂ.୨୦୩ରେ ରହୁଥିବା ଅଜିତ କୁମାର ପଲେଇ ଗତ ଗୁରୁବାର ପରିବାର ସହ ନିଜ ପୈତୃକ ଗ୍ରାମ କେନ୍ଦ୍ରାପଡ଼ା ଜିଲା ରାଜକନିକାକୁ ଯାଇଥିଲେ। ତାଙ୍କ ଆଲମାରିରୁ ଏକ ରାଣୀ ହାର, ସୁନା ଚେନ, ବ୍ରେସ୍‌ଲେଟ, ସୁନା ମୁଦି, ରୁପା ପାଉଁଜି ଓ ନଗଦ କୋଡିଏ ହଜାର ଟଙ୍କା ଚୋରି ହୋଇଥିବା ନେଇ ସେ ଥାନାରେ ଏତଲା ଦେଇଛନ୍ତି। ସେହିପରି ଆଲ୍‌ଫା ବ୍ଲକ୍, ଏ ବ୍ଲକ ଓ ଗାମା ବ୍ଲକ ଆଦିର ଫ୍ଲାଟ୍‌ରୁ ଅନୁରୂପ ଭାବେ ଚୋରି ହୋଇଛି। ରବିବାର ସକାଳେ ବାଲିଅନ୍ତା ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଥିଲା। ସ୍ଥାନୀୟ ଅଞ୍ଚଳରେ ପଚରାଉଚରା ସହ ସିସିଟିଭି ଫୁଟେଜ୍ ଯାଞ୍ଚ କରି ପୋଲିସ ଚୋରଙ୍କୁ ଧରିବାକୁ ପ୍ରୟାସ କରୁଛି।



## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅନାମ



@ ଚିନ୍ମୟୀ



@ ଦେବାଶିଷ



@ ରଜତ



@ ବିଭୂତିଭୂଷଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ପିପିଲିରେ ୫ ଘର, ଆପାର୍ଟମେଣ୍ଟରୁ ଚୋରି

ପିପିଲି, ୧୮।୨(ଦୁର୍ଗାମାଧବ ମିଶ୍ର)

### ଅଭିଯୁକ୍ତଙ୍କ ପତ୍ତା ପାଉନି ପୋଲିସ

ପିପିଲି ଅଞ୍ଚଳରେ ବନ୍ଦ ଥିବା ଦୋକାନ, ଘରେ କେହି ନ ଥିବା ଆପାର୍ଟମେଣ୍ଟ, ଡୁପ୍ଲେକ୍ସ ଆଦି ଘରଗୁଡ଼ିକୁ ଚୋରମାନେ ଟାର୍ଗେଟ କରୁଛନ୍ତି। ଗୋଟିଏ ରାତିରେ ବିଲ୍ଡର୍ସ ସଂସ୍ଥାର ଅଫିସ ସମେତ ୫ଟି ଘରୁ ଚୋରି ହୋଇଥିବା ପିପିଲି ଥାନାରେ ଅଭିଯୋଗ କରାଯାଇଛି। ପିପିଲି ଟୋଲ୍ ଗେଟ୍ ନିକଟବର୍ତ୍ତୀ ବାସ୍ତୁ ବିହାରରେ ଥିବା ଅଫିସ୍‌ର ତାଲା ଭାଙ୍ଗି ସିସିଟିଭି ହାର୍ଡଡିସ୍କ ନେଇଯିବା ସହ ଗଦରେଜ ଭାଙ୍ଗି ଫାଇଲପତ୍ର ଫିଙ୍ଗା ହୋଇଥିବା ଦେଖିବାକୁ ମିଳିଛି। ଘର ନମ୍ବର ୨୨,୨୬,୧୯ ସମେତ କେତେକ ଘର ମୁଖ୍ୟ ଫାଟକ ତାଲା ଭାଙ୍ଗି ସୁନା ରୁପା ଚୋରିକରି ନିଆଯାଇଛି। ବିଶେଷକରି ଘର କବାଟ ଭାଙ୍ଗିବା, ଆଲମିରା ଭାଙ୍ଗିବା ଗୋଟିଏ ତରିକାରେ କରିଥିବା ଜଣାପଡ଼ିଛି। ଉକ୍ତ ଅଞ୍ଚଳରେ ପରିବାର ନେଇ ରହୁଥିବା ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ପୋଲିସ ଅଭିଯୋଗ ପାଇ ଘଟଣାସ୍ଥଳ ଅନୁଧ୍ୟାନ କରିଥିଲେ ମଧ୍ୟ କୌଣସି ଚୋରଙ୍କୁ ଧରିବାରେ ସଫଳ ହୋଇନାହିଁ।



ବାସ୍ତୁ ବିହାରର ଏକ ଘରେ ଚୋରି ପରେ ଜିନିଷପତ୍ର ଏଣେତେଣେ ପଡ଼ିଛି।

## ସଂକ୍ଷେପରେ

### କାର୍ ଧକ୍କାରେ ଫଳ ବେପାରୀଙ୍କ ମୃତ୍ୟୁ

ଭୁବନେଶ୍ୱର,୧୮।୨(ସୂର୍ଯ୍ୟକାନ୍ତ ବେହେରା)

ଖାରବେଳନଗର ଥାନା ଅନ୍ତର୍ଗତ ବିଏମସି ଅଫିସ ଆଗରେ ରବିବାର ସଡ଼କ ଦୁର୍ଘଟଣା ଘଟିଛି। ଠେଲାଗାଡ଼ିରେ ଫଳ ବେପାର କରୁଥିବା ଜଣେ ବ୍ୟବସାୟୀଙ୍କୁ ପଛରୁ ଏକ ଫର୍ଚୁନର କାର୍ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ରାଜେନ୍ଦ୍ର ପ୍ରଧାନ(୫୮)। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନାନୁସାରେ, ରବିବାର ପ୍ରାୟ ୧୧ଟାରେ ରାଜେନ୍ଦ୍ର ଟ୍ରଲିରେ ଫଳ ନେଇ ବାଣୀବିହାର ଅଭିମୁଖେ ଯାଉଥିବା ବେଳେ ବିଏମ୍‌ସି ଅଫିସ ଆଗରେ ପଛରୁ ଦ୍ରୁତ ଗତିରେ ଆସୁଥିବା ଉକ୍ତ କାର ତାଙ୍କୁ ଜୋର୍‌ରେ ଧକ୍କା ଦେଇଥିଲା। ଫଳରେ ରାଜେନ୍ଦ୍ର ରାସ୍ତାରେ ଛିଟିକି ପଡିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଫଳରେ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେପଟେ ଦୁର୍ଘଟଣାଗ୍ରସ୍ତ କାର୍ ଭିତରେ ଫସି ରହିଥିବା ଡ୍ରାଇଭରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ପରେ ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ରାଜେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ।

### ସାହିତ୍ୟିକା କରୁଣାମୟୀଙ୍କ ସ୍ମୃତିସଭା ଅନୁଷ୍ଠିତ

ପୁରୁଣା ଭୁବନେଶ୍ୱର,୧୮।୨
(ସୁବାସ ଚନ୍ଦ୍ର ପ୍ରଧାନ)

ସାହିତ୍ୟିକା କରୁଣାମୟୀ ଗାଙ୍ଗୁଲୀଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରବିବାର ସ୍ମୃତିସଭା ପୁରୁଣା ଭୁବନେଶ୍ୱରସ୍ଥିତ ଶ୍ୟାମାଶଙ୍କର ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୦ବର୍ଷ ଧରି କରୁଣାମୟୀ ଶ୍ରୀଜଗନ୍ନାଥ ପତ୍ରିକା ଏବଂ ସୁଭଦ୍ରା ପତ୍ରିକାର ସମ୍ପାଦିକାଭାବେ କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି କରୁଣାମୟୀଙ୍କ ସ୍ମୃତିଚାରଣ କରିଥିଲେ। ସଭାରେ ଆଶିଷ ଠାକୁର ସଭାପତିତ୍ୱ କରିଥିବା ବେଳେ ପ୍ରଫୁଲ୍ଲ ସାମନ୍ତରାୟ, ମଙ୍ଗଳା କାପୁର, ସଞ୍ଜୟ ମିତ୍ରଙ୍କ ସମେତ ସତ୍‌ସଙ୍ଗୀ ଅଖିଳ ଭାରତ ଜୟଗୁରୁ ଭାଇଭଉଣୀ ଯୋଗଦେଇଥିଲେ।

# ‘ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ କର’

ଭୁବନେଶ୍ୱର,୧୮।୨(ଅନୁରାଧା ମହାରଣା)

**୨୫୦ରୁ ଉର୍ଦ୍ଧ୍ୱ ସଂଗଠନର କର୍ମଚାରୀ, ଶିକ୍ଷକଙ୍କ ବିକ୍ଷୋଭ**

ନୂତନ ପେନ୍‌ସନ୍ ବ୍ୟବସ୍ଥା ଉଚ୍ଛେଦ କରି ପୁରୁଣା ପେନ୍‌ସନ୍ ଲାଗୁ ଦାବିରେ ପୁଣି ଆନ୍ଦୋଳନ ତେଜିଛି। ପୁରୁଣା ପେନ୍‌ସନ୍‌ପାଇଁ ଜାତୀୟ ଆନ୍ଦୋଳନ (ଏନ୍‌ଏମ୍‌ଓପିଏସ୍) ଓଡ଼ିଶା ଶାଖା ପକ୍ଷରୁ ୪୨ଟି ବିଭାଗର ୨୫୦ରୁ ଉର୍ଦ୍ଧ୍ୱ ସଂଗଠନର ହଜାର ହଜାର କର୍ମଚାରୀ ଓ ଶିକ୍ଷକ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ୨୦୦୪ରେ କେନ୍ଦ୍ର ସରକାର ଓ ୨୦୦୫ରେ ରାଜ୍ୟ ସରକାର ପୁରୁଣା ପେନ୍‌ସନ୍ ଉଚ୍ଛେଦ କରି ନୂତନ ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିଥିଲେ। ଫଳରେ ହଜାର ହଜାର ସରକାରୀ କର୍ମଚାରୀ ୩୦ରୁ ୪୦ ବର୍ଷ ଚାକିରି କରି ଅବସର ପରେ ୧୦୦୦ରୁ ୨୦୦୦ ଟଙ୍କା ପେନ୍‌ସନ୍ ପାଇ ଅତି ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ବିଧାୟକ ଓ ଏମ୍‌ପିମାନେ ପୁରୁଣା ପେନ୍‌ସନ୍ ପୂର୍ବପରି ପାଉଛନ୍ତି। ଏବେ ସିକିମ୍ ସରକାର ନିଜ କର୍ମଚାରୀଙ୍କ ପାଇଁ ଏନ୍‌ପିଏସ୍ କିମ୍ବା ଓପିଏସ୍ ଭିତରୁ ଗୋଟିଏ ଚୟନ କରିବା ପାଇଁ କର୍ମଚାରୀଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଛତିଶଗଡ଼, ରାଜସ୍ଥାନ, ଝାଡ଼ଖଣ୍ଡ, ପଞ୍ଜାବ ଓ ହିମାଚଳ ପ୍ରଦେଶ, ସିକିମ୍ ସରକାର ପୁରୁଣା ପେନ୍‌ସନ୍ ଲାଗୁ କରିଛନ୍ତି। ଅନ୍ୟପକ୍ଷରେ ଚାରିଆଡୁ ବିରୋଧ ଯୋଗୁ କେନ୍ଦ୍ର ଅର୍ଥ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ ନୂତନ ପେନ୍‌ସନ୍ ଉପରେ ଅନୁଧ୍ୟାନ କରାଯାଉଛି। ତେବେ ନୂତନ ପେନ୍‌ସନ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ନୁହେଁ, ଆମକୁ ଅବିକଳ ପୁରୁଣା ପେନ୍‌ସନ୍ ଦରକାର ବୋଲି ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ରାଜ୍ୟର ଚାରିଲକ୍ଷ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ମିଶାଇ ମୋଟ ୪୦ଲକ୍ଷ ଲୋକଙ୍କ ଗୁରୁତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନୂତନ ପେନ୍‌ସନ୍ ବ୍ୟବସ୍ଥା ଉଚ୍ଛେଦ କରି ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରନ୍ତୁ ବୋଲି ଏନ୍‌ଏମ୍‌ଓପିଏସ୍ ସଭାପତି ବିଜୟ ମଲ୍ଲ ଓ ସାଧାରଣ ସମ୍ପାଦକ ପ୍ରଯତ୍ନ ବରାଳ, ସଂଯୋଜକ ଇତ୍‌କାର ଅହମ୍ମଦ, ରାଜେଶ ମହାନ୍ତି, କାର୍ଯ୍ୟକାରୀ ସଭାପତି ବଙ୍କିମ ଚନ୍ଦ୍ର ସାଗର ପ୍ରମୁଖ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଅନୁରୋଧ ପୂର୍ବକ ଦାବି କରିଛନ୍ତି।



ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ ଦାବିରେ ରବିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଶିକ୍ଷକ ଓ କର୍ମଚାରୀଙ୍କ ଧାରଣା।

# ଆନ୍ଦୋଳନରେ ଆଦର୍ଶ ବିଦ୍ୟାଳୟ ଶିକ୍ଷକ




ଭୁବନେଶ୍ୱର, ୧୮।୨(ଅସମାପିକା ସାହୁ)

ପାଞ୍ଚଦଫା ଦାବି ନେଇ ରବିବାର ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ସମାବେଶ ଓ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ମହାସଂଘ ପକ୍ଷରୁ ୫ଟି ଦାବି ଉପସ୍ଥାପନ କରାଯାଇଛି। ଗ୍ରେଡେଶନ ତାଲିକାରେ ବିଳମ୍ବ ନ କରି ସମସ୍ତ ପ୍ରକାର କର୍ମଚାରୀଙ୍କ ପାଇଁ ୟୁନିଫର୍ମ କ୍ୟାଡର ନିୟମ ଲାଗୁ କରିବା, ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ପରି ସମାନ ସୁଯୋଗ ଏବଂ ସୁବିଧା ପ୍ରଦାନ କିମ୍ବା ସମସ୍ତ ଆଦର୍ଶ ବିଦ୍ୟାଳୟଗୁଡ଼ିକୁ ସରକାରୀ ଭାବରେ ଘୋଷଣା କରିବା, ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ କଳା ବିଭାଗ ଖୋଲିବା ସହ କ୍ରୀଡ଼ା ଶିକ୍ଷକ, କମ୍ପ୍ୟୁଟର ଶିକ୍ଷକ ଏବଂ ମ୍ୟୁଜିକ ଶିକ୍ଷକଙ୍କ ବେତନର ଗ୍ରେଡ୍ ବୃଦ୍ଧି କରିବା, କନିଷ୍ଠ କିରାଣିଙ୍କ ଚାକିରିକୁ ନିୟମିତ କରିବା ଆଦି ଦାବି ରହିଛି। ସଂଘର କହିବାନୁସାରେ, ରାଜ୍ୟରେ ଇଂଲିଶ ମିଡିୟମ ଶିକ୍ଷାର ବ୍ୟାପକ ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ବ୍ଲକ୍‌ସ୍ତରରେ ୩୨୦ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ଏହି ବିଦ୍ୟାଳୟରେ ପ୍ରଶାସନିକ କାର୍ଯ୍ୟ ପାଇଁ ଜଣେ ଲେଖାଏ କନିଷ୍ଠ କିରାଣି ପଦ ଠିକାରେ ସୃଷ୍ଟି କରାଯାଇଥିବାବେଳେ ଭୁବନେଶ୍ୱର ଉତ୍କର୍ଷ ଆଦର୍ଶ ବିଦ୍ୟାଳୟ ପାଇଁ ଦୁଇଟିକୁ ମିଶାଇ ମୋଟ ୩୨୧ଟି ପଦ ରହିଛି। ସେହିପରି ୧୬୦ଜଣ କନିଷ୍ଠ କିରାଣି କାର୍ଯ୍ୟରତ ଥିଲାବେଳେ ୧୬୧ଟି ପଦ ଖାଲି ପଡ଼ିଛି। ଭଦ୍ରକ, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ପୁରୀ ଓ ମାଲକାନଗିରି ଆଦି ୬ ଜିଲାରେ ଆଦୌ କିରାଣୀ ନାହାନ୍ତି। ଏନେଇ ବହୁବାର ଜିଲାପାଳ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ବିଭାଗୀୟ ସଚିବ, ଅର୍ଥ ସଚିବ, ଶିକ୍ଷା ଉପଦେଷ୍ଟା, ମନ୍ତ୍ରୀ, ୫-ଟି ଅଧ୍ୟକ୍ଷ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ରାଜ୍ୟପାଳଙ୍କୁ ଦାବିପତ୍ର ଦିଆଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ନିଖିଳ ଓଡ଼ିଶା କନିଷ୍ଠ କିରାଣି ସଂଘ ପକ୍ଷରୁ କୁହାଯାଇଛି। ସେହିପରି ସମାନ କ୍ୟାଡର ବ୍ୟବସ୍ଥା ଲାଗୁ ହେଲେ ଓ ଆଦର୍ଶ ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ସରକାରୀ ମାନ୍ୟତା ଦିଆଗଲେ ୪ହଜାର ଶିକ୍ଷକ ଉପକୃତ ହେବେ ହେବେ ବୋଲି ଶିକ୍ଷକ ମହାସଂଘ କହିଛି।

### ୨ ରାଜନୈତିକ କର୍ମୀଙ୍କ ମାରପିଟ୍ ଘଟଣା: ଜଣେ ଗିରଫ

ଗୋପ,୧୮।୨(ଭାରତୀ ଭୂଷଣ ଉପାଧ୍ୟାୟ)

ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କୁ କଳାପତାକା ପ୍ରଦର୍ଶନ କରିବା ଓ ଘଟଣାରେ ଭାଜପା କର୍ମୀଙ୍କୁ ମାଡ଼ ମାରିବା ଅଭିଯୋଗରେ ଗୋପ ପୋଲିସ ବିଜେଡି ସମର୍ଥିତ କର୍ମୀଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ହୃଷୀକେଶ ସେନାପତି (୩୨)। ଜାମିନ ନାମଞ୍ଜୁର ହେବାରୁ କୋର୍ଟ ଅଭିଯୁକ୍ତଙ୍କୁ ଜେଲକୁ ପଠାଇଛନ୍ତି। ପ୍ରକାଶ ଯେ, ଶନିବାର ନିମାପଡ଼ା ନିର୍ବାଚନମଣ୍ଡଳୀ ଗୋପ ବ୍ଲକ ଏରବଙ୍ଗ ପଞ୍ଚାୟତକୁ ନୂଆ-ଓ ସଚେତନତା କାର୍ଯକ୍ରମକୁ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଶତାଧିକ ମହିଳାଙ୍କ ଗ୍ରହଣରେ ଶୋଭାଯାତ୍ରାରେ ଯାଉଥିଲେ। ଏହି ସମୟରେ କେତେ ଜଣ ଭାଜପା କର୍ମୀ କଳା ପତାକା ପ୍ରଦର୍ଶନ କରିବା ସହ ଟମାଟୋ ଫୋପାଡ଼ି ଥିଲେ। ନିମାପଡ଼ା ବିଧାୟକଙ୍କ ସମର୍ଥକମାନେ ଉକ୍ତ ଭାଜପା କର୍ମୀଙ୍କୁ ମାରପିଟ୍ କରିଥିଲେ। ଏହି ଘଟଣାରେ ୨ ପକ୍ଷଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ପୋଲିସ ଏନେଇ ୨ଟି ପୃଥକ୍ ପୃଥକ୍ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପରେ ଭାଜପା କର୍ମୀ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ବିଳମ୍ବିତ ରାତ୍ରିରେ ପୋଲିସ ବିଜେଡି ସମର୍ଥିତ କର୍ମୀ ହୃଷୀକେଶଙ୍କୁ ଗିରଫ କରିଥିଲା।

# ମଧ୍ୟାହ୍ନଭୋଜନ ପାଚିକା, ସହାୟିକାଙ୍କ ଗଣବିକ୍ଷୋଭ

ଭୁବନେଶ୍ୱର,୧୮।୨(ଅନୁରାଧା ମହାରଣା)

ଭତ୍ତା ବୃଦ୍ଧି ପାଇଁ ମଧ୍ୟାହ୍ନଭୋଜନ ପାଚିକା ସହାୟିକାମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ରବିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଆଇଟିୟୁସି ସଂଯୁକ୍ତ ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ପକ୍ଷରୁ ସାରା ରାଜ୍ୟରୁ ପାଚିକା ଓ ସହାୟିକାଙ୍କୁ ନେଇ ଏହି ଆନ୍ଦୋଳନରେ ସାମିଲ ହୋଇ ଦାବି ରଖିବା ସହ ସରକାରୀ ଅଣଦେଖାର ପ୍ରତିବାଦ କରିଛନ୍ତି। ରାଜ୍ୟ ସରକାର ମଧ୍ୟାହ୍ନଭୋଜନ ପାଚିକା ଓ ସହାୟିକାଙ୍କ ମାସିକ ଭତ୍ତା ୧୪ଶହ ଟଙ୍କା ଉପରେ ମାତ୍ର ୬ଶହ ଟଙ୍କା ବୃଦ୍ଧି କରାଇ ୨ହଜାର ଟଙ୍କାରେ ସୀମିତ ରଖିଛନ୍ତି। ସାମାଜିକ ନିରାପତ୍ତା ସମ୍ପର୍କରେ ସରକାର ନୀରବ ରହିଛନ୍ତି। ରାଜ୍ୟର ଅଣକୁଶଳୀ ଶ୍ରମିକଙ୍କ ଦୈନିକ ସର୍ବନିମ୍ନ ମଜୁରି ୩୫୧ ଟଙ୍କା ହାରରେ ମାସିକ ଭତ୍ତା ୨୬ଦିନ ପାଇଁ ୯୧୨୬ ହେଉଥିବା ବେଳେ ପାଚିକା ସହାୟିକାଙ୍କୁ ମାସିକ ୨୦୦୦ଟଙ୍କା ଅର୍ଥାତ୍ ଦିନକୁ ମାତ୍ର ୭୭ଟଙ୍କା ଦେଉଛନ୍ତି। ସରକାର ଏହି କଠିନ ପରିଶ୍ରମୀ ସ୍କିମ୍ ୱାର୍କରଙ୍କ ପ୍ରତି ଅବହେଳା ମନୋଭାବକୁ ସଂଘର ସାଧାରଣ ସମ୍ପାଦକ ମାଧବୀ କୁଳିତା ଦୃଢ଼ ନିନ୍ଦା କରିଛନ୍ତି। ଏହି ରାଶି ବୃଦ୍ଧି କରିବା ସହ ସାମାଜିକ ନିରାପତ୍ତା ଘୋଷଣା ପାଇଁ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଦୃଢ଼ ଦାବି କରିଛନ୍ତି।

# ପୂଜ୍ୟପୂଜା ସମାରୋହରେ ସ୍ମୃତି ବଖାଣିଲେ



ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ପୂଜ୍ୟ ପୂଜା ସମାରୋହ।

ପୁରୁଣା ଭୁବନେଶ୍ୱର,୧୮।୨
(ସୁବାସ ଚନ୍ଦ୍ର ପ୍ରଧାନ)

ବରିଷ୍ଠ ନାଗରିକଙ୍କ ପାଇଁ ପୂଜ୍ୟପୂଜା ସମାରୋହ ଥିଲା ଏକ ମିଳନର ପର୍ବ। ଗାଁର ବନ୍ଧୁପରିଜନଙ୍କ ଠାରୁ ଦୂରେଇ ହୋଇ ରହୁଥିବା ଦୀର୍ଘଦିନ ଅନ୍ତରର ଅନ୍ତ ଘଟିଛି। ଏହା ଦ୍ୱାରା ମନ ଓ ଭାବର ଆଦାନ ପ୍ରଦାନ କରିପାରିଛୁ। ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଡିହପୁର ଦୟାନଦୀ ନଦୀବନ୍ଧ ପଠାରେ ଆୟୋଜିତ ପୂଜ୍ୟ ପୂଜା ସମାରୋହରେ ବରିଷ୍ଠ ନାଗରିକ ମାନେ ଏଭଳି ସ୍ମୃତି ବଖାଣିଛନ୍ତି। ସମାରୋହରେ ବିଭିନ୍ନ ଅଞ୍ଚଳର ୩ଶହରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ଉତ୍ତରୀୟ ଦିଆଯାଇ ପୂଜା କରାଯାଇଥିଲା। ଏଥିସହ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଆଖି ଯତ୍ନ ନେଇ କ୍ୟାମ୍ପ ଖୋଲାଯାଇଥିଲା। ଏପରିକି ସୁର ସନ୍ଧ୍ୟା ଏଣ୍ଟରଟେନମେଣ୍ଟ ପକ୍ଷରୁ ଗାୟକ ବିକ୍ରମ ମହାନ୍ତି ଏବଂ ଗ୍ରୁପ ଦ୍ୱାରା ଭଜନ ସନ୍ଧ୍ୟାର ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମକୁ ଗାନ୍ଧିବାଦୀ ପ୍ରହ୍ଲାଦ ସିହ୍ନା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାସ୍କର ପଣ୍ଡା, ଉଦୟନାଥ ବେହେରା, ଡ.ମନୋରଞ୍ଜନ ମିଶ୍ର, ଲୋକନାଥ ବେହେରା, କମଳାକାନ୍ତ ଦାଶ ଉପସ୍ଥିତ ଥିଲେ। ପରିଷଦ ସଭାପତି ବୃନ୍ଦାବନ ସାହୁଙ୍କ ସମେତ ଉପସଭାପତି ଅକ୍ଷୟ ସ୍ୱାଇଁ, ସମ୍ପାଦକ ଅରୁଣ ପୁରୋହିତ, ବୈଶାଳିନୀ ପଟ୍ଟନାୟକ, ବିଷ୍ଣୁ ବିଶ୍ୱାଳ, ସୁମନ୍ତ ସୁବୁଦ୍ଧି, ଲକ୍ଷ୍ମୀଧର ପ୍ରଧାନ, ସାମାଜିକକର୍ମୀ ଅକ୍ଷୟ ବରାଳ, ଆଲୋକ ସାହୁ ପରିଚାଳନାରେ ସହଯୋଗ କରିଥିଲେ।

# ଶୁଭଶ୍ରୀ କଳା ନିକେତନର ବସନ୍ତ ଉତ୍ସବ




ବାଲକାଟୀ,୧୮।୨(ମନୋଜ ମଣ୍ଡଳ)

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆର୍ଥିକ ସହାୟତାରେ ବାଲକାଟୀସ୍ଥିତ ଶୁଭଶ୍ରୀ କଳା ନିକେତନ ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ ଜାଗେଶ୍ୱରୀ ମନ୍ଦିର ପରିସରରେ ବସନ୍ତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରୀନା ବେହେରା, ସମିତି ସଭ୍ୟ ଗଙ୍ଗାଧର ମାହାରି, ପ୍ରତାପ ଶାସନ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. କାଳନ୍ଦୀ ସାହୁ, ରେଡିଓ କିସାନ ଚେୟାର ମ୍ୟାନ ଡ. ପ୍ରଦୀପ୍ତ ଦତ୍ତ, ସଂସ୍କୃତି ବିଭାଗ କର୍ମଚାରୀ ବାସୁଦେବ ନାଥ, ପ୍ରାର୍ଥନା ଟିଭିର ପ୍ରଦ୍ୟୁମ୍ନସର ରାଜ ନାରାୟଣ ପଣ୍ଡା ଏବଂ ନିର୍ମାଣ ଏଜୁକେଶନାଲ ଟ୍ରଷ୍ଟ ଅଧ୍ୟକ୍ଷ ସିଦ୍ଧେଶ୍ୱର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଳା ନିକେତନର ଛାତ୍ରୀଛାତ୍ରଙ୍କ ଦଳଗତ ଓଡ଼ିଶୀ ନୃତ୍ୟରେ ନାରାୟଣୀ ନମସ୍ତୁତେ ଓ ଦୁର୍ଗା ସ୍ତୁତି ଦର୍ଶକଙ୍କୁ ବିମୋହିତ କରିଥିଲାପରେ ଶିଳ୍ପୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଶୁଭଶ୍ରୀ କଳା ନିକେତନର ଗୁରୁ ଶୁଭଦ୍ରା ଜେନା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭୁବନେଶ୍ୱରରେ ଲଞ୍ଚ ହେଲା ରିସାଇକେଲ ଆପ୍

ଭୁବନେଶ୍ୱର,୧୮।୨(ଶର୍ମିଷ୍ଠା ପାଣିଗ୍ରାହୀ)

**ପୁନଃବ୍ୟବହାର ଆବର୍ଜନା ସାଜିବ ରୋଜଗାରର ମାଧ୍ୟମ**




ଭୁବନେଶ୍ୱରରେ ଲଞ୍ଚ ହେଲା ପାଇଲଟ ରିସାଇକେଲ ପେ ଆପ୍। ଏବେ ପୁନଃବ୍ୟବହାରକ୍ଷମ ଆବର୍ଜନାକୁ ଦେଇ ଟଙ୍କା ରୋଜଗାର କରିହେବ। କହିବାକୁ ଗଲେ ରୋଜଗାରର ଅନ୍ୟତମ ମାଧ୍ୟମ ସାଜିବ ଏହି ଆପ୍। ପୂର୍ବ ଓ ଉତ୍ତର ଭାରତ ପାଇଁ ଅବସ୍ଥାପିତ ବ୍ରିଟିଶ ଡେପୁଟି ହାଇ କମିଶନର ଡ. ଆଣ୍ଡ୍ରୁ ଭୁବନେଶ୍ୱରରେ ଏହି ଆପ୍ ଲଞ୍ଚ କରିଛନ୍ତି। ସାଇବା ଗ୍ରୀନ ସଲ୍ୟୁଶନ୍ ଉଦ୍ୟୋଗ ନାଳନ୍ଦା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ସହଯୋଗରେ ଏହି ଆପ୍ ଲଞ୍ଚ ହୋଇଛି। ଏହି ଅବସରରେ ଡ. ଫ୍ଲେମିଂ କହିଛନ୍ତି ଯେ, ଭାରତ-ବ୍ରିଟେନ ରୋଡମ୍ୟାପ ୨୦୩୦ ଭାରତର ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବ୍ରିଟେନର ପ୍ରତିବଦ୍ଧତାକୁ ଦର୍ଶାଉଛି। ରୋଡମ୍ୟାପରେ ସ୍ମାର୍ଟ ଏବଂ ସ୍ଥାୟୀ ସହରୀକରଣ ହେଉଛି ସହଯୋଗର ଏକ ମୁଖ୍ୟ ଅଂଶ, ବିଶେଷକରି ଭୁବନେଶ୍ୱର ଭଳି ସ୍ମାର୍ଟ ସହରରେ। ସ୍ମାର୍ଟ ଏବଂ ସ୍ଥାୟୀ ସହରଗୁଡ଼ିକୁ ସମର୍ଥନ କରି ସହରୀକରଣ ଉପରେ ସହଯୋଗର ଏକ ନୂତନ ପର୍ଯ୍ୟାୟ ଆରମ୍ଭ କରିବାକୁ ଏହା ଆରମ୍ଭ ହୋଇଛି। ମିଶନ ବର୍ଜ୍ୟବସ୍ତୁରୁ ସମ୍ପଦ ଅଧୀନରେ ଏହି ଆପ୍ କାମ କରିବ। ଯେଉଁଠି ଶକ୍ତି ଉତ୍ପାଦନ, ବର୍ଜ୍ୟବସ୍ତୁର ପୁନଃବ୍ୟବହାର, ବିକାଶ ଏବଂ ନିୟୋଜନ ଉପରେ ଗୁରୁତ୍ୱ ଦିଆଯିବ।

ଏହି ଆପ୍‌ର ବ୍ୟବହାର ଓ ଏହାକୁ କିଭଳି ବ୍ୟବସାୟ କରିହେବ ସେ ସବୁ ଦିଗରେ ପ୍ରଶିକ୍ଷଣ ଭୁବନେଶ୍ୱରରେ ଏକ କାର୍ଯ୍ୟକ୍ରମରେ ଦିଆଯାଇଛି। ଏହି ଅବସରରେ ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟ ଇଞ୍ଜିନିୟର ଡ. ନିହାର ରଞ୍ଜନ ସାହୁ, ସିନିୟର ମିଶନ ଆସୋସିଏଟ (ଇନକ୍ୟୁବେସନ ଆଣ୍ଡ ପାର୍ଟନେରସିପ) ରଶ୍ମୀ ରଞ୍ଜନ ସାହୁ, ଇନକ୍ୟୁବେସନ ମ୍ୟାନେଜର ଦୀପଶିଖା ସାର୍କ ପ୍ରମୁଖ ଉପସ୍ଥିତ ଥିଲେ।

# ଚାମ୍ପିୟନ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବାଲିଅନ୍ତା,୧୮।୨ (ନୀଳମାଧବ ସାହୁ)

ଭୁବନେଶ୍ୱର ମହାନଗର ନିଗମର ୪ନଂ. ୱାର୍ଡ ଅଧୀନ ନହରକଣ୍ଟାସ୍ଥିତ ଶ୍ରୀଜୟଦେବ କଲେଜ ଖେଳପଡ଼ିଆରେ ୩ ଦିନ ଧରି ଚାଲିଥିବା ଚାମ୍ପିୟନ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଭେଟରାନ ଲାୟନ କ୍ଲବ ୮ ଉଇକେଟ୍‌ରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି ୟୁନାଇଟେଡ୍ କ୍ରିକେଟ୍ କ୍ଲବ ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୮ ରନ ସଂଗ୍ରହ କରିଥିଲା। ଜବାବରେ ଭେଟରାନ ଦଳ ୧୧ ଓଭରରେ ୨ ଉଇକେଟ ହରାଇ ୧୧୩ ରନ କରି ବିଜୟୀ ହୋଇଥିଲା। ଭେଟରାନ ଦଳର ଅନିରୁଦ୍ଧ ବାରିକ୍‌ଙ୍କୁ ଶ୍ରେଷ୍ଠ ଖେଳାଳି ରୂପେ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ରୂପେ ସରସ୍ୱତୀ ଶିକ୍ଷା ମନ୍ଦିରର ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ।



ଭୁବନେଶ୍ୱର ବୁଦ୍ଧମନ୍ଦିରରେ ଆୟୋଜିତ ସମାରୋହରେ ସବିତାରାଣୀ ବେହେରାଙ୍କ ସମ୍ପାଦିକ ମହିଳା ପତ୍ରିକା ‘ସ୍ମୃତି ଶାନ୍ତ୍ୱନା’ର ନୂତନ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ରାତିକରେ ୧୬ ମଦ୍ୟପ ଚାଳକ ଧରାପଡ଼ିଲେ

ଭୁବନେଶ୍ୱର,୧୮।୨(ସତ୍ୟଜିତ୍ ରାଉତ)

ରାଜଧାନୀରେ ମଦ୍ୟପ ଚାଳକଙ୍କ ବିରୋଧରେ ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ ସ୍ପେଶାଲ ଡ୍ରାଇଭ୍ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଏହି ଡ୍ରାଇଭ୍‌ରେ ଶନିବାର ରାତିରେ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ୧୬ଜଣ ମଦ୍ୟପ ଚାଳକ ଧରାପଡ଼ିଛନ୍ତି। ଏନେଇ ୧୬ ମାମଲା ରୁଜୁ କରାଯାଇ ସେମାନଙ୍କ ୧୬ଟି କାର୍ ଓ ବାଇକ୍ ଜବତ କରାଯାଇଛି। ପୋଲିସ ପକ୍ଷରୁ ଝାରପଡା ଗୋଲେଇ ଛକ, କଟକ ରୋଡସ୍ଥିତ କଳ୍ପନା ଛକ, କିଟ୍ ଛକ, ନନ୍ଦନକାନନ ରୋଡସ୍ଥିତ ତନିସ୍କ କଟ୍ ପଏଣ୍ଟ, ମଞ୍ଚେଶ୍ୱର ରୋଡ଼ସ୍ଥିତ ଫର୍ଡ ଛକ, ଖଣ୍ଡଗିରି ରୋଡ଼ସ୍ଥିତ ଜାଗମରା ଛକ, ଗୋପବନ୍ଧୁ ଛକ, ସଚିବାଳୟ ମାର୍ଗସ୍ଥିତ ହାଉସିଂ ବୋର୍ଡ ଛକ ଓ ଲୁଇସ୍ ରୋଡ଼ସ୍ଥିତ ସାମନ୍ତରାପୁର ଛକରେ ବିଳମ୍ବିତ ରାତିରେ ଏହି ଯାଞ୍ଚ କରାଯାଇଥିଲା। ଲକ୍ଷ୍ମୀସାଗର ଥାନାରେ ୫, ଚନ୍ଦ୍ରଶେଖରପୁର ଥାନାରେ ୪, ଖାରବେଳନଗର ଥାନାରେ ୨, ଜଟଣୀ ଥାନାରେ ୨ ଏବଂ ଖଣ୍ଡଗିରି, ବଡଗଡ ଓ ତମାଣ୍ଡୋ ଥାନାରେ ଗୋଟିଏ ଲେଖାଏ ମାମଲା ରୁଜୁ କରାଯାଇଛି। ସେହିପରି କ୍ୟାପିଟାଲ, ନୟାପଲ୍ଲୀ ଏବଂ ନନ୍ଦନକାନନ ଥାନା ପକ୍ଷରୁ ୯ଜଣଙ୍କଠାରୁ ଓଡ଼ିଶା ଅର୍ବାନ ପୁଲିସ ଆକ୍ଟ ଅନୁଯାୟୀ ମୋଟ ୪୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଦୁର୍ଘଟଣା କମାଇବାକୁ ମଦ୍ୟପାନଜନିତ ଗାଡିଚାଳନା ରୋକିବାକୁ ଆଗକୁ ଏଭଳି ଅଭିଯାନ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।



ଜବତ ହୋଇଥିବା ଗାଡ଼ି।

**ରାଜଧାନୀରେ ସ୍ୱତନ୍ତ୍ର ଡ୍ରାଇଭ୍**

# ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ୩ ସଦସ୍ୟ ଗିରଫ

■ ୩ ସୁନାଚେନ୍, ବାଇକ୍, ମାଷ୍ଟର କି' ଜବତ
■ ସିସିଟିଭି ଯାଞ୍ଚ ପରେ ବାଇକ୍ ନମ୍ବରରୁ ଧରାପଡ଼ିଲେ ଅଭିଯୁକ୍ତ

**କଟକ,୧୮।୨ (କାର୍ତ୍ତିକ ସାହୁ)**

ଆନ୍ତଃରାଜ୍ୟ ସୁନାଚେନ୍ ଲୁଟେରା ଗ୍ୟାଙ୍ଗର ୩ ଜଣ ସଦସ୍ୟଙ୍କୁ ପୁରୀଘାଟ ଥାନା ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯାଜପୁର ଜିଲା ଯଖପୁରା ଥାନା ଅନ୍ତର୍ଗତ ଦଶମାଣିଆ ଗ୍ରାମର ଦୀପକ ପ୍ରଧାନ, ଭୋଳା ପ୍ରଧାନ ଏବଂ ପ୍ରଦୀପ ସାହୁ। ସେମାନଙ୍କ ନିକଟରୁ ପୋଲିସ ୩୧ ଗ୍ରାମ୍ ଓଜନର ୩ଟି ସୁନାଚେନ୍, ଗୋଟିଏ ବାଇକ୍ (ଓଡ଼ି୦୭ଏକ୍ୟୁ-୬୧୧୦) ଏବଂ ଡିକି ଭାଙ୍ଗିବା ପାଇଁ ଏକ ମାଷ୍ଟର କି' ଜବତ କରିଛି। ଏହି ଘଟଣାରେ ଆଉ କେହି ସଂପୃକ୍ତ ଅଛନ୍ତି କି ନାହିଁ ସେନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ମାମଲା(ନଂ.୫୭/୨୪) ରୁଜୁ ହୋଇଛି। ଅଭିଯୁକ୍ତମାନେ ଓଡ଼ିଶା ସମେତ ମୋତିହାରି, ବିହାର, କୋଲକାତା, ହଜାରିବାଗ, ଉତ୍ତରପ୍ରଦେଶ ଓ ଆନ୍ଧ୍ରପ୍ରଦେଶ ଆଦି ଅଞ୍ଚଳରେ ଘଟିଥିବା ବିଭିନ୍ନ ଅପରାଧରେ ଜଡ଼ିତ ଅଛନ୍ତି ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।


ଗିରଫ ଅଭିଯୁକ୍ତ ଓ ଜବତ ସୁନା ଚେନ୍।

ସୂଚନାନୁସାରେ, କଟକ ପିଠାପୁର ଅଞ୍ଚଳର ଜଣେ ମହିଳା ଗତ ୧୫ ତାରିଖ ସନ୍ଧ୍ୟାରେ ଦୋଳମୁଣ୍ଡାଇ ଛକ ନିକଟରେ ଯାଉଥିବାବେଳେ ଦୁଇ ଜଣ ଦୁର୍ବୃତ୍ତ ଏକ ପଲସର ବାଇକ୍‌ରେ ଆସି ତାଙ୍କଠାରୁ ସୁନାଚେନ୍ ଲୁଟି ନେଇଥିଲେ। ଏନେଇ ସେ ପୁରୀଘାଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କରିବା ପରେ ଲୁଟେରାମାନେ ବ୍ୟବହାର କରିଥିବା ବାଇକ୍‌ର ସୁରାକ ମିଳିଥିଲା। ଏହାକୁ ଆଧାର କରି ପୋଲିସ ପ୍ରଥମେ ୨ ଜଣ ଅଭିଯୁକ୍ତଙ୍କୁ ଓ ପରେ ଆଉ ଜଣଙ୍କୁ କାବୁ କରିଥିଲା। ସେମାନେ ଦୋଳମୁଣ୍ଡାଇ ନିକଟରେ ଚେନ୍ ଲୁଟ୍ କରିଥିବା ସ୍ୱୀକାର କରିଥିଲେ। ସେହିଦିନ ସେମାନେ ଗଣେଶଘାଟ ଅଞ୍ଚଳରେ ଆଉଜଣଙ୍କଠାରୁ ଚେନ୍ ଲୁଟ୍ କରିଥିବା ମଧ୍ୟ ମାନିଥିଲେ। ବିଶେଷକରି ସୁନାଚେନ୍ ଲୁଟ୍, ମାଷ୍ଟର କି' ଦ୍ୱାରା ବାଇକ୍ ଡିକି ଭାଙ୍ଗିବା, ଜୁଏଲେରୀ ଦୋକାନରୁ ଅଳଙ୍କାର ଚୋରି ସହିତ ଲୋକଙ୍କ ଘରୁ ବିଭିନ୍ନ ଉପାୟରେ ଚୋରି କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ପୂର୍ବରୁ ଅଭିଯୁକ୍ତମାନଙ୍କ ନାମରେ ବିଭିନ୍ନ ଥାନାରେ ବହୁ ମାମଲା ରହିଥିବା ଏଡିସିପି ଅନୀଲ ମିଶ୍ର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ଡିଗିରିଆ,୧୮।୨(ଜାଫର ଖାଁ) :** ଡିଗିରିଆ ବ୍ଲକ ଅନ୍ତର୍ଗତ ସୋମପଡ଼ା ପଞ୍ଚାୟତସ୍ଥିତ ମହୁଲଡ଼ିପ ଗ୍ରାମରେ ବିଜେ ମଣିନାଗେଶ୍ୱରଙ୍କ ପୀଠରେ ୩ ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞର ରବିବାର ପୂର୍ଣ୍ଣାହୁତି ହୋଇଯାଇଛି। ଶୁକ୍ରବାର ମାଘ ଶୁକ୍ଳ ପକ୍ଷ ସପ୍ତମୀ ତିଥିରେ ଏହି ଯଜ୍ଞ ଆରମ୍ଭ ହୋଇଥିଲା। ମୁଖ୍ୟ ପରିଚାଳକ ଭାବେ ଡ. ରମେଶ ଚନ୍ଦ୍ର ପ୍ରଧାନ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ କର୍ତ୍ତା ଭାବେ ସୁରେଶ୍ୱର ପ୍ରଧାନ ଓ ସ୍ତ୍ରୀ ସ୍ୱାତୀ ପଟ୍ଟନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ଯଜ୍ଞରେ ପଣ୍ଡିତ ଅବିନାଶ ଦାଶ, ପ୍ରଦୀପ କୁମାର ମିଶ୍ର, ହୃଷୀକେଶ ମିଶ୍ର, ସଞ୍ଜୟ ଦାଶ ଓ ବିଭୂତି ଭୂଷଣ ନନ୍ଦ ବୈଦିକ ରୀତିରେ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଅତିଥିଭାବେ ଆଠଗଡ ନିର୍ବାଚନ ମଣ୍ଡଳୀର ଯୁବ ସଙ୍ଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

### ଗୁରୁଜୀ ପ୍ରଭାତ ଶାଖାର ବାର୍ଷିକ ଉତ୍ସବ

**କଟକ ସଦର, ୧୮।୨(ସୁଶାନ୍ତ କୁମାର ଜେନା)**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କଟକ ଶାଖା ପରମହଂସ ଉପନଗରର ଗୁରୁଜୀ ପ୍ରଭାତ ଶାଖାର ବାର୍ଷିକ ଉତ୍ସବ ରବିବାର କଟକ ନେତାଜୀ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଡକ୍ଟର କମଳ ପ୍ରସାଦ ମହାନ୍ତି ଯୋଗଦେଇ ବିଶ୍ୱର ବିକାଶରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଭୂମିକା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କଟକ ଜିଲା ସମ୍ପର୍କ ପ୍ରମୁଖ ପ୍ରଫେସର ଧୀରେନ ରାଉତରାୟ ରାଷ୍ଟ୍ରର ବିକାଶରେ ସଂଘ ଓ ସ୍ୱୟଂସେବକମାନଙ୍କ ଭୂମିକା ଉପରେ ମତବ୍ୟକ୍ତ କରିଥିଲେ। ପଙ୍କଜ କୁମାର ନାୟକ ଓ ଲଳିତେନ୍ଦୁ କାନୁନ୍‌ଗୋଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ବ୍ଲକସ୍ତରୀୟ ନିଯୁକ୍ତି ମେଳା

**ନିଶ୍ଚିନ୍ତକୋଇଲି,୧୮।୨(ଅଶୋକ କୁମାର ମହାପାତ୍ର)**

ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ପରିସରରେ ବ୍ଲକସ୍ତରୀୟ ନିଯୁକ୍ତିମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ନିଯୁକ୍ତି ଅଧିକାରୀ ମମତା ବେଉରା ସଭାପତିତ୍ୱ କରିଥିଲେ। ଏହି ମେଳାକୁ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଉପାଧ୍ୟକ୍ଷ ଅଶୋକ ଓଝା ଯୋଗଦେଇ ରାଜ୍ୟ ସରକାର ଯୁବତୀ ଯୁବକମାନଙ୍କୁ କର୍ମ ନିଯୁକ୍ତି ଦେବାପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି ବୋଲି କହିଥିଲେ। ଏନେଇ ଯୁବତୀ, ଯୁବକମାନେ ପ୍ରଶିକ୍ଷଣ ନେଇ ନିଯୁକ୍ତିର ସୁଯୋଗ ସୃଷ୍ଟି କରନ୍ତୁ ବୋଲି ଓଝା ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଧର୍ମରଞ୍ଜନ ପଣ୍ଡା, ବୁହାଲୋ ସରପଞ୍ଚ ରମାକାନ୍ତ ମହାନ୍ତି, ଏବିଡିଓ ଅଶୋକ କୁମାର ମହାନ୍ତି, ଏସଏଚ୍‌ଜି ଫେଡେରେଶନ ସଭାପତି କନକଲତା ଭୂୟାଁ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ୫୦୩ଜଣ ନାମ ପଞ୍ଜୀକରଣ କରିଥିଲେ। ସିଧାସଳଖ ନିଯୁକ୍ତି ପାଇଁ ୨୧ ସଂସ୍ଥା ଆସିଥିବା ବେଳେ ପ୍ରଶିକ୍ଷଣପରେ ନିଯୁକ୍ତି ସୁଯୋଗ ଦେବାପାଇଁ ୧୦ ସଂସ୍ଥା ଓ ୩ ଇଞ୍ଜିନିୟରିଂ କଲେଜ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଶା ଜୀବିକା ମିଶନ ପ୍ରକଳ୍ପ ଅଧିକାରୀ ତନୁଜା ସାହୁ, ରିଙ୍କିନା ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

### 'କାଳିନ୍ଦୀ ବେହେରାଙ୍କ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି'

**ସାଲେପୁର,୧୮।୨(ଅରବିନ୍ଦ ଭୂୟାଁ)**

ପୂର୍ବତନ ମନ୍ତ୍ରୀ କାଳନ୍ଦୀ ବେହେରାଙ୍କ ନବମ ଶ୍ରାଦ୍ଧବାର୍ଷିକୀ ରବିବାର ଅନୁଷ୍ଠିତ ହୋଇଯାଇଛି। କାଳିନ୍ଦୀ ବେହେରା ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଥିବା ବେହେରାଙ୍କ ପ୍ରତିମୂର୍ତ୍ତି ଓ ଅନ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ବିଜେଡିର ମୁଖପାତ୍ର ଅପୂର୍ବା ଅପରୂପା ଉପସ୍ଥିତ ରହି ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସେ କହିଥିଲେ, କାଳିନ୍ଦୀ ବେହେରା ରାଜ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ସବୁବେଳେ ସାଲେପୁର ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସେକ୍ ରହିମ୍ ବକ୍ସ, ଜ୍ଞାନରଞ୍ଜନ ବେହେରା, ପ୍ରମୋଦ କୁମାର ସାହୁ, ଧ୍ରୁବଚରଣ ମହାନ୍ତି, ମନୋଜ ମହାନ୍ତି ଓ କାଳିନ୍ଦୀ ବେହେରା ସ୍ମୃତି ସଂସଦର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ


ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ସାଲେପୁର,୧୮।୨(ଅରବିନ୍ଦ ଭୂୟାଁ)**

ନାଦୋଳ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜ୍ଞାନରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ନାଦୋଳ ପ୍ରାଥମିକ ବିଦ୍ୟାଳୟ ଖେଳପଡ଼ିଆଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରାମଚନ୍ଦ୍ର ଭୋଇ, ପୂର୍ବତନ ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ଆତ୍ମା କମିଟି ସଭାପତି ଦିଲୀପ ଦାଶ, ଜିଲାପରିଷଦ ସଭ୍ୟା ସୁନୀତା ମଲ୍ଲିକ, ଯୁବନେତା ନାରାୟଣ ପତି, ପଞ୍ଚାୟତ ମିଶନ୍ ଶକ୍ତି ସଭାପତି ଲକ୍ଷ୍ମୀପ୍ରିୟା ତ୍ରିପାଠୀ, ସମ୍ପାଦିକା ରୀନା ସ୍ୱାଇଁ, ପୂର୍ବତନ ସରପଞ୍ଚ ମାନସୀ ସ୍ୱାଇଁ, ପୂର୍ବତନ ନାଏବ ସରପଞ୍ଚ ଜୟନ୍ତ ରାଉତ, ସାମାଜିକ କର୍ମୀ ମିହିର ନାୟକ, ନାଏବ ସରପଞ୍ଚ ସେକ୍ ସର୍ଫୁଦ୍ଦିନ, କରିନା ପରୱିନ୍ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଯୋଜନା ସଂପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମକୁ ୱାର୍ଡ ସଭ୍ୟ ଟୁନା ଭୋଇ, ଗଙ୍ଗାଧର ସେଠୀ, ସୟଦ ରାହାତ ଅଲ୍ଲୀ, ଅକ୍ଷୟ କୁମାର ସାହୁ, କୈଳାସ ସାହୁ, ପ୍ରଦୀପ୍ତ କୁମାର ସାହୁ, ମନୋଜ ଖିଲାର, ସରୋଜ ସାହୁ, ଉମେଶ ମାହୁନ୍ତ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ଯୋଜନା ସଂପର୍କରେ ସଚେତନ କରାଯାଇଥିଲା।

# ରଣପୁର ଘାଟ ମହାନଦୀରେ ଆଳତି

**ବାଙ୍କୀ,୧୮।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ଶ୍ରୀଜଗନ୍ନାଥ ଚେତନା ଚାରଣ ଗୋଷ୍ଠୀର ବାଙ୍କୀ ଶାଖା ଆନୁକୂଲ୍ୟରେ ପ୍ରଥମଥର ପାଇଁ ରଣପୁର ଘାଟସ୍ଥିତ ମହାନଦୀରେ ଆଳତି କରାଯାଇଛି। ୩ ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଙ୍କୀ ଶାଖା ସଭାପତି କାଶିନାଥ ସେଠୀ, ସମ୍ପାଦକ ଅଶୋକ କୁମାର ଗିରିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀ ଗୋବର୍ଦ୍ଧନ ପୀଠର ମହାସଚିବ ଶୁଭେନ୍ଦୁ ସ୍ୱାଇଁ, ଲିଙ୍ଗରାଜ ପତି, ତାରିଣୀ ସେନ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଆଳତୀ କାର୍ଯ୍ୟକ୍ରମରେ ଅତିଥିଭାବେ ବାଙ୍କୀ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର,


ମହାନଦୀରେ ଆଳତୀ କରାଯାଉଛି।

କାଉନ୍‌ସିଲର ସନାତନ ବେହେରା, ମନମୋହନ ଶର୍ମା, ହରିଶ୍ଚନ୍ଦ୍ର ସାହୁ, ନକୁଳ ବେହେରା, ପ୍ରକାଶ ପାଣି, ଜଳଧର ପ୍ରଧାନ, ବାବାଜୀ ଦେଉରୀ ପ୍ରମୁଖ ଯୋଗଦେଇ ମହାନଦୀରେ ଆଳତି କରିଥିଲେ। ଏହାକୁ ଦେଖିବା ପାଇଁ ବହୁ ଜନସମାବେଶ ହୋଇଥିଲା । ପରେ ରଣପୁର ଜଗନ୍ନାଥ ମନ୍ଦିରରେ ଭାଗବତ ପଠନ, ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କ୍ୟାନ-କି-ଡୋ କ୍ରୀଡ଼ା ଆସୋସିଏଶନର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

**ଆଠଗଡ଼, ୧୮।୨(ସତ୍ୟ ପ୍ରସାଦ ରଥ)**

କ୍ୟାନ-କି-ଡୋ କ୍ରୀଡ଼ା ଆସୋସିଏଶନ ପକ୍ଷରୁ ଆଠଗଡ଼ ପୂର୍ତ୍ତ ଡ଼ାକ ବଙ୍ଗଳାରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜିଲାରେ ବିଭିନ୍ନ କାର୍ଯ୍ୟକ୍ରମ କରିବା, ଜିଲା ସଂଘକୁ ପଞ୍ଜୀକରଣ କରିବା, ପରିଚୟ ପତ୍ର ପ୍ରଦାନ, ଆସୋସିଏଶନ ତରଫରୁ କ୍ରୀଡ଼ାବିତ୍‌ମାନଙ୍କୁ ୟୁନିଫର୍ମ ପ୍ରଦାନ, ଜିଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତା ୨୦୨୪ ଆୟୋଜନ, ଆସୋସିଏଶନ ତରଫରୁ ପରୀକ୍ଷା ନିର୍ଦ୍ଦେଶକ, ବୈଷୟିକ ନିର୍ଦ୍ଦେଶକ, ଶସ୍ତ୍ର ନିର୍ଦ୍ଦେଶକ ନିଯୁକ୍ତି, ଜାତୀୟ ମହାସଂଘ ୨୦୨୪ ନିମନ୍ତେ ପ୍ରସ୍ତୁତି, ୱେବସାଇଟ ତିଆରି କରିବା ଉପରେ ନିଷ୍ପତ୍ତି ହୋଇଥିଲା। ଏହାଛଡ଼ା ବିଶ୍ୱବିଦ୍ୟାଳୟ ଓ ବିଦ୍ୟାଳୟ କ୍ରୀଡା ଇତ୍ୟାଦିର ଦାୟିତ୍ୱ, ବେଲ୍ଟ ଗ୍ରେଡିଂ କାର୍ଯ୍ୟକ୍ରମ, ନୂତନ ଜିଲା ସହବନ୍ଧନ, କ୍ରୀଡା ଶିକ୍ଷା ପାଇଁ ନୂତନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସହ ଯୋଗାଯୋଗ କରିବା ପାଇଁ ଉକ୍ତ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିରେ ଆସୋସିଏଶନ୍‌ର ରାଜ୍ୟ ସାଧାରଣ ସମ୍ପାଦକ ସଚ୍ଚିଦାନନ୍ଦ ବିଶ୍ୱାଳ, ବୈଷୟିକ ନିର୍ଦ୍ଦେଶକ ବିଶ୍ୱଜିତ୍ ବାରିକ, ଶସ୍ତ୍ର ନିର୍ଦ୍ଦେଶକ ଗଡୁ ବାଗ,କନ୍ଧମାଳ ଜିଲା ମୁଖ୍ୟ ଶରତ ଚନ୍ଦ୍ର ଦିଗଲ, କଟକ ଜିଲା ସଭାପତି ରୁଦ୍ର ଚରଣ ମହାନ୍ତି, ଆଇନ ଉପଦେଷ୍ଟା ସତେନ ପଣ୍ଡା, ମୁଖ୍ୟ ପ୍ରଶିକ୍ଷକ ସନ୍ତୋଷ କୁମାର ବେହେରା, କାର୍ଯ୍ୟକାରୀ ସଭାପତି ଶ୍ରୀତମ କୁମାର ଶତପଥୀ, ଉପ ସଭାପତି ଶ୍ୟାମ ପ୍ରସାଦ ପଣ୍ଡା, ସମ୍ପାଦକ ବଦ୍ରିନାରାୟଣ ବାହିନୀପତି ଉପସ୍ଥିତ ରହି ନିଜର ମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ରାକେଶ ଚନ୍ଦ୍ର ଦାଶ, ରାହୁଲ କୁମାର ଜେନା, ଅଭିଜିତ ପରିଡ଼ା,ବିଶ୍ୱମ୍ଭର ରାଉତ, ଚନ୍ଦନ ପ୍ରସାଦ ରାଉତ ପରିଚାଳନା କରିଥିଲେ।

# ଭାଗବତ ଗୋସ୍ୱାମୀଙ୍କ ବାର୍ଷିକ କଳସଯାତ୍ରା

**ବାଙ୍କୀ,୧୮।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ଡମପଡ଼ା ବ୍ଲକ ବିଲିପଡା ପଞ୍ଚାୟତସ୍ଥିତ ଶ୍ରୀଶ୍ରୀ ଭାଗବତ ଗୋସ୍ୱାମୀ ଚକ୍ରପାଣି ଦେବଙ୍କ ସପ୍ତଦଶ ବାର୍ଷିକ କଳସଯାତ୍ରା ଓ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତ୍ୟୁଷରେ ମହାନଦୀ ରେଣୁକା ଘାଟଠାରୁ ଏକ ବିରାଟ କଳସ ଶୋଭାଯାତ୍ରା ବାହାରିଥିଲା। ସହସ୍ରାଧିକ ମହିଳା କଳସ ମୁଣ୍ଡାଇ ପ୍ରାୟ ୫କି.ମି ପର୍ଯ୍ୟନ୍ତ ଖାଲି ପାଦରେ ଭଗବତ ଗୋସ୍ୱାମୀଙ୍କ ନିକଟରେ ପହଞ୍ଚିଥିଲେ। ଏହି କଳସ ଶୋଭାଯାତ୍ରା ଦେଖିବା ପାଇଁ ରାସ୍ତା ଦୁଇ ପାର୍ଶ୍ୱରେ ଲୋକଙ୍କ ଭିଡ଼ ଜମିଥିଲା।

# ବାରଙ୍ଗନାଥ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ


ଅଷ୍ଟପ୍ରହର ନାମଯଜ୍ଞରେ ମହିଳାମାନେ ସଂକୀର୍ତ୍ତନ କରୁଛନ୍ତି।

**ନାମ ସଂକୀର୍ତ୍ତନରେ ସାମିଲ ହେଲେ ମହିଳା**

**ନିଶ୍ଚିନ୍ତକୋଇଲି, ୧୮।୨ (ଅଶୋକ କୁମାର ମହାପାତ୍ର)**

ନିଶ୍ଚିନ୍ତକୋଇଲି ବ୍ଲକର ସଦର ମହକୁମାସ୍ଥିତ ବାରଙ୍ଗନାଥ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଚଳିତ ବର୍ଷ ଅଷ୍ଟପ୍ରହରୀ ନାମ ଯଜ୍ଞରେ ମହିଳାମାନେ ସାମିଲହୋଇ ନାମ ସଂକୀର୍ତ୍ତନ କରିଥିଲେ। ପ୍ରତ୍ୟୁଷରୁ ପୀଠର ମହନ୍ତ ସଚ୍ଚିଦାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଧାକୃଷ୍ଣଙ୍କର ଯଥାବିଧି ପୂଜା ପରେ ଅଷ୍ଟପ୍ରହରୀ ମଣ୍ଡପରେ ବିଭିନ୍ନ ଦେବାଦେବୀଙ୍କର ଫଟୋଚିତ୍ର ସ୍ଥାପନ କରାଯାଇଥିଲା। ପ୍ରାରମ୍ଭି ପୂଜା, ମଧ୍ୟାହ୍ନ ଧୂପ ଓ ସନ୍ଧ୍ୟାଆଳତୀ କରାଯିବା ପରେ ସଂକୀର୍ତ୍ତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କର୍ତ୍ତାଭାବେ ସ୍ମୃତିରଞ୍ଜନ ସ୍ୱାଇଁ କଳସ ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ଗ୍ରାମର ଯୁବସଙ୍ଗଠକ ଅଭୟ କୁମାର ବେହେରା, ଭିକାରୀ ଚରଣ ବେହେରା, ପ୍ରମୋଦ ବେହେରା, କରୁଣାକର ଦାସ, ଶଙ୍କର ଦାସ, ଧର୍ମନିରଞ୍ଜନ ସ୍ୱାଇଁ, ସୁକଦେବ ବେହେରା,ପ୍ରଦୀପ୍ତ ବେହେରା ସମେତ ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ। ଏଥିରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ଜିଲା ପରିଷଦ ସଭ୍ୟ ବିପ୍ଳବ କାପ, ପୂର୍ବତନ ସରପଞ୍ଚ କ୍ଷୀରୋଦ ଚନ୍ଦ୍ର ପଣ୍ଡା,ବଜାର ବ୍ୟବସାୟୀ ସଂଘ ସଭାପତି ପ୍ରମୋଦ ପଣ୍ଡା, ସମ୍ପାଦକ ଜୀବନାନନ୍ଦ ଦାଶ ପ୍ରମୁଖ ଯୋଗଦେଇଥିଲେ।

# ପରିବେଶ ପାଇଁ ସଚେତନ କଲେ ଛାତ୍ରୀ



ପ୍ରକୃତି ଶିବିରରେ ଯୋଗଦେଇଥିବା ଛାତ୍ରୀ ଏବଂ ଅନ୍ୟମାନେ।

**ବାଙ୍କୀ,୧୮।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା ସଚଳା ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ଏବଂ ପରିବେଶ ଶିକ୍ଷାକେନ୍ଦ୍ର ଭୁବନେଶ୍ୱର ସହାୟତାରେ ବିଦ୍ୟାଳୟ ଇକୋକ୍ଲବର ଛାତ୍ରୀମାନଙ୍କର ଏକ ବହିଃ ପ୍ରକୃତି ଶିବିର ବରପୁଟ - ବାଣିଆସ୍ଥିତ ପ୍ରସିଦ୍ଧ ଦେବଗିରି ପୀଠରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ୬୦ଜଣ ଛାତ୍ରୀ ଯୋଗଦେଇଥିଲେ। ଏହି ଅବସରରେ ଦେବଗିରି ପାହାଡ଼ ଉପରେ ଥିବା ଜଗନ୍ନାଥ ମନ୍ଦିରରେ ସମୂହ ପ୍ରାର୍ଥନା ଓ ଦୀପଦାନ କରାଯାଇଥିଲା। ପରେ ନିକଟସ୍ଥ ବାଣିଆ ଗ୍ରାମରେ ପରିବେଶ ସଚେତନତା ପଦଯାତ୍ରା ସହ ସ୍ଲୋଗାନ ଦେଇ ଛାତ୍ରୀମାନେ ପରିବେଶ ସମ୍ପର୍କରେ ସଚେତନ କରିଥିଲେ। ବିଶେଷ କରି ସ୍ଥାନୀୟ ଜଙ୍ଗଲ ସୁରକ୍ଷା, ମନ୍ଦିର ପରିସରକୁ ସଫା କରିବା, ପ୍ଲାଷ୍ଟିକ୍ ଓ ପଲିଥିନ୍ ବର୍ଜନ କରିବା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ଶରତ ଚନ୍ଦ୍ର ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଦର୍ଶନ ଦାସ, ଅବସରପ୍ରାପ୍ତ ଇଂ.ରବୀନ୍ଦ୍ରନାଥ ରାଉତ, ମଧୁସୂଦନ ରାଉତ, ଆର୍ତ୍ତବନ୍ଧୁ ଜେନା, ଶିକ୍ଷାବିତ୍ ସଦାଶିବ ଦାଶ, ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ପରିଷଦର ସଭାପତି କବି ସୁନୀଲ୍ କୁମାର ମିଶ୍ର, ସାମାଜିକ କର୍ମୀ ଯୁଧିଷ୍ଠିର ଦେବତା, ଉମାମଣି ମହାପାତ୍ର ପ୍ରମୁଖ ଯୋଗଦେଇ ପରିବେଶ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ କ୍ରିକେଟ: ସେମିଫାଇନାଲରେ ଯୋରନ୍ଦା

**ଡିଗିରିଆ,୧୮।୨(ଜାଫର ଖାଁ)**

ଡିଗିରିଆ ବ୍ଲକ ଅନ୍ତର୍ଗତ ସୋମପଡା ଖେଳପଡ଼ିଆରେ ଲିଟିଲ ଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ପ୍ରଥମ ଗଙ୍ଗାଧର ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ମା' ଭୁଆସୁଣୀ କ୍ରିକେଟ କ୍ଲବ ବିଡ଼ାନାସୀ (କଟକ)କୁ ୪୨ ରନରେ ପରାସ୍ତ କରି ଏମସିସି ଯୋରନ୍ଦା (ଢେଙ୍କାନାଳ ) ୧ମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଟସ ଜିତି ଯୋରନ୍ଦା ଦଳ ପ୍ରଥମେ ବ୍ୟାଟିଂ କରି ୧୭.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୯୧ ରନ ସଂଗ୍ରହ କରିଥିଲା। ଦଳ ତରଫରୁ କାକୁନ ସାହୁ ୩୭ ବଲରେ ସର୍ବାଧିକ ୮୪ ରନ କରିଥିଲେ। ଜବାବରେ ବିଡାନାସୀ ଦଳ ୧୭.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୧୪୮ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ତରଫରୁ ଶୁଭେନ୍ଦୁ ପ୍ରଧାନ ୨୬ ବଲର ସାମ୍ନା କରି ସର୍ବାଧିକ ୫୪ ରନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେଡି ଯୁବ ସଙ୍ଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗ ଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିବା ସହ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ସନାତନ ପଣ୍ଡା, ଲକ୍ଷ୍ମୀଧର ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ମ୍ୟାଚରେ କାକୁନ ସାହୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ମ୍ୟାଚକୁ ଅମ୍ପାୟାର ଜିତେନ୍ଦ୍ର ରାଉଳ, ସଲିପ ସାମନ୍ତରାୟ ଓ ତ୍ରିଲିପି ସାମନ୍ତରାୟ ପରିଚାଳନା କରିଥିଲେ।


ଅତିଥି ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

# ସହରାଞ୍ଚଳ ଲୋକେ ଏବେ ଗ୍ରାମାଭିମୁଖୀ

**୨ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ**

**ନିଶ୍ଚିନ୍ତକୋଇଲି,୧୮।୨(ଅଶୋକ କୁମାର ମହାପାତ୍ର)**

ରାଜ୍ୟ ସରକାରଙ୍କର ବହୁ ଜନ କଲ୍ୟାଣ ଯୋଜନା ସିଧା ସଳଖ ଗ୍ରାମାଞ୍ଚଳରେ ପହଞ୍ଚିଛି। ଦିନ ଥିଲା ଗ୍ରାମାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନା ଗମନ କ୍ଷେତ୍ରକୁ ଦୃଷ୍ଟି ଦିଆଯାଉ ନ ଥିଲା। କିନ୍ତୁ ବର୍ତ୍ତମାନ ରାଜ୍ୟ ସରକାର ୫-ଟି ମାଧ୍ୟମରେ ଶିକ୍ଷାନୁଷ୍ଠାନ, ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ମାଧ୍ୟମରେ ଗମନା ଗମନ ଓ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମିକୁ ସୁଦୃଢ କରିଛନ୍ତି। ସହରାଞ୍ଚଳ ପରି ଗ୍ରାମାଞ୍ଚଳରେ ଡାକ୍ତରଖାନା, ରାସ୍ତାଘାଟ ଓ ସ୍କୁଲ ଭିତ୍ତିଭୂମିର ବିକାଶ ହୋଇଛି। ଫଳରେ ସହରାଞ୍ଚଳ ଲୋକେ ଏବେ ଗ୍ରାମାଭିମୁଖୀ ହେଉଛନ୍ତି ବୋଲି ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକର ସରପଡା ଓ କଟରପଡା ୨ ପଞ୍ଚାୟତରେ ଆମ ଓଡ଼ିଶା ନବୀନ


ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଓଡ଼ିଶା ପଞ୍ଚାତୟତସ୍ତରୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ. ଉପାଧ୍ୟକ୍ଷ ଅଶୋକ ଓଝା, ରମାକାନ୍ତ ମହାନ୍ତି, ଜିଲାପରିଷଦ ସଭ୍ୟା ଜସ୍ୱିତା ସେଠୀ, ବିଡିଓ ଧର୍ମରଞ୍ଜନ ପଣ୍ଡା, ମିଶନ ଶକ୍ତି ମହାସଂଘ ସଭାପତି କନକଲତା ଭୂୟାଁ ପ୍ରମୁଖ ଯୋଗଦେଇ ସରକାରୀ ଯୋଜନାରୁ କିପରି ସୁଫଳ ପାଇପାରିବେ ସେନେଇ ସାଧାରଣ ଲୋକଙ୍କୁ ଅବଗତ କରାଇଥିଲେ। ସରପଡା ପଞ୍ଚାୟତରେ ସରପଞ୍ଚ ବିବେକାନନ୍ଦ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ସମିତି ସଭ୍ୟା ସସ୍ମିତା ସ୍ୱାଇଁ, ନାଏବ ସରପଞ୍ଚ ମମତାମୟୀ ମିଶ୍ର, ପ୍ରମୋଦ ସ୍ୱାଇଁ, ତପନ ଦାଶ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବରିଷ୍ଠ ନାଗରିକମାନଙ୍କୁ ମଞ୍ଚାସୀନ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିଭଳି କଟକପଡା ପଞ୍ଚାୟତରେ ସରପଞ୍ଚ ରାକେଶ କୁମାର ସାମଲଙ୍କ ସଭାପତିତ୍ୱରେ ପତିତପାବନ ସ୍ୱାଇଁ, କୈଳାସ ଚନ୍ଦ୍ର ସ୍ୱାଇଁ, ଫକୀର ଚରଣ ନାୟକ, ଦେବୀ ପ୍ରସାଦ ମହାନ୍ତି ,ଜିଆରଏସ ରାଜେଶ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ମୋନାଲିସା ସାହୁ ଏହାକୁ ସଂଯୋଜନା କରିଥିଲେ। ଏହି ଅବସରରେ ନୂତନ ଭତ୍ତା,ରାଶନକାର୍ଡ ହିତାଧିକାରୀଙ୍କୁ ବ୍ୟାଗ୍ ଓ ୧ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିଲା। ମିଶନଶକ୍ତି ଓ ଆଇସିଡିଏସ ପକ୍ଷରୁ ବିଭିନ୍ନ ପ୍ରଦର୍ଶନୀ କରାଯାଇଥିଲା। ଆଶା ଅଙ୍ଗନୱାଡ଼ି, ଶିକ୍ଷାବିତ୍, ବୁଦ୍ଧିଜୀବୀ, ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସଚେତନତାମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ପୂଜ୍ୟପୂଜା ସମାରୋହରେ ସ୍ମୃତି ବଖାଣିଲେ

ପୁରୁଣା ଭୁବନେଶ୍ୱର,୧୮।୨(ସୁବାସ ଚନ୍ଦ୍ର ପ୍ରଧାନ): ବରିଷ୍ଠ ନାଗରିକଙ୍କ ପାଇଁ ପୂଜ୍ୟପୂଜା ସମାରୋହ ଥିଲା ଏକ ମିଳନର ପର୍ବ। ଗାଁର ବନ୍ଧୁପରିଜନଙ୍କ ଠାରୁ ଦୂରେଇ ହୋଇ ରହୁଥିବା ଦୀର୍ଘଦିନ ଅନ୍ତରର ଅନ୍ତ ଘଟିଛି। ଏହା ଦ୍ୱାରା ମନ ଓ ଭାବର ଆଦାନ ପ୍ରଦାନ କରିପାରିଛୁ। ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଡିହପୁର ଦୟାନଦୀ ନଦୀବନ୍ଧ ପଠାରେ ଆୟୋଜିତ ପୂଜ୍ୟ ପୂଜା ସମାରୋହରେ ବରିଷ୍ଠ ନାଗରିକ ମାନେ ଏଭଳି ସ୍ମୃତି ବଖାଣିଛନ୍ତି। ସମାରୋହରେ ବିଭିନ୍ନ ଅଞ୍ଚଳର ୩ଶହରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ଉତ୍ତରୀୟ ଦିଆଯାଇ ପୂଜା କରାଯାଇଥିଲା। ଏଥିସହ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଆଖି ଯତ୍ନ ନେଇ କ୍ୟାମ୍ପ ଖୋଲାଯାଇଥିଲା। ଏପରିକି ସୁର ସନ୍ଧ୍ୟା ଏଣ୍ଟରଟେନମେଣ୍ଟ ପକ୍ଷରୁ ଗାୟକ ବିକ୍ରମ ମହାନ୍ତି ଏବଂ ଗ୍ରୁପ ଦ୍ୱାରା ଭଜନ ସନ୍ଧ୍ୟାର ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମକୁ ଗାନ୍ଧିବାଦୀ ପ୍ରହ୍ଲାଦ ସିହ୍ନା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାସ୍କର ପଣ୍ଡା, ଉଦୟନାଥ ବେହେରା, ଡ.ମନୋରଞ୍ଜନ ମିଶ୍ର, ଲୋକନାଥ ବେହେରା, କମଳାକାନ୍ତ ଦାଶ ଉପସ୍ଥିତ ଥିଲେ। ପରିଷଦ ସଭାପତି ବୃନ୍ଦାବନ ସାହୁଙ୍କ ସମେତ ଉପସଭାପତି ଅକ୍ଷୟ ସ୍ୱାଇଁ, ସମ୍ପାଦକ ଅରୁଣ ପୁରୋହିତ, ବୈଶାଳିନୀ ପଟ୍ଟନାୟକ, ବିଷ୍ଣୁ ବିଶ୍ୱାଳ, ସୁମନ୍ତ ସୁବୁଦ୍ଧି, ଲକ୍ଷ୍ମୀଧର ପ୍ରଧାନ, ସାମାଜିକକର୍ମୀ ଅକ୍ଷୟ ବରାଳ, ଆଲୋକ ସାହୁ ପରିଚାଳନାରେ ସହଯୋଗ କରିଥିଲେ।

### ଟ୍ରକ୍ ଚଢ଼ିଗଲା: ମହିଳା ମୃତ, ସ୍ୱାମୀ-ଝିଅ ଗୁରୁତର

କଟକ,୧୮।୨ (କାର୍ତ୍ତିକ ସାହୁ) କଟକ ନୂଆବଜାର ଛକରେ ରବିବାର ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ ଚଢ଼ିଯିବା ଫଳରେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ୱାମୀ ଓ ଝିଅ ଗୁରୁତର ହୋଇଛନ୍ତି। କନ୍ଦରପୁର ଥାନା ଅଧୀନ କୋରପଦା ଗ୍ରାମର ଦୀପକ ରାଉତ(୪୯) ତାଙ୍କ ସ୍ତ୍ରୀ ସାରତି(୩୫) ଏବଂ ଝିଅ ସାଇ ପ୍ରିୟଦର୍ଶିନୀ(୧୦)ଙ୍କୁ ସାଙ୍ଗରେ ନେଇ କୌଣସି କାମରେ କଟକ ଆସିଥିଲେ। କାମ ସରିବା ପରେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ସେ ତାଙ୍କ ସ୍ତ୍ରୀ ଏବଂ ଝିଅଙ୍କୁ ସ୍କୁଟିରେ ବସାଇ କଟକରୁ କନ୍ଦରପୁର ଆଡ଼କୁ ଯାଉଥିବାବେଳେ ଏକ ଟ୍ରକ ପାର୍ଶ୍ୱରେ ପିଟି ହୋଇଯାଇଥିଲେ। ଫଳରେ ଭାରସାମ୍ୟ ହରାଇ ସାରତି ଓ ସାଇ ସ୍କୁଟିରୁ ଖସି ଟ୍ରକ ଚକା ତଳେ ପଡ଼ିଯାଇଥିଲେ। ଟ୍ରକର ପଛଚକା ଚଢ଼ିଯିବାରୁ ସାରତିଙ୍କ ଅଣ୍ଟାରୁ ତଳଭାଗ ଅଲଗା ହୋଇ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସାଇଙ୍କର ଡାହାଣ ହାତ କାନ୍ଧ ପାଖରୁ ଅଲଗା ହୋଇଯାଇଥିବାବେଳେ ଗୋଡ଼ ଉପରେ ଚକା ଚଢ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ସେହିପରି ଦୀପକ ମଧ୍ୟ ଗୁରୁତର ହୋଇଛନ୍ତି। ଚିକିତ୍ସାଲାଗି ସାଇ ଓ ଦୀପକଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଦୁର୍ଘଟଣା ପରେ କିଛି ସମୟ ପାଇଁ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଚାଉଳିଆଗଞ୍ଜ ପୋଲିସ ପହଞ୍ଚି ଉକ୍ତ ଟ୍ରକ୍‌କୁ ଥାନାକୁ ନେବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# 'ଓଡ଼ିଆ ସାହିତ୍ୟ ଗରିମା, ବିଭବମୟ'

**ଦ୍ୱିତୀୟ ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ**

- ୪ଜଣଙ୍କୁ ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ ସମ୍ମାନ
- ସମ୍ବର୍ଦ୍ଧିତ ହେଲେ ୨୨ ସାରସ୍ୱତ ସାଧକ

ପୁରୀ,୧୮।୨(ଅଜିତ୍ ମହାନ୍ତି)

ରାଜ୍ୟ ସରକାରଙ୍କ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସହଭାଗିତାରେ ତଥା ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ, ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ, ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦ ଏବଂ ଅନୁରାଗ ସାହିତ୍ୟ ସଂଗୋଷ୍ଠୀର ମିଳିତ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ସଂସ୍କୃତି ଭବନରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜେନ୍ଦ୍ର କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳାଧିପତି ଡ. ପ୍ରଫୁଲ୍ଲ କୁମାର ମିଶ୍ର ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡ. ସବିତା ପ୍ରଧାନ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ସୌମେନ୍ଦ୍ର କୁମାର ମୁଦୁଲି, ସେବାୟତ ଭଗବାନ ସୁଆର, ଗବେଷକ ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର ଏବଂ ପୁରୀ ପୁସ୍ତକ ମେଳା କମିଟି ସମ୍ପାଦକ ଚକ୍ରଧର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀକ୍ଷେତ୍ର ବାତାବରଣରେ ସାହିତ୍ୟ ଓ ସଙ୍ଗୀତ ଭରି ରହିଛି। ସାହିତ୍ୟ ରଚନା ଦ୍ୱାରା ସାହିତ୍ୟକ ନିଜେ ଆନନ୍ଦ ଲାଭ କରିବା ସହିତ ଅନ୍ୟକୁ ଖୁସି କରିବାରେ ସହାୟକ ହୋଇଥାଏ। ଓଡ଼ିଆ ସାହିତ୍ୟ ବିଭିନ୍ନ ଦୃଷ୍ଟିକୋଣରୁ ଗରିମାମୟ ଓ ବିଭବମୟ ବୋଲି ଅତିଥିମାନେ କହିଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ଦାସ ସ୍ୱାଗତ ଭାଷଣ ଓ ଆବାହକ ଅନାମ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଯୋଜକ କୃଷ୍ଣଚନ୍ଦ୍ର ରଥ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ସଂଯୋଜକ ସଦାଶିବ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଆବାହକ ସୁରେଶ କୁମାର ପଟ୍ଟନାୟକ, ସଂଯୋଜକ ରବୀନ୍ଦ୍ରନାଥ ପଟ୍ଟନାୟକ ଓ ଶ୍ୟାମପ୍ରକାଶ ସେନାପତି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଞ୍ଜୁଶ୍ରୀ ମିଶ୍ର, କ୍ରିଷ୍ଣା ମହାପାତ୍ର ଓ ଆଶାଲତା ପ୍ରଧାନ କବିତାପାଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ସୂଚନା ପୁସ୍ତକ 'ନାକଚଣା' ଏବଂ ମନ୍ଦାକିନୀ ପଟ୍ଟନାୟକଙ୍କ ସାରସ୍ୱତ ସଙ୍କଳନ 'ଯାତ୍ରାପଥେ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଡ. ପ୍ରଫୁଲ୍ଲ କୁମାର ମିଶ୍ର, ଡ. ସବିତା ପ୍ରଧାନ, ସାହିତ୍ୟ ଏକାଡେମୀର ସଭାପତି ହୃଷୀକେଶ ମଲ୍ଲିକ୍ ଏବଂ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କୁ ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିଲା। ସେହିଭଳି ଶ୍ରୀକ୍ଷେତ୍ରର ବରିଷ୍ଠ ୨୨ଜଣ ସାରସ୍ୱତ ସାଧକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କମଳିନୀ ପାଣିଗ୍ରାହୀ, ରୋଜାଲିନ୍ ପଣ୍ଡା ଓ ଯୋଗେନ୍ଦ୍ର ସାହୁ ସହଯୋଗ କରିଥିଲେ। ଅନ୍ନପୂର୍ଣ୍ଣା ଦେବୀ ଧନ୍ୟବାଦ ଦେଇଥିଲେ।



ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର କେନ୍ଦ୍ରୀୟ ଟିମ୍‌ଙ୍କ ସହ ଡାକ୍ତର, ନର୍ସ ଓ ଅନ୍ୟମାନେ।

## କେନ୍ଦ୍ରୀୟ ଟିମ୍‌ର ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ଟାଙ୍ଗୀ,୧୮।୨(ରଘୁନାଥ ସାହୁ): କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୦୨୨-୨୩ ପାଇଁ କାୟାକଳ୍ପ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ରବିବାର ଏକ କେନ୍ଦ୍ରୀୟ ଟିମ୍ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛି। ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ମେଡିକାଲରେ ସ୍ୱଚ୍ଛତା ପରିବେଶ, ସଂକ୍ରମଣ ମୁକ୍ତ, ଉନ୍ନତ ରୋଗୀସେବା ସମ୍ପର୍କରେ ଅନୁଧ୍ୟାନ କରିବା ପରେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଯୁଗ୍ମ ନିର୍ଦ୍ଦେଶକ ଡା. ପ୍ରତିଭା ପ୍ରଧାନ, ଆୟୁଷ କନ୍‌ସଲଟାଣ୍ଟ ଡା. ଅସିତ କୁମାର ମହାନ୍ତି, ପାଥ୍ ଫାଉଣ୍ଡେଶନର ଡା. ବିଶ୍ୱରଞ୍ଜନ ପୁରୋହିତ ପ୍ରମୁଖ ପରିଦର୍ଶନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା. ସତ୍ୟ ରଞ୍ଜନ ନନ୍ଦ, ବ୍ଲକ ପ୍ରୋଗ୍ରାମ ଅଧିକାରୀ ତପନ କୁମାର ମଣ୍ଟୁଙ୍କ ସମେତ ସମସ୍ତ ଡାକ୍ତର, କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ନିରାକାରପୁର, ରାମେଶ୍ୱର, ବଡପୋଖରିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ କୁହୁଡି, କମାଗୁରୁ, ଲଳିତ ପାଟପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଧ୍ୟ କାୟାକଳ୍ପ ପୁରସ୍କାର ମିଳିଥିଲା।

## ବିଦେଶାଗତ ପକ୍ଷୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଟାଙ୍ଗୀ,୧୮।୨(ରଘୁନାଥ ସାହୁ)

କାଳୁପଡ଼ାଘାଟ ଚିଲିକା ଆଞ୍ଚଳିକ ସେବା ପରିଷଦ ଆନୁକୂଲ୍ୟରେ ବିଦେଶାଗତ ପକ୍ଷୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସୋରଣସ୍ଥିତ ପାଲା ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଦୀପକ କୁମାର ନାଥଙ୍କ ସଭାପତିତ୍ୱରେ ଅତିଥିଭାବେ ବାଲୁଗାଁ ବନ୍ୟପ୍ରାଣୀ ଡିଭିଜନ ଏସିଏଫ୍ ଶତାବ୍ଦୀ ମିଶ୍ର, ଟାଙ୍ଗୀ ରେଞ୍ଜର ବିରଜା ଦାଶ, ଖବରଦାତା ରଘୁନାଥ ସାହୁ, ଟାଙ୍ଗୀ ସାହିତ୍ୟ ଘର ସଭାପତି ବିଜୟ କୁମାର ରାଉତ, ସୋରଣ ସରପଞ୍ଚ ଶେଷଦେବ ବେହେରା, ମାନସିଂହପୁର ସରପଞ୍ଚ କାମିନୀ ବେହେରା, ପୂର୍ବତନ ସରପଞ୍ଚ ରତିକାନ୍ତ ବୈରିଗଞ୍ଜନ, ଜରିପଡା ସରପଞ୍ଚ ଦିପୁନା ସାହୁ, କଳକଳେଶ୍ୱର ସରପଞ୍ଚ ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ଯୋଗଦେଇ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରା ସଚେତନଧର୍ମୀ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି ଅବସରରେ ଏକ ବାଇକ୍ ଶୋଭାଯାତ୍ରା ଚିଲିକା କୂଳ ଘୋଡାଦୌଡଠାରୁ ଆରମ୍ଭ ହୋଇ ସୋରଣ, ମାନସିଂହପୁର, ପୁତନା, ବାଉଁଶମୂଳ, ଜରିପଡା, କଳକଳେଶ୍ୱର ପଞ୍ଚାୟତ ପରିକ୍ରମା କରି ଜନସାଧାରଣଙ୍କୁ ପକ୍ଷୀ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ସେବା ପରିଷଦ ପକ୍ଷରୁ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବଦତ୍ତ ମହାପାତ୍ର, ଜିତେନ୍ଦ୍ର ମାନସିଂହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶହେରୁ ଉର୍ଦ୍ଧ୍ୱ ସଦସ୍ୟ ବାଇକ୍ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବନ୍ୟପ୍ରାଣୀ ବିଭାଗର ସୋରଣ ଫରେଷ୍ଟର ସବିତାରାଣୀ ପ୍ରଧାନ, ଟାଙ୍ଗୀ ଫରେଷ୍ଟର ହେମନ୍ତ କୁମାର ଜେନା, ମୁକ୍ତେଶ୍ୱର ଫରେଷ୍ଟର ସୁଜିତ ବେହେରା, ଫରେଷ୍ଟଗାର୍ଡ ଶିବ ପ୍ରସାଦ ପଲାଇ, ଲିପୁନା ପାଇକରାୟ ପ୍ରମୁଖ ସହଯୋଗ କରିଥିଲେ।

# ଖୋର୍ଦ୍ଧାରେ ବାସନ୍ତୀଙ୍କ ଶକ୍ତି ପ୍ରଦର୍ଶନ

ଖୋର୍ଦ୍ଧା,୧୮।୨ (ପ୍ରଭାତ ପାଣିଗ୍ରାହୀ)

ସାଧାରଣ ନିର୍ବାଚନ ପାଖେଇ ଆସୁଛି। କିଏ କେଉଁ ଦଳରୁ ପ୍ରାର୍ଥୀ ହେବ ଛକାପଞ୍ଝା ଲାଗି ରହିଥିବା ବେଳେ ସବୁ ଦଳରେ ଆଶାୟୀଙ୍କ ସଂଖ୍ୟା ମଧ୍ୟ ବଢୁଛି। ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ପାଇଁ ବିଜେଡିରୁ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ବିଜୁ ମହିଳା ଜନତା ଦଳ ବରିଷ୍ଠ ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର ଆଗରେ ରହିଛନ୍ତି। ସେ ନିରବଚ୍ଛିନ୍ନ ଭାବେ ଦଳୀୟ ପ୍ରଚାର, କର୍ମୀ ସମ୍ମିଳନୀ, ତୃଣମୂଳସ୍ତରରେ ସମାବେଶ, ଜନସମ୍ପର୍କ ଯାତ୍ରା ଆଦି ଜାରି ରଖିଛନ୍ତି। ଏହିକ୍ରମରେ ରବିବାର ବାସନ୍ତୀ ଖୋର୍ଦ୍ଧାରେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ଖୋର୍ଦ୍ଧା ଓ ଟାଙ୍ଗୀ ବ୍ଲକର ସମସ୍ତ ଜିଲା ପରିଷଦ ଜୋନର ବରିଷ୍ଠ, ଯୁବ ଓ ଛାତ୍ରମାନଙ୍କୁ ନେଇ ବାଇକ୍ ଶୋଭାଯାତ୍ରାରେ ବାହାରି ଖୋର୍ଦ୍ଧା ସହରର ସମସ୍ତ ୱାର୍ଡ ପରିକ୍ରମା କରିଥିଲେ। ବିଭିନ୍ନ ସ୍ଥାନରେ ସ୍ଥାନୀୟ ବାସିନ୍ଦା, ମହିଳାମାନେ ତାଙ୍କୁ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ସେ ଲୋକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ପୁଣି ଥରେ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ଅନୁରୋଧ କରିଥିଲେ। ଘରେ ଘରେ ଶଙ୍ଖ ସ୍ଲୋଗାନ ଦେଇ ବିଭିନ୍ନ ୱାର୍ଡ ପରିକ୍ରମା କରି ଲୋକଙ୍କ ହୃଦୟ ଜିଣିଥିଲେ। ଏହି ଅବସରରେ ବାସନ୍ତୀ କହିଥିଲେ, ଦଳରୁ ପ୍ରାର୍ଥୀ ହେବା ପାଇଁ ଦୀର୍ଘ ବର୍ଷ ହେବ ପ୍ରସ୍ତୁତି ଆରମ୍ଭ କରିଛି। ଦଳର ନେତା ମୁଖ୍ୟମନ୍ତ୍ରୀ ମୋ ଉପରେ ବିଶ୍ୱାସ ରଖିଛନ୍ତି। ଲୋକଙ୍କ ଆସ୍ଥା, ଭଲପାଇବା ମଧ୍ୟ ରହିଛି। ତୃଣମୂଳସ୍ତରରେ ଦଳୀୟ ସଙ୍ଗଠନ ମଜଭୁତ ସହ ଲୋକଙ୍କ ସୁଖଦୁଃଖରେ ସହଭାଗୀ ରହିଛି। ଦଳୀୟ କାର୍ଯ୍ୟକ୍ରମର ପ୍ରଚାର, ଲୋକଙ୍କ ସହ ଯୋଡିହେବା ଏବଂ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନା ଲୋକାଭିମୁଖୀ ଉଦ୍ଦେଶ୍ୟରେ ଏହି ଶୋଭାଯାତ୍ରା ଆୟୋଜନ କରାଯାଇଥିଲା ବୋଲି ସେ କହିଛନ୍ତି।



ବିଜୁ ମହିଳା ଜନତା ଦଳ ଉପସଭାନେତ୍ରୀ ବାସନ୍ତୀ ମହାପାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

## ଆର୍‌ଆଇଙ୍କ କଲମଛାଡ଼ ଆନ୍ଦୋଳନ

ଟାଙ୍ଗୀ,୧୮।୨(ରଘୁନାଥ ସାହୁ): ରାଜ୍ୟର ବିଭିନ୍ନ ତହସିଲ କାର୍ଯ୍ୟାଳୟ ଅନ୍ତର୍ଗତ କାର୍ଯ୍ୟରତ ଥିବା ସମସ୍ତ ରେଭିନ୍ୟୁ ଇନ୍ସପେକ୍ଟର(ଆର୍‌ଆଇ)ମାନେ ରବିବାରଠାରୁ କଲମଛାଡ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଟାଙ୍ଗୀ ତହସିଲ ଅନ୍ତର୍ଗତ ୭ଜଣ ଆର୍‌ଆଇ, ୩ ଜଣ ସହକାରୀ ଆର୍‌ଆଇ, ଜଣେ ସୁପରଭାଇଜର ଆନ୍ଦୋଳନରେ ସାମିଲ ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ସଂଘ ବିଭିନ୍ନ ଦାବି ନେଇ ଜାନୁଆରୀ ୨୫ରୁ କଳାବ୍ୟାଚ ପରିଧାନ କରିଥିଲେ। କ୍ୟାଡର ପୁନର୍ଗଠନ, ଆର୍‌ଆଇ ଅଫିସରେ କର୍ମଚାରୀ ନିଯୁକ୍ତି, ଯୋଗ୍ୟତା ଭିତ୍ତିରେ ଗ୍ରେଡେସନ ପ୍ରମୁଖ ଦାବି ରହିଛି।

## ଭାଜପା-ବିଜେଡି ବାହାଘର କଲା କଂଗ୍ରେସ



ଗମ୍ଭାରୀମୁଣ୍ଡା,୧୮।୨(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ଚିଲିକା କଂଗ୍ରେସ ଉଭୟ କେନ୍ଦ୍ର ଓ ରାଜ୍ୟର ଶାସକ ଦଳ ବିରୋଧରେ ଅଭିନବ ପ୍ରତିବାଦ କରିଛି। ଖୋର୍ଦ୍ଧା ଜିଲା କଂଗ୍ରେସ କମିଟିର ଉପସଭାପତି ପ୍ରଦୀପ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ରବିବାର ସ୍ଥାନୀୟ ଅଶୋକା ପଡ଼ିଆଠାରେ ଭାଜପା ଓ ବିଜେଡିର ପ୍ରତୀକାତ୍ମକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଭୟ ଦଳର ଦଳୀୟ ଚିହ୍ନ ମୁଖରେ ଲଗାଇ ବରକନ୍ୟା ସାଜିବା ସହ ଫୁଲମାଳ ପିନ୍ଧାଇଥିଲେ। ଗମ୍ଭାରୀମୁଣ୍ଡା ବଜାରକୁ ଆସିଥିବା ଗ୍ରାହକମାନେ ଉକ୍ତ ବାହାଘର ଦେଖିବା ପାଇଁ ଭିଡ଼ ଜମାଇଥିଲେ। ଏହାକୁ ମୋବାଇଲରେ ରେକର୍ଡିଂ କରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା। ପୁରୋହିତ ମନ୍ତ୍ର ପାଠ କରିବା ସହିତ ଉପସ୍ଥିତ ବରଯାତ୍ରୀ (ଶତାଧିକ କଂଗ୍ରେସ କର୍ମୀ) ହୁଳହୁଳି ପକାଇବା ସହିତ ନାଚିଥିଲେ। ଏହି ଅବସରରେ ଜିଲା କଂଗ୍ରେସ କମିଟିର ଉପସଭାପତି ସ୍ୱାଇଁ କହିଥିଲେ, ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡିର ଆଗୁଆ ସମର୍ଥନରୁ ଉଭୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ସହ ରାମ ଲକ୍ଷ୍ମଣଙ୍କର ସମ୍ପର୍କ ରହିଛି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ସାଧାରଣ ସମ୍ପାଦକ ଉଗ୍ରସେନ ବିଶ୍ୱାଳ, ଛାତ୍ର କଂଗ୍ରେସ ସଭାପତି ଧର୍ମେନ୍ଦ୍ର ସାହୁ, ଯୁବ କଂଗ୍ରେସ ସଭାପତି ଗୋପୀନାଥ ରଣା, ଏନ୍‌ଏସି ସଭାପତି ବିଜୟ ରଥ, ବାଣପୁର ବ୍ଲକ ସଭାପତି ଅକ୍ଷୟ ମହାପାତ୍ର, ଚିଲିକା ବ୍ଲକ ସଭାପତି ହୁଲାସ ସାହୁ, କଳକଳେଶ୍ୱର ପଞ୍ଚାୟତର ସଭାପତି ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ବେଗୁନିଆ,୧୮।୨(ହରପ୍ରସନ୍ନ ପଣ୍ଡା)

ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ବେଗୁନିଆ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ ଅବଗତ କରିବା ପାଇଁ ବଡବେରଣା, ସାରୁଅ, ରାଧାକାନ୍ତପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡ଼ବେରଣା ପଞ୍ଚାୟତରେ ଓଡ଼ିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ପର୍ଯ୍ୟବେକ୍ଷକ ଶ୍ରୀମୟୀ ମିଶ୍ର, ଛାତ୍ର ବିଜେଡି ମହାସଚିବ ଈପ୍‌ସିତା ସାହୁ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ସାହୁ, କୈଳାସ ପାତ୍ର, ଜିଲା ସହ ପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମିଶ୍ର, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲା ପରିଷଦ ସଭ୍ୟ ତନୁଜା ପାଟଶାଣୀ, ସରପଞ୍ଚ ଅସିତ କୁମାର ତ୍ରିପାଠୀ, ଶିକ୍ଷାବିତ ଭଗବାନ ପଣ୍ଡା, ପୂର୍ବତନ ସରପଞ୍ଚ ପୁରୁଷୋତ୍ତମ ମହାପାତ୍ର ପ୍ରମୁଖ ଯୋଗଦେଇ ମଧୁବାବୁ ପେନ୍‌ସନ ଯୋଜନା, କଳାକାର ଭତ୍ତା, ବିଜୁ ସ୍ୱାସ୍ଥ୍ୟକାର୍ଡ ସମେତ ବହୁ ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।



କାର୍ଯ୍ୟକ୍ରମରେ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର, ବିଜେଡି ନେତା ଓ କର୍ମୀମାନେ।

# ଆର୍ଥିକ ମାନଦଣ୍ଡ ବିକାଶ, ଅନ୍ୟାନ୍ୟ ସୁବିଧା ଦିଆଯାଉ

## ମନ୍ଦିର ସେବକଙ୍କୁ ଅଣଦେଖା ଅଭିଯୋଗ

ଖୋର୍ଦ୍ଧା,୧୮।୨ (ପ୍ରଭାତ ପାଣିଗ୍ରାହୀ)



ବୈଠକରେ ଶିବ ଶକ୍ତି ପୂଜକ ବିକାଶ ମଞ୍ଚର କର୍ମକର୍ତ୍ତା ଏବଂ ଅନ୍ୟମାନେ।

ବେଗୁନିଆ ବ୍ଲକ ଅଟ୍ରିସ୍ଥିତ ଏକାଦଶ ରୁଦ୍ର ହଟ୍ଟକେଶ୍ୱରଙ୍କ ପୀଠରେ ଶିବ ଶକ୍ତି ପୂଜକ ବିକାଶ ମଞ୍ଚ ଖୋର୍ଦ୍ଧା ଶାଖା ଆନୁକୂଲ୍ୟରେ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈକୁଣ୍ଠନାଥ ସଭାପତିତ୍ୱ କରିଥିଲେ। ବିଭିନ୍ନ ମଠ, ମନ୍ଦିରରେ କାର୍ଯ୍ୟରତ ସେବାୟତ, ସେବକମାନଙ୍କ ବିଭିନ୍ନ ସମସ୍ୟା ଏବଂ ଆର୍ଥିକ ବିକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସରକାର ମଠ ମନ୍ଦିର, ଧାର୍ମିକ ଅନୁଷ୍ଠାନର ବିକାଶ କରୁଛନ୍ତି। ବୁଣାକାର, କଳାକାର ଭତ୍ତାଠାରୁ ଆରମ୍ଭ କରି ବିଭିନ୍ନ ଯୋଜନାରେ ଲକ୍ଷାଧିକ ଟଙ୍କା ଅର୍ଥ ମଞ୍ଜୁର କରୁଛନ୍ତି। ହେଲେ ଦେବାଳୟରେ କାର୍ଯ୍ୟରତ ସେବକ, ସେବାୟତମାନଙ୍କ ଆର୍ଥିକ ମାନଦଣ୍ଡ ବିକାଶ ଦିଗରେ କୌଣସି ଗୁରୁତ୍ୱ ଦେଉନାହାନ୍ତି। ସ୍ୱଳ୍ପ ପାଉଣାରେ ସେବକମାନେ ପରିବାର ପୋଷଣ କରୁଛନ୍ତି। ସରକାର ସେବକମାନଙ୍କ ଆର୍ଥିକ ସୁଧାର ଦିଗରେ ଗୁରୁତ୍ୱ ଦେଉନାହାନ୍ତି ବୋଲି ମତପ୍ରକାଶ ପାଇଥିଲା। ଜିଲାର ବହୁ ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ଏହାର ପୁନରୁଦ୍ଧାର କରାଯାଉନାହିଁ। ଏକାଧିକ ମନ୍ଦିର ଜମି ଭୋଗ ଦଖଲରେ ରହିଥିବା ଏବଂ ଦେବତାଙ୍କ ଜମି ମାର୍ଫତାଦାର ନାମ ଉଲ୍ଲେଖ ରହୁ ନ ଥିବାରୁ ଅନେକ ସ୍ଥାନରେ ପ୍ରଭାବଶାଳୀ ବ୍ୟକ୍ତି ନିଜ ଦଖଲକୁ ନେଇଯାଉଛନ୍ତି। ଫଳରେ ଦୈନନ୍ଦିନ ମନ୍ଦିର ନୀତିକାନ୍ତି ବାଧାପ୍ରାପ୍ତ ହେବା ସହ ସେବକମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ସ୍ୱଳ୍ପ ପାଉଣା ଯୋଗୁ ପରିବାର ଚଳାଇବା ସହ ପିଲାଙ୍କ ପାଠପଢା, ଚିକିତ୍ସା ଆଦି ଦିଗରେ ହଇରାଣ ହେଉଛନ୍ତି। ସରକାର ମନ୍ଦିର ସେବକ, ସେବାୟତମାନଙ୍କ ଆର୍ଥିକ ମାନଦଣ୍ଡର ବିକାଶ ଦିଗରେ ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ସଭାପତି ଟଙ୍କଧର ରଣା, ଉପସଭାପତି ଭୀମସେନ ମହାପାତ୍ର, ନୟାଗଡ ଜିଲା ସଭାପତି ଗୌରାଙ୍ଗ ଚନ୍ଦ୍ର ମହାପାତ୍ର, ଯୁଗ୍ମ ସମ୍ପାଦକ ବଂଶୀଧର ମହାପାତ୍ର, ଯାଜପୁର ଜିଲାର ବଳରାମ ରଣା, ଭୁବନେଶ୍ୱରର ତ୍ରିଲୋଚନ ମହାପାତ୍ର, ଡି.ମହାପାତ୍ର, ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ‘ସମାଜକୁ ଶୃଙ୍ଖଳିତ, ସମୃଦ୍ଧ କରେ ଶିକ୍ଷା’

## ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ଉତ୍ସବ

ପୁରୀ,୧୮।୨(ଅଜିତ୍ ମହାନ୍ତି)



ଅତିଥିମାନଙ୍କ ଗହଣରେ ପୁରସ୍କୃତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ।

ଶିକ୍ଷା ସମାଜକୁ ଶୃଙ୍ଖଳିତ ଓ ସମୃଦ୍ଧ କରିଥାଏ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଶିକ୍ଷା ପ୍ରତି ଅଧିକ ଉତ୍ତରଦାୟୀ ଓ ସମର୍ପଣଭାବ ସୃଷ୍ଟି କରିବ ବୋଲି କ୍ରୀଡ଼ା ଓ ଯୁବସେବା, ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି। ରବିବାର ଶରଧାବାଲିସ୍ଥିତ ଭୋଳାନାଥ ବିଦ୍ୟାପୀଠରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ୫-ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ବେହେରା ଏଥିରେ ଯୋଗଦେଇ ଏପରି କାର୍ଯ୍ୟକ୍ରମ ଦ୍ୱାରା ଆଗାମୀ ପିଢ଼ିର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଉତ୍ସାହିତ ହେବା ସହ ବିଦ୍ୟାଳୟ ପରିଚାଳନା କମିଟି ଏବଂ ବିଦ୍ୟାଳୟ ଆଲୁମ୍ନି କମିଟିର ସଭ୍ୟାସଭ୍ୟମାନେ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଉନ୍ନତି ପାଇଁ ଅଧିକ ଯତ୍ନବାନ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା ମଞ୍ଚାସୀନ ଥିଲେ। ଜିଲାପାଳ ବିଜୟ କୁମାର ଦାଶ କାର୍ଯ୍ୟକ୍ରମର ପ୍ରଥମାର୍ଦ୍ଧରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ନିଷ୍ଠା ଓ ଆଗ୍ରହର ସହ ଅଧିକ ପରିଶ୍ରମ କଲେ ନିଜର ତଥା ସମାଜର ଉନ୍ନତି ସାଧିତ ହୋଇପାରିବ ବୋଲି କହିଥିଲେ। ଜିଲା ଶିକ୍ଷାଧିକାରୀ ଡ. ବିଶ୍ୱଜିତ ଘୋଷଙ୍କ ତତ୍ତ୍ୱାବଧାନ ଓ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷା ବିଭାଗ ଓ ଗ୍ରାମପଞ୍ଚାୟତରୁ ୧୧ଟି ବ୍ଲକର ୧୧ଟି ଗ୍ରାମ ପଞ୍ଚାୟତ ପୁରସ୍କାର, ୧୩୦ଟି ଜିଲାସ୍ତରୀୟ ଛାତ୍ର ଏକାଡେମିକ୍ ପୁରସ୍କାର, ୧୧୧୨ଟି ବ୍ଲକସ୍ତରୀୟ ଏକାଡେମିକ୍ ପୁରସ୍କାର, ୬୩୯ଟି ଛାତ୍ର ଲିଡରଶିପ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ୩୩ଟି ଉଚ୍ଚ ବିଦ୍ୟାଳୟ, ୩୦ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୫ଟି ପ୍ରଧାନଶିକ୍ଷକ ଉଚ୍ଚ ବିଦ୍ୟାଳୟ, ୧୧ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୧୧ଟି ବିଦ୍ୟାଳୟ ପରିଚାଳନା କମିଟି ଓ ୧୧ଟି ଆଲୁମ୍ନି କମିଟିକୁ ମିଶାଇ ମୋଟ ୨୦୦୨ଟି ପୁରସ୍କାର ଦିଆଯାଇଥିଲା। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର ଓ ହିମାଂଶୁ ଭୂଷଣ ସମରଥ, ଜିଲା ବିଦ୍ୟାଳୟ କ୍ରୀଡ଼ାଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ, ଜିଲା ପ୍ରକଳ୍ପ ସଂଯୋଜକ ନାରାୟଣ ମହାନ୍ତି, ଡିପିସି ବିଚିତ୍ରାନନ୍ଦ ଜେନା, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ତାପସ ପ୍ରିୟଦର୍ଶନ, ଜିଲା ମୋ ସ୍କୁଲ୍ ସଂଯୋଜକ ସନ୍ତୋଷ କୁମାର ଚୌଧୁରୀ, ପୁରୀ ସଦର ବିଇଓ ପ୍ରମୋଦ କୁମାର କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟର କୁନି କୁନି ପ୍ରତିଭାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଅଳକାନନ୍ଦା ଓ ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ଦାଶ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଏଡିଇଓ ମମତା ମିଶ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଅପରାଧୀଙ୍କ ଉପରେ ପୋଲିସର ନଜର

ପିପିଲି, ୧୮।୨ (ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର):

ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ପିପିଲି ଅଞ୍ଚଳରେ ଅପରାଧ ଓ ଡ୍ରଗ୍ସ କାରବାର ନିୟନ୍ତ୍ରଣ ପାଇଁ ପୋଲିସ ରବିବାର ପେଷାଦାର ଅପରାଧୀ ତଥା ଗୁରୁତର ଅଭିଯୁକ୍ତମାନଙ୍କର ଏକ ପରେଡ କରିଛି। ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ଏବଂ ଥାନା ଆରକ୍ଷୀ ନିରୀକ୍ଷକ ଦୀପକ ଖଣ୍ଡାୟତରାୟଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ପିପିଲି ଅଞ୍ଚଳରେ ଚଢ଼ାଉ କରି ୧୭ଜଣଙ୍କୁ ଧରିଆଣି ଥାନାରେ ପଚରାଉଚରା କରିବା ସହିତ ଆଗକୁ କୌଣସି ଅପରାଧ ନ ଘଟାଇବା ପାଇଁ ଚେତାବନୀ ଦେଇଛନ୍ତି। ଅଭିଯୁକ୍ତମାନେ କୌଣସି ଅପରାଧରେ ସମ୍ପୃକ୍ତ ହେବେ ନାହିଁ ବୋଲି ପୋଲିସକୁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଭାବେ ଛଡ଼ାଯାଇଛି। କିନ୍ତୁ ସେମାନଙ୍କ ଉପରେ କଡ଼ା ନଜର ରଖାଯିବ। ଅପରାଧ ନିୟନ୍ତ୍ରଣ ପାଇଁ ପ୍ରତି ସପ୍ତାହରେ ରବିବାର ଏଭଳି ପରେଡ ହେବ ବୋଲି ଆରକ୍ଷୀ ନିରୀକ୍ଷକ କହିଛନ୍ତି। ଆଗାମୀ ପରେଡରେ ଅନ୍ୟ ଅପରାଧୀଙ୍କୁ ସାମିଲ କରାଯିବ।

### ୨ ରାଜନୈତିକ କର୍ମୀଙ୍କ ମାରପିଟ୍ ଘଟଣା: ଜଣେ ଗିରଫ

ଗୋପ,୧୮।୨(ଭାରତୀ ଭୂଷଣ ଉପାଧ୍ୟାୟ):

ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କୁ କଳାପତାକା ପ୍ରଦର୍ଶନ କରିବା ଓ ଘଟଣାରେ ଭାଜପା କର୍ମୀଙ୍କୁ ମାଡ଼ ମାରିବା ଅଭିଯୋଗରେ ଗୋପ ପୋଲିସ ବିଜେଡି ସମର୍ଥିତ କର୍ମୀଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ହୃଷୀକେଶ ସେନାପତି (୩୨)। ଜାମିନ ନାମଞ୍ଜୁର ହେବାରୁ କୋର୍ଟ ଅଭିଯୁକ୍ତଙ୍କୁ ଜେଲକୁ ପଠାଇଛନ୍ତି। ପ୍ରକାଶ ଯେ, ଶନିବାର ନିମାପଡ଼ା ନିର୍ବାଚନମଣ୍ଡଳୀ ଗୋପ ବ୍ଲକ ଏରବଙ୍ଗ ପଞ୍ଚାୟତକୁ ନୂଆ-ଓ ସଚେତନତା କାର୍ଯକ୍ରମକୁ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଶତାଧିକ ମହିଳାଙ୍କ ଗ୍ରହଣରେ ଶୋଭାଯାତ୍ରାରେ ଯାଉଥିଲେ। ଏହି ସମୟରେ କେତେ ଜଣ ଭାଜପା କର୍ମୀ କଳା ପତାକା ପ୍ରଦର୍ଶନ କରିବା ସହ ଟମାଟୋ ଫୋପାଡ଼ି ଥିଲେ। ନିମାପଡ଼ା ବିଧାୟକଙ୍କ ସମର୍ଥକମାନେ ଉକ୍ତ ଭାଜପା କର୍ମୀଙ୍କୁ ମାରପିଟ୍ କରିଥିଲେ। ଏହି ଘଟଣାରେ ୨ ପକ୍ଷଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ପୋଲିସ ଏନେଇ ୨ଟି ପୃଥକ୍ ପୃଥକ୍ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପରେ ଭାଜପା କର୍ମୀ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ବିଳମ୍ବିତ ରାତ୍ରିରେ ପୋଲିସ ବିଜେଡି ସମର୍ଥିତ କର୍ମୀ ହୃଷୀକେଶଙ୍କୁ ଗିରଫ କରିଥିଲା।

### ବାଲି ବୋଝେଇ ହାଇୱା ଜବତ

ଅସ୍ତରଙ୍ଗ,୧୮।୨(ମମତା ଜେନା):

ଉକୁଳେଇ ଛକରୁ ଏକ ବାଲି ବୋଝେଇ ହାଇୱାକୁ ପୋଲିସ ରବିବାର ଜବତ କରିଛି। ଚାଳକ ୩୫ହଜାର ଟଙ୍କା ଜରିମାନା ଦେବା ପରେ ଗାଡ଼ିକୁ ଛାଡ଼ି ଦିଆଯାଇଥିବା ଅସ୍ତରଙ୍ଗ ଥାନା ଏସ୍‌ଆଇ ଦିପକ ସାମନ୍ତସିଂହାର କହିଛନ୍ତି। ସୂଚନା ମୁତାବକ, ହାଇୱାଟି ଆସୁଥିବାବେଳେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତିଙ୍କ ନଜରକୁ ଆସିଥିଲା। ସେ ହାଇୱାକୁ ଅଟକାଇ ବୋଝେଇ ବାଲି ସମ୍ବନ୍ଧୀୟ କାଗଜପତ୍ର ଦେଖାଇବାକୁ କହିଥିଲେ। ହେଲେ ଗାଡ଼ି କର୍ମଚାରୀ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ।

# ୨କୋଟି ୨୦ ଲକ୍ଷ ଟଙ୍କା ପ୍ରକଳ୍ପର ଭିତ୍ତିପ୍ରସ୍ତର

ନିମାପଡ଼ା,୧୮।୨(ରଞ୍ଜନ ପଟ୍ଟନାୟକ):

ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଶନିବାର ୨ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ୪ କି.ମି. ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପୌରାଞ୍ଚଳ ଅଧୀନ ନିମାପଡ଼ା ଦୋଳବେଦୀ ଛକଠାରୁ ପାଟପୁର ଛକ ପର୍ଯ୍ୟନ୍ତ ନୂତନ ଭାବେ ରାସ୍ତା ନିର୍ମାଣ କରାଯିବ। ପୂର୍ତ୍ତ ଏବଂ ଗୃହ ନିର୍ମାଣ ବିଭାଗ ଅଧୀନରେ ଏହା ନିର୍ମାଣ ହେବ। ରାସ୍ତା ନିର୍ମାଣରେ ନୂତନ ଭାବେ ମାଷ୍ଟିକ ପିଚୁ ବ୍ୟବହାର କରାଯିବ ବୋଲି ଉପସ୍ଥିତ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ କୁଶାଳ ହେମ୍ବ୍ରମ ସୂଚନା ଦେଇଛନ୍ତି। ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ଉପନଗରପାଳ ସନ୍ତୋଷ ଦାଶ, କାଉନସିଲର ଧନୁର୍ଦ୍ଧାର ଦାସ, ପୂର୍ବତନ ନଗରପାଳ ସନକ ପ୍ରଧାନ, ପୂର୍ବତନ କାଉନସିଲର ସନ୍ତୋଷ ଓଝା, ବ୍ରଜେନ୍ଦ୍ର ପ୍ରଧାନ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ମହିଳା ସଶକ୍ତୀକରଣ ତାଲିମ ଉଦ୍‌ଯାପିତ

କଣାସ,୧୮।୨(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକ ଅଧୀନ ତ୍ରିଲୋଚନପୁର ପଞ୍ଚାୟତ ଚଞ୍ଚେଇପଡ଼ାଠାରେ ବିଶ୍ୱଜୀବନ ସହାୟତାରେ ଇବିଆଇଆଇ ପକ୍ଷରୁ ମହିଳାଙ୍କ ଆର୍ଥିକ ଉନ୍ନତି ପାଇଁ ଚାଲିଥିବା ୨୬ ଦିନିଆ କାଗଜ ନିର୍ମିତ ଖଲିପତ୍ର ବିଭିନ୍ନ ସରଞ୍ଜାମ ନିର୍ମାଣ ସମ୍ପର୍କରେ ତାଲିମ କାର୍ଯ୍ୟ ଶନିବାର ଶେଷ ହୋଇଯାଇଛି। ପୃଥକ ପୃଥକ ଭାବେ ତାଲିମୀ ନେଉଥିବା ୧୦୦ଜଣ ମହିଳାଙ୍କୁ ଉଦ୍‌ଯାପନୀ ଉତ୍ସବରେ ପ୍ରମାଣପତ୍ର ଦିଆଯାଇଥିଲା। ଉତ୍ସବରେ ଇବିଆଇଆଇ ପ୍ରୋଜେକ୍ଟ ଅଫିସର ସାଇକତ୍ ସୂତ୍ରଧର, ବିଶ୍ୱଜୀବନ ସେବା ସଂଘ ସାଧାରଣ ସମ୍ପାଦକ ବୈଦ୍ୟନାଥ ବରାଳ, ପାଣ୍ଡିଆକେରା ସରପଞ୍ଚ ହରପ୍ରିୟା ବଳିଆରସିଂ, ତ୍ରିଲୋଚନପୁର ସରପଞ୍ଚ ବିଜୟନୀ ପାତ୍ର, ସାମାଜିକ କର୍ମୀ ରାଧେଶ୍ୟାମ ବିଶ୍ୱାଳ, ଗୁଣନିଧି ପାତ୍ର, ପ୍ରତୀକ୍ଷା ହରିଚନ୍ଦନ ପ୍ରମୁଖ ଯୋଗଦେଇ ମହିଳାଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

# ଅସ୍ତିତ୍ୱ ଜାହିର ପାଇଁ ସଂଘର୍ଷ କରୁଛି ବିରୋଧୀ


କାର୍ଯ୍ୟକ୍ରମରେ ବିଧାୟକ ସମୀର ରଞ୍ଜନ ଦାଶଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଉଛି ।

ନିମାପଡ଼ା,୧୮।୨(ରଞ୍ଜନ ପଟ୍ଟନାୟକ):

ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ଶହୀଦ ଭବନ ପରିସରସ୍ଥ ଟାଉନ ହଲ, ଚଅଁପଦା ପଞ୍ଚାୟତର ଗୋଠ ପଡ଼ିଆ ଏବଂ ଅଲଣ୍ଡା ପଞ୍ଚାୟତର ଧନେଶ୍ୱରୀ ଠାକୁରାଣୀ ପଡ଼ିଆଠାରେ ପଞ୍ଚାୟତସ୍ତରୀୟ ନୂଆ-ଓ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ବିକାଶ ହେଉଛି ଆମର ଲକ୍ଷ୍ୟ। ଅସ୍ତିତ୍ୱ ଜାହିର ପାଇଁ ବିରୋଧୀ ସଂଘର୍ଷ କରୁଛି। ଆଗାମୀ ଦିନରେ ନିମାପଡ଼ାବାସୀ ବିକାଶକୁ ବିରୋଧ କରୁଥିବା ବିରୋଧୀଙ୍କୁ ଉଚିତ ଶିକ୍ଷା ଦେବେ। ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି। ସରକାରୀ ଅନୁଦାନରେ ଗ୍ରାମାଞ୍ଚଳରେ ବିକାଶର ମାନଚିତ୍ର ବଦଳିଛି। କ୍ଷୁଧାର୍ତ୍ତ ଓଡ଼ିଶା ଆଜି ସମୃଦ୍ଧିଶାଳୀ ରାଜ୍ୟରେ ପରିଣତ ହୋଇପାରିଥିବା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ ମତବ୍ୟକ୍ତ କରିଥିଲେ। ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ବ୍ଲକ ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ପୂର୍ବତନ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ଏମ୍‌ପିଙ୍କ ପ୍ରତିନିଧି ସୁଧୀର ରଞ୍ଜନ ଦାଶ, ବ୍ଲକ ଯୁବ ବିଜେଡି ସଭାପତି ରାକେଶ ବେହେରା, ବିଜ୍ଞାପିତ ଅଞ୍ଚଳ ପରିଷଦ ନଗରପାଳ ସସ୍ମିତା ସାହୁ, ଉପନଗରପାଳ ସନ୍ତୋଷ ଦାଶ, କାଉନସିଲର ଧନୁର୍ଦ୍ଧର ଦାଶ, ପୂର୍ବତନ ନଗରପାଳ ସନକ ପ୍ରଧାନ, ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ବ୍ଲକ ସହକାରୀ ଯନ୍ତ୍ରୀ ଗୌରାଙ୍ଗ ସେଠୀ ଏବଂ ପିଓ ପୁଷ୍ପକାନ୍ତ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ସରକାର ପ୍ରାଥମିକତା ଦେଉଛନ୍ତି

ଗୋପ,୧୮।୨(ଭାରତୀ ଭୂଷଣ ଉପାଧ୍ୟାୟ):



କାର୍ଯ୍ୟକ୍ରମରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଅନ୍ୟ ଅତିଥି ।

କାକଟପୁର ନିର୍ବାଚନମଣ୍ଡଳୀ ଅଧୀନ ଗୋପ ବ୍ଲକର ଶୋରଭା ପଞ୍ଚାୟତ ମୁରୁଡାଠାରେ ନୂଆ-ଓ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଓ ଗୃହ ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇଥିଲେ। ମହିଳାମାନେ କିପରି ଆହୁରି ଅଧିକ ମାତ୍ରାରେ ସ୍ୱାବଲମ୍ବୀ ହେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେଥିପ୍ରତି ପ୍ରାଥମିକତା ଦେଉଥିବା ମନ୍ତ୍ରୀ କହିଥିଲେ। ଶୋରଭା ସରପଞ୍ଚ କିଶୋର ଚନ୍ଦ୍ର ସେଠୀ ଏଥିରେ ସଭାପତିତ୍ୱ କରିଥିଲେ। ପୂର୍ବତନ ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟୀ ଦଳାଇ, ୧୪ ନଂ. ଜିଲା ପରିଷଦ ସଭ୍ୟା ସାଗରିକା ନାୟକ ପ୍ରମୁଖ ଯୋଗଦେଇ ସରକାରଙ୍କ ବିକାଶ ରାଜ୍ୟର ପ୍ରତ୍ୟେକ ଗାଁରେ ବିକଶିତ ଓଡ଼ିଶା ଗଠନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଥିବା କହିଥିଲେ। କାର୍ଯ୍ୟକ୍ରମ ଅବସରରେ ପଞ୍ଚାୟତର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ୱାସ୍ଥ୍ୟ ବିଭାଗ ସହିତ ସମସ୍ତ କାର୍ଯ୍ୟ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ମହିଳା, ଛାତ୍ରୀଛାତ୍ରଙ୍କ ସହିତ ଅନ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜ୍ୟୋତି ରଞ୍ଜନ ନାୟକ, ସୁମନ୍ତ ରାଉତରାୟ, ନିରଞ୍ଜନ ମାହାରୀ ପ୍ରମୁଖ ପରିଚାଳନା କରିଥିଲେ।

# ସତ୍ୟବାଦୀ ବ୍ଲକ: ୧୫୯୭ ଜଣ ଦେବେ ମାଟ୍ରିକ ପରୀକ୍ଷା

ସାକ୍ଷୀଗୋପାଳ, ୧୮।୨ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର):

ଚଳିତ ମାସ ୨୦ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ସତ୍ୟବାଦୀ ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଉପସ୍ଥିତ ଥିଲେ। ଚଳିତ ବର୍ଷ ସତ୍ୟବାଦୀ ବ୍ଲକରେ ସମୁଦାୟ ୧୫୯୭ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ନୋଡାଲ ସ୍କୁଲ ଭାବେ ସତ୍ୟବାଦୀ ହାଇସ୍କୁଲକୁ ନିଆଯାଇଛି। ସୂଚନା ଅନୁଯାୟୀ, ସତ୍ୟବାଦୀ ହାଇସ୍କୁଲରେ ୨୩୮, ଗବକୁଣ୍ଡ ଜୟଦୁର୍ଗା ହାଇସ୍କୁଲରେ ୧୩୧, ରାୟଚକ୍ରଧରପୁର ହାଇସ୍କୁଲରେ ୧୪୪, ବିଶ୍ୱନାଥପୁର ହାଇସ୍କୁଲରେ ୧୩୧, ବୀରଗୋବିନ୍ଦପୁରରେ ୧୧୪, ସତ୍ୟବାଦୀ ସରକାରୀ ବାଳିକା ବିଦ୍ୟାଳୟରେ ୨୩୧, ନୂଆ ସମେଶ୍ୱରପୁର ହାଇସ୍କୁଲରେ ୧୬୯, ଅଲୁଗୁମରେ୧୯୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସୁକଳ ସ୍କୁଲଟି ସତ୍ୟବାଦୀ ଶିକ୍ଷା ବିଭାଗ ଅଧୀନରେ ଥିଲେ ମଧ ପୁରୀ ମହନ୍ତ ଗଦାଧର ସ୍କୁଲରୁ ପ୍ରଶ୍ନପତ୍ର ଆସିବ। ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ବ୍ୟତୀତ ଅନ୍ୟ କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସ୍କୁଲ ବାଉଣ୍ଡାରୀ ଭିତରକୁ ମୋବାଇଲ ନେବା ପାଇଁ ବାରଣ ରହିଛି। ନୋଡାଲ ସେଣ୍ଟର ସହ ସମସ୍ତ ପରୀକ୍ଷା ସେଣ୍ଟରରେ ସିସିଟିଭି ନଜରରେ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସେଣ୍ଟର ଗୁଡ଼ିକରେ ଶୌଚାଳୟଗୁଡ଼ିକୁ କାର୍ଯ୍ୟକାରୀ କରାଯାଇଛି। ଛାତ୍ରୀଛାତ୍ରମାନେ ସକାଳ ୭ଟା ୩୦ରେ ପରୀକ୍ଷା ହଲକୁ ପ୍ରବେଶ କରିବେ ବୋଲି ସୂଚନା ଦିଆଯାଇଛି।

# ବିପଦପୂର୍ଣ୍ଣ ସତ୍ୟବାଦୀ ହାଇସ୍କୁଲ ହୋଇଛି ନୋଡାଲ ସେଣ୍ଟର

ସାକ୍ଷୀଗୋପାଳ,୧୮।୨:
(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର):



ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଛି। ଏହି ବିଦ୍ୟାଳୟ ୫-ଟି ମାଧ୍ୟମରେ ରୂପାନ୍ତରିତ ହୋଇଥିଲେ ମଧ ଏହାର ଛାତରୁ କଂକ୍ରିଟ ଖସୁଥିବାରୁ ବିଦ୍ୟାଳୟକୁ ବିପଦପୂର୍ଣ୍ଣ ଘୋଷଣା କରାଯାଇଥିଲା। ବିଦ୍ୟାଳୟ କୋଠରୀଗୁଡ଼ିକରେ କର୍ତ୍ତୃପକ୍ଷଙ୍କୁ ଛାତ୍ରୀଛାତ୍ରୀଙ୍କ କ୍ଲାସ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବାରଣ କରାଯାଇଥିଲା। ମାତ୍ର ଏହି କୋଠରୀଗୁଡ଼ିକରେ ଚଳିତ ବର୍ଷ କୋମଳମତି ଛାତ୍ରୀଛାତ୍ର ବସି ପରୀକ୍ଷା ଦେବେ। ପୂର୍ବରୁ ବିଦ୍ୟାଳୟ ଛାତରୁ କଂକ୍ରିଟ୍ ଖସି କିରାଣି ଶ୍ରୀମନ୍ତ କୁମାର ଷଡ଼ଙ୍ଗୀ ଗୁରୁତର ଆହତ ହୋଇଥିଲେ। ତେବେ ବିଦ୍ୟାଳୟର ଏତାଦୃଶ ଅବସ୍ଥା ଦେଖି ଏଠାରେ କିଭଳି ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହେବ ସେ ନେଇ ଛାତ୍ରୀଛାତ୍ର ଏବଂ ଅଭିଭାବକ ଚିନ୍ତାରେ ପଡ଼ିଛନ୍ତି। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟ ୨୦୨୧ ଡିସେମ୍ବର ୧୫ରେ ୫-ଟି ଅନ୍ତର୍ଭୁକ୍ତ ହୋଇ ସ୍ମାର୍ଟସ୍କୁଲ ଭାବେ ଉଦ୍ଘାଟିତ ହୋଇଥିଲା। ବିଦ୍ୟାଳୟର ଉନ୍ନତୀକରଣରେ ପ୍ରାୟ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ତେବେ ସ୍କୁଲର ଅଧିକାଂଶ ଶ୍ରେଣୀଗୃହ ଛାତରୁ କଂକ୍ରିଟ୍ ଖସିବା ପରେ ପ୍ରଶାସନ ପକ୍ଷରୁ ଏହାକୁ ବିପଦପୂର୍ଣ୍ଣ ଘୋଷଣା କରାଯାଇଥିଲା। ତେବେ ଆଗକୁ ମାଟ୍ରିକ ପରୀକ୍ଷା ପାଇଁ ନୋଡାଲ୍ ସେଣ୍ଟର ଓ ପରୀକ୍ଷା ପରିଚାଳନା ନିମନ୍ତେ ଶ୍ରେଣୀଗୃହର ଅଭାବ ଯୋଗୁ ଏବେ ଏହି କୋଠାରୀଗୁଡିକୁ ସ୍କୁଲ କର୍ତ୍ତୃପକ୍ଷ ବ୍ୟବହାର କରିବେ ବୋଲି ଜଣାପଡିଛି। ଅନ୍ୟପଟ ସ୍କୁଲ ଷ୍ଟ୍ରଙ୍ଗରୁମ୍ ଅଧିକ ବିପଦପୂର୍ଣ୍ଣ ରହିଥିବା ଜଣାପଡ଼ିଛି। ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

# ବ୍ୟବସାୟୀଙ୍କୁ କମ୍ପ୍ୟୁଟର କଣ୍ଟା ବାଣ୍ଟିଲେ


ସାମାଜିକ କର୍ମୀ ଜିତେନ୍ଦ୍ର ମହାନ୍ତି ବ୍ୟବସାୟୀଙ୍କୁ କମ୍ପ୍ୟୁଟର କଣ୍ଟା ପ୍ରଦାନ କରୁଛନ୍ତି ।

ଚାରିଛକ,୧୮।୨(ଶିଶିର ସ୍ୱାଇଁ):

ଚାରିଛକ ଓ ତୁଳସୀପୁର ଅଞ୍ଚଳରେ ଉଠା ପରିବା ବ୍ୟବସାୟୀଙ୍କୁ ନିମାପଡ଼ା- ଗୋପ ଅଞ୍ଚଳର ସାମାଜିକ କର୍ମୀ ଜିତେନ୍ଦ୍ର ମହାନ୍ତି ୨୫ଟି କମ୍ପ୍ୟୁଟର କଣ୍ଟା ପ୍ରଦାନ କରିଛନ୍ତି। ଏଥିସହ ତୁଳସୀପୁର ପଞ୍ଚାୟତ ପଥରପଦା ଗ୍ରାମର ଏକ ନୂତନ ମନ୍ଦିର ନିର୍ମାଣ ପାଇଁ ୨୫ ହଜାର ଟଙ୍କା ପ୍ରଦାନ କରିଛନ୍ତି। ସେହିଭଳି ଗ୍ରାମର ପ୍ରତାପ ଚନ୍ଦ୍ର ନାୟକଙ୍କ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବାବେଳେ ତାଙ୍କ ପୁଅ ତ୍ରିଲୋଚନ ନାୟକ ଏବେ ଶଯ୍ୟାଶାୟୀ ଅବସ୍ଥାରେ ଚିକିତ୍ସିତ ହେଉଥିବାରୁ ତାଙ୍କୁ ସାମାଜିକ କର୍ମୀ ମହାନ୍ତି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ପଥରପଦା ଗ୍ରାମରେ ଦୁର୍ଘଟଣାଗ୍ରସ୍ତ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଥିବାରୁ ଗ୍ରାମବାସୀ ସାମାଜିକ କର୍ମୀ ମହାନ୍ତିଙ୍କୁ ଧନ୍ୟବାଦ ଦେଇଥିଲେ।

# କାଦୁଆ ପଞ୍ଚାୟତର ରୂପରେଖ ବଦଳିବ: ବିଧାୟକ

ସାକ୍ଷୀଗୋପାଳ,୧୯।୨(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର/ଭରତ ରାଉତ):

ସତ୍ୟବାଦୀର କାଦୁଆ, ମୂଳଅଳଶା, ଆଳିଶ ପଞ୍ଚାୟତରେ ନୂଆ- ଓ କାର୍ଯ୍ୟକ୍ରମ ରବିବାର ଆୟୋଜିତ ହୋଇଯାଇଛି। କାଦୁଆ ମେଳଣ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା, ଆମ୍ବା ଅଧ୍ୟକ୍ଷ ମହମ୍ମଦ ଜିକରିଆ, ପୁରୀ ଜିଲା ମହିଳା ବିଜେଡି ଉପ ସଭାପତି କନକଲତା ପଣ୍ଡା, ସତ୍ୟବାଦୀ ବ୍ଲକ ମିଶନ ଶକ୍ତି ସଭାପତି ଲକ୍ଷ୍ମୀପ୍ରିୟା ଦାସ, ଜୀବିକା ମିଶନ ସଂଯୋଜିକା ଶାଶ୍ୱତୀ ଦାସ, ପଞ୍ଚାୟତ ଅଧିକାରୀ ସାରଙ୍ଗ ସ୍ୱାଇଁ ଓ କାଦୁଆ ପଞ୍ଚାୟତ ବିଜେଡି ସଭାପତି ବାଉରୀବନ୍ଧୁ ମହାପାତ୍ର ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ବିଧାୟକ ସାମନ୍ତରାୟ ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନା, କାଦୁଆ ପଞ୍ଚାୟତ ନିମନ୍ତେ ହୋଇଥିବା ୩ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ବିଷୟରେ କହିଥିଲେ। ନୂଆ- ଓ ମାଧ୍ୟମରେ ଏହି ପଞ୍ଚାୟତର ସମ୍ପୂର୍ଣ୍ଣ ରୂପରେଖ ବଦଳିଯିବ ବୋଲି ପ୍ରକାଶ କରିଥିଲେ। ସେହିଭଳି ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁନିଲ ପଣ୍ଡା ଏହି ପଞ୍ଚାୟତରୁ ନିର୍ବାଚିତ ହୋଇଥିବାରୁ ପଞ୍ଚାୟତବାସୀଙ୍କ ସୁଖ ଦୁଃଖରେ ଛିଡ଼ା ହେବା ସହ ୧ନଂ. ପଞ୍ଚାୟତ ଭାବେ ନିଜ ପଞ୍ଚାୟତକୁ ଗଢି ତୋଳିବାକୁ ସମସ୍ତ ପ୍ରକାର ପ୍ରୟାସ କରୁଥିବା ପ୍ରକାଶ କରିଥିଲେ।



କାଦୁଆ ପଞ୍ଚାୟତରେ ନୂଆ- ଓ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

# ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ମ୍ୟାନଗ୍ରୋଭ ରିଟ୍ରିଟ୍

ଅସ୍ତରଙ୍ଗ,୧୮।୨(ପ୍ରଦୀପ୍ତ ଦୀକ୍ଷିତ)

ପ୍ରକୃତି କୋଳରେ ଅତ୍ୟାଧୁନିକ ସୁବିଧା, ସୁନ୍ଦର କଟେଜ୍ ସାଙ୍ଗକୁ ଖାଦ୍ୟ ଓ ଖେଳକୁଦର ମଜା। ରାତ୍ରିର ନୀରବତା ସାଙ୍ଗକୁ ସକାଳର ସର୍ଯ୍ୟୋଦୟ ଜୀବନକୁ ଉପଭୋଗ କରିବାର ନିଆରା ଅନୁଭୂତି। ସିସିଟିଭି ସୁରକ୍ଷା ସାଙ୍ଗକୁ ମନୋରଞ୍ଜନର ସମସ୍ତ ସୁବିଧା ରହିଛି। ଏମିତି ଏକ ସୁଯୋଗ ପୁରୀ ଜିଲା ବନ ବିଭାଗ ଆଣିଛି। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅଧୀନ ଗଙ୍ଗାଦେବୀ ନିକଟରେ ୫ କୋଟି ଟଙ୍କା ବ୍ୟୟରେ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଗଙ୍ଗାଦେବୀ ବେଳାଭୂମି ନିକଟରେ ଅତ୍ୟାଧୁନିକ ଆକର୍ଷଣୀୟ ମ୍ୟାନଗ୍ରୋଭ୍ ରିଟ୍ରିଟ୍ ଭଳି ଅତ୍ୟାଧୁନିକ ଆକର୍ଷଣୀୟ ନେଚର କ୍ୟାମ୍ପ ନିର୍ମାଣ ହୋଇଛି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଏବଂ ଐତିହାସିକ ପୃଷ୍ଠଭୂମିରେ ସମୃଦ୍ଧ ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିଛି। ଗଙ୍ଗାଦେବୀ ନିକଟରେ ହେନ୍ତାଳ ବଣ ସୌନ୍ଦର୍ଯ୍ୟ ସାଙ୍ଗକୁ ଅସ୍ତରଙ୍ଗ ପୀରଜାହାନିଆ ବେଳାଭୂମି, ଗଙ୍ଗାଦେବୀ ବେଳାଭୂମି, ସନ୍ନିକଟ ଗଙ୍ଗାଦେବୀ ବେଳାଭୂମିରେ ଚିତ୍ତ ବିନୋଦନ ପାଇଁ ଦେବୀ ନଦୀ ମୁହାଣ ହେନ୍ତାଳ ବଣ ମଧ୍ୟଭାଗରେ ପ୍ରବାହିତ ଶାଖା ନଦୀରେ ବୋଟିଂ ମଜା ସହ ନାଲି କଙ୍କଡ଼ା ଦେଖିବା ମଜା, ବେଳାଭୂମିରେ ବସି ଡଲଫିନଙ୍କ ଜଳକ୍ରୀଡ଼ା, ହରିଣଙ୍କ ଅବାଧ ବିଚରଣ, ସାମୁଦ୍ରିକ ଜଳରାଶିରେ ବିରଳ କଇଁଛ ସମାଗମ ଅପୂର୍ବ ଦୃଶ୍ୟ ଦେଖିବାର ସୁଯୋଗ ଉପଲବ୍ଧ ରହିଛି।



## ଆଜି ଉଦ୍‌ଘାଟନ

ମ୍ୟାନଗ୍ରୋଭ୍ ରିଟ୍ରିଟ୍ ପର୍ଯ୍ୟଟକଙ୍କ ପାଇଁ ରୁଚିକର ଖାଦ୍ୟ ସାଙ୍ଗକୁ ମାଛ, ଚିଙ୍ଗୁଡ଼ି, କଙ୍କଡ଼ା ପରି ଟଟକା ସାମୁଦ୍ରିକ ଖାଦ୍ୟ ଖାଇବାର ମଜା ପର୍ଯ୍ୟଟକଙ୍କୁ ପୁନର୍ବାର ଏଠାକୁ ଆସିବାକୁ ଏକ ପ୍ରକାର ବାଧ କରିଥାଏ। ଏଠାରେ ୧୦ଟି କଟେଜ୍‌ରେ ଯାତ୍ରୀ ପର୍ଯ୍ୟଟକଙ୍କ ରାତ୍ରିଯାପନ ଆଦି ସମସ୍ତ ବ୍ୟବସ୍ଥା କରାଯାଇଛି। ବିଶ୍ୱ ଜଳବାୟୁ ପରିବର୍ତ୍ତନ ସଙ୍କଟକୁ ରୋକିବା ଦିଗରେ ହେନ୍ତାଳ ବନ ସୁରକ୍ଷା ସାଙ୍ଗକୁ ଏହା ମଧ୍ୟରେ ମ୍ୟାନଗ୍ରୋଭ୍ ରିଟ୍ରିଟ୍, ଯାହା ପର୍ଯ୍ୟଟନ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ପୁରୀ ଜିଲା ସମେତ ଅସ୍ତରଙ୍ଗ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ। ଶେଷ ପର୍ଯ୍ୟାୟ କାର୍ଯ୍ୟ ଜାରି ରହିଥିବାବେଳେ ଏହା ସୋମବାର ୧୯ ତାରିଖରେ ଉଦ୍‌ଘାଟନ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ରହିଛି।



ମସ୍କୋସ୍ଥିତ ଫେଡେରାଲ ସିକ୍ୟୁରିଟି ସର୍ଭିସ୍ ଅଫିସ୍ ସମ୍ମୁଖରେ ଏଲେକ୍ସି ନାଭାଲ୍‌ନିଙ୍କୁ ପୁଷ୍ପ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ଜଣେ ମହିଳା।

# ନାଭାଲ୍‌ନିଙ୍କ ମୃତଦେହ ଦେଉନାହାନ୍ତି

**ମସ୍କୋ,୧୮।୨**

ରୁଷିଆର ଆର୍କଟିକ୍ ପେନାଲ କଲୋନି ଜେଲ୍‌ରେ ଶୁକ୍ରବାର ବିରୋଧୀ ନେତା ଏଲେକ୍ସି ନାଭାଲ୍‌ନିଙ୍କର ସନ୍ଦେହଜନକ ମୃତ୍ୟୁ ଘଟିବା ପରେ ଦେଶବ୍ୟାପୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ବହୁ ଲୋକ ନାଭାଲ୍‌ନିଙ୍କ ଫଟୋ ତଳେ କ୍ୟାଣ୍ଡେଲ ଜାଳି ପୁଷ୍ପ ଅର୍ପଣ କରୁଥିବା ଦେଖିବାକୁ ମିଳିଛି। ଏହି ୪୭ ବର୍ଷୀୟ ରାଜନୈତିକ ବନ୍ଦୀଙ୍କ ଆକସ୍ମିକ ବିୟୋଗକୁ ଦେଶବାସୀ ଗ୍ରହଣ କରି ନ ପାରି ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପୋଲିସ ୪୦୦ରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ୨୦୦ରୁ ଅଧିକ ରୁଷିଆର ଦ୍ୱିତୀୟ ବୃହତ୍ ସହର

## ବିକ୍ଷୋଭ ବେଳେ ୪୦୦ରୁ ଊର୍ଦ୍ଧ୍ୱ ଗିରଫ

ସେଣ୍ଟ ପିଟର୍ସବର୍ଗରେ ଗିରଫ ହୋଇଛନ୍ତି। ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଆଉ ୬ ବର୍ଷ କ୍ଷମତାରେ ରହିବା ପାଇଁ ଉଦ୍ୟମ ଚଳାଇଥିବାବେଳେ ମାର୍ଚ୍ଚ ୧୫ରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଯାଉଛି। ଏହାର ଠିକ୍ ମାସକ ପୂର୍ବରୁ ପୁଟିନ୍‌ଙ୍କ ସବୁଠୁ ବଡ଼ ସମାଲୋଚକ ନାଭାଲ୍‌ନିଙ୍କ ମୃତ୍ୟୁ ଅନେକ ପ୍ରଶ୍ନବାଚୀ ଛିଡ଼ା କରାଇଛି।

ରୁଷୀୟ କର୍ତ୍ତୃପକ୍ଷ ନାଭାଲ୍‌ନିଙ୍କ ମୃତଦେହକୁ ତାଙ୍କ ପରିବାରକୁ ହସ୍ତାନ୍ତର କରି ନ ପାରନ୍ତି ବୋଲି କୁହାଯାଉଛି। ନାଭାଲ୍‌ନିଙ୍କ ଟିମ୍ କହିଛି, ଏହି ରାଜନେତାଙ୍କୁ ହତ୍ୟା କରାଯାଇଛି। ଅଧିକାରୀମାନେ ଜାଣିଶୁଣି ତାଙ୍କ ମୃତଦେହ ଦେଉନାହାନ୍ତି। ନାଭାଲ୍‌ନିଙ୍କ ମା' ଲ୍ୟୁଡ୍‌ମିଲା ନାଭାଲ୍‌ନୟା ଏବଂ ଓକିଲମାନେ ତାଙ୍କ ମୃତଦେହ ହସ୍ତାନ୍ତର ପାଇଁ ଗୁହାରି କରୁଥିବାବେଳେ ବିଭିନ୍ନ ସଂସ୍ଥା ପକ୍ଷରୁ ଭିନ୍ନ ଭିନ୍ନ ବିରୋଧାଭାସୀ ତଥ୍ୟ ମିଳୁଛି। ନାଭାଲ୍‌ନିଙ୍କ ସ୍ତ୍ରୀ ୟୁଲିଆ ନାଭାଲ୍‌ନୟାଙ୍କୁ ନାଟକୀୟ ଭାବେ ମ୍ୟୁନିକ୍ ସିକ୍ୟୁରିଟି କନ୍‌ଫରେନ୍ସରେ କହିଛନ୍ତି, ମୃତ୍ୟୁ ଖବର ଯଦି ସତ ତେବେ ଏଥିପାଇଁ ଦାୟୀ କିଏ। ପୁଟିନ୍ ଏବଂ ତାଙ୍କ ପାଖ ଲୋକମାନେ ଏହାର ଉତ୍ତର ଦିଅନ୍ତୁ। ନାଭାଲ୍‌ନିଙ୍କ ୬୯ ବର୍ଷୀୟା ମା' ଲୁଡ୍‌ମିଲା କହିଛନ୍ତି, ସେମାନେ ମୋ ପୁଅର ମୃତଦେହ ଦେଉନାହାନ୍ତି।

# ବିକଶିତ ଭାରତ ପାଇଁ ସଙ୍କଳ୍ପବଦ୍ଧ: ମୋଦି

## ଭାଜପା ଜାତୀୟ ପରିଷଦରେ ରାମମନ୍ଦିର ଉପରେ ସଂକଳ୍ପ ଗୃହୀତ

**ନୂଆଦିଲ୍ଲୀ,୧୮।୨(ପି.ଟି.)**



୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଦେଶ ଏବେ ବଡ଼ ସ୍ୱପ୍ନ ଦେଖିବା ସହ ବଡ଼ ସଂକଳ୍ପ ନେଇଛି। ଏଥିପାଇଁ ଆଗାମୀ ୫ ବର୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରବିବାର ଭାଜପା ଜାତୀୟ ପରିଷଦ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ବିକଶିତ ଭାରତ ପାଇଁ ଆମକୁ ବଡ଼ ଲମ୍ଫ ଦେବାର ଅଛି। ଏଥିପାଇଁ ଭାରତକୁ ବଡ଼ ସଂଖ୍ୟାରେ ଜିତାଇ କ୍ଷମତାକୁ ଆଣିବା ପ୍ରଥମ ଅନିବାର୍ଯ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆଗାମୀ ଲୋକ ସଭା ନିର୍ବାଚନରେ ଦଳକୁ କ୍ଷମତାକୁ ଆଣିବା ସୁନିଶ୍ଚିତ କରିବାକୁ ହେଲେ ନୂଆ ଭୋଟରମାନଙ୍କ ପାଖକୁ ଯାଇ ସେମାନଙ୍କ ଆତ୍ମବିଶ୍ୱାସ ଜିତିବାକୁ ହେବ। ଏଥିପାଇଁ ଭାଜପା କ୍ୟାଡରମାନେ ଆଗାମୀ ୧୦୦ ଦିନ ନୂଆ ଜୋଶ୍ ଓ ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଦେଶର କୋଟି କୋଟି ମହିଳା, ଗରିବ ଓ ଯୁବବର୍ଗଙ୍କ ସ୍ୱପ୍ନ ହେଉଛି ମୋଦିଙ୍କ ସ୍ୱପ୍ନ। ଆମେ ଦେଶକୁ ବଡ଼ ଦୁର୍ନୀତି ଏବଂ ଆତଙ୍କବାଦୀ ଆକ୍ରମଣରୁ ମୁକ୍ତ କରିବା ସହ ଗରିବ ଓ ମଧ୍ୟବିତ୍ତଙ୍କ ଜୀବନ ଧାରଣ ମାନରେ ଉନ୍ନତି ଲାଗି ଉଦ୍ୟମ କରିଛୁ। କ୍ଷମତା ଉପଭୋଗ କରିବାକୁ ନୁହେଁ, ଦେଶ ପାଇଁ କାମ କରିବାକୁ ତୃତୀୟ ପାଳି କ୍ଷମତାକୁ ଆସିବାକୁ ଚାହୁଁଥିବା ମୋଦି କହିଛନ୍ତି। ବିଗତ ୧୦ ବର୍ଷର ନିଷ୍କଳଙ୍କ ଶାସନ କାଳ ମଧ୍ୟରେ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟମୁକ୍ତ କରିବା ସାଧାରଣ କଥା ନ ଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଭାଜପାର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣକାରୀ ସଂସ୍ଥା ସଂସଦୀୟ ବୋର୍ଡକୁ ଅଧିକ କ୍ଷମତା ଦେବା ଲାଗି ଦଳୀୟ ସମ୍ବିଧାନରେ ସଂଶୋଧନ କରାଯାଇଛି। ଫଳରେ ଦଳ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ଏବଂ ଜରୁରୀ ସ୍ଥିତିରେ ଏହାକୁ ବଢ଼ାଇବା ନେଇ ବୋର୍ଡ ନିଷ୍ପତ୍ତି ନେଇପାରିବ। ଦଳର ସାଧାରଣ ସମ୍ପାଦକ ସୁନୀଲ ବଂଶଲ ଏହି ପ୍ରସ୍ତାବ ଆଣିଥିଲେ। ଅନ୍ତତଃ ୫୦ ପ୍ରତିଶତ ରାଜ୍ୟରେ ଭାଜପା ସାଂଗଠନିକ ନିର୍ବାଚନ ଶେଷ ହେବା ପରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ସାଂଗଠନିକ ଭୋଟ ଜରିଆରେ ହୋଇଥାଏ। ଦଳର ଜାତୀୟ ସମ୍ମିଳନୀରେ ଅଯୋଧ୍ୟା ରାମମନ୍ଦିର ଉପରେ ଏକ ସଂକଳ୍ପ ରବିବାର ଗୃହୀତ ହୋଇଛି। ଆଗାମୀ ୧,୦୦୦ ବର୍ଷ ପାଇଁ ଭାରତରେ 'ରାମ ରାଜ୍ୟ' ପ୍ରତିଷ୍ଠା କରାଇବାରେ ଏହା ଅଗ୍ରଦୂତ ହେବ ବୋଲି ସଂକଳ୍ପରେ କୁହାଯାଇଛି।

## ନଡ୍ଡାଙ୍କ କାର୍ଯ୍ୟକାଳ ଜୁନ୍ ଯାଏ ବଢ଼ିଲା



ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଜେ.ପି. ନଡ୍ଡାଙ୍କ କାର୍ଯ୍ୟକାଳକୁ ଆସନ୍ତା ଜୁନ୍ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ତାଙ୍କ କାର୍ଯ୍ୟକାଳ ବୃଦ୍ଧି ନେଇ ଗତ ଜାନୁଆରୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଘୋଷଣା କରିଥିବାବେଳେ ଭାଜପା ଜାତୀୟ ପରିଷଦ ବୈଠକର ଦ୍ୱିତୀୟ ଦିନରେ ତାହାକୁ ଅନୁମୋଦନ କରାଯାଇଛି। ଏଥିସହିତ ତାଙ୍କୁ ସ୍ୱାଧୀନ ଭାବେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାର କ୍ଷମତା ଦିଆଯାଇଛି, ଯାହା ଦଳର ସଂସଦୀୟ ବୋର୍ଡ ବୈଠକରେ ଅନୁମୋଦନ କରାଯିବ। ଭାଜପା ଅଧ୍ୟକ୍ଷ ଥିବା ଅମିତ୍ ଶାହ ୨୦୧୯ରେ କେନ୍ଦ୍ରମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ନଡ୍ଡାଙ୍କୁ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ କରାଯାଇଥିଲା। ୨୦୨୦ରୁ ସେ ଦଳର ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଆସୁଛନ୍ତି। ଆଗାମୀ ଲୋକ ସଭା ନିର୍ବାଚନରେ ଭାଜପା ୩୭୦ରୁ ଅଧିକ ଆସନ ଜିତିବା ସହ ଏନ୍‌ଡିଏ ୪୦୦ ଆସନ ଅତିକ୍ରମ କରିବ। ଏଥିପାଇଁ ଦଳୀୟ କର୍ମୀମାନଙ୍କ ଶକ୍ତି ଓ ସାମର୍ଥ୍ୟ ଉପରେ ଦୃଢ଼ ବିଶ୍ୱାସ ରହିଛି ବୋଲି ଶନିବାର ନଡ୍ଡା କହିଥିଲେ।

## ପରିବା କିଣିବାକୁ ଯାଉଥିବା ସିଏଏଫ୍ କମାଣ୍ଡରଙ୍କୁ ହତ୍ୟାକଲେ ମାଓବାଦୀ

**ବିଜାପୁର,୧୮।୨:** ଛତିଶଗଡ଼ ସଶସ୍ତ୍ର ବଳ (ସିଏଏଫ୍)ର ଜଣେ କମାଣ୍ଡରଙ୍କୁ ରବିବାର ସକାଳେ ମାଓବାଦୀମାନେ କୁରାଢ଼ିରେ ହାଣି ହତ୍ୟା କରିଛନ୍ତି। ବିଜାପୁର ଜିଲା ଦରଭା ଡିଭିଜନ ଅନ୍ତର୍ଗତ ଏକ ପୋଲିସ କ୍ୟାମ୍ପଠାରୁ ମାତ୍ର ୨୦୦ ମିଟର ଦୂରରେ ଏହି ହତ୍ୟାକାଣ୍ଡ ଘଟିଛି। କମାଣ୍ଡର ତେଜୁରାମ ଭୁରିଆ କେତେଜଣ ଷ୍ଟାଫ୍‌ଙ୍କ ସହ ପରିବା କିଣିବାକୁ ଯାଉଥିବାବେଳେ ମାଓବାଦୀମାନଙ୍କର ଏକ ଟିମ୍ ଅତର୍କିତ ଆକ୍ରମଣ କରିଥିଲେ। ଅତିରିକ୍ତ ଫୋର୍ସ ପହଞ୍ଚିବା ପୂର୍ବରୁ ମାଓବାଦୀମାନେ ଘଟଣାସ୍ଥଳରୁ ପଳାଇଥିଲେ। ତେଜୁରାମ ଜଣେ ଅଭିଜ୍ଞ ଅଫିସର ଏବଂ ସେ ବସ୍ତର ଅଞ୍ଚଳର ବିଭିନ୍ନ ଭାଗରେ ମାଓବାଦୀ ନିରୋଧୀ ଅଭିଯାନରେ ସାମିଲ ହୋଇଥିଲେ। ଆକ୍ରମଣକାରୀଙ୍କୁ ଧରିବା ଲାଗି ସିଏଏଫ୍ ଏବଂ ଜିଲା ରିଜର୍ଭ ଗାର୍ଡ (ଡିଆର୍‌ଜି) ପକ୍ଷରୁ ତଲାସି ଅଭିଯାନ ଜାରି ରହିଛି।

## ଅଭଡିଭ୍‌କା ଅକ୍ତିଆର କଲା ରୁଷିଆ

**ମସ୍କୋ,୧୮।୨**

ୟୁକ୍ରେନ୍‌ର ପୂର୍ବାଞ୍ଚଳରେ ଥିବା ଅଭଡିଭ୍‌କା ସହରକୁ ରୁଷିଆ ସମ୍ପୂର୍ଣ୍ଣ ଭାବେ ଅକ୍ତିଆର କରିଥିବା ରବିବାର ଦାବି କରିଛି। ସେଠାରୁ ୟୁକ୍ରେନୀୟ ସୈନ୍ୟ ପ୍ରତ୍ୟାହାର କରାଯାଇଛି ବୋଲି ମସ୍କୋ ଦାବି କରୁଥିଲେ ହେଁ ଏକ ସୋଭିଏତ୍ ଯୁଗୀୟ କୋକ୍ ପ୍ଲାଣ୍ଟରେ ଅନେକ ସୈନ୍ୟ ମୁତୟନ ଥିବା ଜଣାପଡ଼ିଛି। ୨୦୨୩ ମେ'ରେ ବାଖମୁଟ୍ ଦଖଲ ପରେ ଅଭଡିଭ୍‌କା ପତନ ହେଉଛି ରୁଷିଆ ପାଇଁ ସବୁଠୁ ବଡ଼ ସଫଳତା। ରୁଷିଆ ସୈନ୍ୟମାନେ ସୀମାରୁ ୮.୬ କି.ମି. ଭିତରକୁ ପ୍ରବେଶ କରିଥିବା ଏହାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅଭଡିଭ୍‌କାକୁ ରୁଷିଆ କବଳରୁ ବଞ୍ଚାଇ ରଖିବା ପାଇଁ ୟୁକ୍ରେନୀୟ ସୈନ୍ୟମାନେ ୯ ମାସ ହେଲା ଉଦ୍ୟମ ଚଳାଇଆସୁଥିଲେ। ଇତିମଧ୍ୟରେ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ରୁଷିଆ ସୈନ୍ୟଙ୍କୁ ପ୍ରତିହତ କରିବା ପାଇଁ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକୁ ଅଧିକ ସାମରିକ ସହାୟତା ମାଗିଛନ୍ତି।

## ଜୈନ ସନ୍ଥ ବିଦ୍ୟାସାଗର ମହାରାଜଙ୍କ ମହାପ୍ରୟାଣ



**ନୂଆଦିଲ୍ଲୀ,୧୮।୨**

ଖ୍ୟାତନାମା ଜୈନ ସନ୍ଥ ଆଚାର୍ଯ୍ୟ ବିଦ୍ୟାସାଗର ମହାରାଜଙ୍କର ରବିବାର ମହାପ୍ରୟାଣ ହୋଇଯାଇଛି। ତାଙ୍କୁ ୭୭ ବର୍ଷ ହୋଇଥିଲା। ମୃତ୍ୟୁ ଆସନ୍ନ ଜାଣି ମହାରାଜ ଛତିଶଗଡ଼ର ରାଜନନ୍ଦଗାଁଓ ଜିଲା ଚନ୍ଦ୍ରଗିରି ତୀର୍ଥରେ 'ସମାଧି' ନେଇଥିଲେ। ଆତ୍ମାର ପବିତ୍ରକରଣ ପାଇଁ ସ୍ୱେଚ୍ଛାକୃତ ଭାବେ ମୃତ୍ୟୁ ପର୍ଯ୍ୟନ୍ତ ଅନାହାରରେ ବସିରହିବାକୁ ଜୈନ ଧର୍ମୀୟ ପ୍ରଥାରେ ସମାଧି କୁହାଯାଏ। ମହାରାଜ ୬ ମାସ ହେଲା ଡୋଙ୍ଗରଗଡ଼ସ୍ଥିତ ତୀର୍ଥରେ ରହୁଥିଲାବେଳେ କିଛିଦିନ ହେଲା ଅସୁସ୍ଥ ଥିଲେ। ୩ ଦିନ ହେଲା ସେ ସମାଧିସ୍ଥ ହୋଇଥିଲେ। ଚନ୍ଦ୍ରଗିରି ତୀର୍ଥରେ ତାଙ୍କ ଶେଷକୃତ୍ୟ ଅନୁଷ୍ଠିତ ହେବ। ଗତବର୍ଷ ନଭେମ୍ବର ୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡୋଙ୍ଗରଗଡ଼ ଯାଇ ଆଚାର୍ଯ୍ୟ ବିଦ୍ୟାସାଗର ମହାରାଜଙ୍କ ଆଶୀର୍ବାଦ ନେଇଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ଶୋକବ୍ୟକ୍ତ କରିଛନ୍ତି। ମହାରାଜଙ୍କ ଦେହାବସାନ ଅପୂରଣୀୟ କ୍ଷତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ମୁଜାଫରନଗରରେ ଦଙ୍ଗା ସୃଷ୍ଟି ଉଦ୍ୟମ

### ବୋମା ତିଆରି ପାଇଁ ଟଙ୍କା ଦେଇଥିବା ମହିଳା ଗିରଫ

**ନୂଆଦିଲ୍ଲୀ,୧୮।୨**



ଟାଇମ୍ ବମ୍ବ ତିଆରି ପାଇଁ ଜଣେ ବ୍ୟକ୍ତିଙ୍କୁ ଟଙ୍କା ଦେଇଥିବା ଉତ୍ତରପ୍ରଦେଶର ଜଣେ ମହିଳାଙ୍କୁ ଶନିବାର ସ୍ପେଶାଲ ଟାସ୍କଫୋର୍ସ ଗିରଫ କରିଛି। କାଚ ବୋତଲରେ ଲୁହା ଗୁଳି ରଖି ବୋମା ତିଆରି ପାଇଁ ମହିଳା ଜଣକ ଜାଭେଦଙ୍କୁ କହିଥିଲେ। ସେ ବୋମା ନେଇ ମହିଳାଙ୍କୁ ଦେବାକୁ ଯାଉଥିବାବେଳେ ତାଙ୍କୁ ଗିରଫ କରାଯାଇଥିଲା। ମହିଳା ଜଣକ ତାଙ୍କୁ ୧୦ ହଜାର ଟଙ୍କା ଦେଇଥିଲେ ଏବଂ ବୋମା ହସ୍ତାନ୍ତର କରିବା ପରେ ଆଉ ୪୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ବୋଲି ଜାଭେଦ ଜେରା ବେଳେ କହିଛନ୍ତି। କାଚ ବୋତଲରେ ମାରାତ୍ମକ ଗନ୍‌ପାଉଡର, ଲୁହା ଗୁଳି, ତୁଳା ଓ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ବ୍ୟବହାର କରାଯାଇ ବୋମା ତିଆରି କରାଯାଇଥିଲା। ଜାଭେଦ ଡାକ୍ତରଙ୍କଠାରୁ ଗ୍ଲୁକୋଜ ବୋତଲ ଏବଂ ସାଇକେଲ ଦୋକାନରୁ ଲୁହା ଗୁଳି ସଂଗ୍ରହ କରିଥିଲେ। ବୋମା ତିଆରିରେ ସେ ହାତଘଣ୍ଟା ବ୍ୟବହାର କରିଥିଲେ। ବାଣ ପ୍ରସ୍ତୁତକାରୀ ଦାଦାଙ୍କଠାରୁ ଜାଭେଦ ବୋମା ତିଆରି କୌଶଳ ଜାଣିବା ସହ ୟୁଟ୍ୟୁବ୍ ଏବଂ ଇଣ୍ଟରନେଟ୍‌ରୁ ଅଧିକ ତଥ୍ୟ ହାସଲ କରିଥିଲେ।

ଗିରଫ ମହିଳାଙ୍କ କହିବା ଅନୁଯାୟୀ ୨୦୧୩ ସାମ୍ପ୍ରଦାୟିକ ଦଙ୍ଗାବେଳେ ତାଙ୍କ ଘରକୁ ଧ୍ୱଂସ କରିଦିଆଯାଇଥିଲା। ସେଭଳି ଏକ ହିଂସାକାଣ୍ଡ ସୃଷ୍ଟି କରିବାକୁ ମହିଳା ଜଣକ ଚାହୁଁଥିଲେ। ସେ ପୂର୍ବରୁ ମଧ୍ୟ ନିଜ ଘରେ ଅନୁରୂପ ବୋମା ରଖିଥିଲେ। ପରେ ସେ ଏହାକୁ ଅନ୍ୟମାନଙ୍କୁ ଦେଇଥିଲେ ବୋଲି କହିଛନ୍ତି।

## ପୁରୁଷବନ୍ଧୁଙ୍କୁ ହତ୍ୟା ଉଦ୍ୟମ, ବିଚାରପତି ଗିରଫ

**ୱାଶିଂଟନ, ୧୮।୨**

ଆମେରିକାର ପେନ୍‌ସିଲ୍‌ଭାନିଆରେ ଜଣେ ମହିଳା ବିଚାରପତି ନିଜ ପୁରୁଷବନ୍ଧୁଙ୍କୁ ଗୁଳି କରିଛନ୍ତି। ବିଚାରପତି ସୋନ୍ୟା ମ୍ୟାକ୍‌ନାଇଟ୍ ଓ ତାଙ୍କ ପୁରୁଷବନ୍ଧୁ ମାଇକେଲ୍ ମେକ୍କୋଏଙ୍କ ମଧ୍ୟରେ ପଡୁ ନ ଥିଲା। ଏହାକୁ ନେଇ ମେକ୍କୋଏ ତାଙ୍କ ସହ ଲିଭ୍-ଇନ୍ ସମ୍ପର୍କ ଛିଣ୍ଡାଇବାକୁ ଚାହୁଁଥିଲେ। ଏଥିଲାଗି ସେ ସୋନ୍ୟାଙ୍କୁ ଘର ଛାଡ଼ିବାକୁ ବାରମ୍ବାର ତାଗିଦ୍ କରିଥିଲେ। କିନ୍ତୁ ସୋନ୍ୟା ତାଙ୍କ କଥା ଶୁଣି ନ ଥିଲେ। ଓଲଟା ଉତ୍ତ୍ୟକ୍ତ ହୋଇ ମେକ୍କୋଏ ଶୋଇଥିବା ଅବସ୍ଥାରେ ତାଙ୍କ ମୁଣ୍ଡରେ ଗୁଳିକରି ହତ୍ୟା ଉଦ୍ୟମ କରିଥିଲେ। ଗୁଳିମାଡ଼ରେ ମେକ୍କୋଏଙ୍କ ଗୋଟିଏ ଆଖି ନଷ୍ଟ ହୋଇଯାଇଛି। ପୋଲିସ ବିଚାରପତିଙ୍କୁ ଗିରଫ କରିଛି।

## ସୁପ୍ରିମକୋର୍ଟରେ ଶୁଣାଣି ପୂର୍ବରୁ ଚଣ୍ଡିଗଡ଼ ମେୟରଙ୍କ ଇସ୍ତଫା

**ଚଣ୍ଡିଗଡ଼,୧୮।୨**


ମନୋଜ ସୋଙ୍କର

ଚଣ୍ଡିଗଡ଼ ମେୟର ପଦରୁ ଭାଜପା ନେତା ମନୋଜ ସୋଙ୍କର ରବିବାର ସନ୍ଧ୍ୟାରେ ଇସ୍ତଫା ଦେଇଛନ୍ତି। ନିର୍ବାଚନରେ ଜାଲିଆତି ଅଭିଯୋଗକୁ ନେଇ ସୁପ୍ରିମକୋର୍ଟରେ ମାମଲା ଶୁଣାଣି ପୂର୍ବରୁ ସେ ନିଜ ପଦରୁ ଓହରିଯାଇଛନ୍ତି। ଅନ୍ୟପକ୍ଷରେ ଏଏପିର ୩ କାଉନସିଲର ରବିବାର ଭାଜପାରେ ଯୋଗ ଦେଇଛନ୍ତି। ମେୟର ପଦବୀ ପାଇଁ ପୁନର୍ବାର ନିର୍ବାଚନ ହେଲେ ଭାଜପାକୁ ଫାଇଦା ହେବ। କାଉନସିଲର ପୁନମ ଦେବୀ, ନେହା ମୁସଭତ ଏବଂ ଗୁରଚରଣ କାଲା ଦିଲ୍ଲୀରେ ଭାଜପା ସାଧାରଣ ସମ୍ପାଦକ ବିନୋଦ ତାୱଡେ ପଦ୍ମ ଧରିଛନ୍ତି। ଗତ ଜାନୁଆରୀ ୩୦ ନିର୍ବାଚନରେ ୮ଟି ଭୋଟ୍‌କୁ ନାକଚ କରାଯାଇ ମନୋଜଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ମନୋଜ ୧୬ ଭୋଟ ପାଇଥିବାବେଳେ କଂଗ୍ରେସ ଏବଂ ଏଏପିର ମିଳିତ ପ୍ରାର୍ଥୀ କୁଲଦୀପ୍ ୧୨ ଭୋଟ ପାଇଥିବା କୁହାଯାଇଥିଲା। ନିର୍ବାଚନ ପ୍ରକ୍ରିୟାରେ ଜାଲିଆତି ହୋଇଥିବା ଏଏପି ଏବଂ କଂଗ୍ରେସ କାଉନସିଲରମାନେ ଅଭିଯୋଗ କରିଥିଲେ। ପ୍ରିଜାଇଡିଂ ଅଫିସର ଅନିଲ ମସିହ ବାଲଟ ପେପର ଟାମ୍ପରିଂ କରିଥିବା ଏକ ଭିଡିଓରୁ ଧରାପଡ଼ିଥିବା ଅଭିଯୋଗ ହୋଇଥିଲା। ପରେ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଝାଡ଼ଖଣ୍ଡରେ ହେବ ଜାତି ଜନଗଣନା

**ରାଞ୍ଚି,୧୮।୨**

ଲୋକ ସଭା ନିର୍ବାଚନ ପୂର୍ବରୁ ଝାଡ଼ଖଣ୍ଡରେ ଜାତି ଜନଗଣନା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ ଅନୁମୋଦନ କରିଛନ୍ତି। ବିହାରରେ ଜାତି ଜନଗଣନା ପରେ ଝାଡ଼ଖଣ୍ଡର ବିଭିନ୍ନ ଦଳ ଅନୁରୂପ ସର୍ଭେ ପାଇଁ ଦାବି କରୁଥିଲେ। ବିହାର ଏବଂ ଆନ୍ଧ୍ରପ୍ରଦେଶ ପରେ ଜାତି ଜନଗଣନାରେ ଝାଡ଼ଖଣ୍ଡ ତୃତୀୟ ରାଜ୍ୟ ହେବାକୁ ଯାଉଛି। ଏହି ସର୍ଭେ ଉପରେ ଏକ ଚିଠା ପ୍ରସ୍ତୁତ କରି କ୍ୟାବିନେଟ୍ ଅନୁମୋଦନ ପାଇଁ ପଠାଇବାକୁ ମୁଖ୍ୟମନ୍ତ୍ରୀ କାର୍ମିକ ବିଭାଗକୁ କହିଛନ୍ତି। ଯୋଜନା ଅନୁଯାୟୀ ସବୁ କାମ ଚାଲିଲେ, ଲୋକ ସଭା ନିର୍ବାଚନ ପରେ ପରେ ସର୍ଭେ ଆରମ୍ଭ ହେବ ବୋଲି କୁହାଯାଉଛି।


ପଞ୍ଜାବ-ହରିୟାଣାର ଶମ୍ଭୁ ସୀମାରେ ରବିବାର ଦିଲ୍ଲୀ ମୁହାଁ କୃଷକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ପଞ୍ଜାବରେ ୨୪ ଯାଏ ଇଣ୍ଟରନେଟ୍ ସେବା ବନ୍ଦ

**ଚଣ୍ଡିଗଡ଼,୧୮।୨:** କୃଷକ ଆନ୍ଦୋଳନକୁ ଦୃଷ୍ଟିରେ ରଖି ପଞ୍ଜାବର ପଟିଆଲା ସଙ୍ଗୁର, ଫତେଗଡ଼ ସାହିବ ଆଦି ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ ଅବଧିକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ଆସନ୍ତା ୨୪ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। କୃଷକମାନଙ୍କ ଦିଲ୍ଲୀ ଚଲୋ ଅଭିଯାନ ପାଇଁ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଇଣ୍ଟରନେଟ୍ ସେବା ବନ୍ଦ ରଖାଯାଇଥିଲା। ଏଥିପାଇଁ କେନ୍ଦ୍ର ସରକାର ଟେଲିଗ୍ରାଫ୍ ଆଇନ, ୧୮୮୫ର ସ୍ୱତନ୍ତ୍ର କ୍ଷମତାର ଉପଯୋଗ କରିଛନ୍ତି।

## ବଳାତ୍କାର ପୀଡ଼ିତାଙ୍କୁ ବିଚାରପତିଙ୍କ ଯୌନ ଉତ୍ପୀଡ଼ନ

**ଅଗରତାଲା,୧୮।୨**

ତ୍ରିପୁରାର ଜଣେ ବଳାତ୍କାର ପୀଡ଼ିତାଙ୍କୁ ବିଚାରପତି ନିଜ ଚାମ୍ବରରେ ବୟାନ ରେକର୍ଡ ପାଇଁ ଡାକି ଯୌନ ଉତ୍ପୀଡ଼ନ ଦେଇଥିବା ଅଭିଯୋଗ ହୋଇଛି। ଢଲାଇ ଜିଲା ସେସନ୍ସ ଜଜ୍ ଗୌତମ ସର୍କାରଙ୍କ ଅଧ୍ୟକ୍ଷତାରେ ଏକ ୩ ଜଣିଆ ପ୍ୟାନେଲ ଏହି ସଙ୍ଗିନ ଅଭିଯୋଗର ତଦନ୍ତ ଆରମ୍ଭ କରିଥିବା ରବିବାର ଜଣେ ବରିଷ୍ଠ ଆଇନଜୀବୀ ସୂଚନା ଦେଇଛନ୍ତି। ବିବାହିତା ମହିଳା ଜଣକ ପୂର୍ବରୁ ବଳାତ୍କାରର ଶିକାର ହୋଇଥିଲେ। ଏହି ମାମଲାରେ ଗତ ୧୬ ତାରିଖରେ ସେ କମଲପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବିଶ୍ୱତୋଷ ଧରଙ୍କ ନିକଟକୁ ନିଜ ବୟାନ ରେକର୍ଡ କରାଇବାକୁ ଯାଇଥିଲେ। ତାଙ୍କ ସହ ଜଣେ ମହିଳା କନ୍‌ଷ୍ଟେବଲ ମଧ୍ୟ ବିଚାରପତିଙ୍କ ଚାମ୍ବରକୁ ଯାଇଥିଲେ। କିନ୍ତୁ ବିଚାରପତି ମହିଳା କନ୍‌ଷ୍ଟେବଲଙ୍କୁ ଭିତରକୁ ପ୍ରବେଶ ଅନୁମତି ଦେଇ ନ ଥିଲେ। ପୀଡ଼ିତା ବୟାନ ଦେବା ଆରମ୍ଭ କରିବା ମାତ୍ରେ ବିଚାରପତି ତାଙ୍କୁ ଜାବୁଡ଼ି ଧରି ପକାଇଥିଲେ। ପୀଡ଼ିତା ତୁରନ୍ତ ବାହାରକୁ ଆସି ନିଜ ସ୍ୱାମୀ ଓ ଓକିଲମାନଙ୍କୁ ଏହି କଥା ଜଣାଇଥିଲେ। ପୀଡ଼ିତାଙ୍କ ସ୍ୱାମୀ ମଧ୍ୟ କମଲପୁର ବାର୍ ଆସୋସିଏଶନ୍‌ରେ ପୃଥକ୍ ଭାବେ ଲିଖିତ ଅଭିଯୋଗ କରିଛନ୍ତି। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଜିଲା ଓ ସେସନ୍ସ ଜଜ୍ ଗୌତମ ସର୍କାର ଏବଂ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ ଅଜିତ୍ ଦାସ କମଲପୁରର ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍‌ଙ୍କ ଅଫିସ୍‌କୁ ଯାଇ ତଦନ୍ତ କରିଛନ୍ତି। ବିଚାରପତିଙ୍କ ବିରୋଧରେ ଆଗତ ଯୌନ ନିର୍ଯାତନା ଅଭିଯୋଗ ଉପରେ ତ୍ରିପୁରା ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ଭି. ପାଣ୍ଡେ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଏହି ପ୍ରସଙ୍ଗରେ କୌଣସି ଅଭିଯୋଗ ହସ୍ତଗତ ହୋଇନାହିଁ। ରାଜ୍ୟର ଅନ୍ୟ ଲୋକଙ୍କ ଭଳି ମୁଁ ମଧ୍ୟ ଗଣମାଧ୍ୟମ ଓ ସୋସିଆଲ ମିଡିଆରୁ ଏହି ବିଷୟ ଜାଣିବାକୁ ପାଇଛି। ଲିଖିତ ଅଭିଯୋଗ ଆସିଲେ ନିଶ୍ଚିତ ଭାବେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ।

## ବିବାହ ଉତ୍ସବରେ ମହୁମାଛି ଆତଙ୍କ, ୧୨ ଆହତ

**ଗୁନା, ୧୮।୨**

ମଧ୍ୟପ୍ରଦେଶର ଗୁନାରେ ଏକ ବିବାହ ବେଳେ ଅତିଥିଙ୍କୁ ମହୁମାଛି ଆକ୍ରମଣ କରିଥିଲେ। ସେମାନେ ବିକଳରେ ହୋଟେଲରେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ବର ଓ କନ୍ୟାପକ୍ଷରୁ ପ୍ରାୟ ୧୨ ଜଣ ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ୨ ଜଣଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ବାହାଘର ପୂର୍ବରୁ ଉକ୍ତ ହୋଟେଲର ଛାତ ଉପରେ ୨୦ରୁ ୨୫ଟି ମହୁଫେଣା ଥିବା ନେଇ ଏହାର ମାଲିକଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସେ ଆଦୌ ଶୁଣି ନ ଥିବା କନ୍ୟା ପକ୍ଷ ଅଭିଯୋଗ ଆଣିଛନ୍ତି। କନ୍ୟା ପକ୍ଷ ଥାନାକୁ ଯିବାକୁ ବାହାରିଛନ୍ତି।

## ଗୃହିଣୀଙ୍କ ଅବଦାନକୁ ଟଙ୍କାରେ ଆକଳନ କରିହେବନି

**ନୂଆଦିଲ୍ଲୀ,୧୮।୨**



ଜଣେ ଗୃହିଣୀଙ୍କ କାର୍ଯ୍ୟ ଅମୂଲ୍ୟ। ତାଙ୍କ ଅବଦାନକୁ ଟଙ୍କା ପଇସାରେ ଆକଳନ କରିବା କଷ୍ଟକର ବୋଲି ସୁପ୍ରିମକୋର୍ଟ କହିବା ସହ ଏକ ଗାଡ଼ି ଦୁର୍ଘଟଣା ମାମଲାରେ କ୍ଷତିପୂରଣ ରାଶିକୁ ୬ ଲକ୍ଷ ଟଙ୍କାକୁ ବଢ଼ାଇଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ ରାୟ ଶୁଣାଇବା ବେଳେ କହିଥିଲେ, ପରିବାରର ବେତନଭୋଗୀ ସଦସ୍ୟଙ୍କ ଭଳି ଗୃହିଣୀଙ୍କ ଭୂମିକା ସମାନ ଗୁରୁତ୍ୱପୂର୍ଣ୍ଣ। ଯଦି ତାଙ୍କ କାର୍ଯ୍ୟକୁ ଗୋଟିଏ ପରେ ଗୋଟିଏ ଆକଳନ କରାଯାଏ, ତେବେ ତାଙ୍କ ଅବଦାନ ବହୁତ ଅଧିକ ଏବଂ ଅମୂଲ୍ୟ, ଏହା ନିଃସନ୍ଦେହ। ତେଣୁ ତାଙ୍କ ଅବଦାନକୁ ଟଙ୍କା ପଇସାରେ ଆକଳନ କରିବା କଷ୍ଟକର ବୋଲି ଖଣ୍ଡପୀଠ କହିଛନ୍ତି। ସୂଚନାଯୋଗ୍ୟ, ମହିଳା ଜଣକ ୨୦୦୬ରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଗାଡ଼ି ଦୁର୍ଘଟଣା ଟ୍ରିବ୍ୟୁନାଲ ମହିଳାଙ୍କ ପରିବାରକୁ ୨.୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଅଧିକ କ୍ଷତିପୂରଣ ପାଇଁ ମହିଳାଙ୍କ ପରିବାର ଉତ୍ତରାଖଣ୍ଡ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ ସେମାନଙ୍କ ଆବେଦନ ଖାରଜ ହୋଇଯାଇଥିଲା। ମହିଳା ଜଣେ ଗୃହିଣୀ ହୋଇଥିବାରୁ ସର୍ବନିମ୍ନ ଜାତୀୟ ଆୟ ଅନୁଯାୟୀ କ୍ଷତିପୂରଣ ଧାର୍ଯ୍ୟ ହୋଇଥିବା ହାଇକୋର୍ଟ କହିଥିଲେ। ଉଚ୍ଚ ଅଦାଲତଙ୍କ ଉକ୍ତ ଟିପ୍ପଣୀକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି।

# ଶାସକ ଦଳରେ କନ୍ଦଳ, ଫାଇଦା ଆଶାରେ ବିରୋଧୀ

ଅସ୍ତରଙ୍ଗ,୧୮।୨(ପ୍ରଦୀପ୍ତ ଦୀକ୍ଷିତ)

## କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ


ସୁରେନ୍ଦ୍ର ସେଠୀ


ତୁଷାରକାନ୍ତି ବେହେରା


ପ୍ରଫୁଲ୍ଲ ବେହେରା

ପୁରୀ ଜିଲା କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅସ୍ତରଙ୍ଗ ବ୍ଲକର ୧୫, କାକଟପୁର ବ୍ଲକର ୧୬, ଗୋପ ବ୍ଲକର ୧୪ ପଞ୍ଚାୟତ ଓ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)କୁ ନେଇ ଗଠିତ। ଏହି ଆସନରୁ ୨୦୧୯ ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ଭାଜପା) ଛାଡ଼ି ବିଜୁ ଜନତା ଦଳ (ବିଜେଡି) ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ତୁଷାରକାନ୍ତି ବେହେରା ବିଧାୟକ ଭାବେ ନିର୍ବାଚିତ ହୋଇ ଏବେ ମନ୍ତ୍ରୀ ଅଛନ୍ତି। ସେପଟେ ଗତ ବିଧାନସଭା ନିର୍ବାଚନବେଳେ ହାତପାଆନ୍ତାରୁ ବିଜେଡି ଟିକେଟରୁ ବଞ୍ଚିତ ହୋଇଥିବା ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ନିର୍ବାଚନମଣ୍ଡଳୀରେ ସମାନ୍ତରାଳ ଭାବେ ଅସନ୍ତୁଷ୍ଟ ବିଜେଡି କର୍ମୀଙ୍କୁ ନେଇ ତାଙ୍କ ସାଙ୍ଗଠନିକ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ତାଙ୍କ ନେତୃତ୍ୱ ଗତ ପଞ୍ଚାୟତ ନିର୍ବାଚନରେ ଅସ୍ତରଙ୍ଗ ଓ କାକଟପୁର ଭଳି ୨ଟି ଗୁରୁତ୍ୱପୂର୍ଣ୍ଣ ବ୍ଲକ ଅଧ୍ୟକ୍ଷ ପଦ ଦଖଲ କରିଥିଲା। ବର୍ତ୍ତମାନ ବିଭିନ୍ନ ସଭାସମିତିରେ ମନ୍ତ୍ରୀ ଓ ପୂର୍ବତନ ବିଧାୟକ ଏବଂ ଉଭୟଙ୍କ ସମର୍ଥକମାନେ ମୁହାଁମୁହିଁ ହେବା ସାଧାରଣ ଭୋଟରଙ୍କୁ ପ୍ରଭାବିତ କରୁଛି। ଦଳ ମଧ୍ୟରେ ଗୋଷ୍ଠୀ କନ୍ଦଳ ଏବେ ଚରମସୀମାରେ ପହଞ୍ଚିଥିବାରୁ ଏହା ବିରୋଧୀଙ୍କୁ ସୁହାଇବ ବୋଲି ଆଲୋଚନା ହେଲାଣି।

ବିଜେଡିରେ ବିଭାଜନ ରୋକିବା ପାଇଁ ଇତିହାସର ପୁନରାବୃତ୍ତି ହେବାର ସମ୍ଭାବନା ଦେଖାଦେଇଛି। ୨୦୦୯ରେ କାକଟପୁର ସଂରକ୍ଷିତ ଆସନ ହେବା ପରଠୁ ଗତ ତିନିଗୋଟି ବିଧାନସଭା ନିର୍ବାଚନରେ ବିଜେଡି ତା'ର ପ୍ରାର୍ଥୀ ବଦଳାଇ ସୁଫଳ ପାଇଛି ଏବଂ ପ୍ରତି ନିର୍ବାଚନରେ ଭୋଟ ପ୍ରତିଶତ ବଢ଼ି ଚାଲିଛି। ୨୦୦୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ରବି ମଲ୍ଲିକ ୧୬ ହଜାରରୁ ଅଧିକ ଭୋଟରେ ବିଜୟ ଲାଭ କରିଥିବା ବେଳେ ୨୦୧୪ରେ ସୁରେନ୍ଦ୍ର ସେଠୀ ୪୧ ହଜାରରୁ ଅଧିକ ଭୋଟ ଏବଂ ୨୦୧୯ରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ୪୬ ହଜାରରୁ ବେଶି ଭୋଟରେ ଜିତିଥିଲେ। ଏଠାରେ ଦଳ ଗୋଷ୍ଠୀ କନ୍ଦଳକୁ ପ୍ରଶମିତ କରି ତା'ର ବିଜୟଧାରାକୁ ଅବ୍ୟାହତ ରଖିବା ପାଇଁ ପୂର୍ବ ନିର୍ବାଚନଗୁଡ଼ିକ ଭଳି ୨୦୨୪ ସାଧାରଣ ନିର୍ବାଚନରେ ମଧ୍ୟ ନୂଆ ପ୍ରାର୍ଥୀ ଦେବାର ସମ୍ଭାବନା ଥିବା ରାଜନୈତିକ ବିଶାରଦମାନେ ଆକଳନ କରିଛନ୍ତି। ଇତିମଧ୍ୟରେ ନୂଆ ପ୍ରାର୍ଥୀ ଭାବେ ଚର୍ଚ୍ଚାର ଆଗରେ ଯୁବ ସାମାଜିକ କର୍ମୀ ତଥା ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବେହେରାଙ୍କ ନାମ ଆଲୋଚନା ହେଉଛି। ପ୍ରଫୁଲ୍ଲ ତୃଣମୂଳସ୍ତରରୁ ରାଜନୈତିକ ଜୀବନ ଆରମ୍ଭ କରି ତାଙ୍କ ପତ୍ନୀଙ୍କୁ ଥରେ ଅସ୍ତରଙ୍ଗ ସମିତି ସଭ୍ୟା କରାଇଥିବା ବେଳେ ନିଜେ ମଧ୍ୟ ସରପଞ୍ଚ ଭାବେ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ କାର୍ଯ୍ୟକରି ଅସ୍ତରଙ୍ଗ ସମେତ ନିର୍ବାଚନମଣ୍ଡଳୀରେ ସାଙ୍ଗଠନିକ ଦକ୍ଷତା ବଢ଼ାଇ ଚାଲିଛନ୍ତି। ୨୦୧୨ ମସିହାରେ ସେ ଅସ୍ତରଙ୍ଗ ବ୍ଲକ ବିଜେଡି ସାଧାରଣ ସମ୍ପାଦକ ଥିଲେ। ଏଥିସହ ୨୦ ବର୍ଷ ଧରି ସ୍ୱେଚ୍ଛାସେବୀ ସଙ୍ଗଠନରେ କାର୍ଯ୍ୟ କରିଆସୁଥିବା ପ୍ରଫୁଲ୍ଲ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ, ଜୀବିକା ଓ ମିଶନଶକ୍ତିର ସ୍ୱୀକୃତିପ୍ରାପ୍ତ ତାଲିମଦାତା ଭାବେ ପୁରୀ ଜିଲା ସମେତ ବିଭିନ୍ନ ଜିଲାର ନିର୍ବାଚିତ ପଞ୍ଚାୟତ ପ୍ରତିନିଧି, ମିଶନଶକ୍ତି ସଭାନେତ୍ରୀ, ସମ୍ପାଦିକା, ଏମ୍.ବି.କେ, ସି.ଆର୍.ପି.ଙ୍କ ସହ ରାଜ୍ୟ ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଥିବା ସ୍ୱାସ୍ଥ୍ୟକର୍ମୀ, ଏ.ଏନ୍.ଏମ୍ ଓ ଆଶା କର୍ମୀମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ବିଜେଡି କର୍ମୀ ଭାବେ ସେ ସବୁ ଗୋଷ୍ଠୀଙ୍କୁ ସାଥିରେ ନେଇ ଦଳକୁ ଠିକ୍ ଜାଗାରେ ପହଞ୍ଚାଇ ପାରିବେ ବୋଲି ନିର୍ବାଚନମଣ୍ଡଳୀ ସାରା ଚର୍ଚ୍ଚା ହେଉଛି। ବିଜେଡି ଶୀର୍ଷ ନେତୃତ୍ୱ ନୂଆ ପ୍ରାର୍ଥୀ ଦେଇ କାକଟପୁରରେ ବାରମ୍ବାର କରୁଥିବା ପରୀକ୍ଷଣ ୨୦୨୪ରେ ଲାଗୁ କଲେ ପ୍ରଫୁଲ୍ଲଙ୍କୁ ଟିକେଟ ମିଳିପାରେ ବୋଲି କୁହାଯାଉଛି। କିନ୍ତୁ ମନ୍ତ୍ରୀ ତୁଷାରକାନ୍ତି ଓ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀଙ୍କ ସମର୍ଥକମାନେ ନିଜ ନେତା ଦଳୀୟ ଟିକେଟ ପାଇବେ ବୋଲି କହୁଛନ୍ତି। ତେବେ ନିକଟରେ ମନ୍ତ୍ରୀ ତୁଷାରକାନ୍ତି ନିଜ ନିର୍ବାଚନମଣ୍ଡଳୀରେ ହେଉଥିବା ଏକ ଦଳୀୟ କାର୍ଯ୍ୟକ୍ରମକୁ ବିନା ନିମନ୍ତ୍ରଣରେ ଯିବା ବେଳେ ସ୍ଥାନୀୟ ନେତାଙ୍କ ବିରୋଧର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା। ସେଥିରୁ ତାଙ୍କ ଲୋକପ୍ରିୟତା ହ୍ରାସ ପାଉଛି ବୋଲି ଲୋକେ କଥାବାର୍ତ୍ତା ହେଉଛନ୍ତି। ରାଜନୈତିକ ସମୀକ୍ଷକଙ୍କ ମତରେ ବିଜେଡି ଦଳୀୟ ଟିକେଟ କାହାକୁ ଦେଉଛି, ତାହା ଉପରେ କାକଟପୁର ରାଜନୀତି ନିର୍ଭର କରୁଛି।

ସେପଟେ ଅପେକ୍ଷାକୃତ ଦୁର୍ବଳ ସ୍ଥିତିରେ ଥିବା ବିରୋଧୀ ଭାଜପା ଓ କଂଗ୍ରେସ ଶାସକ ବିଜେଡିର ଅନ୍ତଃ କନ୍ଦଳରୁ ଫାଇଦା ନେବା ଆଶାରେ ଅନାଇ ବସିଛନ୍ତି। କେତେକେ କହୁଛନ୍ତି, ବିଜେଡି ଟିକେଟ ଆଶାୟୀ ଥିବା ନେତା ଦଳରୁ ନିରାଶ ହେଲେ ବିରୋଧୀ ଶିବିରକୁ ଡେଇଁପାରନ୍ତି। ସେତେବେଳେ ନିର୍ବାଚନମଣ୍ଡଳୀ ସମୀକରଣ ବଦଳିବାର ସମ୍ଭାବନା ରହିଛି।

# ବିଧାୟକଙ୍କ ବିରୋଧରେ ଗର୍ଜିଲେ କର୍ମୀ


କୃଷି ବିଭାଗ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ରବିବାର ଅନୁଷ୍ଠିତ ଏକତା ସମାବେଶ।

ବାଲିକୁଦା,୧୮।୨(ତାପସ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ନୂଆଗାଁସ୍ଥିତ କୃଷି ବିଭାଗ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ଏକତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀ ବିଜେଡି ଯୁବନେତା ସଞ୍ଜୀବ ଏସ୍. ବିଶ୍ୱାଳଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଅନେକ ଶହ ବିଜେଡି କର୍ମୀ ଯୋଗଦେଇଥିଲେ। ଏହି ସମାବେଶରେ ବାଲିକୁଦା-ଏରସମା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ୫ ବର୍ଷ କାର୍ଯ୍ୟକ୍ରମକୁ ବିଜେଡି କର୍ମୀମାନେ ବିରୋଧ କରିଥିଲେ।

ପୂର୍ବତନ ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମାବେଶରେ କଟକର ଗାନ୍ଧିବାଦୀ ନେତା ସୁରଜ ସୂର୍ଯ୍ୟବଂଶୀ, ଏରସମା ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ସୁମନ୍ତ ବାରିକ ଓ ଜ୍ଞାନରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗଦେଇ ନବୀନ ପଟ୍ଟନାୟକ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ଆସନ୍ତା ନିର୍ବାଚନରେ ତାଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବାକୁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ବାଲିକୁଦା ବ୍ଲକର ୩୦ ପଞ୍ଚାୟତ ଓ ଏରସମା ବ୍ଲକର ୨୫ ପଞ୍ଚାୟତର ଦଳୀୟ କର୍ମୀମାନେ ଯୋଗ ଦେଇ ବିଧାୟକ ଦାସଙ୍କ ବିରୋଧରେ ନାରାବାଜି ଦେଇଥିଲେ। ଅନ୍ୟପକ୍ଷରେ ସମାବେଶରେ ଲାଗି ଥିବା ହୋର୍ଡିଂରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହ ଯୁବନେତା ସଞ୍ଜୀବଙ୍କ ଫଟୋ ଦେଖିବାକୁ ମିଳିଥିଲା। ଏହି ସମାବେଶରେ ତରାସାହି ସରପଞ୍ଚ ରାଜେଶ ବେହେରା, ଅପଣ୍ଡରା ସରପଞ୍ଚ ଉର୍ମିଳା ସାହୁ, ଅଳାବୋଳ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଞ୍ଚ ପର୍ଶୁରାମ ସେଠୀ, ରମେଶ ଚନ୍ଦ୍ର ପାଇଟାଳ, ହେମନ୍ତ କୁମାର ସେଠୀ, ସମିତି ସଭ୍ୟ ହରିଶ୍ଚନ୍ଦ୍ର ଶତପଥୀଙ୍କ ସହ ସମସ୍ତ ପଞ୍ଚାୟତର ୬୦ରୁ ଊର୍ଦ୍ଧ୍ୱ ପୂର୍ବତନ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ। ଏ ସମ୍ପର୍କରେ ବିଧାୟକ ଦାସଙ୍କୁ ମୋବାଇଲରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ବିଜେଡିରେ ବିପ୍ଲବ ଜେନା



ଶଙ୍ଖଭବନଠାରେ ବିପ୍ଲବ ଜେନା ଓ ତାଙ୍କ ସମର୍ଥକମାନେ ବିଜେଡିରେ ସାମିଲ ହୋଇଛନ୍ତି।

ଭୁବନେଶ୍ୱର,୧୮।୨(ସୁନିତ୍ ମିଶ୍ର)

- ଅନୁଗୋଳ ଜିଲାରେ ବିଜେଡି ଅଧିକ ମଜଭୁତ ହେବ: ପ୍ରଣବ
- କୌଣସି ପଦପଦବୀ ଉଦ୍ଦେଶ୍ୟ ନେଇ ଆସି ନାହିଁ: ବିପ୍ଲବ

ଅନୁଗୋଳ ଜିଲା କଂଗ୍ରେସ ସଭାପତି ତଥା ୨୦୧୯ରେ ଅନୁଗୋଳ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଥିବା ବିପ୍ଲବ ଜେନା ରବିବାର ହଜାରରୁ ଊର୍ଦ୍ଧ୍ୱ ସମର୍ଥକଙ୍କୁ ନେଇ ବିଜେଡିରେ ଯୋଗ ଦେଇଛନ୍ତି। ଶଙ୍ଖଭବନଠାରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ପୂର୍ବତନ ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂଙ୍କ ଉପସ୍ଥିତିରେ ସେ ବିଜେଡିରେ ସାମିଲ ହୋଇଛନ୍ତି। ଦଳରେ ସାମିଲ ହୋଇଥିବା ବିପ୍ଲବ ଜେନାଙ୍କୁ ଉପଢୌକନ ଦେଇ ପ୍ରଣବ ଓ ରଜନୀକାନ୍ତ ଦଳକୁ ସ୍ୱାଗତ କରିଛନ୍ତି।

ଏହି ଅବସରରେ ପ୍ରଣବ ପ୍ରକାଶ କହିଛନ୍ତି, ବିପ୍ଲବଙ୍କ ଯୋଗଦାନ ଦ୍ୱାରା ଜିଲାରେ ବିଜେଡି ଆହୁରି ମଜଭୁତ ହେବା ସହ ସମସ୍ତେ ଏକତ୍ରିତ ହୋଇ କାମ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ବିପ୍ଲବ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଯେଉଁମାନେ ବର୍ତ୍ତମାନ ତାଙ୍କ ସହ ଦଳରେ ଯୋଗ ଦେଉଛନ୍ତି, ସେମାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ, ନୀତି, ଆଦର୍ଶ ଓ ରାଜ୍ୟରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛି। କୌଣସି ପଦପଦବୀ କିମ୍ବା ଉଦ୍ଦେଶ୍ୟ ନେଇ ଦଳକୁ ଆସିନାହିଁ। ମୁଖ୍ୟମନ୍ତ୍ରୀ ଯେଉଁ ଦାୟିତ୍ୱ ଦେବେ ତାକୁ ନିଷ୍ଠାର ସହ ତୁଲାଇବେ। ଦଳରେ ତାଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ସାଙ୍ଗଠନିକ ସମ୍ପାଦକ, ଏବଂ ସମସ୍ତ ନେତୃବୃନ୍ଦଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ଅନୁଗୋଳ ଜିଲା ସଭାପତି ମହେନ୍ଦ୍ର ବସ୍ତିଆ, ଅନୁଗୋଳ ଜିଲା ସହପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ ଏବଂ ଅନୁଗୋଳ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଗୋଳ ଜିଲା ମହିଳା କଂଗ୍ରେସ ସଭାପତି ତପସ୍ୱିନୀ ବିଶ୍ୱାଳ, ଜିଲା ଯୁବ କଂଗ୍ରେସ ଉପସଭାପତି ବାପୁନ କୁମାର ଦେହୁରୀ, ପୂର୍ବତନ କଂଗ୍ରେସ ଜିଲା କମିଟି ଉପସଭାପତି ବାପୁଜୀ ପ୍ରଧାନ, ଅନୁଗୋଳ ବିଧାନସଭା ଯୁବ କଂଗ୍ରେସ ସଭାପତି ରାକେଶ କୁମାର ସାହୁ, ପୂର୍ବତନ ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଅନ୍ନଦା ସାହୁ, ଢେଙ୍କାନାଳ ଓ ଅନୁଗୋଳ ଜିଲା ସଭାପତି ସୋସିଆଲ ମିଡିଆ ଆଲୋକ ଦାସ, ନାଲ୍‌କୋ ଠିକା ଶ୍ରମିକ ସମନ୍ୱୟ ସମିତି ଆବାହକ ଅନିଲ ବରାଳ, ବରିଷ୍ଠ କଂଗ୍ରେସ ନେତା ସୁଜନ କୁମାର ପରିଡ଼ା, ପୂର୍ବତନ ଜିଲା କଂଗ୍ରେସ ଉପସଭାପତି ବୁଲୁ ସାହୁ ପ୍ରମୁଖ ଶତାଧିକ କର୍ମୀ ବିଜେଡିରେ ଏହି ଅବସରରେ ସାମିଲ ହୋଇଛନ୍ତି।

## ୩୩ ସାଙ୍ଗଠନିକ ଜିଲାରେ ପ୍ରଭାରୀ ନିଯୁକ୍ତ କଲା ଯୁବ କଂଗ୍ରେସ

ଭୁବନେଶ୍ୱର,୧୮।୨(ସୁନିତ୍ ମିଶ୍ର)

ରାଜ୍ୟ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର ୩୩ ସାଙ୍ଗଠନିକ ଜିଲାରେ ଯୁବ କଂଗ୍ରେସର ରାଜ୍ୟ ପଦାଧିକାରୀଙ୍କୁ ଜିଲା ପ୍ରଭାରୀ ଭାବେ ନିଯୁକ୍ତି ଦେଇଛନ୍ତି। ଉପସଭାପତି କୃଷ୍ଣଚନ୍ଦ୍ର ମହାନ୍ତିଙ୍କୁ ମାଲକାନଗିରି ଏବଂ ଅନୁଗୋଳ ଜିଲା, ରୁକ୍ମଣୀ ମଙ୍ଗରାଜଙ୍କୁ ନୂଆପଡ଼ା, ନାରାୟଣ ବାରିକଙ୍କୁ କଳାହାଣ୍ଡି, ସାଧାରଣ ସମ୍ପାଦକ ନୀହାର ରଞ୍ଜନ ବେହେରାଙ୍କୁ କୋରାପୁଟ ଏବଂ ଗଞ୍ଜାମ, ସୁଦୀପ ସାମଲଙ୍କୁ ରାୟଗଡ଼ା ସହ ରାଜ୍ୟ ଯୁବ କଂଗ୍ରେସ କାର୍ଯ୍ୟାଳୟ, ଗୋପନ କୁମାର ମାର୍ଥାଙ୍କୁ କଟକ ଓ ପୁରୀ, ଅଭିଜିତ ଜେନାଙ୍କୁ କେନ୍ଦୁଝର ଓ ଭୁବନେଶ୍ୱର, ନଳିନୀକାନ୍ତ ନାୟକଙ୍କୁ ବୌଦ୍ଧ ଏବଂ ସୋନପୁର, କେଦାର ଦଳାଇଙ୍କୁ ନୟାଗଡ଼ ଏବଂ ଖୋର୍ଦ୍ଧା, ଅଭିଷେକ ପଟ୍ଟନାୟକଙ୍କୁ ନବରଙ୍ଗପୁର, ଚିନ୍ମୟ କୁମାର ହୋତାଙ୍କୁ ଗଜପତି, ରାକେଶ କୁମାର ସାହୁଙ୍କୁ ସମ୍ବଲପୁର, ମନ୍ଦାକିନୀ ବଣ୍ଟୁଆଙ୍କୁ କନ୍ଧମାଳ, ଶିବକୁମାର ଅଗ୍ରୱାଲଙ୍କୁ ଢେଙ୍କାନାଳ, ଜ୍ଞାନରଞ୍ଜନ ରାଉତଙ୍କୁ ସୁନ୍ଦରଗଡ଼, ସୁରେଶ କୁମାର ବେହେରାଙ୍କୁ ଝାରସୁଗୁଡ଼ା, ସ୍ମିତିରଞ୍ଜନ ମନ୍ତ୍ରୀଙ୍କୁ ଦେବଗଡ଼, ବେଣୁପାଣି ଦୁର୍ଗାଙ୍କୁ କେନ୍ଦ୍ରାପଡ଼ା, ଜୟପ୍ରକାଶ ବଦିଙ୍କୁ ବରଗଡ଼, ପ୍ରିୟବ୍ରତ ସାହୁଙ୍କୁ ଭଦ୍ରକ, କାର୍ତ୍ତିକ ଘଡ଼ାଇଙ୍କୁ ଜଗତସିଂହପୁର, ସୁବ୍ରତ କୁମାର ବେହେରାଙ୍କୁ ରାଉରକେଲା, ଅମିତ କୁମାର କୁଅଁରଙ୍କୁ ବାଲେଶ୍ୱର, ସୃଜନିକା ରାଉତ ଓ ସୋନୁ ଶ୍ରୀବାସ୍ତବଙ୍କୁ ସୋସିଆଲ ମିଡିଆ ସହ ରାଜ୍ୟ ଯୁବ କଂଗ୍ରେସ କାର୍ଯ୍ୟାଳୟ ସହଯୋଗୀ, ସୁଶ୍ରୀ ସଙ୍ଗିତା ଗୋଛାୟତ, ରିନା ରୟ, ଝିଲ୍ଲୀ ପ୍ରଧାନ, ରୋଶ୍ନି ଦୀପକଙ୍କୁ ସୋସିଆଲ ମିଡିଆ, ବନିତା ଦାସଙ୍କୁ ସୋସିଆଲ ମିଡିଆ ସହ କାର୍ଯ୍ୟାଳୟ ସହଯୋଗୀ, ଏସ୍‌କେ ଜାଭେଦ ଅକତରଙ୍କୁ କଟକ ସହର, ଇମ୍ତିଆଜ ଖାନ୍‌ଙ୍କୁ ବଲାଙ୍ଗୀର, ତପନ କୁମାର କାଣ୍ଡିଙ୍କୁ ଯାଜପୁର ଜିଲା ପ୍ରଭାରୀ ଦାୟିତ୍ୱ ଦେଇଛନ୍ତି। ଏହାସହ ୧୧ ଜଣ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକଙ୍କୁ ସହ ପ୍ରଭାରୀ ଭାବେ ନିଯୁକ୍ତି ଦେଇଛନ୍ତି।

# ଆସନ୍ତା ୨୬ରେ ଲୋକସେବା ଭବନ ଘେରିବ କଂଗ୍ରେସ

ଭୁବନେଶ୍ୱର,୧୮।୨
(ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସକୁ କ୍ରିୟାଶୀଳ ଓ ମଜଭୁତ କରିବା ପାଇଁ ରାଜ୍ୟର ସମସ୍ତ ୩୫ ସାଙ୍ଗଠନିକ ଜିଲା ସଭାପତିଙ୍କ ସହ ପିସିସି ସଭାପତି ଶରତ ପଟ୍ଟନାୟକ ରବିବାର ବୈଠକ କରି ଏହା କହିଛନ୍ତି। ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ଦଳୀୟ ରଣନୀତି ଓ ରୂପରେଖ ପ୍ରସ୍ତୁତ କରିବା ପାଇଁ ପିସିସି ସଭାପତି ଆହ୍ୱାନ ଦେଇଛନ୍ତି। ପ୍ରଗମନ ସମୀକ୍ଷା କରାଯିବା ସହ ଏହା ଚୂଡାନ୍ତ ରୂପରେଖ ସମ୍ପର୍କରେ ବିଶଦ ଆଲୋଚନା କରିଛନ୍ତି। ଏହାସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତିକୁ ବିରୋଧ କରି ୨୪ ବର୍ଷର କୁଶାସନ ଓ ଜନତାଙ୍କୁ ଧୋକା ପ୍ରତିବାଦରେ ଆସନ୍ତା ୨୬ ତାରିଖରେ ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶରତ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

ଆଶାୟୀ ପ୍ରାର୍ଥୀଙ୍କ ପ୍ରଗମନ ଜିଲାସ୍ତରରୁ ବୁଥ୍‌ସ୍ତର ପର୍ଯ୍ୟନ୍ତ ସଙ୍ଗଠନକୁ ମଜଭୁତ କରିବା ପାଇଁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରିବା, ଜିଲାର ସାଙ୍ଗଠନିକ ସ୍ଥିତି ସମୀକ୍ଷା କରି ତୁରନ୍ତ ସାଙ୍ଗଠନିକ ପଦବୀ ପୂରଣ କରିବା ସହ ଆଗାମୀ ନିର୍ବାଚନରେ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମକୁ ସଶକ୍ତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି, ଓ ଅନ୍ୟାୟ ବିରୋଧରେ ଲଢ଼େଇ ପାଇଁ ଜିଲାରେ କାର୍ଯ୍ୟରତ କଂଗ୍ରେସର ଗଣମାଧ୍ୟମ ବିଭାଗକୁ ପ୍ରଭାବୀ ଢଙ୍ଗରେ ଆଗକୁ ନେବା ପାଇଁ ପିସିସି ସଭାପତି ଆହ୍ୱାନ ଦେଇଛନ୍ତି।

# କଂଗ୍ରେସରେ ଯୋଗଦେଲେ ବିଜେଡି, ଭାଜପା ନେତା


କଂଗ୍ରେସ ଭବନଠାରେ ଅନୁଗୋଳ ଜିଲାର ବିଜେଡି ଓ ଭାଜପା କର୍ମୀମାନେ କଂଗ୍ରେସରେ ସାମିଲ ହୋଇଛନ୍ତି।

ଭୁବନେଶ୍ୱର,୧୮।୨(ସୁନିତ୍ ମିଶ୍ର)

କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳର ସଙ୍ଗଠନକୁ ମଜଭୁତ କରିବା ପାଇଁ ବିଜେଡି ଓ ଭାଜପାର ଅନେକ ନେତା ସେମାନଙ୍କ ସମର୍ଥକଙ୍କ ସହିତ ରବିବାର କଂଗ୍ରେସରେ ଯୋଗ ଦେଇଛନ୍ତି। ସେହିପରି ଦଳ ଛାଡି ଯାଇଥିବା କିଛି ପୁରୁଣା ନେତା ଘରବାହୁଡା ମଧ୍ୟ କରିଛନ୍ତି। ଅନୁଗୋଳ ଜିଲା ପାଲଲହଡା ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେଡି ନେତା ମନୋଜ ସାହୁ, ତାଳଚେର ନିର୍ବାଚନମଣ୍ଡଳୀର ବିଜେଡି ନେତା ତଥା ପୂର୍ବତନ ଯୁବ ବିଜେଡି ସଭାପତି ସୂର୍ଯ୍ୟମଣି ସାହୁ, ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ବରିଷ୍ଠ ଭାଜପା ନେତା ଗୋବିନ୍ଦ ନାୟକ ଶତାଧିକ ସମର୍ଥକଙ୍କ ସହ କଂଗ୍ରେସରେ ସାମିଲ ହୋଇଛନ୍ତି। କଂଗ୍ରେସ ଭବନଠାରେ ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ସେମାନେ ଦଳରେ ଯୋଗ ଦେଇଛନ୍ତି। ସେହିପରି ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ସତ୍ୟଜିତ୍ ପଟ୍ଟନାୟକ(ମିଲନ), ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ ଯେଉଁମାନେ ୨୦୧୯ ନିର୍ବାଚନ ପୂର୍ବରୁ ଭାଜପାରେ ଯୋଗ ଦେଇଥିଲେ, ସେମାନେ ପୁଣିଥରେ ଘରବାହୁଡା କରିଛନ୍ତି।

# କ୍ୟାବିନେଟ୍‌ରେ ସ୍ଥାନ ନ ମିଳିବାରୁ ବିଧାୟକ ଅସନ୍ତୁଷ୍ଟ

ନୂଆଦିଲ୍ଲୀ, ୧୮।୨ (ପି.ଟି.)

## ଖାର୍ଗେଙ୍କୁ ଭେଟିଲେ ଚମ୍ପାଇ ସୋରେନ



ଝାଡ଼ଖଣ୍ଡ ସରକାରରେ ୪ କଂଗ୍ରେସ ବିଧାୟକଙ୍କୁ ମନ୍ତ୍ରୀପଦ ମିଳିବା ନେଇ ଦଳର ଅନ୍ୟ ଏକ ବିଧାୟକ ଗୋଷ୍ଠୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ରବିବାର ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ ନୂଆଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଭେଟିଛନ୍ତି। ଚମ୍ପାଇ କହିଛନ୍ତି, ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର(ଜେଏମ୍‌ଏମ୍) ନେତୃତ୍ୱାଧୀନ ମେଣ୍ଟ ମଜଭୁତ୍ ରହିଛି। ସରକାରଙ୍କୁ କୌଣସି ବିପଦ ନାହିଁ। ଏହା କଂଗ୍ରେସର ଆଭ୍ୟନ୍ତରୀଣ ବ୍ୟାପାର, ଯାହାର ସମାଧାନ ଖୁବଶୀଘ୍ର ହୋଇଯିବ। ପ୍ରକାଶ ଯେ, ମନ୍ତ୍ରିମଣ୍ଡଳରୁ ୪ କଂଗ୍ରେସ ବିଧାୟକ ଆଲମଗିର୍ ଆଲମ, ରାମେଶ୍ୱର ଓରାଂନ, ବନ୍ନା ଗୁପ୍ତା ଓ ବାଦଲ ନୂଆ ଚେହେରାଙ୍କୁ ବିଦା କରାଯାଉ। ଏଥିସହ ନୂଆ ମୁହଁଙ୍କୁ ସାମିଲ କରାଯାଉ। ନ ହେଲେ ବିଧାନସଭା ଅଧିବେଶନରେ ଯୋଗ ନ ଦେଇ ଜୟପୁର ଯିବାକୁ ୧୨ କଂଗ୍ରେସ ବିଧାୟକ ଚେତାବନୀ ଦେଇଥିଲେ।

# ମଧ୍ୟପ୍ରଦେଶ କଂଗ୍ରେସରେ ଆଉ ଏକ ବିଭାଜନ ଆଶଙ୍କା

ଭୋପାଳ,୧୮।୨

## ଦିଲ୍ଲୀରେ କମଲ ନାଥଙ୍କ ଅନୁଗତ ବିଧାୟକ



୨୦୨୦ ମାର୍ଚ୍ଚରେ ବରିଷ୍ଠ କଂଗ୍ରେସ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ସହ ତାଙ୍କର ୨୨ ଅନୁଗତ ବିଧାୟକ ଭାଜପାରେ ସାମିଲ ହେବାରୁ କମଲ ନାଥଙ୍କ ସରକାର ଭାଙ୍ଗିଯାଇଥିଲା। ୪ ବର୍ଷ ପରେ କଂଗ୍ରେସରେ ଆଉ ଏକ ବିଭାଜନ ଆଶଙ୍କା ସୃଷ୍ଟି ହୋଇଛି। ବରିଷ୍ଠ ନେତା କମଲ ନାଥ ଓ ତାଙ୍କ ପୁଅ ତଥା ମଧ୍ୟପ୍ରଦେଶରୁ ଦଳର ଏକମାତ୍ର ଏମ୍‌ପି ନକୁଲ ନାଥ ଭାଜପାରେ ଯୋଗଦେବା ନେଇ ଚର୍ଚ୍ଚା ଜାରି ରହିଥିବାବେଳେ ରବିବାର ନାଥଙ୍କର ଅନୁଗତ କେତେଜଣ ବିଧାୟକ ଦିଲ୍ଲୀରେ ପହଞ୍ଚିଛନ୍ତି। ଛିନ୍ଦୱାରାରୁ ୩ ଜଣ ଏବଂ ଅନ୍ୟ ଅଞ୍ଚଳରୁ ଅନ୍ୟ ୩ ଜଣ କଂଗ୍ରେସ ବିଧାୟକ ଦିଲ୍ଲୀରେ ପହଞ୍ଚିଥିବା କମଲ ନାଥଙ୍କ ଘନିଷ୍ଠ ସୂତ୍ରରୁ ଜଣାପଡ଼ିଛି। ଉକ୍ତ ବିଧାୟକମାନେ ଫୋନ୍ ଉଠାଉନାହାନ୍ତି। କମଲ ନାଥଙ୍କ ଅନ୍ୟତମ ଘନିଷ୍ଠ ତଥା ପୂର୍ବତନ ମନ୍ତ୍ରୀ ଲଖନ ଘଙ୍ଗୋରିଆ ଦିଲ୍ଲୀରେ ତାଙ୍କ କ୍ୟାମ୍ପ୍‌ରେ ସାମିଲ ହୋଇଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଗତ ନଭେମ୍ବରରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସ ହାରିଯିବା ପରେ କମଲ ନାଥଙ୍କୁ ଦଳର ରାଜ୍ୟ ସଭାପତି ପଦରୁ ହଟାଇ ଦିଆଯାଇଥିଲା। ୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭାରେ କଂଗ୍ରେସର ୬୬ ବିଧାୟକ ରହିଛନ୍ତି। ଦଳବଦଳ ଆଇନରୁ ବର୍ତ୍ତିବା ଲାଗି କମଲ ନାଥ ଗୋଷ୍ଠୀ ୨୩ ବିଧାୟକଙ୍କ ସମର୍ଥନ ହାସଲ ପାଇଁ ଚେଷ୍ଟା କରୁଛି। ଅନ୍ୟପକ୍ଷରେ କମଲନାଥଙ୍କୁ ବୁଝାଶୁଝା କରି ଭୋପାଳ ଫେରାଇ ଆଣିବା ପାଇଁ ଦଳର କେନ୍ଦ୍ରୀୟ ନେତା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ରାଜ୍ୟ କଂଗ୍ରେସ ପକ୍ଷରୁ ଉଦ୍ୟମ ଜାରି ରହିଛି। ରାଜ୍ୟ କଂଗ୍ରେସ ନେତୃବୃନ୍ଦ ୬୬ ବିଧାୟକଙ୍କ ସହ ଜଣ ଜଣ କରି କଥା ହୋଇଛନ୍ତି ଏବଂ ଆସନ୍ତା ୨୨ରେ ରାହୁଲଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ମଧ୍ୟପ୍ରଦେଶରେ ଯେପରି ଦଳରେ କିଛି ଅଘଟଣ ନ ଘଟେ, ସେଥିପାଇଁ ଉଦ୍ୟମ ହେଉଛି।


GOVT. OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, JHARSUGUDA
'e' Procurement Notice
Bid Identification No. SE MID JSD 09/2023-24
E-mail: eemijharsuguda@gmail.com
No.452// MID // Date 15.02.2024

No.A-1521:- The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1 | Name of the work: | Civil construction work |
| 2 | Total No. of works: | 03 (Three) Nos. |
| 3 | Estimated cost: | Rs.48.16 Lakh to Rs.76.73 Lakh |
| | (Detail list of work annexed) | |
| 4 | Class of contractor: | As mentioned against work |
| 5 | Period of completion: | As mentioned against work |
| 6 | Date & time of availability of bid document in the portal: | 19.02.2024 to 28.02.2024 during office hours |
| 7 | Last date / time for receipt of bid in the portal: | 28.02.2024 during office hours |
| 8 | Date / time of opening of technical bid: | 29.02.2024 at 10.00 A.M. at Office of the S.E. MI Divn., Jharsuguda |
| 9 | Name & address of the officer inviting the bid: | Superintending Engineer, M.I. Division, Jharsuguda |
| 10 | Mode fo payment of bid cost & bid security | Online |

Sd./- Superintending Engineer, M.I. Division, Jharsuguda
OIPR-32291/11/0013/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜାନୁଆରୀରେ ୨୦,୬୩୪ କୋଟିର କାରବାର

- ବାର୍ଷିକ ଭିତ୍ତିରେ ୩୭% ବୃଦ୍ଧି
- ବଢୁଛି ହାଇବ୍ରିଡ୍ ମ୍ୟୁଚୁଆଲ୍ ଫଣ୍ଡ ସ୍କିମ୍‌ର ଚାହିଦା

ଭୁବନେଶ୍ୱର,୧୮।୨

କ୍ରମାଗତ ଭାବେ ଘରୋଇ ବଜାରରେ ହାଇବ୍ରିଡ୍ ମ୍ୟୁଚୁଆଲ୍ ଫଣ୍ଡ ସ୍କିମ୍‌ର ଚାହିଦା ବୃଦ୍ଧି ପାଉଛି, ଏପରିକି ନିବେଶକମାନଙ୍କ ମଧ୍ୟରେ ଏହାର ଲୋକପ୍ରିୟତା ବଢୁଥିବାବେଳେ ଚଳିତ ବର୍ଷ ଜାନୁଆରୀରେ ମୋଟ ୨୦,୬୩୪ କୋଟି ଟଙ୍କାର କାରବାର ହୋଇଛି। ବିଶେଷକରି ନିବେଶକମାନଙ୍କୁ ଏହି ସୁବିଧା ବେଶ୍ ଆକୃଷ୍ଟ କରିଛି, ଯାହା ପୂର୍ବ ମାସର କାରବାର ତୁଳନାରେ ଚଳିତ ମାସ ପ୍ରାୟ ୩୭% ବ୍ୟବସାୟ ବୃଦ୍ଧି ଘଟିଥିଲାବେଳେ ମୁଖ୍ୟତ ଋଣ ପାଣ୍ଠି ପାଇଁ ଟିକସ ନିୟମରେ ବିକଳ୍ପ ବିନିଯୋଗ ହୋଇଯାଇଛି। ସେହିଭଳି ବିକଳ୍ପ ଭାବେ ସେମାନଙ୍କ ଆବେଦନ ଯୋଗୁ ଚଳିତ ଆର୍ଥିକ ବର୍ଷର ଏପ୍ରିଲ୍-ଜାନୁୟାରୀ ଅବଧି ମଧ୍ୟରେ ଏହାର ମୋଟ ପ୍ରବାହ ୧.୨୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ହାଇବ୍ରିଡ୍ ପାଣ୍ଠି ହେଉଛି ମ୍ୟୁଚୁଆଲ୍ ଫଣ୍ଡ ସ୍କିମ୍ ଯାହା ସାଧାରଣତଃ ଇକ୍ୱିଟି ଏବଂ ଋଣ ସିକ୍ୟୁରିଟିର ମିଶ୍ରଣରେ ବିନିଯୋଗ କରିଥାଏ ଏବଂ ବେଳେବେଳେ ଅନ୍ୟ ସମ୍ପତ୍ତି ବର୍ଗ(ସୁନା)ରେ ଏହା ସହାୟକ ହୋଇଥାଏ। ସେହିପରି ଋଣ ପାଣ୍ଠି ପାଇଁ ଟିକସ ପରିବର୍ତ୍ତନ ସହ ୨୦୨୩ ଏପ୍ରିଲ୍‌ଠାରୁ ଏହି ବର୍ଗ ନିୟମିତ ପ୍ରବାହକୁ ଆକର୍ଷିତ କରିଆସୁଛି, ଏହା ପୂର୍ବରୁ ୨୦୨୩ ମାର୍ଚ୍ଚରେ ୧୨,୩୭୨ କୋଟି ଟଙ୍କା ନିଟ୍ ପ୍ରତ୍ୟାହାର ଏହି ବର୍ଗରେ କରାଯାଇଥିଲା। ଅପରପକ୍ଷରେ ଆସୋସିଏଶନ୍ ଅଫ୍ ମ୍ୟୁଚୁଆଲ୍ ଫଣ୍ଡ୍‌ସ ଅଫ୍ ଇଣ୍ଡିଆ (ଆମ୍ଫି) ପକ୍ଷରୁ ପ୍ରକାଶିତ ହୋଇଥିବା ସଦ୍ୟତମ ସୂଚନା ଅନୁଯାୟୀ, ହାଇବ୍ରିଡ୍ ସ୍କିମ୍‌ଗୁଡିକ ଚଳିତ ବର୍ଷ ଜାନୁଆରୀରେ ୨୦,୬୩୭ କୋଟି ପ୍ରବାହର ସାକ୍ଷୀ ହୋଇଛି, ଯାହା ୨୦୨୩ ଡିସେମ୍ବରରେ ଦେଖାଯାଇଥିବା ୧୫,୦୦୯କୋଟିରୁ ଅଧିକ ବୋଲି କୁହାଯାଉଛି। ଏପରିକି ଦୁଇଟି ବର୍ଗର ହାଇବ୍ରିଡ୍ ପାଣ୍ଠି, ଯାହା ସମୀକ୍ଷା ବୈଠକର ସମାନ ମାସରେ ଅଧିକାଂଶ ପାଣ୍ଠି ଆକର୍ଷିତ କରିଥିଲା, ତାହା ହେଉଛି ଆର୍ବିଟ୍ରେଜ୍ ପାଣ୍ଠି ଏବଂ ମଲ୍ଟି-ଆସେଟ୍ ଆବଣ୍ଟନ ପାଣ୍ଠି। ୨୦୨୪ଜାନୁଆରୀରେ ହାଇବ୍ରିଡ୍ ପାଣ୍ଠିର ମୋଟ ୨୦,୬୩୭ କୋଟି ଟଙ୍କା ପ୍ରବାହ ମଧ୍ୟରୁ ୧୦,୬୦୮ କୋଟି ଟଙ୍କା ପ୍ରବାହ ହୋଇଥିବାବେଳେ ମଲ୍ଟି-ଆସେଟ୍ ଆବଣ୍ଟନ ପାଣ୍ଠି ପାଇଁ ଏହା ୭,୦୮୦କୋଟି ଟଙ୍କା ଥିଲା। ଅଧିକନ୍ତୁ ହାଇବ୍ରିଡ୍ ବର୍ଗରେ ଆବଣ୍ଟନର ପ୍ରାୟ ୫୦ରୁ ୭୦% ବିଗତ ମାସଗୁଡ଼ିକର ଆର୍ବିଟ୍ ପାଣ୍ଠି ଆଡକୁ ଯାଉଛି ବୋଲି ସୂଚନାରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଏ ନେଇ ଆନନ୍ଦ ରାଠୀ ଧନ ସମ୍ପତ୍ତି ଲିମିଟେଡର ଡେପୁଟି ସିଇଓ ଫେରୋଜ ଅଜିଜ କହିଛନ୍ତି, ବର୍ତ୍ତମାନ ଆର୍ବିଟ୍ରେଶନ୍ ପାଣ୍ଠି ପ୍ରାୟ ୮% ବିସ୍ତାରରେ ରହିଛି।



ଅରୁନ୍ଧତୀ ଜୁଏଲର୍ସର ଫେଷ୍ଟିଭ ଧମାଲ ଲକ୍ଷପତି ଲକି ଡ୍ର ବିଜେତା କାର୍ଯ୍ୟକ୍ରମ ଭବାନୀପାଟଣାର ଲାଲବାହାଦୁର ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଜୁଏଲର୍ସର ଏମ୍‌ଡି ବ୍ରହ୍ମାନନ୍ଦ ମେହେର, ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେରଙ୍କ ସମେତ ବ୍ରାଣ୍ଡର ବ୍ରାଣ୍ଡ୍ ଆମ୍ବାସାଡର ତଥା ଓଡ଼ିଆ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି। ଏହି ଅବସରରେ ଲକି ଡ୍ରର ବିଜେତା (କାର୍ ବିଜେତା) କଣ୍ଟାବାଞ୍ଜିର ପ୍ରିୟଙ୍କା ମେହେରଙ୍କ ଅନୁପସ୍ଥିତିରେ ଟାଉନ ଥାନା ଅଧିକାରୀ ଯଶୋବନ୍ତ ହିଆଲଙ୍କୁ ବିଜେତାଙ୍କ କାର୍ ଚାବି ହସ୍ତାନ୍ତର କରାଯାଉଛି।

# ଆଜିଠାରୁ ୨ ଦିନିଆ ଗ୍ଲୋବାଲ ସମ୍ମିଟ

ଭୁବନେଶ୍ୱର,୧୮।୨

ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ (ସ୍କିଲ୍‌ଡ ଇନ୍ ଓଡ଼ିଶା) ଏବଂ ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ୨ ଦିନିଆ ଗ୍ଲୋବାଲ ସମ୍ମିଟ ସୋମବାରଠାରୁ ଭୁବନେଶ୍ୱରର ମେ ଫେୟାର ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ହେଉଛି। ଏହି ୨ ଦିନିଆ ସମ୍ମିଳନୀରେ ୧୦୦ରୁ ଅଧିକ ବିଶିଷ୍ଟ ଶିଳ୍ପ ଉଦ୍ୟୋଗପତିଙ୍କ ସମେତ ୫୦୦ରୁ ଅଧିକ ପ୍ରତିନିଧିମଣ୍ଡଳୀ ଏବଂ ୧୦ରୁ ଅଧିକ ଦଳଗତ ଆଲୋଚନା ଭଳି କାର୍ଯ୍ୟକ୍ରମ ରହିଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଫେବୃଆରୀ ୧୯ ଏବଂ ୨୦ ତାରିଖରେ ଏହି ୨ ଦିନିଆ ଗ୍ଲୋବାଲ ସମ୍ମିଟ ଭୁବନେଶ୍ୱରଠାରେ ଆୟୋଜିତ ହେଉଛି।

# ଏନ୍‌ଏସ୍‌ଡିସି ସହ ରିଲାଏନ୍ସ ଫାଉଣ୍ଡେଶନର ସହଭାଗିତା

ଭୁବନେଶ୍ୱର,୧୮।୨ (ଅଭୟ ଦାଶ)




ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡର ସାମାଜିକ ସଂସ୍ଥା ରିଲାଏନ୍ସ ଫାଉଣ୍ଡେଶନ ଏବଂ ଜାତୀୟ ଦକ୍ଷତା ବିକାଶ ନିଗମ (ଏନ୍‌ଏସ୍‌ଡିସି) ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ନିକଟରେ ସ୍ଥାପିତ ହୋଇଛି। ବିଶେଷକରି ୫ଲକ୍ଷ ଭାରତୀୟ ଯୁବତୀଯୁବକଙ୍କ ପାଇଁ ଭବିଷ୍ୟତରେ ଆବଶ୍ୟକ ହେବାକୁ ଥିବା ଦକ୍ଷତା ବିକାଶ ଉପରେ ଆଧାରିତ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବ। ଉକ୍ତ ପାଠ୍ୟକ୍ରମ ବିକାଶ ଏବଂ ଯୁବଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି ସହିତ ଏଡ୍‌ଟେକ, ସାଇବର ସୁରକ୍ଷା, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ପରିବେଶ ସ୍ଥାୟିତ୍ୱ, ନୀତି ବିଶ୍ଳେଷଣ ଭଳି ବିଭିନ୍ନ କ୍ଷେତ୍ର ଉପରେ କାର୍ଯ୍ୟ କରିବ ବୋଲି ଉକ୍ତ ସହଭାଗିତାରେ ଗୁରୁତ୍ୱ ପ୍ରଦାନ କରାଯିବ। ଏପରିକି ରିଲାଏନ୍ସ ଫାଉଣ୍ଡେଶନର ଡିଜିଟାଲ ଫରୱାର୍ଡ ଆପ୍ରୋଚ୍ ଭବିଷ୍ୟତର ନୂଆ କ୍ୟାରିୟର ପାଇଁ ଆଗ୍ରହୀ ଯୁବବର୍ଗଙ୍କ ମଧ୍ୟରେ ଲୋକପ୍ରିୟତା ହାସଲ କରିବ ବୋଲି ଆଶା କରାଯାଉଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଦକ୍ଷତା, ପୁନଃଦକ୍ଷତା (ରି-ସ୍କିଲିଂ) ଓ କୌଶଳ ଉନ୍ନତିର ମନ୍ତ୍ର ଆପଣାଇ ଭାରତ ବର୍ତ୍ତମାନ ଆଦୌ ଅଟକିବ ନାହିଁ, ପୁନଃଦକ୍ଷତା ବିକାଶ ପରିବ୍ୟବସ୍ଥାରେ ବିଭିନ୍ନ ଡିଜିଟାଲ୍ ସେବାକୁ ବ୍ୟବହାର କରି ପ୍ରତ୍ୟେକ ଯୁବତୀଯୁବକଙ୍କ ପାଇଁ ଯେକୌଣସି ସମୟ ଓ ସ୍ଥାନରେ ନିଜର ଦକ୍ଷତା ବିକାଶ ପାଇଁ ସୁବିଧା ଉପଲବ୍ଧ କରାଇବାକୁ ସୁନିଶ୍ଚିତ କରାଯାଉଛି। ସେହିଭଳି ରିଲାଏନ୍ସ ଫାଉଣ୍ଡେଶନର ସିଇଓ ଜଗନ୍ନାଥ କୁମାର କହିଛନ୍ତି, ବିଶ୍ୱର ସବୁଠାରୁ ଅଧିକ ଯୁବ ଜନସଂଖ୍ୟା ଭାରତରେ ରହିଛି ଏବଂ ସେମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ଦକ୍ଷତା ପ୍ରଦାନ କରିବାକୁ ଆମେ ପ୍ରୟାସ କରୁଛୁ।

# ଭିତ୍ତିଭୂମି ସୁଦୃଢ଼କୁ ଟିପିସିଓଡିଏଲ୍‌ର ଗୁରୁତ୍ୱ

ଭୁବନେଶ୍ୱର,୧୮।୨

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଭୁବନେଶ୍ୱରର ଖଣ୍ଡଗିରିଠାରେ ଏକ ଅତ୍ୟାଧୁନିକ ବିଦ୍ୟୁତ୍ ଟ୍ରାନ୍ସଫରମର ସ୍ଥାପନ କରାଯାଇଛି। ଏପରିକି ଖଣ୍ଡଗିରିଠାରେ ଥିବା ୮ଏମ୍‌ଭିଏ ପୁରୁଣା ଟ୍ରାନ୍ସଫରମର୍‌କୁ ବଦଳାଇ ଏକ ଅତ୍ୟାଧୁନିକ ୨୫ଏମ୍‌ଭିଏ ଟ୍ରାନ୍ସଫରମର ଜରିଆରେ ଉପରୋକ୍ତ ଅଞ୍ଚଳ ବିଦ୍ୟୁତ୍ ଭିତ୍ତିଭୂମିରେ ସୁଦୃଢ଼ କରାଯାଇଛି। ବିଶେଷକରି ଆଗାମୀ ଦିନରେ ଖଣ୍ଡଗିରି ଅଞ୍ଚଳର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ ସହ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ କରିବା ଲାଗି କମ୍ପାନୀ ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ ଆରମ୍ଭ କରିଛି। ସେହିଭଳି ସହରାଞ୍ଚଳରେ ବର୍ଷକୁ ବର୍ଷ ଲୋଡ୍‌ରେ ହେଉଥିବା ବୃଦ୍ଧି ଚାହିଦା ପୂରଣ କରିବା ପାଇଁ ପୂର୍ବରୁ ଥିବା ପିଏସ୍‌ଏସ୍‌ରେ ବିଦ୍ୟୁତ୍ ଟ୍ରାନ୍ସଫରମର ସହ ସୁଇଚ୍ ଗିୟରର ଦକ୍ଷତା ବୃଦ୍ଧି କରିବା ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ଆରମ୍ଭ ହୋଇଛି। ଆସନ୍ତା ୧୦ ବର୍ଷ ପର୍ଯ୍ୟନ୍ତ ଲୋଡ୍‌ରେ ହେବାକୁ ଥିବା ବୃଦ୍ଧିକୁ ଦୃଷ୍ଟିରେ ରଖି ଦକ୍ଷତାରେ ଏହି ଉନ୍ନତି ଅଣାଯାଇଛି। ସେହିପରି କମ୍ପାନୀର ଡିସ୍‌କମ୍‌ଗୁଡ଼ିକ ମଧ୍ୟରେ ପ୍ରଥମ ଏହି ରୂପାନ୍ତରିତ ବିଦ୍ୟୁତ୍ ସବ୍‌ଷ୍ଟେଶନ (ପିଏସ୍‌ଏସ୍) ଏକ ବଡ଼ ସଫଳତା ଭାବେ ଉଭା ହୋଇଛି, ଯାହା ଭୋଲ୍‌ଟେଜ୍ ନିୟନ୍ତ୍ରଣ ଓ ସୁରକ୍ଷା ପଦକ୍ଷେପରେ ଉନ୍ନତ ପ୍ରଯୁକ୍ତିର ସମନ୍ୱୟକୁ ଦର୍ଶାଉଛି।

ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଏହି ଗୁରୁତ୍ୱପୂର୍ଣ୍ଣ ଅଭିଯାନକୁ କାର୍ଯ୍ୟକାରୀ କରିଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଏହା ଖଣ୍ଡଗିରି ଅଞ୍ଚଳ ବିଦ୍ୟୁତ୍ ସେବାରେ ଉନ୍ନତି ଆଣିବା ପାଇଁ ଥିବା ଆମର ସମର୍ପଣ ଭାବକୁ ଦର୍ଶାଉଛି। ଏହି ଉନ୍ନତି ସହ ଆମେ ବର୍ତ୍ତମାନର ଚାହିଦାକୁ ପୂରଣ କରୁଥିବା ବେଳେ ଭବିଷ୍ୟତରେ ସମ୍ପୃକ୍ତ ଅଞ୍ଚଳର ଅଭିବୃଦ୍ଧି ଓ ବିକାଶ ପାଇଁ ମଧ୍ୟ ପ୍ରସ୍ତୁତ ହୋଇଛୁ।


## CLASSIFIED DISPLAY

MORE SPACE • SAME PRICE

TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,800.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ADMISSION OPEN

B.Ed, M.Ed, B.P.Ed.

Equivalent of Utkal University

Lowest Fees

Odisha School of Professional Studies

Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015

CONTACT NO.
7008096933
9692828174



ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଅକ୍ଷୟ ଶକ୍ତି କ୍ରୟ କରିବ ନେକ୍ସଟ୍ରା

ଭୁବନେଶ୍ୱର,୧୮।୨

ଭାରତର ଅଗ୍ରଣୀ ଡାଟା ସେଣ୍ଟର କମ୍ପାନୀ ନେକ୍ସଟ୍ରା ଡାଟା ଲିମିଟେଡ (ଏନ୍‌ଡିଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅକ୍ଷୟ ଶକ୍ତି ବ୍ୟବସାୟ ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରିଛି। ଏପରିକି ଅତିରିକ୍ତ ୧୪୦,୨୦୮ ମେଗାୱାଟ ଅକ୍ଷୟ ଶକ୍ତି କ୍ରୟ କରିବାକୁ କମ୍ପାନୀ ଏକ ଦ୍ୱିପାକ୍ଷିକ ରାଜିନାମା ବା ଚୁକ୍ତିନାମା (ପାୱାର୍-ହୁଇଲିଂ ଏଗ୍ରିମେଣ୍ଟ) ଆମ୍ପ୍ଲିନ୍ ଏବଂ ଆମ୍ପ୍ଲସ୍ ଏନର୍ଜି ସହିତ ହୋଇଛି। ନେକ୍ସ୍ଟ୍ରା ଡାଟା ଲିମିଟେଡ (ଏୟାରଟେଲ ବିୱାଇ ନେକ୍ସଟ୍ରା)ର ସିଇଓ ଆଶିଷ ଆରୋରା କହିଛନ୍ତି, ଉଭୟ ସଂସ୍ଥା ସହ ସହଭାଗିତା କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ନୂତନ ସହଭାଗିତା ବ୍ରାଣ୍ଡର ନେତୃତ୍ୱ ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ। ଭାରତର ସବୁଜ ଡାଟା କେନ୍ଦ୍ର ସ୍ଥାନ ଏବଂ ୨୦୩୧ସୁଦ୍ଧା ନେଟ୍ ଜିରୋ ନିର୍ଗମନ ହାସଲ କରିବାକୁ ଆମର ପ୍ରତିବଦ୍ଧତା ପୂରଣ କରିବା ପାଇଁ ଆମେ ଅତିରିକ୍ତ ସ୍ୱଚ୍ଛ ଶକ୍ତି ଯୋଗାଣ ଓ ଅକ୍ଷୟ ଶକ୍ତି ଅଂଶକୁ ପ୍ରାୟ ୭୦% ବୃଦ୍ଧି କରିବୁ। ଅପରପକ୍ଷରେ ଏୟାରଟେଲ ଦ୍ୱାରା ପରିଚାଳିତ ନେକ୍ସଟ୍ରା ଅତିରିକ୍ତ ଅକ୍ଷୟ ଶକ୍ତି କ୍ରୟ କରିବାକୁ ଯାଉଛି, ଉପରୋକ୍ତ ଚୁକ୍ତିନାମା ଅନୁଯାୟୀ ଆମ୍ପ୍ଲିନ୍ ଏବଂ ଆମ୍ପ୍ଲସ୍ ଏନର୍ଜି ଯଥାକ୍ରମେ ୪୮ ଏମଡବ୍ଲ୍ୟୁଡିସି(MWdc) ଏବଂ ୨୪.୩ ମେଗାୱାଟର କ୍ୟାପ୍ଟିଭ୍ ସୋଲାର ଏବଂ ପବନ ଶକ୍ତି ପ୍ଲାଣ୍ଟ ସ୍ଥାପନ କରିବ। ସେହିଭଳି କମ୍ପାନୀର ଓଡ଼ିଶା, ଉତ୍ତରପ୍ରଦେଶ ଏବଂ ତାମିଲନାଡୁଠାରେ ନେକ୍ସଟ୍ରାର ଡାଟା ସେଣ୍ଟର ଅବସ୍ଥିତ ଥିଲାବେଳେ ୨୫ ବର୍ଷର ଚୁକ୍ତିନାମା କମ୍ପାନୀର ନେଟ-ଶୂନ ଲକ୍ଷ୍ୟ ହାସଲ କରିବାକୁ ନେକ୍ସଟ୍ରାର ପ୍ରତିବଦ୍ଧତା ସହିତ ମେଳ ଖାଉଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଟେଲିକମ କମ୍ପାନୀ ଭାରତୀ ଏୟାରଟେଲର ସହଯୋଗୀ ସଂସ୍ଥା ନେକ୍ସ୍ଟ୍ରା ଡାଟା ଲିମିଟେଡ (ଏନ୍‌ଡିଏଲ) ଭାବେ କାର୍ଯ୍ୟ କରୁଛି।

# ବ୍ଲୁହ୍ୱିଲ୍‌ସର ଭୁବନେଶ୍ୱର ଫ୍ରାଞ୍ଚାଇଜ୍ ଲଞ୍ଚ୍

ଭୁବନେଶ୍ୱର,୧୮।୨(ଅନୁରାଧା ମହାରଣା)



ନୂଆଦିଲ୍ଲୀସ୍ଥିତ ବ୍ଲୁହ୍ୱିଲ୍‌ସ କମ୍ପାନୀ ଦ୍ୱାରା ଜେଏମ୍‌ଡି ଓଡ଼ିଶା(ଓପିସି) ପ୍ରାଇଭେଟ୍ ଲିମିଟେଡ୍ ଭୁବନେଶ୍ୱରରେ ନୂତନ ଫ୍ରାଞ୍ଚାଇଜ ମଡେଲର ଲଞ୍ଚ୍ କରାଯାଇଛି। ୨ ଚକିଆ ସ୍କୁଟର, ୩ ଚକିଆ ଅଟୋରିକ୍ସା ଏବଂ ୪ ଚକିଆ ଯାନ ବ୍ୟବହାର କରି ଲଜିଷ୍ଟିକ୍ ସେବା ପ୍ରଦାନ କରାଯିବ। ଇଲେକ୍ଟ୍ରିକ୍ ଯାନ ମାଧ୍ୟମରେ ଇ- ବାଣିଜ୍ୟ ଖାଦ୍ୟ ବିତରଣ କମ୍ପାନୀଗୁଡ଼ିକୁ ସେବା ଯୋଗାଇବ। ରବିବାର କଳିଙ୍ଗନଗର କେ-୭ରେ କମ୍ପାନୀର ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ବ୍ଲୁ ହ୍ୱିଲ୍‌ସ କମ୍ପାନୀର ଫାଉଣ୍ଡେଶନ୍ ହେଡ୍ ସୁଶାନ୍ତ ମୁଖାର୍ଜୀ ସୂଚନା ଦେଇଛନ୍ତି। ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ଏହି ସେବା ଉପଲବ୍ଧ ହେବ ବୋଲି ସେ କହିଛନ୍ତି। ଦିବ୍ୟାଙ୍ଗମାନେ ମଧ୍ୟ ସ୍ୱାବଲମ୍ବୀ ହେବା ପାଇଁ ଏହି ସେବା ନେଇପାରିବେ। ସର୍ବଭାରତୀୟ ସ୍ତରରେ କମ୍ପାନୀ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ୪୮ଟି କମ୍ପାନୀକୁ ଏହି ସେବା ପ୍ରଦାନ କରାଯାଉଛି। ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଇ-ଯାନ ମାଧ୍ୟମରେ ଏହି ସେବା ପ୍ରଦାନ କରାଯାଉଥିବା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରଭେଜ କୁମାର ମେଦିନୀରାୟ କହିଛନ୍ତି। ତେବେ ୨୦୨୫ ସୁଦ୍ଧା ୧ ହଜାର ଯାନ ବିତରଣ କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଥିବା କମ୍ପାନୀର ନିର୍ଦ୍ଦେଶକ ଦୀପକ ଆରୁଖ ଓ ପ୍ରବୀଣ କୁମାର ମେଦିନୀରାୟ କହିଛନ୍ତି। ଆଗାମୀ ଦିନରେ ଗଞ୍ଜାମ, କଟକ ଏବଂ ଅନ୍ୟାନ୍ୟ ସହରରେ ଏହିସେବା ଲଞ୍ଚ୍ କରାଯିବ ବୋଲି ଜୋନାଲ ହେଡ୍ ବିମଲ କୁମାର କହିଛନ୍ତି।


# Classified Everyday
0674-2580101, 2549949



REAL ESTATE

SALE

Ready to possess 2/3 BHK flats near Badagada Canal Road Mouza:- Meherpalli for sale. Bank finance available. Contact- 9861467987/ 9861336178. D-2567

Bhubaneswar Sundarpada roadରେ ଦଧିବାମନପୁର ମୌଜା yellowzone ଘରବାରି 30' ରୋଡ୍ ଥାଇ plot sqft.-1200/- ବିକ୍ରିହେବ। Biswajit- 7008184348. D-71067

ଭୁବନେଶ୍ୱର ଭୁଆସୁଣୀ ମନ୍ଦିର ପାଖ ଗଙ୍ଗପଡ଼ା ମୌଜାରେ NH-16କୁ ଲାଗି 100ମି. ଦୂରରେ ଘରବାରି ପାଚେରି ସହିତ 1500/- କିଣି ଘର କରନ୍ତୁ। 9938066403, 9438315973. D-2568

3BHK Semifurnished flats at Jharpada 80' road side. Contact- 9437307086, 7978209277, 7008789347. D-2493

DAV Pokhariput 7K.M. କୁହା ମୌଜାରେ ଘରକୁ ଲାଗି 3000sqft. plot ବିକ୍ରିହେବ। 9938016295. D-75910

Readymade 2/3BHK premium flat at prime location of Jayadev Vihar Chhak. Contact- 9437307086, 7978209277, 7008789347. D-2494

Plot sale near AIIMS Hospital, Bhubaneswarand duplex sale @57,00,000/-. 9777433701. D-75915

ସ୍ଥିତିବାନ୍ ଗୃହୋପଯୋଗୀ ପ୍ଲଟ୍ NH-16ର ପିତାପଲ୍ଲୀରେ ୬୦ଫୁଟ୍, ୩୦ଫୁଟ୍ ରାସ୍ତା ଥାଇ ସଙ୍ଗେସଙ୍ଗେ ହସ୍ତାନ୍ତର ସହ ସୁଲଭ ମୂଲ୍ୟରେ ଉପଲବ୍ଧ। 8867080780. D-75908

Duplex project at Retang Medical, Station, Market, CV Raman, Tamando, Bhubaneswar. 9777553622. D-75296

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75904

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ଫୁଟ ରାସ୍ତାକୁ ଲାଗି 400-800sqft.ରେ ଜାଗା ବିକ୍ରି ହେଉଛି। 8249693292. D-75200

Flat for sale 2BHK, 3 BHK near Grand Bazar, Phulnakhara, close to NH-16. 7846819129. D-75914



CONSTRUCTION

Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195. D-75913




Ground floor of Carpet Area 2000sqft. for Office or Bank in Cuttack Road in front of ESPLANADE MALL, Bomikhal (Rasulgarh). Please Contact- 9937044577. D-2547



## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।






Relax, Refresh your body, mind by expert therapist. Contact: 9938843929. D-76103

Refreshments Body massage Therapy with Experience Therapists, Ashirvad Panchakarma Spa, Keshari Mall, Bhubaneswar: 8926173473. D-67128

Newly open SPA positively health benefits with relax and refresh with good therapist. 8328803811. D-76101

Newly open SPA positively health benefits with expert therapist. 9040286886. D-75199

Kerala body Massage best Therapist @699/- Bhubaneswar. 9337672475. Ganeshspa.in. D-2555


## AFFIDAVIT

I Golap Mishra, W/o Late Birabadal Mishra of Charchika, Banki, Cuttack, at present village- Kotadwar samil Sunadeipur, Banki, Cuttack, by this affidavit no. 779/7.8.2023 states that my name has been wrongly mentioned as Manjubala Mishra in my deceased husband's service record. Myself Golap Mishra and Manjubala Mishra, W/o Birabadal Mishra is one and same person. Hence this affidavit for all purpose. D-2569



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପରିଚୟ ଖୋଜୁଛି ଐତିହାସିକ ମହୁରିଗଡ଼

ବ୍ରହ୍ମପୁର,୧୮।୨(ଅଶୋକ କୁମାର ସାହୁ)

ଗଞ୍ଜାମ ଜିଲା ମହୁରି ରାଜବଂଶର ଅନେକ ଐତିହ୍ୟ ସୁରକ୍ଷା ଅଭାବରୁ ଏବେ ଧ୍ୱଂସପ୍ରାୟ। ସେହି ଧ୍ୱଂସାବଶେଷ ଉପରେ ଠିଆ ହୋଇଥିବା ବ୍ରିଟିଶ ଯୁଦ୍ଧର ମୂକସାକ୍ଷୀ ମହୁରିଗଡ଼ ଭଳି ମଧ୍ୟଯୁଗୀୟ ଐତିହ୍ୟ ଆଉ କିଛିଦିନ ପରେ ମାଟିରେ ମିଶିଯିବ। ରାଜତନ୍ତ୍ରର ସାକ୍ଷୀ ହୋଇ ରହିଥିବା ଏହି ଜୀର୍ଣ୍ଣ ଗଡ ପ୍ରତି ଜିଲା ପ୍ରଶାସନର ଦୃଷ୍ଟି ନ ପଡ଼ିବା କ୍ଷୋଭର ବିଷୟ ବୋଲି ଐତିହାସିକମାନେ କହିଛନ୍ତି।

ବ୍ରହ୍ମପୁର ଉପକଣ୍ଠ ତଥା କୁକୁଡାଖଣ୍ଡି ବ୍ଲକରେ ରହିଛି ମହୁରିଗଡ଼। ଏହା ବ୍ରହ୍ମପୁରଠାରୁ ୧୫ କିମି ଓ ୧୬ ନଂ. ଜାତୀୟ ରାଜପଥର କନିଷିଠାରୁ ମାତ୍ର ୮ କିମି ଦୂର। ଇତିହାସ କହେ ପୁରୀ ରାଜା ପୁରୁଷୋତ୍ତମଦେବ କାଞ୍ଚି ବିଜୟରୁ ସୈନ୍ୟଙ୍କୁ ନେଇ ଫେରିବା ବେଳେ ବାଟରେ ସମସ୍ତ ସର୍ଦ୍ଦାରଙ୍କୁ ଗୋଟିଏ ଗୋଟିଏ ଅଞ୍ଚଳ ଦାନ କରି ସେଠାରେ ସେମାନଙ୍କୁ ରାଜା ହେବାକୁ ନିର୍ଦ୍ଦେଶ ଦେଲେ। ସୋମରାଜ ଓ ଭୀମରାଜ ନାମକ ଦୁଇ ସର୍ଦ୍ଦାରଙ୍କୁ ସେ ସମୟରେ ଏହି ରାଜ୍ୟ ମିଳିଥିଲା। ଯୁଦ୍ଧ ବେଳେ ଉକ୍ତ ୨ ସର୍ଦ୍ଦାର ମହୁରି ବାଦନ କରିଥିବାରୁ ଉକ୍ତ ରାଜ୍ୟର ନାମ ମହୁରି ରଖାଯାଇଥିଲା। ଏହା ୧୪୫୦ ମସିହାର କଥା। ସୋମରାଜ ଏହି ଗଡ଼ଜାତ ରାଜ୍ୟର ରାଜା ହେଲେ ଓ ଭୀମରାଜ ଥାଟ ରାଜା ହେଲେ। ସୋମରାଜଙ୍କ ପୁଅ ପୁରୁଷୋତ୍ତମ ସିଂହ, ପୁରୁଷୋତ୍ତମଙ୍କ ପୁଅ ଧ୍ରୁବ ସିଂହ, ଧ୍ରୁବ ସିଂହଙ୍କ ବଂଶଧର ହେଉଛନ୍ତି ମହୁରି ରାଜ ପରିବାର। ମହୁରି ରାଜ୍ୟର ପରିଧି ୫୨୧ ବର୍ଗ ମାଇଲ। ଗ୍ରାମ ସଂଖ୍ୟା ୪୧୧। ଏହି ଗଡରେ ୭ ଦୁର୍ଗ ଥିଲା। ସେଗୁଡିକ ହେଲା ମହୁଡାଗଡ, ସାତପହଣ୍ଡିଆ, ପାଣ୍ଡିଆଖୋଲି, ନୂଆଗାଁ, ନଳିହାଡ, ଡେଙ୍ଗାପଦର, ନାରାୟଣପୁର। ମହୁରିଗଡ (ମହୁଡା) ଥିଲା ଉକ୍ତ ରାଜ୍ୟର ରାଜଧାନୀ। ରାଜାଙ୍କ ଉଆସ, ଜଗନ୍ନାଥ ମନ୍ଦିର ଏବଂ ବହୁ ଐତିହାସିକ କୀର୍ତ୍ତି ଏଠାରେ ରହିଛି । ୬ ପୁରୁଷ ଧରି ଏହି ମହୁରି ରାଜବଂଶର ଶାସନାଧୀନ ଥିଲା ଏହି ଗଡ଼। ୧୭୫୫ରେ ଫରାସୀମାନେ ଏହି ଗଡ଼କୁ ଅକ୍ତିଆର କରିବାକୁ ଆସିଲେ। ସେମାନଙ୍କ ସହିତ ମହୁରି ରାଜାଙ୍କ ଯୁଦ୍ଧ ହୋଇଥିଲା। ପରେ ୧୭୬୫ ବେଳକୁ ଇଷ୍ଟ ଇଣ୍ଡିଆ କମ୍ପାନୀର ସୈନ୍ୟମାନେ ଆସି ମହୁରି ରାଜ୍ୟକୁ ଅକ୍ତିଆର କରିବାକୁ ଚେଷ୍ଟା କରିବାରୁ ତାଙ୍କ ସହ ବି ଯୁଦ୍ଧ ହେଲା। ଅନେକ ମନ୍ଦିର, ମଠ ସେମାନେ ଭାଙ୍ଗି ଦେଇଥିଲେ। ଏଭଳି ଯୁଦ୍ଧ ପରେ ଯୁଦ୍ଧ ମହୁରି ରାଜାଙ୍କୁ ଅସ୍ତବ୍ୟସ୍ତ କରିଦେଇଥିଲା। ସେତିକିବେଳେ ମହୁରି ରାଜ ପରିବାର ଭିତରେ ବିବାଦ ଲାଗିଲା। ୧୭୮୨ ଡିସେମ୍ବର ୧୦ରେ ମହୁରିର ତତ୍କାଳୀନ ରାଜା ହରିହର ନରେନ୍ଦ୍ର ଦେବଙ୍କୁ ତାଙ୍କ ଭାଇମାନେ ହତ୍ୟା କରିଥିବା ଇତିହାସରୁ ଜଣାପଡ଼େ। ପାରିବାରିକ ବିବାଦ ଓ ଶତ୍ରୁତାରୁ ରାଜ ପରିବାର ଦୁର୍ବଳ ହୋଇପଡ଼ିଲେ। ମହୁରିରେ ପ୍ରଜାଙ୍କଠାରୁ ଆଉ ରାଜସ୍ୱ ଆଦାୟ ହୋଇପାରିଲାନି। ଫଳରେ ୬୦ ହଜାର ଟଙ୍କା ଖଜଣା ବାକି ପଡ଼ିବାରୁ ୧୮୩୨-୩୩ ବେଳକୁ ବ୍ରିଟିଶ ସରକାର ଏହି ରାଜ୍ୟକୁ ନିଲାମ କରିଦେଲେ। ୧୮୩୭-୪୦ମସିହା ଭିତରେ ମହୁରି ରାଜ୍ୟରେ ମରୁଡି ପଡ଼ିଲା। ମହୁରି ରାଜ ପରିବାର ମହୁଡା ଛାଡ଼ି ବ୍ରହ୍ମପୁର ଚାଲିଆସିଲେ। ଫଳରେ ବ୍ରିଟିଶ ଯୁଦ୍ଧର ମୂକସାକ୍ଷୀ ଐତିହାସିକ ମହୁରିଗଡ଼ ପରିତ୍ୟକ୍ତ ହୋଇପଡ଼ିଲା। ସରକାର ମହୁରି ରାଜ୍ୟକୁ ନିଜ ହାତକୁ ନେଇଗଲେ। ମହୁରି ରାଜାଙ୍କୁ କିଛି ପାରିତୋଷିକ ଦେଇ ବ୍ରହ୍ମପୁରରେ ରଖିଲେ। ଏହା ହିଁ ଥିଲା ମହୁରିଗଡ ଧ୍ୱଂସର କାରଣ ବୋଲି ଗବେଷକ ତଥା ଐତିହାସିକ ଡକ୍ଟର ଅନନ୍ତରାମ କର କୌଣ୍ଡିନ୍ୟ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଉକ୍ତ ଗଡ଼ ଲଟାବୁଦାରେ ପରିପୂର୍ଣ୍ଣ ହୋଇପଡ଼ିଛି। ଅନେକ କୀର୍ତ୍ତି ଜରାଜୀର୍ଣ୍ଣ ହୋଇପଡ଼ିଛି। ସୁରକ୍ଷା ଅଭାବରୁ ବ୍ରିଟିଶ ଯୁଦ୍ଧର ମୂକସାକ୍ଷୀ ମହୁରିଗଡ଼ ଆଜି ନିଜ ପରିଚୟ ଖୋଜିବାରେ ଲାଗିଛି। ଏଠାକୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଲୋକେ ପିକ୍‌ନିକ୍ କରିବାକୁ ଆସୁଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଅନେକ ପର୍ଯ୍ୟଟକ ଓ ଗବେଷକ ବି ଏଠାକୁ ଆସୁଛନ୍ତି।

ସରକାରଙ୍କ ଘୋଷଣା ଅନୁସାରେ ଗଞ୍ଜାମରେ ୨୧ ପର୍ଯ୍ୟଟନସ୍ଥଳ ଥିବା ବେଳେ ବ୍ରହ୍ମପୁର ସହର ଉପକଣ୍ଠରେ ଥିବା ଏହି ଐତିହ୍ୟସମ୍ପନ୍ନ ମହୁରିଗଡ଼କୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ମିଳିନାହିଁ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଐତିହ୍ୟଗଡ଼ ସମ୍ପର୍କରେ ଗବେଷଣା ହେଉନାହିଁ। ଏ ସମ୍ପର୍କରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ତାହାକୁ ଅନୁଧ୍ୟାନ କରାଯିବ। ଯଦି କୌଣସି ଗବେଷଣାତ୍ମକ ବସ୍ତୁ କିମ୍ବା ଶିଳାଲେଖ ବାହାରିବ ତେବେ ସେଥିନେଇ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ପଚାରିବାରୁ ଉକ୍ତ ପୁରାତନ ଐତିହ୍ୟର ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ବ୍ରିଟିଶ୍ ଯୁଦ୍ଧର ମୂକସାକ୍ଷୀର ସୁରକ୍ଷା ନାହିଁ


ଜରାଜୀର୍ଣ୍ଣ ହୋଇପଡିଥିବା ଜଗନ୍ନାଥ ମନ୍ଦିର।

# ଫାଇନାଲରେ କୋରାପୁଟ ଝିଅ ଆରାଧ୍ୟା

## ରିୟଲ୍‌ଟି ଶୋ 'ଟିକେ ଡ୍ୟାନ୍ସ ଟିକେ ଆକ୍ଟିଂ'

କୋରାପୁଟ,୧୮।୨
(ଅମିତାଭ ବେହେରା)




ରିୟଲ୍‌ଟି ଶୋ ଟିକେ ଡ୍ୟାନ୍ସ ଟିକେ ଆକ୍ଟିଂର ଫାଇନାଲରେ କୋରାପୁଟ ଝିଅ ଆରାଧ୍ୟା ନାୟକ ପହଞ୍ଚିଛନ୍ତି। ମାତ୍ର ୮ ବର୍ଷ ବୟସର ଆରାଧ୍ୟାଙ୍କ ଉଚ୍ଚକୋଟୀର ଅଭିନୟ ତାଙ୍କୁ ଏହି ସଫଳତା ଦେଇଛି। ଜିଲା ପାଇଁ ସେ ଗୌରବ ଆଣିଛନ୍ତି। ରବିବାର କୋରାପୁଟ ପ୍ରେସ କ୍ଲବଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ତାଙ୍କ ବାପା ମେଡିକାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଗୋପାଳ କୃଷ୍ଣ ନାୟକ ଏହି ସୂଚନା ଦେଇଛନ୍ତି। କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ପଢୁଥିବା ଆରାଧ୍ୟା ଉଭୟ ଡ୍ୟାନ୍ସ ଓ ଆକ୍ଟିଂରେ ନିଖୁଣ ନୃତ୍ୟ ଓ ଅଭିନୟ କରି ଦର୍ଶକଙ୍କ ମନ ଜିଣୁଛନ୍ତି। ତାଙ୍କ ଘର କୋରାପୁଟ ଜିଲା କାକିରିଗୁମ୍ମା ହୋଇଥିବାବେଳେ ତାଙ୍କ ବାପା ଚାକିରି କରିଥିବାରୁ ସପରିବାର କୋରାପୁଟରେ ରହୁଛନ୍ତି। ଛୋଟ ବେଳୁ ତାଙ୍କର ଅଭିନୟ ଓ ନୃତ୍ୟ ପ୍ରତି ଦୁର୍ବଳତା ରହିଛି। ନିଜ ପ୍ରତିଭା ପ୍ରଦର୍ଶନ କରି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଅନୁଷ୍ଠାନରୁ ପୁରସ୍କୃତ ହୋଇଛନ୍ତି ଆରାଧ୍ୟା। ଏକ ଘରୋଇ ଟିଭି ଚ୍ୟାନେଲର ରିୟଲ୍‌ଟି ଶୋ ଟିକେ ଡ୍ୟାନ୍ସ ଟିକେ ଆକ୍ଟିଂର ଅଡିଶନ ଓ ପରେ କଟକଠାରେ ହୋଇଥିବା ଅଡିଶନରେ ସେ ସଫଳତା ପାଇବା ପରେ ରାଜ୍ୟସ୍ତରୀୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏବେ ସେ ଏହି ଶୋ'ର ଫାଇନାଲରେ ପହଞ୍ଚିଛନ୍ତି। ଫାଇନାଲରେ ୯ ଜଣ ପ୍ରତିଯୋଗୀ ଅଛନ୍ତି।

# ବରାହନାଥ ପ୍ରକଳ୍ପରେ ଅନିୟମିତତା

- ଏକ ଫୁଟ ମାଟି ଖୋଳି ସୁରକ୍ଷା ପାଚେରି ନିର୍ମାଣ
- ନିମ୍ନମାନର ବାଲି, ମାଟି, ମୋରମ ବ୍ୟବହାର

ଯାଜପୁର,୧୮।୨(ହର୍ଷବର୍ଦ୍ଧନ ବେହେରା)



ଅବହେଳିତ ହୋଇପଡ଼ି ରହିଥିବା ଯାଜପୁରର ପ୍ରାଚୀନ ବରାହନାଥ ମନ୍ଦିରର ନବେକଳେବର କାର୍ଯ୍ୟ ଚାଲିଛି। ମନ୍ଦିର ସଂଲଗ୍ନ ଦ୍ୱୀପାଞ୍ଚଳରେ ନିର୍ମାଣାଧୀନ ୧୮୩ ଫୁଟ ଉଚ୍ଚତା ବିଶିଷ୍ଟ ଧ୍ୟାନମଗ୍ନ ଶିବ ମୂର୍ତ୍ତି ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ଏହାବାଦ୍ ମ୍ୟୁଜିୟମ, ଟୁରିଷ୍ଟ ସ୍ୱଟ୍, ଟୁରିଷ୍ଟ ଅଫିସ, ଶିବ ଗ୍ୟାଲେରି, କଲ୍‌ଚରାଲ ସେଣ୍ଟର ଇତ୍ୟାଦି କାର୍ଯ୍ୟ ପାଇଁ ୨୦୧୯-୨୦ରୁ ଆଜି ପର୍ଯ୍ୟନ୍ତ ୩୫.୫୬ କୋଟି ଟଙ୍କା ମଞ୍ଜୁର ହୋଇଛି। ଯାଜପୁର ଜିଲା ଆର୍‌ଆଣ୍ଡ୍‌ବି(ପୂର୍ତ୍ତ ବିଭାଗ) ଡିଭିଜନର ତଦାରଖରେ ଏହିସବୁ କାର୍ଯ୍ୟ ଚାଲିଛି। ହେଲେ ସମ୍ପୃକ୍ତ ଯନ୍ତ୍ରୀ ପ୍ରାୟତଃ କ୍ଷେତ୍ର ପରିଦର୍ଶନରେ ଯାଉ ନ ଥିବାରୁ ଠିକାସଂସ୍ଥା ଏବଂ କେତେଜଣ ପେଟି କଣ୍ଟ୍ରାକ୍ଟର ନିମ୍ନମାନର ବାଲି, ଗେଟି, ମୋରମ ଆଦି ବ୍ୟବହାର ସହ ସୁରକ୍ଷା ପାଚେରି ନିର୍ମାଣରେ ବ୍ୟାପକ ଦୁର୍ନୀତି କରୁଥିବା ଅଭିଯୋଗ ହେଉଛି। ଏଭଳି କାର୍ଯ୍ୟ ଜାରି ରହିଲେ ୨୦୧୫ ଡିସେମ୍ବରରେ ନିର୍ମାଣାଧୀନ କୁସୁମା ପୋଖରୀର ସୁରକ୍ଷା ପାଚେରୀ ଭୁଶୁଡ଼ିବା ଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଯାଜପୁର ଉପକଣ୍ଠ ବୈତରଣୀ କୂଳରେ ବରାହନାଥ ମନ୍ଦିର ରହିଛି। ମନ୍ଦିରକୁ ଲାଗି ବିସ୍ତୀର୍ଣ୍ଣ ଦ୍ୱୀପାଞ୍ଚଳରେ ବହୁ ଯାନିଯାତ୍ରା ହୋଇଆସୁଛି। ଏହାସହ ବରାହନାଥ ପୀଠ ସଂଲଗ୍ନ ବୈତରଣୀ ତୀର୍ଥକୂଳରେ ସ୍ୱର୍ଗଦ୍ୱାର ଓ ମହାଶ୍ମଶାନ ରହିଛି। ତେଣୁ ଏହାର ସୌନ୍ଦର୍ଯ୍ୟକରଣ ପାଇଁ ହେଲା ଦାବି ହୋଇ ଆସୁଥିଲା। ଏହି କ୍ରମରେ ସାଂସ୍କୃତିକ କେନ୍ଦ୍ର ଶିବଙ୍କ ମୂର୍ତ୍ତି ନିର୍ମାଣ ପାଇଁ ୨ କୋଟି, ମେଗା ଡେଷ୍ଟିନେଶନ ଟୁରିଷ୍ଟ ସ୍ୱଷ୍ଟ ପାଇଁ ୨ କୋଟି, ମ୍ୟୁଜିୟମ ଓ ଟୁରିଷ୍ଟ ଅଫିସ ପାଇଁ ୨୫ ଲକ୍ଷ, ବରାହପୀଠରେ ଐତିହାସିକ ଉଦ୍ୟାନ ଲାଗି ୧ କୋଟି, ମ୍ୟୁଜିୟମ ଓ ଟୁରିଷ୍ଟ ଅଫିସ୍‌ର ଭିତର ପାର୍ଶ୍ୱ ସମସ୍ତ କାର୍ଯ୍ୟ ପାଇଁ ୭୨ ଲକ୍ଷ, ଶିବ ଗ୍ୟାଲେରି ନିର୍ମାଣ ପାଇଁ ୧ କୋଟି ୨୮ ଲକ୍ଷ ଟଙ୍କା, ଟୁରିଷ୍ଟ ଇଣ୍ଟରପ୍ରିଟେସନ ସେଣ୍ଟର, ମ୍ୟୁଜିୟମ ଓ ଅଫିସ ନିର୍ମାଣ ପାଇଁ ପୁଣି ୬ କୋଟି, ଶିବ ମୂର୍ତ୍ତି ସାଂସ୍କୃତିକ କେନ୍ଦ୍ର ପାଇଁ ପୁଣି ୫ କୋଟି, ମା ବିରଜା ଓ ବରାହ କ୍ଷେତ୍ରରେ ମେଗା ଡେଷ୍ଟିନେଶନ ଟୁରିଷ୍ଟ ସ୍ୱଷ୍ଟ ପାଇଁ ୫.୮୧ କୋଟି, ବରାହପୀଠରେ ଭିତର ପାର୍ଶ୍ୱ କାର୍ଯ୍ୟ ଓ ମ୍ୟୁଜିୟମ ପାଇଁ ପୁଣି ୨ କୋଟି, ଶିବ ଗ୍ୟାଲେରି ପାଇଁ ପୁଣି ୬ କୋଟି ଏବଂ ବରାହପୀଠରେ ସମ୍ପୂର୍ଣ୍ଣ କାର୍ଯ୍ୟ ପାଇଁ ୩.୫୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହିସବୁ କାର୍ଯ୍ୟ ପୂର୍ତ୍ତ ବିଭାଗ ଅଧୀନରେ ଚାଲିଥିବାବେଳେ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ସେହିପରି ରିଂରୋଡ୍‌କୁ ଲାଗି ନିର୍ମାଣ ହେଉଥିବା ସୁରକ୍ଷା ପାଚେରି ପାଇଁ ମାତ୍ର ୧ ଫୁଟ ଗାତ ଖୋଳାଯାଇ ପିଲର ସହଯୋଗରେ ଇଟା ଯୋଡେଇ ଚାଲିଛି। ଅନ୍ୟୂନ ୫ ଫୁଟ ଗାତ ଖନନ କରି ସେଥିରେ କଂକ୍ରିଟ ଓ ଆବଶ୍ୟକ ମୋଟେଇ ଲୁହା ରଡ୍ ଦ୍ୱାରା ପାଚେରି ନିର୍ମାଣ ବ୍ୟବସ୍ଥା ଥିବାବେଳେ ତାହାର ବ୍ୟତିକ୍ରମ ହେଉଛି। ଏହାବାଦ୍ ଦ୍ୱୀପାଞ୍ଚଳ ନିର୍ମାଣସ୍ଥଳକୁ କେବଳ ବାଲିରେ ପୋତିବା ବ୍ୟବସ୍ଥା ଥିବାବେଳେ ନିମ୍ନମାନର ମାଟି ଓ ମୋରମ ବ୍ୟବହାର କରାଯାଉଛି। ଏନେଇ ଅଞ୍ଚଳବାସୀ ଅଭିଯୋଗ କଲେ କିଛି ସୁଫଳ ମିଳିପାରୁନାହିଁ। ଏ ସଂକ୍ରାନ୍ତରେ ଯାଜପୁର ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଭଗବାନ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ସେଭଳି କିଛି ଅଭିଯୋଗ ତାଙ୍କ ପାଖରେ ନାହିଁ। ତଥାପି ସୋମବାର ସେ କ୍ଷେତ୍ର ପରିଦର୍ଶନରେ ଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

# ବସ୍-ସ୍କୁଟି ମୁହାଁମୁହିଁ ଧକ୍କା, ୨ ମୃତ

ଆସିକା,୧୮।୨(ସୁରେନ୍ଦ୍ରନାଥ ସାହୁ)

ଗଞ୍ଜାମ ଜିଲା ଆସିକା-କବିସୂର୍ଯ୍ୟନଗର ମୁଖ୍ୟରାସ୍ତାର କଲେଜ ଛକ ସଂଲଗ୍ନ ଡି-ପଲ୍ ସ୍କୁଲ ନିକଟରେ ରବିବାର ଭୋର ପ୍ରାୟ ୫ଟାରେ ଏକ ଦୁର୍ଘଟଣା ଘଟିଛି। ଆସିକାରୁ ଭୁବନେଶ୍ୱର ଯାଉଥିବା 'ଦୀପକ' ନାମକ ବସ୍ ସହ ସ୍କୁଟି ମୁହାଁମୁହିଁ ଧକ୍କା ହେବାରୁ ୨ ଜୀବନ ଯାଇଛି। ମୃତକମାନେ ହେଲେ ବ୍ରହ୍ମପୁର ଗୋଷାଣି ନୂଆଗାଁ ଥାନା ଅଞ୍ଚଳର କୁନାଲ ସାହୁ (୨୨) ଓ କେ. ରାଜେଶ ପାତ୍ର (୨୫)। ଉଭୟେ କବିସୂର୍ଯ୍ୟନଗରଠାରେ ଏକ ଭୋଜିରେ ବେଲୁନ୍ ସାଜସଜ୍ଜା କରି ସ୍କୁଟିରେ ବ୍ରହ୍ମପୁର ଫେରୁଥିବା ବେଳେ ବସ ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। କୋଦିନେଡା ଥାନା ପୋଲିସ ପହଞ୍ଚି ୨ ମୃତଦେହକୁ ଜବତ କରି ଆସିକା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଥିଲା। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରାଯିବା ସହ ବସ୍ ଚାଳକଙ୍କୁ ପୋଲିସ ଅଟକ ରଖିଛି। ଏ ନେଇ କୋଦିନେଡା ଥାନାରେ ନଂ.୪୬/୨୪ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

# ଆଶ୍ରମ ସ୍କୁଲର ୨୨ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ

## ୧୦ ଗୁରୁତର ମେଡିକାଲରେ ଭର୍ତ୍ତି

କୁଚିଣ୍ଡା,୧୮।୨(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା ବାମରା ବ୍ଲକ କେଶାଇବାହାଲ ପଞ୍ଚାୟତ ସାଲୋହୀ ଆଶ୍ରମ ସ୍କୁଲରେ ଅନ୍ତେବାସୀ ଥିବା ୨୨ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ଗୁରୁତର ଛାତ୍ରୀଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଅଷ୍ଟମ ଶ୍ରେଣୀର ପୂଜା ସୁନାନୀ, ସପ୍ତମ ଶ୍ରେଣୀର ରୀନା ଖଡିଆ, ରିଙ୍କି କିଷାନ ଓ ଆରତି କେର୍କେଟା, ଷଷ୍ଠ ଶ୍ରେଣୀର ସୀମା କିଷାନ, ଅମ୍ରିତା ଖଡିଆ ଓ କ୍ଷୀରୋଦିନୀ କିଷାନ, ୪ର୍ଥ ଶ୍ରେଣୀର ଜ୍ୟୋତି ସାମାଦ, ଦ୍ୱିତୀୟ ଶ୍ରେଣୀର ଆଲିଶା କାଣ୍ଡୁଲାନା ଓ ପ୍ରଥମ ଶ୍ରେଣୀର ରାଧା ବାହାଲା।

ମିଳିଥିବା ସୂଚନା ଅନୁଯାୟୀ, ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସାଲୋହୀ ଆଶ୍ରମ ସ୍କୁଲରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୫୩ଜଣ ଛାତ୍ରୀଛାତ୍ର ଅନ୍ତେବାସୀ ଭାବେ ଅଧ୍ୟୟନ କରୁଛନ୍ତି। ଗତ ଶୁକ୍ରବାର କୌଣସି କାରଣରୁ ଛାତ୍ରିନିବାସର ୨୨ଛାତ୍ରୀଙ୍କୁ ତରଳ ଝାଡ଼ା ସହ ବାନ୍ତି ହୋଇଥିଲା। ମାଟ୍ରନ ସୁଜାତା କିଷାନଙ୍କ ସୂଚନା କ୍ରମେ ଆଶ୍ରମ ସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ତଥା ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ପ୍ରଧାନ ଶନିବାର ଅପରାହ୍ନରେ ଆକ୍ରାନ୍ତ ଛାତ୍ରୀଙ୍କୁ କେଶାଇବାହାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅନ୍ୟ ଛାତ୍ରୀମାନେ ସୁସ୍ଥ ହୋଇଥିବା ବେଳେ ୧୦ ଛାତ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ କୁଚିଣ୍ଡା ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଛି। ବାଳକ ହଷ୍ଟେଲ ଛାତ୍ରମାନେ ଠିକ୍ ଥିବାବେଳେ ବାଳିକା ହଷ୍ଟେଲ ଛାତ୍ରୀଙ୍କୁ କେଉଁ କାରଣରୁ ଝାଡାବାନ୍ତି ହେଲା ବିଭାଗୀୟ ଅଧିକାରୀ ତଦନ୍ତ ଚଳାଇଛନ୍ତି। ହଷ୍ଟେଲ ପାଣି ପିଇ ଛାତ୍ରୀମାନେ ଝାଡାବାନ୍ତିର ଶିକାର ହୋଇଥିବା ଏସ୍‌ଡିଏମ୍‌ଓ ଡା. ସୁବୋଧ କୁମାର ନାୟକ କହିଛନ୍ତି। ଏବେ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଅଛି ଓ ଖୁବ୍‌ଶୀଘ୍ର ସେମାନଙ୍କୁ ମେଡିକାଲରୁ ଡିସ୍‌ଚାର୍ଜ କରାଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ପ୍ରଧାନ କହନ୍ତି, ବର୍ତ୍ତମାନ ଛାତ୍ରୀମାନେ ଭଲ ଅଛନ୍ତି। ଅଭିଭାବକମାନେ ମଧ୍ୟ ପାଖରେ ଅଛନ୍ତି। ଝାଡାବାନ୍ତି ସମ୍ପର୍କରେ ତଦନ୍ତ ଚାଲିଛି। ପାଣି ପାଇଁ ଏଭଳି ହୋଇଥିବା ଅନୁମାନ କରାଯାଉଥିବା ସେ କହିଛନ୍ତି।

# ଡିଏଚ୍‌ଏଚ୍‌ରେ ସୁଇପର କଲେ ଚିକିତ୍ସା

ସମ୍ବଲପୁର,୧୮।୨
(ଭବାନୀ ଶଙ୍କର ଭୋଇ)



ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ସୁଇପର ରୋଗୀଚିକିତ୍ସା କରୁଥିବା ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ଶନିବାର ଯୁଯୁମୁରା ହାତୀବାରିରେ ସଡ଼କ ଦୁର୍ଘଟଣାରେ ପ୍ରାୟ ୭ଜଣ ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଏମାନଙ୍କ ମଧ୍ୟରୁ ୪ଜଣ ଗୁରୁତରଙ୍କୁ କାଜୁଆଲଟିରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତରଙ୍କ ବଦଳରେ ସୁଇପରମାନେ ରୋଗୀଙ୍କୁ ଚିକିତ୍ସା କରୁଥିବା ଦେଖିବାକୁ ମିଳିଥିଲା। ଫାର୍ମାସିଷ୍ଟଙ୍କ ବଦଳରେ ହସ୍ପିଟାଲରେ ସଫେଇ କାମ କରୁଥିବା ୨ ବ୍ୟକ୍ତି ହାତରେ କଇଁଚି ଏବଂ ତୁଳା ଧରି ଡ୍ରେସିଂ, ପଟିବାନ୍ଧିବା କାମ କରିଥିଲେ। ଏ ସମ୍ପର୍କରେ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀ ଅଲେଖ ମହାପାତ୍ର କହିଛନ୍ତି, ଫାର୍ମାସିଷ୍ଟ ନ ଥିବାରୁ ଅନ୍ୟ ଜଣେ ପଟି ବାନ୍ଧିବାରେ ସହଯୋଗ କରିଥିଲେ। ରୋଗ ଦେଖି ଔଷଧ ଦେବା ଭଳି କୌଣସି ଗୁରୁତର କାମ କରିନାହାନ୍ତି। ଦୀର୍ଘଦିନ ଧରି ସେମାନେ ଡାକ୍ତରଖାନାରେ କାମ କରୁଥିବାରୁ ଆବଶ୍ୟକ ସମୟରେ ସହଯୋଗ କରିଛନ୍ତି। ତେଣୁ ଏହାକୁ ମାନବିକତା ଭାବେ ଗ୍ରହଣ କରିବା ଉଚିତ ବୋଲି ମହାପାତ୍ର କହିଛନ୍ତି।

ଫୁର୍‌ସତ୍

# ଷ୍ଟଣ୍ଟ୍ କରିବାରୁ ପୋଲିସ ଦ୍ୱାରା ପୁରସ୍କୃତ

ପୁନେ



ପୁନେଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଥିବା ପିମ୍ପ୍ରି-ଚିଞ୍ଚୱାଡ଼ର ଏକ ରାସ୍ତାରେ ଜଣେ ଯୁବକ ଚଳନ୍ତା କାର ଉପରେ ବସି ଷ୍ଟଣ୍ଟ ପ୍ରଦର୍ଶନ କରୁଥିବା ନେଇ ଏକ ଭିଡିଓ ସାମାଜିକ ଗଣମାଧ୍ୟମ ଏକ୍ସରେ ଭାଇରାଲ ହେବାରେ ଲାଗିଛି। ପୁନେ ପୋଲିସ ପକ୍ଷରୁ ଏହି ଭିଡିଓଟିକୁ ଶେୟାର କରାଯାଇଛି। ଏଭଳି ଷ୍ଟଣ୍ଟ ନ କରିବାକୁ ଯୁବପିଢ଼ିଙ୍କୁ ପରାମର୍ଶ ଦେବା ସହ ଏହାର ପରିଣାମ ଭୟଙ୍କର ହୋଇଥିବା ଚେତାଇଛି ପୋଲିସ। ପିମ୍ପ୍ରି-ଚିଞ୍ଚୱାଡର ଏକ ଜନଗହଳି ପୂର୍ଣ୍ଣ ରାସ୍ତାରେ ଚଳନ୍ତା କାରରେ ଷ୍ଟଣ୍ଟବାଜି କରିବାରୁ ସମ୍ପୃକ୍ତ ଯୁବକଙ୍କୁ ପୁରସ୍କାର ଦିଆଯାଇଥିବା ଏହି ପୋଷ୍ଟରେ ସୂଚାଇଛି ପୋଲିସ। ଆଇପିସିର ଧାରା ୨୭୯ ଏବଂ ୩୩୬ ଏବଂ ମୋଟର ଯାନ ଅଧିନିୟମର ଧାରା ୧୮୪, ୧୧୯ ଏବଂ ୧୭୭ ଅନୁଯାୟୀ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି। ସେହିପରି ଯୁବକଙ୍କ ଦ୍ୱାରା ଷ୍ଟଣ୍ଟରେ ବ୍ୟବହୃତ କାରକୁ ମଧ୍ୟ ପୁନେ ପୋଲିସ ଜବତ କରିଛି। ସର୍ବସାଧାରଣ ସ୍ଥାନଗୁଡ଼ିକରେ ଏଭଳି ଷ୍ଟଣ୍ଟର ପରିମାଣ ଭୟଙ୍କର ହୋଇଥିବା କହି, ଏଭଳି କାର୍ଯ୍ୟରେ ଲିପ୍ତ ନ ରହିବାକୁ ଜନସାଧାରଣଙ୍କୁ ଚେତାଇଛି ପୋଲିସ। ଏଭଳି କାର୍ଯ୍ୟକଳାପକୁ ରୋକିବା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ପୁନେ ପୋଲିସ ପକ୍ଷରୁ ଏହି ପୋଷ୍ଟରେ ସୂଚନା ଦିଆଯାଇଛି। ସାମାଜିକ ଗଣମାଧ୍ୟମ ଏକ୍ସ'ରେ ପୁନେ ପୋଲିସର ଏହି ପୋଷ୍ଟ ବହୁଳ ଭାବେ ଭାଇରାଲ ହେଉଥିବା ସହ ଷ୍ଟଣ୍ଟ ବିରୋଧରେ ପୋଲିସର କାର୍ଯ୍ୟାନୁଷ୍ଠାନକୁ ଅନେକ ବେଶ୍ ପସନ୍ଦ କରିଛନ୍ତି। ଏଭଳି ଷ୍ଟଣ୍ଟକୁ କମେଣ୍ଟ ମାଧ୍ୟମରେ ବିପଜ୍ଜନକ କହିଛନ୍ତି ଅନେକ ଏକ୍ସ ୟୁଜର୍ସ।

# ମୃତ୍ୟୁମୁଖରୁ ବଞ୍ଚିଗଲି: ରଶ୍ମିକା

ମୁମ୍ବାଇ



ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କୁ ନେଇ ସବୁବେଳେ ଚର୍ଚ୍ଚା ଲାଗି ରହିଥାଏ। ତେବେ ରଶ୍ମିକାଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି। ରଶ୍ମିକା ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଏକ ପୋଷ୍ଟ ଶେୟାର କରିଛନ୍ତି, ଯେଉଁଥିରେ ସେ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିବା ଦର୍ଶାଇଛନ୍ତି। ଯେଉଁ ବିମାନରେ ଅଭିନେତ୍ରୀ ରଶ୍ମିକା ଯାତ୍ରା କରୁଥିଲେ କୌଣସି ଯାନ୍ତ୍ରିକ ତ୍ରୁଟିବଶତଃ ତାହା ଜରୁରୀ ଅବତରଣ କରିଥିଲା। ଏହାକୁ ନେଇ ସେ ତାଙ୍କ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଏକ ଫଟୋ ଶେୟାର କରିଥିଲେ, ଯେଉଁଥିରେ ବିମାନ ମଧ୍ୟରେ ସେ ତାଙ୍କ ସିଟ୍‌ରେ ବସିଥିବାବେଳେ ତାଙ୍କ ସହ ଅଭିନେତ୍ରୀ ଶ୍ରଦ୍ଧା ଦାସ ମଧ୍ୟ ରହିଥିଲେ। ଭଗବାନଙ୍କ ଦୟାରୁ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିବା ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରୀରେ ରଶ୍ମିକା ଲେଖିଛନ୍ତି। ସୂଚନା ମୁତାବକ, ରଶ୍ମିକା ବିମାନ ଯୋଗେ ମୁମ୍ବାଇରୁ ହାଇଦ୍ରାବାଦ ଯାଉଥିଲେ। କିନ୍ତୁ କିଛି ଯାନ୍ତ୍ରିକ ତ୍ରୁଟି ଯୋଗୁ ବିମାନଟି ୩୦ ମିନିଟ ପରେ ପୁଣି ମୁମ୍ବାଇକୁ ଫେରିଆସି ଜରୁରିକାଳୀନ ଅବତରଣ କରିଥିଲା। ତେବେ ଏହି ଅଘଟଣରେ ବିମାନରେ ଥିବା ପ୍ରତ୍ୟେକ ବ୍ୟକ୍ତି ସୁରକ୍ଷିତ ଭାବେ ମୁମ୍ବାଇ ଫେରିଆସିଥିବା ସେ ସୂଚନା ଦେଇଥିଲେ। ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ପରେ ଏବେ ବଲିଉଡ୍‌ରେ ନିଜ ଜଲ୍‌ୱା ଦେଖାଉଥିବା ରଶ୍ମିକା ଆଗାମୀ ଦିନରେ 'ପୁଷ୍ପା ୨' ଚଳଚ୍ଚିତ୍ରରେ ଅଭିନୟ କରିବେ। ଚଳିତ ବର୍ଷ ସ୍ୱାଧୀନତା ଦିବସ ଅବସରରେ ଏହି ଚଳଚ୍ଚିତ୍ର ରିଲିଜ୍ ହେବାର ସୂଚନା ରହିଛି।

# ଭାରତର ସର୍ବବୃହତ୍ ଟେଷ୍ଟ ବିଜୟ

## ଜୟସ୍ୱାଲଙ୍କ ଦ୍ୱିଶତକ, ଜାଡେଜାଙ୍କୁ ୫ ଉଇକେଟ

## ଭାରତ ୨-୧ରେ ଆଗୁଆ

ରାଜକୋଟ,୧୮।୨(ପି.ଟି.)

ରାଜକୋଟରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟକୁ ୪୩୪ ରନ୍‌ରେ ଜିତିବା ସହ ଟେଷ୍ଟ କ୍ରିକେଟରେ ରନ୍ ବ୍ୟବଧାନରେ ସର୍ବବୃହତ୍ ବିଜୟ ରେକର୍ଡ କରିଛି ଭାରତ। ଚତୁର୍ଥ ଦିନରେ ଯଶସ୍ୱୀ ଜୟସ୍ୱାଲଙ୍କ ଦ୍ୱିଶତକ ବଳରେ ଇଂଲଣ୍ଡ ସମ୍ମୁଖରେ ୫୫୭ ରନ୍‌ର ଲକ୍ଷ୍ୟଧାର୍ଯ୍ୟ କରିଥିଲା ଭାରତ। ଇଂଲଣ୍ଡ ୧୨୨ ରନ୍‌ରେ ଅଲ୍‌ଆଉଟ ହେବା ଫଳରେ ଭାରତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୨-୧ରେ ଆଗୁଆ ରହିଛି। ପୂର୍ବରୁ ହାଇଦ୍ରାବାଦରେ ଖେଳାଯାଇଥିବା ପ୍ରଥମ ମ୍ୟାଚକୁ ଇଂଲଣ୍ଡ ଜିତିଥିବା ବେଳେ ବିଶାଖାପାଟଣାରେ ପ୍ରତ୍ୟାବର୍ତ୍ତନ କରିଥିଲା ଭାରତ।

ତୃତୀୟ ଦିନର ଅସମାପ୍ତ ସ୍କୋର ୧୯୬/୨ରୁ ଖେଳ ଆରମ୍ଭ କରିଥିଲା ଭାରତ। ଦୁଇ ଅପରାଜିତ ବ୍ୟାଟର ଶୁବମନ୍ ଗିଲ୍ ଓ କୁଲଦୀପ ଯାଦବ ଇଂଲଣ୍ଡ ବୋଲରଙ୍କୁ ସହଜରେ ଖେଳିଥିଲେ। ଦଳୀୟ ସ୍କୋର ୨୪୬ରେ ପହଞ୍ଚିବା ପରେ ୯୧ ରନ୍ ସ୍କୋର କରି ରନ୍‌ଆଉଟ ହୋଇଥିଲେ ଗିଲ୍। ୧୫୧ ବଲ୍ ଖେଳି ସେ ୯ ଚୌକା ଓ ୨ ଛକା ମାରିଥିଲେ। ରିଟାୟର୍ଡ ହର୍ଟ ଥିବା ଜୟସ୍ୱାଲ ଆଉଥରେ ବ୍ୟାଟିଂ କରିବାକୁ ଆସିବା ସହ ଇଂଲଣ୍ଡ ବୋଲରଙ୍କୁ ଧୂଲେଇ କରିଥିଲେ। କ୍ରମାଗତ ମ୍ୟାଚ୍‌ରେ ଦ୍ୱିଶତକ ହାସଲ କରିବା ସହ ସେ ୨୧୪ ରନ କରିଥିଲେ। ୨୩୬ ବଲ୍‌ର ଏହି ଇନିଂସରେ ସେ ୧୪ ଚୌକା ଓ ୧୨ ଛକା ମାରିଥିଲେ। ଏପରିକି ଭେଟେରାନ୍ ଜେମ୍ସ ଆଣ୍ଡରସନ୍‌ଙ୍କୁ ହ୍ୟାଟ୍ରିକ୍ ଛକା ମାରିଥିଲେ। ପଦାର୍ପଣ କରିଥିବା ସର୍ଫରାଜ ଖାଁ ଦ୍ୱିତୀୟ ଇନିଂସରେ ମଧ୍ୟ ପ୍ରଭାବୀ ବ୍ୟାଟିଂ କରିଥିଲେ। ୭୨ ବଲ୍ ଖେଳି ସେ ୬ ଚୌକା ଓ ୩ ଛକା ସହ ୬୮ ରନ୍ କରି ଅପରାଜିତ ଥିଲେ। ଭାରତ ୪୩୦/୪ରେ ଇନିଂସ ଘୋଷଣା କରିବା ସହ ଇଂଲଣ୍ଡ ସମ୍ମୁଖରେ ୫୫୭ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ୧୨ ଛକା ମାରିବା ସହ ଜୟସ୍ୱାଲ ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିବା ରେକର୍ଡର ସମକକ୍ଷ ହୋଇଥିଲେ।

ତେବେ ଲୋକାଲ ବୟ ରବୀନ୍ଦ୍ର ଜାଡେଜାଙ୍କ ସ୍ପିନ୍ ଜାଲରେ ଫସି ଯାଇଥିଲା ଇଂଲଣ୍ଡ। ଜାଡେଜା ୫ ଉଇକେଟ ନେଇଥିବା ବେଳେ ଇଂଲଣ୍ଡ ୧୨୨ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଇଂଲଣ୍ଡ ପକ୍ଷରୁ ୬ ଜଣ ଖେଳାଳି ୨ ଅଙ୍କ ସ୍କୋରରେ ପହଞ୍ଚି ପାରି ନ ଥିବା ବେଳେ ୧୦ ନମ୍ବର ବ୍ୟାଟର ମାର୍କ ଉଡ୍ ସର୍ବାଧିକ ୩୩ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟମ୍ ହାର୍ଟଲେ ଓ ବେନ୍ ଫୋକ୍ସ ୧୬ ରନ୍ ଲେଖାଏ ସ୍କୋର କରିଥିଲେ। ଓଲି ପୋପ୍, ଜୋ ରୁଟ୍, ଜନି ବେୟାରଷ୍ଟୋ, ବେନ୍ ଫୋକ୍ସ ଓ ମାର୍କ ଉଡ୍‌ଙ୍କୁ ଆଉଟ୍ କରି ଜାଡେଜା ନିଜର ୫ ଉଇକେଟ ପୂରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଲଦୀପ ଯାଦବ ୨, ରବିଚନ୍ଦ୍ରନ ଅଶ୍ୱିନ ଓ ଯଶପ୍ରୀତ୍ ବୁମରା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଶତକ ହାସଲ କରିବା ସହ ୫ ଉଇକେଟ ନେଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ରବୀନ୍ଦ୍ର ଜାଡେଜାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୪୪୫/୧୦।

ଇଂଲଣ୍ଡ ପ୍ରଥମ ଇନିଂସ: ୩୧୯/୧୦।

ଭାରତ ଦ୍ୱିତୀୟ ଇନିଂସ ୪୩୦/୪ (ଯଶସ୍ୱୀ ଜୟସ୍ୱାଲ-୨୧୪*, ଶୁବମନ ଗିଲ୍-୯୧, ସର୍ଫରାଜ ଖାଁ-୬୮*, ଟମ୍ ହାର୍ଟଲେ-୧/୭୮, ରେହାନ ଅହମଦ-୧/୧୦୮, ଜୋ ରୁଟ୍-୧/୧୧୧)।

ଇଂଲଣ୍ଡ ଦ୍ୱିତୀୟ ଇନିଂସ ୧୨୨/୧୦(ମାର୍କ ଉଡ୍-୩୩, ଟମ୍ ହାର୍ଟଲେ-୧୬, ବେନ୍ ଫୋକ୍ସ-୧୬, ରବୀନ୍ଦ୍ର ଜାଡେଜା-୫/୪୧, କୁଲଦୀପ ଯାଦବ-୨/୧୯, ଯଶପ୍ରୀତ୍ ବୁମରା-୧/୧୮, ରବିଚନ୍ଦ୍ରନ ଅଶ୍ୱିନ-୧/୧୯)।



ଉଇକେଟ ନେବା ପରେ ରବୀନ୍ଦ୍ର ଜାଡେଜା।

### ରନ୍ ବ୍ୟବଧାନରେ ଭାରତର ବୃହତ୍ ବିଜୟ

| ଦଳ | ରନ୍ ବ୍ୟବଧାନ | ଭେନ୍ୟୁ | ବର୍ଷ |
|---|---|---|---|
| ଇଂଲଣ୍ଡ | ୪୩୪ | ରାଜକୋଟ | ୨୦୨୪ |
| ନ୍ୟୁଜିଲାଣ୍ଡ | ୩୭୨ | ମୁମ୍ବାଇ | ୨୦୨୧ |
| ଦକ୍ଷିଣ ଆଫ୍ରିକା | ୩୩୭ | ଦିଲ୍ଲୀ | ୨୦୧୫ |
| ନ୍ୟୁଜିଲାଣ୍ଡ | ୩୨୧ | ଇନ୍ଦୋର | ୨୦୧୬ |
| ଅଷ୍ଟ୍ରେଲିଆ | ୩୨୦ | ମୋହାଲି | ୨୦୦୮ |

### ୩୦ ବର୍ଷର ରେକର୍ଡ ଭାଙ୍ଗିଲେ ଜୟସ୍ୱାଲ

ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ଏକାଧିକ ରେକର୍ଡ କରିଛନ୍ତି ଯଶସ୍ୱୀ ଜୟସ୍ୱାଲ। ଏକ ବିଶ୍ୱରେକର୍ଡର ସମକକ୍ଷ ହେବା ସହ ସେ ୩୦ ବର୍ଷର ରେକର୍ଡ ଭାଙ୍ଗିଛନ୍ତି। ଦ୍ୱିତୀୟ ଇନିଂସରେ ଜୟସ୍ୱାଲ ୨୧୪ ରନ୍‌ର ଇନିଂସ ଖେଳିବା ବେଳେ ଏହି ସବୁ ରେକର୍ଡ କରିଥିଲେ। ୨୩୬ ବଲ୍‌ର ଏହି ଇନିଂସରେ ସେ ୧୪ ଚୌକା ଓ ୧୨ ଛକା ମାରିଥିଲେ। ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିବାରେ ସେ ପାକିସ୍ତାନର ୱାସିମ ଆକ୍ରମଙ୍କ ବିଶ୍ୱରେକର୍ଡର ସମକକ୍ଷ ହୋଇଥିବା ବେଳେ ୩୦ ବର୍ଷ ତଳର ନଭଜୋତ ସିଂ ସିଦ୍ଧୁଙ୍କ ରେକର୍ଡ ଭାଙ୍ଗିଛନ୍ତି। ଆକ୍ରମ ୧୯୯୬ରେ ଜିମ୍ବାୱେ ବିପକ୍ଷରେ ୨୫୭ ରନ୍‌ର ଇନିଂସ ଖେଳି ସମାନ ୧୨ ଛକା ମାରିଥିଲେ। ତେବେ ଭାରତୀୟ ଖେଳାଳି ନଭଜୋତ ସିଂ ସିଦ୍ଧୁ ଓ ମୟଙ୍କ ଅଗ୍ରୱାଲ ଗୋଟିଏ ଇନିଂସରେ ୮ଛକା ମାରିଥିବା ବେଳେ ଏହାକୁ ଅତିକ୍ରମ କରିଥିଲେ ଜୟସ୍ୱାଲ। ୧୯୯୪ରେ ଶ୍ରୀଲଙ୍କା ବିପକ୍ଷରେ ୧୨୪ ରନ୍‌ର ଇନିଂସରେ ସିଦ୍ଧୁ ୮ ଛକା ମାରିଥିବା ବେଳେ ୨୦୧୯ରେ ମୟଙ୍କ ବାଂଲାଦେଶ ବିପକ୍ଷରେ ୨୪୩ ରନ୍‌ର ଇନିଂସରେ ସମାନ ୮ ଛକା ମାରିଥିଲେ।

# ଭାରତୀୟ ଅଡିଟ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ହକି

## ଓଡ଼ିଶା ଚାମ୍ପିୟନ



ଅତିଥିଙ୍କ ସହ ଚାମ୍ପିୟନ ଦଳ।

ଭୁବନେଶ୍ୱର, ୧୮।୨ (ସରୋଜ ଜେନା)

କଳିଙ୍ଗ ଷ୍ଟାଡୟମରେ ଅନୁଷ୍ଠିତ ମହାଲେଖାକାର ଅଡିଟ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ହକି ଟୁର୍ନାମେଣ୍ଟରେ ପଶ୍ଚିମବଙ୍ଗକୁ ୯-୩ରେ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଚି ଓଡ଼ିଶା। ଡିଫେଣ୍ଡିଂ ଚାମ୍ପିୟନ ପଶ୍ଚିମବଙ୍ଗ ବିପକ୍ଷରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା ଓଡ଼ିଶା। ଦଳ ପକ୍ଷରୁ ଅଧିନାୟକ ଅମଲ ପାଲ(୯,୧୮), ଥିଓଫିଲ କୁଜୁର(୧୩, ୨୯, ୩୯, ୪୪ ଓ ୬୦), ମନୀଷ ଶର୍ମା(୪୯) ଓ ଟିକେଇ କୁଜୁର(୪୭) ମିନିଟରେ ସ୍କୋର କରିଥିଲେ। ପଶ୍ଚିମବଙ୍ଗ ପକ୍ଷରୁ ଜର୍ନେଲ ସିଂହ ବାଥ ଦୁଇଟି ଓ ସୁରିନ୍ଦର ସିଂ ଗୋଟିଏ ଗୋଲ ଦେଇଥିଲେ। ଓଡ଼ିଶା ଦଳର ପରିଚାଳକ ତାପସ ଦାସ ଓ ପ୍ରଶିକ୍ଷକ ଅକ୍ଷୟ କୁମାର ସ୍ୱାଇଁ ଦଳକୁ ମାର୍ଗଦର୍ଶନ କରିଥିଲେ। ଉଦଯାପନୀ ସମାରୋହରେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପ୍ରବୋଧ ତୀର୍କୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଧାନ ମହାଲେଖାକାର ରାଜ କୁମାର,ମହାଲେଖାକାର ବିଶ୍ୱନାଥ ସିଂହ ଜାଦୋନ ସମ୍ମାନୀୟ ଅତିଥି ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟୁର୍ନାମେଣ୍ଟ ଆୟୋଜକ କମିଟିର ଅଧ୍ୟକ୍ଷ ବରିଷ୍ଠ ଉପ ମହାଲେଖାକାର ଦୀପକ ରଘୁ, ରାଜ ଅଶୋକ, ଉପ ମହାଲେଖାକାର ତାନ୍ୟା ଅମ୍ବାସ୍ତା, ସଚିନ କ୍ରିଷ୍ଣା କୌଶିକ, ଶୁଭମ ବୈଦ୍ୟ, ସଞ୍ଜୟ କୁମାର, ବିକାଶ କୁମାର,କଲ୍ୟାଣ ଅଧିକାରୀ ଅଶୋକ କୁମାର ପଣ୍ଡା,ଏଜି ରିକ୍ରେସନ କ୍ଲବ ସମ୍ପାଦକ ଭି. ଆନନ୍ଦ ଭଟ୍ଟ ଉପସ୍ଥିତ ଥିଲେ । ଏହି ଟୁର୍ନାମେଣ୍ଟକୁ ରାଜେଶ ସିଂହ, ସରୋଜ ବାରିକ, ଚିନ୍ମୟ ହୋତା, ସୌଭାଗ୍ୟ ମହାନ୍ତି, ପ୍ରଣବ ପଟ୍ଟନାୟକ ଓ ଚନ୍ଦ୍ରକାନ୍ତ ରଣା ପରିଚାଳନା କରିଥିଲେ ।

## ହଙ୍ଗେରୀକୁ ହରାଇଲା ଭାରତ

ବୁସାନ୍, ୧୮।୨ (ପି.ଟି.)

ମନିକା ବାତ୍ରାଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ଭାରତୀୟ ମହିଳା ଦଳ ଏଠାରେ ଚାଲିଥିବା ବିଶ୍ୱ ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ୍‌ରେ ରବିବାର ଭାରତ ୩-୨ରେ ହଙ୍ଗେରୀକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ଦଳର ଏହା ପ୍ରଥମ ବିଜୟ। ଅନ୍ୟପକ୍ଷରେ ଭାରତୀୟ ପୁରୁଷ ଦଳ ଏହାର ଦ୍ୱିତୀୟ ଗ୍ରୁପ୍ ମ୍ୟାଚ ପୋଲାଣ୍ଡଠାରୁ ୧-୩ରେ ହାରିଯାଇଛି। ଚାଇନା ବିପକ୍ଷରେ ତାଙ୍କର ଉଭୟ ସିଙ୍ଗଲ୍ସ ମ୍ୟାଚ ହାରିଥିବା ମନିକା ହଙ୍ଗେରୀ ବିପକ୍ଷରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ। ଭାରତର ଏହି ୩୬ବର୍ଷୀୟା ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ଖେଳାଳି ପ୍ରଥମ ସିଙ୍ଗଲ୍ସରେ ଡୋରା ମାଡାରାସଙ୍କୁ ୮-୧୧, ୧୧-୫, ୧୨-୧୦, ୮-୧୧, ୧୧-୪ରେ ହରାଇ ଦେଇଥିଲେ। ପରେ ଦ୍ୱିତୀୟ ସିଙ୍ଗଲ୍ସରେ ଜର୍ଜନା ପୋଟା ୧୧-୩, ୧୧-୭, ୯-୧୧, ୯-୧୧, ୧୧-୮ରେ ଶ୍ରୀଜା ଆକୁଲାଙ୍କ ବିପକ୍ଷରେ ବିଜୟ ହାସଲ କରି ମୁକାବିଲାକୁ ବରାବର ସ୍ଥିତିକୁ ଆଣିଥିଲେ। ଶୁକ୍ରବାର ବିଶ୍ୱର ନମ୍ବର ୱାନ ସନ୍ ୟିଙ୍ଗ୍‌ସାଙ୍କ ବିପକ୍ଷରେ ବିଜୟ ହାସଲ କରିଥିବା ଆହିକା ମୁଖାର୍ଜୀ ୭-୧୧, ୧୧-୬, ୧୧-୭, ୧୧-୮ରେ ବର୍ନାଡେଟ୍ ବାଲିଣ୍ଟଙ୍କୁ ପରାସ୍ତ କରି ଭାରତକୁ ୨-୧ରେ ଅଗ୍ରଣୀ କରାଇଥିଲେ। ମାଡାରାସ ଚତୁର୍ଥ ସିଙ୍ଗଲ୍ସରେ ଶ୍ରୀଜାଙ୍କୁ ୧୧-୪, ୧୧-୬, ୫-୧୧, ୧୧-୭ରେ ପରାସ୍ତ କରିବା ଦ୍ୱାରା ମୁକାବିଲା ନିର୍ଣ୍ଣାୟକ ମ୍ୟାଚକୁ ଚାଲିଯାଇଥିଲା।

## ଅନୁପମାଙ୍କୁ ଜୁ-ଜିତ୍‌ସୁ ବ୍ଲୁ ବେଲ୍ଟ



ଶ୍ରୀଲାନ୍ତ ଶେଖର, ଅନୁପମା ସ୍ୱାଇଁ, ହରିପ୍ରସାଦ ପଟ୍ଟନାୟକ ଓ ଅଶ୍ୱିନ ହୁନ୍।

ଭୁବନେଶ୍ୱର, ୧୮।୨ (ବିଜୟ ରଣା)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲରେ ଚାଲିଥିବା ଓଡ଼ିଶା ଜୁ-ଜିତ୍‌ସୁ ସଂଘର ପ୍ରଶିକ୍ଷଣ ଶିବିରରେ କୋଚ୍ ଅଶ୍ୱିନ ହୁନ୍ ଷ୍ଟାର ଖେଳାଳି ଅନୁପମା ସ୍ୱାଇଁଙ୍କୁ ବ୍ଲୁ ବେଲ୍ଟ ପ୍ରଦାନ କରିଛନ୍ତି। ଏହି କୃତୀତ୍ୱ ହାସଲ କରିବାରେ ସେ ଓଡ଼ିଶାର ପ୍ରଥମ। ସୂଚନାଯୋଗ୍ୟ, ଅନୁପମା ୧୦ ବର୍ଷ ଧରି ଜୁ-ଜିତ୍‌ସୁ ଅଭ୍ୟାସ କରି ଆସୁଛନ୍ତି। ଇତିମଧ୍ୟରେ ସେ ୬ ଜାତୀୟ ପ୍ରତିଯୋଗିତାରେ କ୍ରମାଗତ ଚାମ୍ପିୟନ ହୋଇପାରିଛନ୍ତି। ସେ ୩ଟି ଏସୀୟ ପ୍ରତିଯୋଗିତାରେ ଗୋଟିଏ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଏହାଛଡ଼ା ସେ ବିଶ୍ୱ ମାର୍ଶାଲ ଆର୍ଟ ମାଷ୍ଟର୍ସ ଜୁ-ଜିତ୍‌ସୁ ପ୍ରତିଯୋଗିତାରେ ବ୍ରୋଞ୍ଜ, ବିଶ୍ୱ ଜୁ-ଜିତ୍‌ସୁରେ ବ୍ରୋଞ୍ଜ ଓ ଥାଇଲାଣ୍ଡ ଓପନ ଏସୀୟ ର୍‍ୟାଙ୍କିଂରେ ସ୍ୱର୍ଣ୍ଣ ଲାଭ ସହ ଗତ ଏସିଆନ ଗେମ୍ସରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ। ବ୍ଲୁ ବେଲ୍ଟ ହାସଲ କରିଥିବାରୁ ଜୁ-ଜିତ୍‌ସୁ ସଂଘର କର୍ମକର୍ତ୍ତାଗଣ ଅନୁପମାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଭାରତୀୟ ଦଳରେ ପ୍ୟାରୀ, ଜୁଲି

ଭୁବନେଶ୍ୱର,୧୮।୨(ସରୋଜ ଜେନା)

ଚତୁଃରାଷ୍ଟ୍ରୀୟ ତୁର୍କୀସ୍ ଓମେନ୍ସ କପ୍ ଫୁଟବଲ ଟୁର୍ନାମେଣ୍ଟ ପାଇଁ ଭାରତୀୟ ଦଳ ରବିବାର ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାର ପ୍ୟାରୀ ଖାଖା ଓ ଜୁଲି କିଶାନ ସ୍ଥାନ ପାଇଛନ୍ତି। ତୁର୍କୀର ଆଲାନ୍ୟାରେ ଏହି ଟୁର୍ନାମେଣ୍ଟ ଫେବୃୟାରୀ ୨୧ରୁ ୨୭ ମଧ୍ୟରେ ଅନୁଷ୍ଠିତ ହେବ। ଭାରତ ବ୍ୟତୀତ ଏଷ୍ଟୋନିଆ, କୋସୋଭୋ ଓ ହଂକଂ ଏହି ଟୁର୍ନାମେଣ୍ଟରେ ଭାଗ ନେବେ। ଭାରତୀୟ ଦଳରେ ସ୍ଥାନ ପାଇଥିବା ପ୍ୟାରୀ ଖାଖା ଓ ଜୁଲି କିଶାନଙ୍କୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

# ମୁଣ୍ଡରେ ଆଘାତ ଲାଗି ମୁସ୍ତାଫିଜୁର ହସ୍ପିଟାଲରେ

ଢାକା, ୧୮।୨ (ପି.ଟି.)

ମୁଣ୍ଡରେ ଆଘାତ ଲାଗି ଗୁରୁତର ଆହତ ହେବାପରେ ବାଂଲାଦେଶର ଅଭିଜ୍ଞ ବାମହାତୀ ବୋଲର ମୁସ୍ତାଫିଜୁର ରହମନଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାଂଲାଦେଶ ପ୍ରିମିୟର ଲିଗ୍‌ର ଏକ ମ୍ୟାଚ ପୂର୍ବରୁ ସ୍ଥାନୀୟ ଜହୁର ଅହମଦ ଚୌଧୁରୀ ଷ୍ଟାଡିୟମରେ ଏକ ଟ୍ରେନିଂ ସେସନ ନେଟ୍ସ ବେଳେ ଏହି ଘଟଣା ଘଟିଛି। ଖବର ଅନୁସାରେ ରହମନ ତାଙ୍କ ବୋଲିଂ ମାର୍କକୁ ଫେରୁଥିବା ସମୟରେ ଲିଟନ ଦାସଙ୍କ ବ୍ୟାଟରୁ ଆସିଥିବା ଏକ ବଲ୍ ତାଙ୍କ ମୁଣ୍ଡରେ ବାଜିଥିଲା। ଘଟଣାସ୍ଥଳରେ ତୁରନ୍ତ ତାଙ୍କର ଆଶୁ ଚିକିତ୍ସା କରାଯାଇଥିଲା। ମୁଣ୍ଡରୁ ରକ୍ତସ୍ରାବ ହେବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଇମ୍ପେରିଆଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ସିଟି ସ୍କାନ କରାଯାଇଛି। ତାଙ୍କର କୌଣସି ଆଭ୍ୟନ୍ତରୀଣ ଇଞ୍ଜୁରୀ ହୋଇଥିବା ସ୍ପଷ୍ଟ ହୋଇଛି।



ଇଷ୍ଟଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ

# କିଟ୍, ସମ୍ବଲପୁର ପୁଲ୍ ଟପ୍ପର


ପୁଲ୍ ଡି'ର ଶୀର୍ଷ ସ୍ଥାନ ଅଧିକାର କରିଥିବା କିଟ୍ ଦଳ।

ଭୁବନେଶ୍ୱର,୧୮।୨(ସରୋଜ ଜେନା)

କିଟ୍ ବିଶ୍ୱ ବିଦ୍ୟାଳୟ ଓ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଇଷ୍ଟଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ମିଳିତ ଭାବେ ଆୟୋଜନ କରାଯାଉଥିବା ବେଳେ ନିଜ ନିଜ ପୁଲ୍‌ରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି କିଟ୍ ଓ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ। ରବିବାର ରେଭେନ୍ସା ଗ୍ରାଉଣ୍ଡରେ ଖେଳା ଯାଇଥିବା ମ୍ୟାଚକୁ ୨ ଉଇକେଟରେ ଜିତି ନେଇଥିଲା କିଟ୍। ରେଭେନ୍ସା ବିଶ୍ୱ ବିଦ୍ୟାଳୟ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟରେ ୧୪୧ ରନ୍ କରିଥିଲା। କିଟ୍ ପକ୍ଷରୁ ପାର୍ଥ ସାରଥୀ ନାୟକ ୪ ଉଇକେଟ ନେଇଥିଲେ। ଜବାବରେ ଏମ୍ ପ୍ରଶାନ୍ତଙ୍କ ୪୪ ରନ୍ ବଳରେ ଗୋଟିଏ ବଲ୍ ବାକି ଥାଇ ୮ ଉଇକେଟ ହରାଇ ବିଜୟୀ ହୋଇଥିଲା କିଟ୍।

## ରାଧାରମଣ ପାଣିଗ୍ରାହୀ ମେମୋରିଆଲ୍ ସ୍କୁଲ ଚେସ୍

## ବୀନିତ ନାୟକ ବିଜୟୀ

ଭୁବନେଶ୍ୱର,୧୮।୨ (ସରୋଜ ଜେନା)

ରୟାଲ ପବ୍ଲିକ୍ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି ସପ୍ତମ ରାଧାରମଣ ପାଣିଗ୍ରାହୀ ମେମୋରିଆଲ୍ ସ୍କୁଲ ଚେସ୍ ଟୁର୍ନାମେଣ୍ଟ। ବିଜେଇଏମ୍ ସ୍କୁଲ-୧ର ବୀନିତ ନାୟକ ୪.୫ ପଏଣ୍ଟ ସହ ଏଥିରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ସେହିପରି ୮ ବର୍ଷ ବୟସରୁ କମ୍ ବର୍ଗରେ ରିୟାଂଶ ରାଜ ଦଳବେହେରା, ୧୦ ବର୍ଷରୁ କମ୍ ବୟସ ବର୍ଗରେ ଆର୍ଯ୍ୟାଂଶ ମିଶ୍ର, ୧୨ ବର୍ଷ ବୟସରୁ କମ୍ ବୟସ ବର୍ଗରେ ହିମାଂଶୁ ଶେଖର ସାହୁ, ୧୪ ବର୍ଷ ବୟସରେ କମ୍ ବୟସ ବର୍ଗରେ ଅନ୍ୱେଷା ମହାପାତ୍ର ଓ ବାଳିକା ବର୍ଗରେ ଦୃଷ୍ଟି ଦିବ୍ୟାଂଶ ଦାସ ବିଜୟୀ ହୋଇଥିଲେ।

ରୟାଲ ପବ୍ଲିକ୍ ସ୍କୁଲ୍ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଏହି ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଚେସ୍ ଆସୋସିଏଶନ୍ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ନଳିନୀକାନ୍ତ ମହାନ୍ତି, ଶୁଭଶ୍ରୀ ପାଣିଗ୍ରାହୀ ଓ ଶୁଭସ୍ମିତା ପାଣିଗ୍ରାହୀ ବିଜୟୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# ସୁଯୋଗ ହାତଛଡ଼ା କଲା ଓଡ଼ିଶା

## ରଣଜୀ ଟ୍ରଫି

ଭୁବନେଶ୍ୱର,୧୮।୨ (ସରୋଜ ଜେନା)

ଦିଲ୍ଲୀ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ ହେବାର ସୁଯୋଗ ହାତଛଡା କରିଛି ଓଡ଼ିଶା। ପ୍ରଥମ ଇନିଂସରେ ଓଡ଼ିଶା ୪୪୨ ରନ୍ ସ୍କୋର କରିଥିବା ବେଳେ ଦିଲ୍ଲୀ ୪୫୧ ରନ୍‌ରେ ଅଲଆଉଟ ହୋଇ ୯ ରନ୍‌ରେ ଆଗୁଆ ରହିଛି। ଗୋଟିଏ ଦିନର ଖେଳ ବାକି ଥିବା ବେଳେ ଅନ୍ୟୂନ ୩ ପଏଣ୍ଟ ନିଶ୍ଚିତ କରିଛି ଦିଲ୍ଲୀ।

ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୧୮୭/୨ରୁ ଖେଳ ଆରମ୍ଭ କରିଥିଲା ଦିଲ୍ଲୀ। ପୂର୍ବ ଦିନର ଅପରାଜିତ ବ୍ୟାଟର ଯଶ ଧୂଲ ଶତକ ହାସଲ କରିଥିଲେ। ୧୬୭ ବଲ୍ ଖେଳି ଧୂଲ ୧୪ ଚୌକା ଓ ୧ ଛକା ସହ ୧୧୨ ରନ୍ କରି ଆଉଟ ହୋଇଥିଲେ। ଦଳୀୟ ସ୍କୋର ୨୬୬ ରନ୍‌ରେ ଧୂଲ ପଞ୍ଚମ ଖେଳାଳି ଭାବରେ ପ୍ୟାଭିଲିୟନ ଫେରିଥିଲେ। ଓଡ଼ିଶା ନିକଟରେ ଆଗୁଆ ହେବାର ସୁଯୋଗ ରହିଥିଲେ ମଧ୍ୟ ବୋଲରମାନେ ନିରାଶ କରିଥିଲେ। ଜଣ୍ଟି ସିଦ୍ଧୁଙ୍କ ଲଢୁଆ ଶତକ ଓ ନିମ୍ନକ୍ରମ ବ୍ୟାଟର କ୍ଷିତିଜ ଶର୍ମାଙ୍କ ଅର୍ଦ୍ଧଶତକ ବଳରେ ୯ ରନ୍‌ର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା ଦିଲ୍ଲୀ। ଉଭୟ ଷଷ୍ଠ ଉଇକେଟରେ ୧୪୭ ରନ୍ ଯୋଡିଥିଲେ। ଦଳୀୟ ସ୍କୋର ୪୧୩ରେ ଜାମଳ ମହାପାତ୍ର ଏହି ଯୋଡି ଭାଙ୍ଗିବା ପରେ ଦିଲ୍ଲୀ ୪୫୧ରେ ସମସ୍ତ ଉଇକେଟ ହରାଇଥିଲା। ଜଣ୍ଟି ସିଦ୍ଧୁ ୨୧୮ ବଲ୍ ଖେଳି ୯ ଚୌକା ଓ ୧ ଛକା ସହ ୧୦୫ ରନ୍ କରି ଶେଷ ଯାଏ ଅପରାଜିତ ରହିଥିଲେ। ଅନ୍ୟପକ୍ଷରେ କ୍ଷିତିଜ ଶର୍ମା ୧୩୦ ବଲ୍ ଖେଳି ୭ ଚୌକା ସହ ୬୪ ରନ୍ ସ୍କୋର କରିଥିଲେ। ଓଡ଼ିଶା ପକ୍ଷରୁ ଜାମଳ ମହାପାତ୍ର ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର ଓ ସୁନୀଲ ରାଉଳ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ ୪୪୨/୧୦।

ଦିଲ୍ଲୀ ପ୍ରଥମ ଇନିଂସ ୪୫୧/୧୦( ଯଶ ଧୂଲ-୧୧୨, ଜଣ୍ଟି ସିଦ୍ଧୁ-୧୦୫*, କ୍ଷିତିଜ ଶର୍ମା-୬୪, ଜାମଳ ମହାପାତ୍ର-୩/୬୩, ବିପ୍ଳବ ସାମନ୍ତରାୟ-୨/୩୪, ଗୋବିନ୍ଦ ପୋଦ୍ଦାର-୨/୬୬, ସୁନୀଲ ରାଉଳ-୨/୧୧୬)।

# କଟକ ପୁରୁଷ, ଖୋର୍ଦ୍ଧା ମହିଳା ଚାମ୍ପିୟନ

## ନୂଆ-ଓ ରାଜ୍ୟସ୍ତରୀୟ କବାଡ଼ି

ଭୁବନେଶ୍ୱର, ୧୮।୨ (ବିଜୟ ରଣା)

କଟକରେ ନୂଆ-ଓ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ସଫଳତାର ସହ ସମ୍ପନ୍ନ ହୋଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ଆୟୋଜିତ ଏହି ଇଭେଣ୍ଟର ପୁରୁଷ କାଟେଗୋରିରେ କଟକ ଚାମ୍ପିୟନ ହୋଇଥିବା ବେଳେ ଖୋର୍ଦ୍ଧା ମହିଳା ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଉଭୟ ଚାମ୍ପିୟନ ଦଳକୁ ୨ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ କଟକ ମ୍ୟୁନିସିପାଲ କର୍ପୋରେଶନ ମେୟର ସୁବାସ ଚନ୍ଦ୍ର ସିଂ, ହକି ପ୍ରମୋଶନ କାଉନ୍‌ସିଲ କାଉନ୍‌ସିଲ ଅଫ୍ ଓଡ଼ିଶାର ସିଇଓ ଦୀପଙ୍କର ମହାପାତ୍ର ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ଅଫିସିଆଲମାନେ ଉପସ୍ଥିତ ଥିଲେ। ରବିବାର ଅନୁଷ୍ଠିତ ପୁରୁଷ ଫାଇନାଲରେ ପୁରୀକୁ କଟକ ହରାଇ ଦେଇଥିଲା। ଢେଙ୍କାନାଳ ଓ ବାଲେଶ୍ୱର ଯଥାକ୍ରମେ ତୃତୀୟ ଓ ଚତୁର୍ଥ ହୋଇଥିଲେ। ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ କଟକର କରୁଣାକର ବେହେରା 'ଆଉଟ ଷ୍ଟାଣ୍ଡିଂ ପ୍ଲେୟର ଅଫ୍ ଦି ଇୟର' ବିବେଚିତ ହୋଇଥିଲେ। ମହିଳା ବିଭାଗ ଫାଇନାଲରେ ଗଞ୍ଜାମକୁ ପରାସ୍ତ କରି ଖୋର୍ଦ୍ଧା ଚାମ୍ପିୟନ ହୋଇଥିଲା। ଅନ୍ୟପକ୍ଷରେ ସୁନ୍ଦରଗଡ଼ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଯାଜପୁର ଚତୁର୍ଥ ହୋଇଥିଲା। ଖୋର୍ଦ୍ଧାର ଜ୍ୟୋତି 'ଆଉଟ ଷ୍ଟାଣ୍ଡିଂ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ' ବିବେଚିତ ହୋଇଥିଲେ। ପ୍ରତିଯୋଗିତାରେ ରନରଅପ୍ ଦଳ ପାଇଁ ୧ ଲକ୍ଷ ଟଙ୍କା ଏବଂ ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ୫୦,୦୦୦ ଟଙ୍କା ଲେଖାଏଁ ଏବଂ 'ଆଉଟ ଷ୍ଟାଣ୍ଡିଂ ପ୍ଲେୟର ଅଫ୍ ଦି ଇୟର'ଙ୍କୁ ୧୦,୦୦୦ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଭଲିବଲ, କ୍ରିକେଟ, କବାଡ଼ି, ହକି, ଫୁଟ୍‌ବଲ ଓ ଖୋଖୋକୁ ନେଇ ନୂଆ ଓଡ଼ିଶାର ଏହି କ୍ରୀଡ଼ା କାର୍ଯ୍ୟକ୍ରମ ସଫଳତାର ସହିତ ସମ୍ପନ୍ନ ହୋଇଛି।



ଅତିଥିଙ୍କ ଗହଣରେ ମହିଳା ବର୍ଗ ଚାମ୍ପିୟନ ଖୋର୍ଦ୍ଧା ଦଳ।

# ଶରୀରର ଶୋଧନ ପ୍ରକ୍ରିୟା: ପଞ୍ଚକର୍ମ ଚିକିତ୍ସା


ଡା. ଆଶିଷ ବାନାର୍ଜୀ

"ଏହି ପଞ୍ଚକର୍ମ ଚିକିତ୍ସା କରିବା ପୂର୍ବରୁ ରୋଗୀକୁ ଏଥିନିମନ୍ତେ ପ୍ରସ୍ତୁତ କରାଯାଏ। ଏଥିପାଇଁ ଦୁଇଟି ଉପାୟ ଅବଲମ୍ବନ କରାଯାଏ। ପ୍ରଥମଟି ହେଲା 'ସ୍ନେହନ'। ଏହି ଉପାୟରେ ରୋଗୀର ସମଗ୍ର ଶରୀରକୁ ଔଷଧଯୁକ୍ତ ତେଲ ଦ୍ୱାରା ମାଲିସ କରି ଦୂଷିତ ପଦାର୍ଥକୁ ଏକତ୍ର କରାଯାଏ। ଦ୍ୱିତୀୟ ଉପାୟଟି ହେଉଛି 'ସ୍ୱେଦନ'। ଏଥିରେ ଉଷ୍ମ ଭାଗ ଦେଇ ଜମି ରହିଥିବା ଦୂଷିତ ପଦାର୍ଥକୁ ତରଳାଇ ପାଣି କରି ଲୋମ କୂପ ମାଧମରେ ବାହାରକୁ ବାହାର କରାଯାଏ। ଏହି ଦୁଇଟି ଉପାୟ ଅବଲମ୍ବନ କରିବା ପରେ ରୋଗୀର ଜଠରାଗ୍ନି ବୃଦ୍ଧି / ହଜମ ଶକ୍ତି ବଢ଼ାଇବା ପାଇଁ ଔଷଧ ଖାଇବାକୁ ଦିଆଯାଇଥାଏ।"



ଆମ ଶରୀରରେ ଥିବା ଦୂଷିତ ପଦାର୍ଥଗୁଡ଼ିକ ରୋଗ ସୃଷ୍ଟି କରେ। ଯେପରି ପାଣି ଯାଉଥିବା ପାଇପରେ ମଇଳା ଜମା ହୋଇଗଲେ ଭଲ ଭାବରେ ପାଣି ଯାଇପାରେ ନାହିଁ ଆଉ ତାହାକୁ ସଫା କରିବାକୁ ପଡ଼ିଥାଏ। ତା'ପରେ ଭଲ ଭାବରେ ପାଣି ଯାଇଥାଏ। ଠିକ୍ ସେହିପରି ଆମର ରସ, ରକ୍ତ, ଧାତୁ ବିଭିନ୍ନ ସ୍ରୋତରେ ଯାଇ କୋଷଗୁଡ଼ିକୁ ପୋଷକ ତତ୍ତ୍ୱ ପହଞ୍ଚାଇ ପାରେନାହିଁ। ଫଳରେ ଦୂଷିତ ପଦାର୍ଥ ଜମି ରହି ସେଠାରେ ବିଷ କ୍ରିୟା ସୃଷ୍ଟି କରେ। ଆଉ ତାହା ଦ୍ୱାରା ରୋଗ ସୃଷ୍ଟି ହୋଇଥାଏ। ଯଦି ଏହାକୁ ଠିକ୍ ଭାବରେ ପରିଷ୍କାର କରା ନ ଯାଏ, ତେବେ ଯେତେ ଔଷଧ ଖାଇଲେ ମଧ୍ୟ ରୋଗ ଠିକ୍ ଭାବରେ ଭଲ ହୋଇ ନ ଥାଏ। ପରବର୍ତ୍ତୀ ସମୟରେ ସଂପୃକ୍ତ ରୋଗ ଜଟିଳ ଆକାର ଧାରଣ କରେ। ଏଥିପାଇଁ ଉକ୍ତ ରୋଗ ଭୋଗୁଥିବା ବ୍ୟକ୍ତି ଯନ୍ତ୍ରଣା ଅନୁଭବ କରେ ଏପରି କି ତାହା ଜୀବନ ନାଶକ ମଧ୍ୟ ହୋଇପାରେ। ତେଣୁ ଏହି ଅବସ୍ଥାରେ ବଳ ବୟସକୁ ବିବେଚନା କରି ସମ୍ପୂର୍ଣ୍ଣ ଶରୀରକୁ ଶୋଧନ କରାଇବା ଦରକାର। ଆଉ ଏଥିପାଇଁ 'ପଞ୍ଚକର୍ମ ଚିକିତ୍ସା'ର ଆବଶ୍ୟକତା ରହିଛି। ଏହାଦ୍ୱାରା ଶରୀରକୁ ଶୋଧନ କରି ରୋଗ ପାଇଁ ଔଷଧ ଖାଇଲେ ରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟ ମିଳିଥାଏ।

ତେବେ ଆପଣମାନଙ୍କ ମନରେ ନିଶ୍ଚୟ ପ୍ରଶ୍ନ ଉଠିବଣି ଯେ, ଏହି ପଞ୍ଚକର୍ମ କ'ଣ? ସେଗୁଡ଼ିକ ହେଲା- ୧. ବମନ (ବାନ୍ତି), ୨. ବିରେଚନ (ଝାଡ଼ା), ୩. ବସ୍ତି (ମଳ ଦ୍ୱାରା ଦେଇ ଔଷଧ ପ୍ରୟୋଗ), ୪. ନସ୍ୟ (ନାକରେ ଔଷଧ ପ୍ରୟୋଗ) ଏବଂ ୫. ରକ୍ତ ମୋକ୍ଷଣ (ଦୂଷିତ ଜମି ଯାଇଥିବା ରକ୍ତକୁ ବାହାର କରିବା)।

ଏହି ପଞ୍ଚକର୍ମ ଚିକିତ୍ସା କରିବା ପୂର୍ବରୁ ରୋଗୀକୁ ଏଥିନିମନ୍ତେ ପ୍ରସ୍ତୁତ କରାଯାଏ। ଏଥିପାଇଁ ଦୁଇଟି ଉପାୟ ଅବଲମ୍ବନ କରାଯାଏ। ପ୍ରଥମଟି ହେଲା ସ୍ନେହନ। ଏହି ଉପାୟରେ ରୋଗୀର ସମଗ୍ର ଶରୀରକୁ ଔଷଧଯୁକ୍ତ ତେଲ ଦ୍ୱାରା ମାଲିସ କରି ଦୂଷିତ ପଦାର୍ଥକୁ ଏକତ୍ର କରାଯାଏ। ଦ୍ୱିତୀୟ ଉପାୟଟି ହେଉଛି 'ସ୍ୱେଦନ'। ଏଥିରେ ଉଷ୍ମ ଭାଗ ଦେଇ ଜମି ରହିଥିବା ଦୂଷିକ ପଦାର୍ଥକୁ ତରଳାଇ ପାଣି କରି ଲୋମକୂପ ମାଧ୍ୟମରେ ବାହାରକୁ ବାହାର କରାଯାଏ। ଏହି ଦୁଇଟି ଉପାୟ ଅବଲମ୍ବନ କରିବା ପରେ ରୋଗୀର ଜଠରାଗ୍ନି ବୃଦ୍ଧି/ହଜମ ଶକ୍ତି ବଢ଼ାଇବା ପାଇଁ ଔଷଧ ଖାଇବାକୁ ଦିଆଯାଇଥାଏ।

**ବମନ :** ଏହି ପଦ୍ଧତିରେ ବାମନକାରକ ଔଷଧ ପ୍ରୟୋଗ କରି ବାନ୍ତି କରାଯାଇଥାଏ। ଏଥିରେ ଆମାଶୟରେ



ଜମି ରହିଥିବା ଦୂଷିତ ପଦାର୍ଥକୁ ବଳପୂର୍ବକ ବାହାର କରାଯାଏ। ଏହା ମୁଖ୍ୟତଃ କଫଜ ରୋଗ-ଶ୍ୱାସ, କାଶ, ଶ୍ୱାସନଳୀ ଅବରୋଧଜନିତ ରୋଗ (ସିଓପିଡି), ରକ୍ତହୀନତା, ମୋଟାପଣ, ପ୍ଲୀହା ବୃଦ୍ଧି, ଟ୍ୟୁମର, ମଧୁମେହ ବା ଡାଇବେଟିସ୍ ଇତ୍ୟାଦିରେ ପ୍ରୟୋଗ କରାଯାଇଥାଏ। ମାତ୍ର ଗର୍ଭବତୀ, କୋମଳ ପ୍ରବୃତ୍ତି ଓ ଦୁର୍ବଳ ରୋଗୀ ପାଇଁ ନିଷେଧ।

**ବିରେଚନ :** ଏହି ପ୍ରକ୍ରିୟାରେ ଔଷଧ ଦ୍ୱାରା ଶରୀର ଅନ୍ତଃନଳୀରୁ ଦୂଷିତ ପଦାର୍ଥକୁ ମଳଦ୍ୱାର ଦେଇ ବାହାରକୁ ବାହାର କରାଯାଏ। ଏହା ପୈତ୍ତିକ ରୋଗ ଯଥା- ମୁଣ୍ଡବ୍ୟଥା, ଲିଭର ସମସ୍ୟା, ଅର୍ଶ, ଟ୍ୟୁମର, ରକ୍ତପିତ୍ତ, ରକ୍ତସ୍ରାବ ଇତ୍ୟାଦି ରୋଗ ପାଇଁ ପ୍ରୟୋଗ କରାଯାଏ। ଏଥିରେ ଆମାଶୟ, ଫୁସ୍‌ଫୁସ୍ ଏବଂ ହୃତ୍‌ପିଣ୍ଡ ବା ହାର୍ଟରୁ ମଧ୍ୟ ଦୂଷିତ ପଦାର୍ଥ ବାହାରି ଯାଇଥାଏ।

**ବସ୍ତି :** ଏଥିରେ ଔଷଧ ଦ୍ରବ୍ୟ କ୍ୱାଥ୍ ବା ତୈଳ ଭାବେ ମଳ ଓ ମୂତ୍ର ଦ୍ୱାରରେ ଏନିମା ଦିଆଯାଇ ଶରୀର ମଧ୍ୟକୁ ପ୍ରବେଶ କରାଯାଏ। ଏହା ବାତରୋଗ- ଯଥା ସ୍ନାୟୁଜନିତ ରୋଗ, ସ୍ତ୍ରୀ-ପ୍ରସୂତି ରୋଗ, ଗଣ୍ଠିଜନିତ ସମସ୍ୟା, ବୀର୍ଯ୍ୟ ଦୂଷିତ ହେବା, କମ୍ ହେବା, ଚର୍ମ ରୋଗ, ମସ୍ତିଷ୍କ ବିକାରରେ ପ୍ରୟୋଗ ହୋଇଥାଏ।

**ନସ୍ୟ :** ଏଥିରେ ଔଷଧକୁ ନାକ ଦେଇ ପ୍ରୟୋଗ କରାଯାଏ। ଏହାଦ୍ୱାରା ନାଶା, ଗଳା, କର୍ଣ୍ଣ, ମସ୍ତିଷ୍କ ରୋଗର କାରଣ ସାଜିଥିବା ଦୂଷିତ ପଦାର୍ଥକୁ ବାହାର କରାଯାଏ। ଫଳରେ ଊର୍ଦ୍ଧ୍ୱଜତ୍ରୁ ରୋଗ, ଦନ୍ତ ରୋଗ, ସାଇନୋସାଇଟିସ୍ ଇତ୍ୟାଦି ରୋଗ ଭଲ ହୋଇଥାଏ।

**ରକ୍ତ ମୋକ୍ଷଣ :** ଶରୀରରେ ଜମି ରହିଥିବା ଦୂଷିତ ରକ୍ତକୁ ସିଧାସଳଖ ବାହାର କରିବା ପାଇଁ ଜୋକ ପ୍ରସ୍ତୁତ କରି ପ୍ରୟୋଗ କରାଯାଏ। ଏହାକୁ ଲିଚ୍ ଥେରାପି ବୋଲି କୁହାଯାଏ। ଏହା ଧମନୀରେ ଅବରୋଧ, ଚର୍ମରୋଗ, ଭେରିକସ୍ ଇତ୍ୟାଦିରେ ଉପଯୋଗ ହୋଇଥାଏ।

ଏହାଦ୍ୱାରା ପୁରାତନ ରୋଗ, ତ୍ରୁଟି ପୂର୍ଣ୍ଣ ଜୀବନଶୈଳୀଜନିତ ରୋଗ, ରକ୍ତଚାପ ବା ବ୍ଲଡପ୍ରେସର, ମଧୁମେହ, ହୃଦ୍‌ରୋଗ, ପୃଥୁଳକାୟ ବ୍ୟକ୍ତି, ଗୃଧସୀ (ସାଇଟିକା), ଆଣ୍ଠୁଗଣ୍ଠି ବାତ, ପକ୍ଷାଘାତ ବା ପାରାଲିସିସ୍, ଚକ୍ଷୁରୋଗ, ଅମ୍ଳ ବା ଏସିଡିଟି, ଯକୃତ ରୋଗ ଇତ୍ୟାଦି ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ ହୋଇପାରେ। ତତ୍ ସଙ୍ଗେ ସଙ୍ଗେ ନୀରୋଗ, ଦୀର୍ଘାୟୁ ଜୀବନ ପ୍ରଦାନ କରେ।

ତେଣୁ ରୋଗୀକୁ ଔଷଧ ପ୍ରୟୋଗ କରିବା ପୂର୍ବରୁ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବା ଆବଶ୍ୟକ। ଦୁର୍ବଳ ଏବଂ ଶଯ୍ୟାଶାୟୀ ରୋଗୀକୁ ରୋଗ ଉପଶମ ଓ ବଳବର୍ଦ୍ଧକ ଔଷଧ ଦେଇ ଟିକିଏ ସୁସ୍ଥ କରିବା ପରେ ଏହି ପ୍ରକ୍ରିୟା ପ୍ରୟୋଗ କରିବା ଉଚିତ। ଏହାଦ୍ୱାରା ଔଷଧ ଶରୀରରେ ଶୀଘ୍ର ଅବଶୋଷିତ ହୋଇଥାଏ ଏବଂ ରୋଗରୁ ଆରୋଗ୍ୟ ଲାଭ କରାଇବାରେ ଠିକ୍ ଭାବରେ ସହାୟକ ହୋଇଥାଏ। ତେଣୁ ଏଭଳି ଚିକିତ୍ସାକୁ ଆହୁରି ପ୍ରୋତ୍ସାହନ ଦିଆଗଲେ ତାହା ବହୁ ଅସାଧ ରୋଗରୁ ଆରୋଗ୍ୟ ଦେଇପାରିବ।

-ଆନନ୍ଦ ବଜାର,
ବେତନଟୀ, ମୟୂରଭଞ୍ଜ
ମୋ: ୯୮୬୧୩୭୪୩୮୫

## ସଙ୍କଟ ମୋଚକ ରୋବୋ



ଆଜିକାଲି ରୋବୋର ବ୍ୟବହାର ଅନେକ କ୍ଷେତ୍ରରେ ବେଶ୍ ସଫଳତାର ସହ କରାଯାଉଛି। ବିଶେଷଭାବରେ ଅସୁବିଧାରେ ପଡିଥିବା ବ୍ୟକ୍ତିଙ୍କ ପାଇଁ ଏହା ସଙ୍କଟ ମୋଚନ ଭାବରେ କାମ କରିବ। ଏଭଳି ଏକ ହାଇଟେକ୍ ରୋବୋକୁ ନିକଟରେ ଜାପାନର ବିଶେଷଜ୍ଞମାନେ ପ୍ରସ୍ତୁତ କରିଛନ୍ତି। ଅଧିକାଂଶ ସମୟ ଉଦାସ ରହିବା, ଟେନ୍‌ସନର ସାମ୍ନା କରିବା ଏପରିକି କୌଣସି କାମକୁ କିପରି ତୁଲାଇବେ ତାହାର ବାଟ ନ ପାଇବା ଆଦି ସମସ୍ୟାର ସମାଧାନ ଏହି ନୂଆ ରୋବୋ କରିପାରିବ। ଏହା ସାମ୍ନାରେ ବସି ନିଜ ସମସ୍ୟା ସମ୍ପର୍କରେ ସୂଚନା ଦେଲେ ସେ ସେଗୁଡିକୁ ତନ୍ନ ତନ୍ନ କରି ତର୍ଜମା କରିବ। ତା'ପରେ ଏହାର ସମାଧାନ ଉପାୟ ମଧ୍ୟ ଜଣାଇ ଦେବ। ଏହା ସହ ଆପଣ ଗେମ୍ ମଧ୍ୟ ଖେଳିପାରିବେ। କେବଳ ସେତିକି ନୁହେଁ, ମନପସନ୍ଦର ସଙ୍ଗୀତ ମଧ୍ୟ ଶୁଣିପାରିବେ। ତେବେ ଏଭଳି ରୋବୋ ବଜାରକୁ ଆସିବାକୁ ଆଉ କିଛି ବର୍ଷ ସମୟ ଲାଗିବ ବୋଲି ପ୍ରସ୍ତୁତକାରୀ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ଭିଟାମିନ୍-ଡି ଅଭାବ ଯୋଗୁ ହୋଇପାରେ ହୃଦ୍‌ଘାତ

ଆମ ଶରୀର ପାଇଁ ଭିଟାମିନ୍ କେତେ ଉପକାରୀ ତାହା ପ୍ରାୟ ସମସ୍ତେ ଜାଣନ୍ତି। ସେଥିପାଇଁ ଆମକୁ ସବୁବେଳେ ସୁଷମ ଖାଦ୍ୟ ଖାଇବାକୁ ପଡ଼ିଥାଏ। ଯଦି ଖାଦ୍ୟପେୟରେ ଅସନ୍ତୁଳନ ପରିଲକ୍ଷିତ ହେଲା, ତେବେ ତାହାର ପ୍ରଭାବ ଶରୀରରେ ଥିବା ଭିଟାମିନ୍ ସ୍ତର ଉପରେ ପଡ଼ିଥାଏ। ଯଦି ଜଣେ ବ୍ୟକ୍ତିଙ୍କର ଶରୀରରୁ ଭିଟାମିନ୍ 'ଡି' କମିଯାଏ ତେବେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ବିଶେଷଭାବରେ ଏହାର ପ୍ରଭାବ ଅସ୍ଥି ଉପରେ ପଡ଼ିଥାଏ। ତେବେ ଏହି ତାଲିକାରେ ଆଉ ଏକ ସ୍ୱାସ୍ଥ୍ୟ ସମସ୍ୟାକୁ ସାମିଲ କରାଯାଇଛି। ତାହା ହେଲା ହୃଦ୍‌ଜନିତ ସମସ୍ୟା। ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସଦ୍ୟତମ ଗବେଷଣାରୁ ଏ କଥା ଜାଣିପାରିଛନ୍ତି। ହୃଦ୍‌ଜନିତ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ସେମାନେ ଏକଥା ଜାଣିପାରିଥିଲେ। ଅର୍ଥାତ୍ ଏହି ସମୟରେ କେତେକ ହୃଦ୍‌ରୋଗୀଙ୍କ ଶରୀରରେ ଭିଟାମିନ୍ 'ଡି'ର ପରିମାଣ ଆବଶ୍ୟକତାଠାରୁ ଯଥେଷ୍ଟ କମ୍ ଥିଲା। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏହି ଭିଟାମିନ୍‌ର ଅଭାବ ହେଲେ ତାହାର ପ୍ରଭାବ ବେଳେବେଳେ ଜିନ୍ ଉପରେ ମଧ୍ୟ ପଡ଼ିଥାଏ। ଏପରିକି ଏଥିଯୋଗୁ ବ୍ଲଡପ୍ରେସର ପରି ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଶରୀରରେ ରକ୍ତ ପ୍ରବାହ ଏପଟ ସେପଟ ହେଲେ ତାହା ଯୋଗୁ ହୃତ୍‌ପିଣ୍ଡର କାର୍ଯ୍ୟଧାରା ପ୍ରଭାବିତ ହୋଇଥାଏ। ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ଭିଟାମିନ୍-ଡି ଯୁକ୍ତ ଖାଦ୍ୟ ଯଥା-କଦଳୀ, କମଳା, ଆଳମଣ୍ଡ, ଛତୁ, ଅଣ୍ଡା କେଶର, କ୍ଷୀର, ଜୁସ୍ ଆଦି ଖାଇବା ନିହାତି ଆବଶ୍ୟକ। ହୃଦ୍‌ଘାତର ଲକ୍ଷଣ ଦେଖାଦେବା ମାତ୍ରେ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



## ସନ୍ତୁଳିତ ଖାଦ୍ୟ ଖାଉଥିଲେ...

ଆମେ ସୁସ୍ଥ ରହିବା ପଛରେ ସନ୍ତୁଳିତ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଭଳି ଖାଦ୍ୟ ଆମକୁ ଅନେକ କ୍ଷେତ୍ରରେ ସାହାଯ୍ୟ କରିଥାଏ। ଯଦି ଜଣେ ବ୍ୟକ୍ତି ନିୟମିତ ସନ୍ତୁଳିତ ତଥା ସୁଷମ ଖାଦ୍ୟ ଖାଆନ୍ତି ତେବେ ତାଙ୍କର ବୁଦ୍ଧିମତ୍ତା ଆହୁରି ପ୍ରଖର ହୋଇଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। କେବଳ ସେତିକି ନୁହେଁ, ଏହି ଖାଦ୍ୟ ଶରୀରରେ ରକ୍ତ ସଞ୍ଚାଳନ ପ୍ରକ୍ରିୟାକୁ ଠିକ୍ ରଖିଥାଏ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଆମ ଶରୀରରେ କ୍ୟାଲୋରି ପରିମାଣକୁ ସନ୍ତୁଳିତ ରହିବାରେ ଏହା ଅନେକାଂଶରେ ସହାୟକ ହୋଇଥାଏ। ସନ୍ତୁଳିତ ଖାଦ୍ୟ ଖାଇବା ବ୍ୟତୀତ ରକ୍ତଦାନ ଦ୍ୱାରା ଆମେ କ୍ୟାଲୋରିକୁ ସନ୍ତୁଳିତ ରଖିପାରିବା। ୟୁନିଭର୍ସିଟି ଅଫ୍ ବର୍ଲିନର ପୁଷ୍ଟିବିଜ୍ଞାନୀମାନଙ୍କ ଦ୍ୱାରା ହୋଇଥିବା ଏହି ଗବେଷଣାରୁ ଏସବୁ କଥା ଜଣାପଡ଼ିଛି। ହେଲେ ରକ୍ତଦାନ କରିବା ପୂର୍ବରୁ ସେମାନେ ଏ ନେଇ କେତେ ଫିଟ୍ ତାହା ପରୀକ୍ଷା କରାଇ ନେବା ଯଥେଷ୍ଟ ଜରୁରୀ। ଯଦି ଆପଣ କୌଣସି ରୋଗରେ ପୀଡ଼ିତ, ତେବେ ଜମାରୁ ବି ରକ୍ତଦାନ କରନ୍ତୁ ନାହିଁ।



## ଜାଣି ରଖନ୍ତୁ...

ବିଭିନ୍ନ କାରଣରୁ ଅନେକ ଲୋକଙ୍କର ପାଟିରେ ଘା' ହୋଇଥାଏ। ବେଳେବେଳେ ଏହି ଘା' ବଡ ହୋଇ କ୍ୟାନ୍ସରର ରୂପ ନିଏ। ସେଥିପାଇଁ ପାଟିରେ ଘା' ହେଲେ ତାହାକୁ ହାଲୁକା ଭାବରେ ନିଅନ୍ତୁ ନାହିଁ। ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇ ନିଅନ୍ତୁ। କାରଣ ଏହାକୁ ଅବହେଳା କଲେ ତାହା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ତେବେ ପାଟିରେ ଘା' ହେବାର ଅନେକ କାରଣ ରହିଛି। ଯେତେବେଳେ ଶରୀରରେ ଭିଟାମିନ୍-ବି ଯୁକ୍ତ ଉପାଦାନ (ବି-୧, ବି-୨,ବି-୩ ଏବଂ ବି-୬) ଅଭାବ ଘଟେ ସେତେବେଳେ ପାଟିରେ ଘା' ହୋଇଥାଏ। ଅନ୍ୟପଟେ ଶରୀରରେ ଜଳୀୟ ଅଂଶ ଅସନ୍ତୁଳିତ ରହିଲେ, ଜିଭ ଅଧିକାଂଶ ସମୟ ଶୁଖିଲା ରହିଲେ କିମ୍ବା ପାଟିରୁ କମ୍ ଲାଳ ବାହାରିଲେ ଏପରି ସମସ୍ୟା ଦେଖାଦେଇଥାଏ। ବେଳେବେଳେ ଅତ୍ୟଧିକ ରାଗ ଏବଂ ମସଲାଯୁକ୍ତ ଖାଦ୍ୟ ଖାଇବା ମଧ୍ୟ ପାଟିରେ ଘା' ସୃଷ୍ଟି କରିବାର ଅନ୍ୟତମ କାରଣ ସାଜେ।। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଶାଦ୍ରବ୍ୟ ପ୍ରତିଦିନ ସେବନ କଲେ ପାଟିରେ ଘା' ହୋଇ ଏହା କ୍ୟାନ୍ସରରେ ପରିଣତ ହୁଏ। ତେବେ ଏଥିରୁ ରକ୍ଷା ପାଇବାକୁ ପାଟିକୁ ଭଲ ଭାବେ ସଫା କରିବା ସହ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ମିଠାଜାତୀୟ ଖାଦ୍ୟ କମ୍ ଖାଆନ୍ତୁ। ନିଶା ଦ୍ରବ୍ୟଠାରୁ ଯଥାସମ୍ଭବ ମଧ୍ୟ ଦୂରେଇ ରୁହନ୍ତୁ। ଏହା ସତ୍ତ୍ୱେ ଯଦି ପାଟିରେ ଘା' ହେଉଛି, ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



## ମେଦ ବୃଦ୍ଧି କମାଇବାର ସହଜ ଉପାୟ

ଅସନ୍ତୁଳିତ ଖାଦ୍ୟପେୟ ଏବଂ ଜୀବନଶୈଳୀ ମେଦ ବୃଦ୍ଧି ପାଇଁ ପ୍ରାୟତଃ ଦାୟୀ। ତେବେ ଏହାକୁ କେତେକାଂଶରେ ସନ୍ତୁଳିତ ରଖିବାର ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ କଲରା ଖାଆନ୍ତି ତେବେ ତାଙ୍କର ଓଜନ ବଢ଼ିବାର ଆଶଙ୍କା କେତେକାଂଶରେ କମ୍ ରହିବ ବୋଲି ୟୁନିଭର୍ସିଟି ଅଫ ସିଓଲର ପୁଷ୍ଟିବିଜ୍ଞାନୀମାନେ ମତ ପ୍ରକାଶ କରିଛନ୍ତି। କଲରାରେ ଅନେକ ପ୍ରକାରର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ସବୁଠାରୁ ଖାସ୍ କଥା ହେଲା, ଏହା ହେଉଛି ଭିଟାମିନ୍ 'ସି'ର ଅନ୍ୟତମ ଉତ୍ସ। ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ କଲରା ଅନେକାଂଶରେ ସାହାଯ୍ୟ କରିଥାଏ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ମଧ୍ୟ ରହିଛି। ପ୍ରତିଦିନ କଲରା ଖାଇବା ଆଖି ପାଇଁ ବେଶ୍ ଲାଭଦାୟକ। କେବଳ ଡାଇବେଟିସ ନୁହେଁ ହୃଦ୍‌ଜନିତ ସମସ୍ୟା ପାଇଁ ଏହା ମଧ୍ୟ ଉପକାରୀ।

## ସ୍ୱାଭାବକୁ ପ୍ରଭାବିତ କରେ ସୋସିଆଲ ମିଡିଆ

ଆଜିକାଲି ସୋସିଆଲ ମିଡିଆର ଚାହିଦା କେତେ ତାହା କହିବା ଅନାବଶ୍ୟକ। ତେବେ ଏହା ସହ ଆବଶ୍ୟକତାଠାରୁ ଅଧିକ ସମୟ ଯୋଡି ହୋଇ ରହିବା କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ଏଭଳି ସତର୍କ ସୂଚନା ଦେଇଛନ୍ତି ୟୁନିଭର୍ସିଟି ଅଫ ଟୋକିଓର ବିଶେଷଜ୍ଞମାନେ। ବିଶେଷଭାବରେ ଏହାଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ଆଚାର ବ୍ୟବହାରରେ ପରିବର୍ତ୍ତନ ଆସିବାର ଅନେକ ସମ୍ଭାବନା ରହିଛି। କେତେକଙ୍କର ବ୍ୟବହାର ରୁକ୍ଷ ହେବାର ମଧ୍ୟ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ। ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ସବୁବେଳେ ସୋସିଆଲ ମିଡିଆ ସହ ଜଡିତ ରହିଲେ ତାହାର ପ୍ରଭାବ ମାନସିକତା ଉପରେ ପଡିଥାଏ। ସେମାନେ ଅନ୍ୟ କଥାକୁ ଆବଶ୍ୟକ ମୁତାବକ ଗୁରୁତ୍ୱ ଦେଇ ନ ଥାନ୍ତି। ତେଣୁ ଏହାକୁ ସୀମିତ ସମୟ ପାଇଁ ବ୍ୟବହାର କରିବା ସହ ତାହାର ଯେପରି କୌଣସି ଖରାପ ପ୍ରଭାବ ମାନସିକତା ଉପରେ ନ ପଡେ ସେ ନେଇ ସତର୍କ ରହିବାକୁ ସେମାନେ ପରାମର୍ଶ ଦେଇଛନ୍ତି।



## ସ୍ୱାସ୍ଥ୍ୟ ସୂଚନା

➤ଯଦି ଆପଣ କମ୍ପ୍ୟୁଟର ସାମ୍ନାରେ ଅଧିକ ସମୟ ବସି କାମ କରୁଛନ୍ତି ତେବେ ନିଜର ଦୃଷ୍ଟିଶକ୍ତି ପ୍ରତି ନଜର ଦିଅନ୍ତୁ। ନିୟମିତ ସମୟ ଅନ୍ତରାଳରେ ଉଠି ମୁହଁକୁ ଭଲ ଭାବରେ ଧୁଅନ୍ତୁ। ଏକଲୟରେ କମ୍ପ୍ୟୁଟରକୁ ଚାହିଁ ରହନ୍ତୁ ନାହିଁ।

➤ବୟସ ବଢ଼ିବା ସହ ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ତେଣୁ ବୟସ ୫୦ ଟପିଲେ ପ୍ରଥମେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ତା'ସହ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➤ସବୁବେଳେ ନିଜର ଖାଦ୍ୟପେୟ ପ୍ରତି ସତର୍କ ରୁହନ୍ତୁ। ତେଲ-ମସଲାଯୁକ୍ତ ଖାଦ୍ୟ କମ୍ ଖାଆନ୍ତୁ। ପ୍ରତିଦିନ ଖାଦ୍ୟ ତାଲିକାରେ ସାଲାଡ୍ ସାମିଲ କରନ୍ତୁ।

➤ନିଜ ଡାଏରୀରେ ନିକଟସ୍ଥ ହସପିଟାଲ, ଅଭିଜ୍ଞ ଡାକ୍ତର ଫୋନ୍ ନମ୍ବର ସଂଗ୍ରହ କରି ଟିପି ରଖନ୍ତୁ। ଏପରି କି କେତେକ ଡାକ୍ତରଙ୍କ ସହ ଏଭଳି ସମ୍ପର୍କ ରଖନ୍ତୁ, ଯାହାଦ୍ୱାରା ହଠାତ୍ କୌଣସି ସ୍ୱାସ୍ଥ୍ୟ ସମସ୍ୟା ବେଳେ ତାଙ୍କର ପରାମର୍ଶ ନେଇପାରିବେ।

➤କୌଣସି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଲେ ସେ ବିଷୟରେ କେବଳ ଡାକ୍ତରଙ୍କ ସହ ହିଁ ପରାମର୍ଶ କରନ୍ତୁ। କାରଣ କେତେକ ବ୍ୟକ୍ତିଙ୍କର ଏ ବିଷୟରେ ଅଭିଜ୍ଞତା ନ ଥାଇ ସେମାନେ ଭୁଲ ପରାମର୍ଶ ଦେଇଥାଆନ୍ତି।

➤ବ୍ୟାୟାମ ଶେଷ ହେବା ସଙ୍ଗେ ସଙ୍ଗେ ପାଣି ପିଅନ୍ତୁ ନାହିଁ। କିଛି ସମୟ ପରେ ପାଣି ପିଅନ୍ତୁ।

➤ଘରେ ଫାଷ୍ଟ-ଏଡ୍ ବକ୍ସଟିଏ ରଖନ୍ତୁ। କାରଣ ଛୋଟମୋଟ ଦୁର୍ଘଟଣା ସମୟରେ ଏହା କାମରେ ଆସିଥାଏ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୯/୨୦୨୪ Bhubaneswar, Monday, February 19/ 2024

# ଶୁଟ ଆଉଟରେ ଜିତିଲା ଭାରତ

ରାଉରକେଲା,୧୮।୨(ଦିନେଶ ମିଶ୍ର)

ମହିଳା ହକି ପ୍ରୋ ଲିଗ୍ ରାଉରକେଲା ଚରଣର ଅନ୍ତିମ ମ୍ୟାଚ୍‌କୁ ପେନାଲ୍ଟି ଶୁଟଆଉଟରେ ଆମେରିକା ବିପକ୍ଷ ମ୍ୟାଚକୁ ଜିତି ନେଇଛି ଭାରତ। ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ୧-୧ରେ ଡ୍ର ରହ ଫଳରେ ଶୁଟଆଉଟର ସାହାରା ନିଆଯାଇଥିଲା। ଅଧିନାୟିକା ତଥା ଗୋଲକିପର ସବିତା ପୁନିଆଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତ ଶୁଟ୍‌ଆଉଟକୁ ୨-୧ରେ ଜିତି ନେଇଥିଲା। ନିର୍ଦ୍ଧାରିତ ସମୟରେ ଭାରତ

## ମହିଳା ପ୍ରୋ ଲିଗ୍ ହକି

ପକ୍ଷରୁ ଦୀପିକା(୧୯ ମିନିଟ) ଓ ଆମେରିକା ପକ୍ଷରୁ ସେସା ଆସଲେ(୪୫ ମିନିଟ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଶୁଟଆଉଟରେ ଭାରତ ପକ୍ଷରୁ ମୁମତାଜ ଖାନ ଓ ସୋନିକା ସ୍କୋର କରିଥିବା ବେଳେ ଆମେରିକା ପକ୍ଷରୁ ସେସା ଆସ୍‌ଲେ ସ୍କୋର କରିବାରେ ସମର୍ଥ ହୋଇଥିଲେ। ସପ୍ତମ ମ୍ୟାଚ୍‌ରୁ ତୃତୀୟ ବିଜୟ ସହ ଭାରତ ପଏଣ୍ଟ ଟେବୁଲରେ ପଞ୍ଚମ ସ୍ଥାନ ବଜାୟ ରଖିଛି।



ଗୋଲ୍ ସ୍କୋର କରିବା ପରେ ଉଲ୍ଲସିତ ଭାରତୀୟ ଖେଳାଳି।

## ଜାନସେନ୍‌ଙ୍କ ହ୍ୟାଟ୍ରିକ୍‌ରେ ନେଦରଲାଣ୍ଡ୍ସ ବିଜୟୀ

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ମହିଳା ହକି ପ୍ରୋ ଲିଗ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୩-୧ରେ ପରାସ୍ତ କରିଛି ନେଦରଲାଣ୍ଡ୍ସ। ୟିବି ଜାନ୍‌ସେନ(୨, ୧୩ ଓ ୧୪) ମିନିଟରେ ୩ଟି ଯାକ ଗୋଲ ସ୍କୋର କରିବା ସହ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଦ୍ୱିତୀୟ ମିନିଟରେ ୟିବି ପେନାଲ୍ଟି ଷ୍ଟ୍ରୋକରୁ ସ୍କୋର କରିଥିବା ବେଳେ ପରବର୍ତ୍ତୀ ଦୁଇଟି ଗୋଲ ପେନାଲ୍ଟି କର୍ନରରୁ ଆସିଥିଲା। ଦ୍ୱିତୀୟ କ୍ୱାର୍ଟରର ୨୦ତମ ମିନିଟରେ ଷ୍ଟିଫାନି କେରସ ଅଷ୍ଟ୍ରେଲିଆ ପକ୍ଷରୁ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ୟିବି ଜାନ୍‌ସେନଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

# କିମ୍ବଦନ୍ତୀ ଅଲରାଉଣ୍ଡର ମାଇକ୍ ପ୍ରୋକ୍ଟରଙ୍କ ଦେହାନ୍ତ

ଜୋହାନ୍ସବର୍ଗ, ୧୮।୨ (ପି.ଟି.)

ଦକ୍ଷିଣ ଆଫ୍ରିକାର କିମ୍ବଦନ୍ତୀ ଅଲରାଉଣ୍ଡର ମାଇକ୍ ପ୍ରୋକ୍ଟରଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। କ୍ରିକେଟ ସାଉଥ ଆଫ୍ରିକା (ସିଏସ୍‌ଏ) ପକ୍ଷରୁ ରବିବାର ଏନେଇ ଶୋକ ପ୍ରକାଶ କରାଯାଇଛି। ପ୍ରୋକ୍ଟର ଯଦିଓ ଜଣେ ଫାଷ୍ଟ ବୋଲର ସେ ଅଫ୍ ସ୍ପିନ ବୋଲିଂ କରିପାରନ୍ତି। ଏହାଛଡ଼ା ସେ ଜଣେ ମଧ୍ୟ ହାର୍ଡ ହିଟିଂ ବ୍ୟାଟର ଥିଲେ। କହିବାକୁ ଗଲେ ସେ ଖେଳର ସମସ୍ତ କ୍ଷେତ୍ରରେ ଦାୟିତ୍ୱ ନିର୍ବାହ କରିଛନ୍ତି। ସେ ଏକାଧାରରେ ଜଣେ ଜାତୀୟ ଅଧିନାୟକ, କୋଚ୍, ପ୍ରଶାସକ, ଚୟନକର୍ତ୍ତା, ଭାଷ୍ୟକାର ଓ ଆଇସିସି ମ୍ୟାଚ ରେଫରି ଭାବେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଏହାଛଡା ତାଙ୍କ ଜୀବନର ଶେଷ କିଛି ବର୍ଷ ଅନଗ୍ରସର ପିଲାମାନଙ୍କୁ କୋଚିଂ ଦେଉଥିଲେ। ପ୍ରୋକ୍ଟର ବର୍ଣ୍ଣ ବୈଷମ୍ୟ ଯୁଗ ପରେ ଦକ୍ଷିଣ ଆଫ୍ରିକାର କୋଚ୍ ଦାୟିତ୍ୱରେ ଥିଲେ। ସେ ୪୦୧ ପ୍ରଥମଶ୍ରେଣୀ ଗେମ୍ ଖେଳିଥିଲେ ହେଁ ୧୯୭୦ଦଶକରୁ ୧୯୮୦ ଦଶକ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାର ଆଇସୋଲେଶନ ପାଇଁ ମାତ୍ର ୭ ଟେଷ୍ଟ ମ୍ୟାଚ ଖେଳି ପାରିଥିଲେ। ପ୍ରୋକ୍ଟରଙ୍କ ନାମରେ କେତେକ ଉଲ୍ଲେଖନୀୟ ରେକର୍ଡ ରହିଛି। ତନ୍ମଧ୍ୟରୁ ସେ ଗୋଟିଏ ମ୍ୟାଚରେ ଦୁଇଥର ହ୍ୟାଟ୍ରିକ ସହ ଏକ ଶତକ ହାସଲ କରିଥିଲେ। ୧୯୭୦-୭୧ରେ ଅନୁଷ୍ଠିତ କୋରି କପ୍‌ରେ ସେ ଲଗାତର ୬ ଶତକ ହାସଲ କରି ବିଶ୍ୱରେକର୍ଡ କରିଥିଲେ। ବର୍ଣ୍ଣବୈଷମ୍ୟ ବିରୋଧରେ ଲଢ଼େଇ ବେଳେ କ୍ରୀଡ଼ାରୁ ଦକ୍ଷିଣ ଆଫ୍ରିକାକୁ ବର୍ଜନ ଯୋଗୁ ଯଦିଓ ସେ ଖୁବ୍ କମ୍ ସଂଖ୍ୟକ ଟେଷ୍ଟ ମ୍ୟାଚ ଖେଳିପାରିଛନ୍ତି, ସେ ନାଟାଲ, ଗ୍ଲାସେଷ୍ଟରଶାୟାର ଓ ୱେଷ୍ଟର୍ନ ପ୍ରୋଭିନ୍ସ ତରଫରୁ ଚମତ୍କାର ପ୍ରଦର୍ଶନ କରି ତାଙ୍କ ପ୍ରଶଂସକମାନଙ୍କୁ ରୋମାଞ୍ଚିତ କରିପାରିଥିଲେ।







**BOOK YOURS NOW:**
FLAGSHIP DEALER: BHUBANESWAR: Konark Harley-Davidson, Ph: 7437000645 AUTHORIZED DEALERS: CUTTACK: JMG Hero, Ph: 9289922178, Sunny Hero, Ph: 9289922697, BALASORE: Neelam Hero, Ph: 9289922519, JEYPORE: Supreme Hero, Ph: 9289922183, ROURKELA: Dua Hero, Ph: 9289922179

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ